# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଏପ୍ରିଲ ୨୭/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, April 27/ 2019 ★★

୧୫ଶ ଭାଗ ୧୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ନବୀନ ଓଡ଼ିଶାର ପରିଚୟ




ମୋ ଓଡ଼ିଶା **ବିପର୍ଯ୍ୟୟ ମୁକାବିଲା** ପାଇଁ ହୋଇଛି **ଜାତିସଙ୍ଘ ଦ୍ୱାରା ପୁରସ୍କୃତ**

ମୋ ଓଡ଼ିଶା ଆଜି ସାରା ଦେଶକୁ ଯୋଗାଉଛି **ଖାଦ୍ୟ ସୁରକ୍ଷା**

ମୋ ଓଡ଼ିଶା **କାଳିଆ** ଯୋଜନା କରି ସାରା ଦେଶକୁ ଦେଖାଇଛି ବାଟ

ମୋ ଓଡ଼ିଶା ସୃଷ୍ଟି କରିଛି **୪ ଲକ୍ଷ ୫୦ ହଜାର କୋଟି** ଟଙ୍କାର **ପୁଞ୍ଜି ନିବେଶ** ଏବଂ **୬ ଲକ୍ଷ**ରୁ ଅଧିକ **ନିଯୁକ୍ତି ସୁଯୋଗ**

ମୋ ଓଡ଼ିଶାର **ମୁଖ୍ୟମନ୍ତ୍ରୀ** ଦେଶର **ଶ୍ରେଷ୍ଠ ପ୍ରଶାସକ**

ମୋ ଓଡ଼ିଶା ସଫଳତାର ସହ ଆୟୋଜନ କଲା **ବିଶ୍ୱକପ୍ ହକି**

ମୋ ଓଡ଼ିଶା **ଦକ୍ଷତା ବିକାଶରେ ୧ ନମ୍ବର**

ମୋ ଓଡ଼ିଶା **ମହିଳା ସଶକ୍ତିକରଣ** ପାଇଁ ପାଇଛି **ଜାତିସଙ୍ଘ ପୁରସ୍କାର**

ମୋ ଓଡ଼ିଶା **ଜମି ଅଧିକାର** ଦେବାରେ **୧ ନମ୍ବର**

ମୋ ଓଡ଼ିଶାର **ମୁଖ୍ୟମନ୍ତ୍ରୀ** ସାରା ଦେଶର **ଆଦର୍ଶ**

**ନବୀନ ମୋର ପରିବାର**

**ଶଙ୍ଖ ମୋର ଚିହ୍ନ**

**ବିଜୁ ଜନତା ଦଳ**

**'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।**

**ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।**



ନିର୍ବାଚନ ସମୟରେ ଲୋକେ ପ୍ରତିନିଧି ବାଛିବାବେଳେ ମିଥ୍ୟା ନୁହେଁ, ବରଂ ସତ୍ୟ ସେମାନଙ୍କୁ ବାଟ ଦେଖାଇବା ଉଚିତ।

–ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ



# ପ୍ରିୟଙ୍କାଙ୍କ ପଛଘୁଞ୍ଚା ରଣନୀତି

**କଂଗ୍ରେସରେ ଚର୍ଚ୍ଚା**

**ୱାୟନାଡ୍, ଅମେଠିରେ ଜିତିଲେ ଭଉଣୀଙ୍କୁ ଗୋଟିଏ ଆସନ ଛାଡ଼ିଦେବେ ରାହୁଲ**

ନୂଆଦିଲ୍ଲୀ,୨୬।୪



ପ୍ରଥମେ କଳ୍ପନାଜଳ୍ପନା, ପରେ ନିଜେ ସଙ୍କେତ ଦେଇଥିଲେ 'ରାହୁଲ କହିଲେ ଲଢ଼ିବି' ଆଉ ଶେଷରେ ପଛଘୁଞ୍ଚା। ଦେଶର ସବୁଠୁ ହଟ୍ ସିଟ୍ କୁହାଯାଉଥିବା ଉତ୍ତରପ୍ରଦେଶ (ୟୁପି)ର ବାରାଣସୀ ଲୋକ ସଭା ଆସନରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପ୍ରାର୍ଥିତ୍ୱକୁ ନେଇ ଏଭଳି ଯବନିକା ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରିୟଙ୍କା ପ୍ରତିଦ୍ୱନ୍ଦ୍ୱିତା ନ କରିବାର କାରଣକୁ ନେଇ ରାଜନୈତିକ ମହଲରେ ନାନା ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହା ପଛରେ ଏଆଇସିସିର ଭିନ୍ନ ରଣନୀତି ଥିବା କୁହାଯାଉଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୟୁପିର ଅମେଠି ଓ କେରଳର ୱାୟନାଡ୍ ଆସନରେ ବିଜୟୀ ହେଲେ ଦୁଇଟିରୁ ଗୋଟିଏ ଆସନ ଭଉଣୀ ପ୍ରିୟଙ୍କାଙ୍କୁ ଛାଡ଼ିଦେବେ। ସେଠାରେ ଉପନିର୍ବାଚନ ହେଲେ ପ୍ରିୟଙ୍କା ସହଜରେ ବିଜୟୀ ହୋଇ ଆନୁଷ୍ଠାନିକ ଭାବେ ନିଜ ରାଜନୈତିକ କ୍ୟାରିୟରର ମୂଳଦୁଆ ପକାଇବାରେ ସକ୍ଷମ ହେବେ ବୋଲି କଂଗ୍ରେସ ହାଇକମାଣ୍ଡ ବିଚାର କରୁଛନ୍ତି। କାରଣ ବାରାଣସୀରେ ମୋଦି ଏକପ୍ରକାର ଅପରାଜେୟ ହୋଇଥିବାରୁ ସେଠାରେ ପ୍ରିୟଙ୍କା ବିଫଳତାର ସ୍ୱାଦ ଚାଖି ରାଜନୈତିକ ଜୀବନ ଆରମ୍ଭ କରନ୍ତୁ ବୋଲି ଉଭୟ ଭାଇ ରାହୁଲ ଓ ମା' ସୋନିଆ ଗାନ୍ଧୀ ଚାହୁଁ ନ ଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାରାଣସୀରେ ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ରହିଥିଲେ କଂଗ୍ରେସ ନେତା ଅଜୟ ରାୟ। ଏପରି କି ତାଙ୍କ ଅମାନତ ମଧ୍ୟ ରହି ନ ଥିଲା। ମୋଦି ୫,୮୧,୦୨୨ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଅଜୟ ମାତ୍ର ୭୫,୬୧୪ ଭୋଟ ହାସଲ କରି ଶୋଚନୀୟ ପରାଜୟବରଣ କରିଥିଲେ। ୨,୦୯,୨୩୮ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହେବା ତାଙ୍କର ଭୁଲ ଥିଲା ବୋଲି ସ୍ୱୀକାର କରିଥିଲେ। ଏପରି ସ୍ଥଳେ ପୂର୍ବରୁ କେବଳ ରାହୁଲଙ୍କ ଅମେଠି ଓ ସୋନିଆଙ୍କ ରାଏବରେଲି ଲୋକ ସଭା ଆସନରେ ପ୍ରଚାରରେ ସୀମିତ ରହୁଥିବା ପ୍ରିୟଙ୍କା ଗତ ଫେବୃୟାରୀ ୪ରେ ପୂର୍ବ ୟୁପି ସାଧାରଣ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ସେବେଠୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ତାଙ୍କର ଆକ୍ରମଣାତ୍ମକ ମନ୍ତବ୍ୟ ଓ ପ୍ରଚାର ଶୈଳୀକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା ଯେ, ପ୍ରିୟଙ୍କା ଏଥର ମୋଦିଙ୍କ ବିପକ୍ଷରେ ବାରାଣସୀରୁ ଲଢ଼ିବେ। ଏହାକୁ ନେଇ ରାହୁଲ ଗାନ୍ଧୀ 'ସସ୍‌ପେନ୍ସ ଇଜ୍ ଗୁଡ୍' ବୋଲି କହିବା ପରେ ସମସ୍ତେ ଭାବିଥିଲେ ପ୍ରିୟଙ୍କା ସେଠାରୁ ହିଁ ପ୍ରାର୍ଥୀ ହେବେ। କେହି କେହି ପ୍ରିୟଙ୍କାଙ୍କୁ କଂଗ୍ରେସର ତ୍ରାଣକର୍ତ୍ତା ମନେକରୁଥିଲେ ତ ପୁଣି କେତେକେ ତାଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ଭାବେ ଅଭିହିତ କରିବାରେ ଲାଗିଥିଲେ। ହେଲେ ଶେଷରେ ମୋଦି ନାମାଙ୍କନପତ୍ର ଦାଖଲ ଲାଗି ବାରାଣସୀରେ ମେଗା ରୋଡ୍ ଶୋ କରିବାର କିଛି ସମୟ ପୂର୍ବରୁ ପୂର୍ବତନ ବିଧାୟକ ତଥା ବାହୁବଳୀ ନେତା ଅଜୟ ରାୟଙ୍କୁ କଂଗ୍ରେସ ସେଠାରେ ପୁଣିଥରେ ପ୍ରାର୍ଥୀ କରି ପ୍ରଧାନମନ୍ତ୍ରୀଙ୍କ ବିଜୟକୁ ସୁନିଶ୍ଚିତ କରିଛି ବୋଲି ଆଲୋଚନା ହେଉଛି। ସମ୍ଭବତଃ ଏଇଥିପାଇଁ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ନିଜ ବ୍ଲଗ୍‌ରେ ଲେଖିଛନ୍ତି, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭୟଭୀତ ହୋଇ ପ୍ରତିଦ୍ୱନ୍ଦ୍ୱିତାରୁ ବାହାରି ଯାଇଛନ୍ତି। ଏବେ ନିର୍ବାଚନର ଅବଶିଷ୍ଟ ପର୍ଯ୍ୟାୟଗୁଡ଼ିକରେ କଂଗ୍ରେସର ନିଜ ଗୋଲ୍‌ରୁ ଭାଜପାକୁ ଫାଇଦା ମିଳିବାକୁ ଯାଉଛି। ବିଶେଷକରି ୟୁପିର ଅବଶିଷ୍ଟ ଆସନଗୁଡ଼ିକରେ, ଯେଉଁଠି ସମ୍ଭବତଃ ୨୦୧୯ର ବିଜେତା ସ୍ଥିର ହେବ। ବାରାଣସୀ ଆସନ ବିରୋଧୀ ମହାମେଣ୍ଟର ସମାଜବାଦୀ ପାର୍ଟି (ଏସ୍‌ପି) ଭାଗରେ ପଡ଼ିଛି। ଏଠାରେ ଶାଳିନୀ ଯାଦବଙ୍କୁ ଏସ୍‌ପି ଟିକେଟ ଦେଇଛି। ପ୍ରିୟଙ୍କା ବାରାଣସୀରୁ ନାମାଙ୍କନପତ୍ର ଦାଖଲ କରିଥିଲେ ମୋଦିଙ୍କୁ ହରାଇବା ପାଇଁ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ହୁଏତ ଖୁସିରେ ଶାଳିନୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କହିଥାନ୍ତେ। ତେବେ ପ୍ରିୟଙ୍କା ନିର୍ବାଚନ ଲଢ଼ିବା ନେଇ ବାହାରେ ଯେତେ କହୁଥିଲେ ମଧ୍ୟ ସୋନିଆ ଓ ରାହୁଲ ଏନେଇ ଗମ୍ଭୀରତା ସହ ଚିନ୍ତା କରିନାହାନ୍ତି ବୋଲି ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି। ଏବେ ୟୁପିର ଯେଉଁ ୧୮ ଆସନରେ କଂଗ୍ରେସର ସ୍ଥିତି ଅପେକ୍ଷାକୃତ ଭଲ ଅଛି, ସେହି ସିଟ୍‌ଗୁଡ଼ିକରେ ପ୍ରିୟଙ୍କା ଧୂଆଁଧାର ପ୍ରଚାର କରି ଭାଜପାର ଷ୍ଟାର କ୍ୟାମ୍ପେନର ମୋଦିଙ୍କୁ ବାରାଣସୀରେ ବାନ୍ଧିରଖିବାକୁ ଉଦ୍ୟମ କରିବେ। ମେ ୨୩ରେ ନିର୍ବାଚନ ଫଳ ଆସିବା ପରେ କଂଗ୍ରେସ ହାଇକମାଣ୍ଡ ବିଚାର କରିବେ ରାହୁଲ ଅମେଠି କିମ୍ବା ୱାୟନାଡ୍ କେଉଁ ଆସନରୁ ପ୍ରତିନିଧିତ୍ୱ କରିବେ ଓ କେଉଁ ଆସନ ପ୍ରିୟଙ୍କାଙ୍କ ପାଇଁ ଛାଡ଼ିଦେବେ। ଆସନ ଛାଡ଼ିବାର ୬ ମାସ ମଧ୍ୟରେ ଉପନିର୍ବାଚନ ହେବ। ସେତେବେଳେ ପ୍ରିୟଙ୍କାଙ୍କ ବିରୋଧରେ ଭାଜପା କାହାକୁ ପ୍ରାର୍ଥୀ କରିବ ତାହା ଉପରେ ପ୍ରିୟଙ୍କାଙ୍କ ରାଜନୈତିକ ଭବିଷ୍ୟତ ନିର୍ଭର କରିବ ବୋଲି ବିଶ୍ଳେଷକମାନେ କହୁଛନ୍ତି।

## 'ବାରାଣସୀରୁ ନ ଲଢ଼ିବା ପାଇଁ ନିଜେ ନେଇଛନ୍ତି ନିଷ୍ପତ୍ତି'

ଜୟପୁର,୨୬।୪(ପି.ଟି.)



ସାମ୍ ପିତ୍ରୋଦା

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରାର୍ଥୀ ନ ହେବା ପାଇଁ ନିଜେ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ପ୍ରିୟଙ୍କାଙ୍କୁ କହିଥିଲେ। ତାଙ୍କ ଉପରେ ଅନେକ ଉତ୍ତରଦାୟିତ୍ୱ ରହିଛି। ତେଣୁ ପ୍ରିୟଙ୍କା କେବଳ ଗୋଟିଏ ଆସନରେ ସୀମିତ ରହିବାକୁ ନ ଚାହିଁ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ତୁଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିତ୍ରୋଦା ରାଜସ୍ଥାନର ଜୟପୁରରେ ଏହି ସୂଚନା ଦେଇଛନ୍ତି।

# ନାମାଙ୍କନପତ୍ର ଦାଖଲ କଲେ ମୋଦି

ବାରାଣସୀ,୨୬।୪(ପି.ଟି.)

**ଏନ୍‌ଡିଏ ନେତା ଏକାଠି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବାରାଣସୀ ଲୋକ ସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଭାଜପାର ପ୍ରମୁଖ ନେତାମାନଙ୍କ ସମେତ ଏନ୍‌ଡିଏ ନେତାମାନେ ଏକାଠି ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଭାଜପା ଅଧ୍ୟକ୍ଷ ଅମିତ ଶାହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସୁଷମା ସ୍ୱରାଜ, ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର, କେନ୍ଦ୍ରମନ୍ତ୍ରୀ ତଥା ଏଲ୍‌ଜେପି ନେତା ରାମବିଳାସ ପାସ୍ୱାନ, ଶିବସେନା ସୁପ୍ରିମୋ ଉଦ୍ଧବ ଠାକ୍‌ରେ, ଶିରୋମଣି ଅକାଳୀ ଦଳର ପୃଷ୍ଠପୋଷକ ପ୍ରକାଶ ସିଂ ବାଦଲ ପ୍ରମୁଖ।

ମୋଦିଙ୍କ ନାମାଙ୍କନପତ୍ରରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ମହିଳା କଲେଜ ପୂର୍ବତନ ପ୍ରିନ୍ସିପାଲ୍ ଅନ୍ନପୂର୍ଣ୍ଣା ଶୁକ୍ଳା, ସହରରେ ପ୍ରତି ଚିତାରେ ଅଗ୍ନିସଂଯୋଗ କରୁଥିବା ଡୋମ ରାଜା ତଥା ମୁଖ୍ୟ କ୍ରେମେଟର ଜଗଦୀଶ ଚୌଧୁରୀ, ଭାଜପା କର୍ମୀ ସୁବାସ ଚନ୍ଦ୍ର ଗୁପ୍ତା ଏବଂ କୃଷି ବୈଜ୍ଞାନିକ ରାମଶଙ୍କର ପଟେଲ ପ୍ରସ୍ତାବକ ଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ପ୍ରଧାନମନ୍ତ୍ରୀ ପ୍ରକାଶ ସିଂ ବାଦଲ ଓ ଅନ୍ନପୂର୍ଣ୍ଣା ଶୁକ୍ଳାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ନାମାଙ୍କନପତ୍ର ଦାଖଲ ଲାଗି ବାରାଣସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ମୋଦି ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ।

ପ୍ରଥମ ଥର ଲାଗି ଦେଶରେ ସରକାର ସପକ୍ଷରେ ହାୱା ବହୁଛି ଏବଂ କଶ୍ମୀରରୁ କନ୍ୟାକୁମାରୀ ଉତ୍ସବର ମାହୋଲ ସୃଷ୍ଟି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଦଳର କର୍ମୀମାନେ ହିଁ ପ୍ରକୃତ ପ୍ରାର୍ଥୀ ବୋଲି ଅଭିହିତ କରିଥିଲେ। ଉତ୍ତମ ଶାସନ ଲାଗି ତାଙ୍କର ସଚ୍ଚୋଟ ଉଦ୍ୟମ ନିମନ୍ତେ ପୁଣିଥରେ ମୋଦି ସରକାର ପାଇଁ ଜନସାଧାରଣ ନିଷ୍ପତ୍ତି ନେଇସାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଅନ୍ୟ ଦଳର ପ୍ରାର୍ଥୀ ଆମର ଶତ୍ରୁ ନୁହନ୍ତି, କାରଣ ସେମାନେ ମଧ୍ୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ଲାଗି କାମ କରୁଛନ୍ତି। ନିର୍ବାଚନ ଏକ ଲଢ଼େଇ ନୁହେଁ,ଏହା ଗଣତନ୍ତ୍ରର ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଥମ ତିନି ପର୍ଯ୍ୟାୟ ନିର୍ବାଚନରେ ହାରିବା ନିଶ୍ଚିତ ଜାଣିପାରି ଭାଜପା ଏବେ ଭୟଭୀତ। ସେଥିପାଇଁ ପ୍ରଧାନମନ୍ତ୍ରୀ ବହୁସଂଖ୍ୟାରେ ଲୋକଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ତେଲେଙ୍ଗାନାର ପାଖାପାଖି ୫୦ କୃଷକ ସେମାନଙ୍କ ଦାବିକୁ ଜୋରଦାର କରିବା ଲାଗି ବାରାଣସୀ ଆସନରୁ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି। ହଳଦୀ ମୂଲ୍ୟ ବୃଦ୍ଧି ଦାବିରେ ସେମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ବାରାଣସୀରୁ ଲଢ଼ିବେ।



## ପ୍ରଧାନମନ୍ତ୍ରୀଙ୍କ ସମ୍ପତ୍ତି ୨.୫୧ କୋଟି

ବାରାଣସୀ,୨୬।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀ ଲୋକ ସଭା ଆସନ ଲାଗି ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ସତ୍ୟପାଠରେ ପ୍ରଧାନମନ୍ତ୍ରୀ ନିଜର ସମ୍ପତ୍ତି ପରିମାଣ ୨.୫୧ କୋଟି ଟଙ୍କା ବୋଲି ଉଲ୍ଲେଖ କରିଛନ୍ତି। ସେଥିରେ ରହିଛି ଗୁଜରାଟର ଗାନ୍ଧୀନଗରରେ ଏକ ବାସୋପଯୋଗୀ ଜମି, ୧.୨୭ କୋଟି ଟଙ୍କାର ସ୍ଥାୟୀ ଜମା ଏବଂ ନଗଦ ୩୮,୭୫୦ ଟଙ୍କା। ମୋଟ ସମ୍ପତ୍ତି ମଧ୍ୟରୁ ଅସ୍ଥାବର ସମ୍ପତ୍ତି ୧.୪୧ କୋଟି ଟଙ୍କା ହୋଇଥିବାବେଳେ ସ୍ଥାବର ସମ୍ପତ୍ତି ପରିମାଣ ୧.୧ କୋଟି ଟଙ୍କା ବୋଲି ଦର୍ଶାଯାଇଛି। ଟିକସ ସଞ୍ଚୟ ଇନ୍‌ଫ୍ରା ବଣ୍ଡରେ ସେ ୨୦ ହଜାର ଟଙ୍କା ରଖିଥିବାବେଳେ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍(ଏନଏସସି)ରେ ୭.୬୧ ଲକ୍ଷ ଏବଂ ଏଲ୍‌ଆଇସିରେ ୧.୯ ଲକ୍ଷ ଟଙ୍କା ଜମା କରିଛନ୍ତି। ସଞ୍ଚୟ ବ୍ୟାଙ୍କ ଖାତାରେ ମୋଦିଙ୍କର ୪୧୪୩ ଟଙ୍କା ରହିଛି। ଏହାବ୍ୟତୀତ ତାଙ୍କର ୪୫ ଗ୍ରାମ ଓଜନର ୪ଟି ସୁନା ମୁଦି ରହିଛି, ଯାହାର ମୂଲ୍ୟ ୧.୧୩ ଲକ୍ଷ ଟଙ୍କା। ଗାନ୍ଧୀନଗର ସେକ୍ଟର-୧ରେ ପ୍ରଧାନମନ୍ତ୍ରୀଙ୍କର ୩୫୩୧ବର୍ଗଫୁଟ୍‌ର ଏକ ପ୍ଲଟ ରହିଛି, ଯାହାର ଦାମ୍ ୧.୧ କୋଟି ଟଙ୍କା ହେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ ସରକାରୀ ବେତନ ଏବଂ ବ୍ୟାଙ୍କ ସୁଧକୁ ଆୟ ଉତ୍ସରେ ସାମିଲ କରିଥିଲାବେଳେ ସ୍ତ୍ରୀଙ୍କ ଆୟ ଉତ୍ସ ଏବଂ ବୃତ୍ତି କିମ୍ବା ପେସା ସମ୍ପର୍କରେ ଜାଣି ନ ଥିବା ଲେଖିଛନ୍ତି।

ପ୍ରଧାନମନ୍ତ୍ରୀ ଗୁଜରାଟ ବିଶ୍ୱବିଦ୍ୟାଳୟରୁ ୧୯୮୩ରେ ଏମ୍.ଏ. ଡିଗ୍ରୀ ହାସଲ କରିଛନ୍ତି। ଏହା ପୂର୍ବରୁ ସେ ୧୯୭୮ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ ଏବଂ ୧୯୬୭ରେ ଗୁଜରାଟ ବୋର୍ଡରୁ ଏସଏସସି ପରୀକ୍ଷାରେ ପାଶ୍ କରିଥିଲେ। ଯଶୋଦାବେନ୍ ତାଙ୍କ ସ୍ତ୍ରୀ ବୋଲି ମୋଦି ସତ୍ୟପାଠରେ ଦର୍ଶାଇଛନ୍ତି। ମୋଦିଙ୍କ ନାମରେ କୌଣସି ଅପରାଧ ମାମଲା ନାହିଁ ଏବଂ ସରକାରଙ୍କର ତାଙ୍କର ଉପରେ କୌଣସି ବକେୟା ନ ଥିବା ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ୨୦୧୪ରେ ନାମାଙ୍କନପତ୍ର ଦାଖଲ ବେଳେ ମୋଦି ତାଙ୍କର ମୋଟ ସମ୍ପତ୍ତି ପରିମାଣ ୧.୬୫ କୋଟି ଟଙ୍କା ଦର୍ଶାଇଥିଲେ।



### ଆଇଏନ୍‌ଏସ୍ ବିକ୍ରମାଦିତ୍ୟରେ ନିଆଁ

## ନୌସେନା ଅଧିକାରୀ ମୃତ

ସୁରଟ,୨୬।୪

ରୁଷିଆଠାରୁ କିଣାଯାଇଥିବା ଭାରତର ସବୁଠାରୁ ବଡ଼ ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିକ୍ରମାଦିତ୍ୟରେ ଅଗ୍ନିକାଣ୍ଡ ଘଟିଛି। ଏହା ଶୁକ୍ରବାର ସକାଳେ କରୱାର ବନ୍ଦର ଅଭିମୁଖେ ଯାଉଥିବାବେଳେ ବିମାନ ବୋର୍ଡର ଏକ କମ୍ପାର୍ଟମେଣ୍ଟରେ ହଠାତ୍ ଅଗ୍ନିକାଣ୍ଡ ଘଟିବାରୁ ଜଣେ ନୌସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଏକ ଟିମ ନିଆଁକୁ ଦୃଢତାର ସହ କରାୟତ୍ତ କରିଥିଲେ ହେଁ ପ୍ରବଳ ଧୂଆଁ ଯୋଗୁ ଏହାର ନେତୃତ୍ୱ ନେଇଥିବା ଲ୍ୟୁଟନାଣ୍ଟ କମାଣ୍ଡର ଡିଏସ୍ ଚୌହାନ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇପଡିଥିଲେ। ପରେ ତାଙ୍କୁ ସଙ୍ଗେ ସଙ୍ଗେ କରୱାର ନାଭାଲ ହସ୍ପିଟାଲକୁ ଚିକିତ୍ସା ଲାଗି ନିଆଯାଇଥିଲା। ହେଲେ କିଛି ସୁଫଳ ମିଳି ନ ଥିଲା ବୋଲି ଭାରତୀୟ ନୌସେନା ମୁଖପାତ୍ର ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

### ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ

## ତଦନ୍ତ କମିଟିରେ ହାଜର ହେଲେ ମହିଳା

ନୂଆଦିଲ୍ଲୀ,୨୬।୪(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଶୁକ୍ରବାର ଇନ୍‌ହାଉସ୍ ତଦନ୍ତ କମିଟିରେ ହାଜର ହୋଇଛନ୍ତି। ଅଭିଯୋଗର ତଦନ୍ତ ଲାଗି ଜଷ୍ଟିସ୍ ଏସ.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ତିନିଜଣିଆ କମିଟି ଗଠନ କରାଯାଇଛି। ଅଭିଯୋଗକାରିଣୀଙ୍କ ସମେତ ସୁପ୍ରିମକୋର୍ଟର ସେକ୍ରେଟାରୀ ଜେନେରାଲ ମଧ୍ୟ ଉକ୍ତ କମିଟିରେ ହାଜର ହୋଇଥିଲେ। ତେବେ ଶୁଣାଣିରେ ଭାଗନେବାକୁ କେବଳ ମହିଳାଙ୍କୁ ଅନୁମତି ମିଳିଥିଲା। ତାଙ୍କ ସହ ଆସିଥିବା ଓକିଲଙ୍କୁ ମଧ୍ୟ ଶୁଣାଣି ପ୍ରକ୍ରିୟାରେ ସାମିଲ ହେବାକୁ ଦିଆଯାଇ ନ ଥିଲା।

# ନାରାୟଣ ସାଇ ଦୋଷୀ

ସୁରଟ,୨୬।୪



ବଳାତ୍କାର ମାମଲା

ବିବାଦୀୟ ଧର୍ମଗୁରୁ ଆଶାରାମ ବାପୁଙ୍କ ପୁଅ ନାରାୟଣ ସାଇଙ୍କୁ ଗୁଜରାଟର ଏକ କୋର୍ଟ ବଳାତ୍କାର ମାମଲାରେ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ସୁରଟର ସେସନ୍ସ କୋର୍ଟ ମାମଲାର ଶୁଣାଣି କରି ୩୦ ତାରିଖରେ ଦଣ୍ଡବିଧାନ କରିବେ।

ସୁରଟର ଦୁଇ ଭଉଣୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ୨୦୧୩ରେ ନାରାୟଣ ସାଇଙ୍କୁ ଗିରଫ କରାଯାଇଥିଲା। ଉଭୟେ ୨୦୦୨ରୁ ୨୦୦୫ ମଧ୍ୟରେ ଆଶାରାମଙ୍କ ଭକ୍ତ ଥିଲେ। ପୀଡିତା ଦ୍ୱୟ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଥିଲା। ସୁରଟସ୍ଥିତ ଆଶାରାମଙ୍କ ଆଶ୍ରମରେ ଥିଲାବେଳେ ନାରାୟଣ ତାଙ୍କୁ ବାରମ୍ବାର ଯୌନଶୋଷଣ କରିଥିଲେ ବୋଲି ପୀଡିତା ଅଭିଯୋଗ କରିଥିଲେ। ପରେ ନାରାୟଣ ହରିୟାଣାର ପିପ୍‌ଲିରେ ଗିରଫ ହୋଇଥିଲେ। ଆଶାରାମ ମଧ୍ୟ ଅନ୍ୟ ଏକ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଯୋଧପୁର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।

**ଇତିହାସର ଆଇନାରେ**

**ଏପ୍ରିଲ ୨୭ର ପ୍ରମୁଖ ଘଟଣା**

୧୯୯୪ ଏପ୍ରିଲ ୨୭ରେ ଦକ୍ଷିଣ ଆଫ୍ରିକାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉକ୍ତ ନିର୍ବାଚନରେ ସବୁ ବର୍ଣ୍ଣର ଲୋକଙ୍କୁ ଭୋଟଦାନ କରିବାର ଅନୁମତି ମିଳିଥିଲା। ଇଣ୍ଡିପେଣ୍ଡେଣ୍ଟ ଇଲେକ୍ଟୋରାଲ୍ କମିଶନ୍ (ଆଇଇସି)ଙ୍କ ନିର୍ଦ୍ଦେଶରେ ନିର୍ବାଚନ ପରିଚାଳିତ ହୋଇଥିଲା। ଏହାଦ୍ୱାରା ବର୍ଣ୍ଣବିଦ୍ୱେଷବାଦର ଅବସାନ ଘଟିଥିଲା।

୨୦୧୨ ଏପ୍ରିଲ ୨୭ରେ ୟୁକ୍ରେନୀୟ ନଗରୀ ଡିନିପ୍ରୋପେଟ୍ରୋଭସ୍କଠାରେ ୪ଟି ବିସ୍ଫୋରଣ ଘଟିବାରୁ ୨୭ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ଡିନିପ୍ରୋପେଟ୍ରୋଭସ୍କ ହେଉଛି ୟୁକ୍ରେନ୍‌ର ଚତୁର୍ଥ ବୃହତ୍ତମ ନଗରୀ। ୨୦୧୮ ସୁଦ୍ଧା ଏହି ସହରର ଲୋକସଂଖ୍ୟା ପାଖାପାଖି ୧୦ଲକ୍ଷ। ଏହା ଏକ ପ୍ରଶାସନିକ କେନ୍ଦ୍ର।

## ବିଆର୍‌ଆଇ ଫୋରମ୍‌ରେ ଯୋଗଦେଲାନି ଭାରତ

ବେଜିଂ,୨୬।୪(ଆଇଏଏନ୍‌ଏସ୍)

ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି)କୁ ବିରୋଧ କରି ଭାରତ ଦ୍ୱିତୀୟ ଥର ଲାଗି ବେଜିଂର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଫୋରମ୍‌ରୁ ନିଜକୁ ଦୂରେଇ ରଖିଛି। ଅନ୍ୟପକ୍ଷରେ ଏହି ବିବାଦୀୟ ପ୍ରକଳ୍ପ ଏକ ନୂଆ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆହୁରି ଆଗେଇ ଚାଲିବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଛନ୍ତି। ପାକ୍ -ଅଧିକୃତ କଶ୍ମୀର ଦେଇ ଯାଉଥିବା ବିଆର୍‌ଆଇ ପ୍ରୋଜେକ୍ଟର ମୁଖ୍ୟ ଅଂଶ ସିପିଇସିକୁ ଭାରତ ଦୃଢ଼ ବିରୋଧ କରିଆସୁଛି। ୨୦୧୭ରେ ବେଲ୍ଟ ଆଣ୍ଡ ରୋଡ୍ ଫୋରମ୍ ଆରମ୍ଭ ହୋଇଥିଲା।

ଅନ୍ୟପକ୍ଷରେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ଅର୍ଥନୈତିକ ଏବଂ କଶ୍ମୀର ପ୍ରସଙ୍ଗରେ ବେଜିଂର ନିରପେକ୍ଷ ଆଭିମୁଖ୍ୟକୁ ଏହା ପ୍ରଭାବିତ କରିବ ନାହିଁ ବୋଲି ଚାଇନା ପକ୍ଷରୁ କୁହାଯାଇଛି। ଏହି ଟ୍ରିଲିୟନ ଡଲାର ସଂଯୋଗ ପ୍ରକଳ୍ପର ତିନିଦିନିଆ ସମିଟ୍‌ରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିଙ୍କ ସମେତ ୩୭ ରାଷ୍ଟ୍ରର ମୁଖ୍ୟ ଯୋଗଦେଇଛନ୍ତି। ଏହି ପ୍ରକଳ୍ପ ଲାଗି ବେଜିଂ ଗରିବ ରାଷ୍ଟ୍ରଗୁଡ଼ିକୁ ଋଣଯନ୍ତା ମଧ୍ୟକୁ ଠେଲିଦେଇଛି ବୋଲି ହେଉଥିବା ଅଭିଯୋଗକୁ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ସାମାଜିକ-ଅର୍ଥନୈତିକ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇ ପାକିସ୍ତାନ ଓ ଚାଇନା ସିପିଇସିର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଥିବା ଇମ୍ରାନ୍ କହିଛନ୍ତି।

### ଭାଜପାରେ ଦଲେର ମେହନ୍ଦି

ନୂଆଦିଲ୍ଲୀ,୨୬।୪:

ପଞ୍ଜାବୀ ପପ୍ ଗାୟକ ଦଲେର ମେହନ୍ଦି ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଦିଲ୍ଲୀ ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ହଂସରାଜ ହଂସ ଏବଂ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଦଲେର ଦଳରେ ସାମିଲ ହୋଇଛନ୍ତି। ତେବେ ସେ ନିର୍ବାଚନ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦଲେର ୨୦୧୩ରେ ଦିଲ୍ଲୀ ବିଧାନସଭା ନିର୍ବାଚନର ମାତ୍ର କିଛିଦିନ ପୂର୍ବରୁ କଂଗ୍ରେସରେ ଯୋଗଦେବା ସହ ନିର୍ବାଚନୀ ପ୍ରଚାର ପାଇଁ ଏକ ଗୀତ ଲେଖି ଗାଇଥିଲେ।



# ମୋଦିଙ୍କ ବାୟୋପିକ୍ ରିଲିଜ ୧୯ ଯାଏ ସ୍ଥଗିତ

ନୂଆଦିଲ୍ଲୀ,୨୬।୪(ପି.ଟି.)




**ହସ୍ତକ୍ଷେପ କରିବେ ନାହିଁ ସୁପ୍ରିମକୋର୍ଟ**

ଦେଶରେ ସାଧାରଣ ନିର୍ବାଚନ ଚାଲୁଥିବାରୁ ମେ ୧୯ ପର୍ଯ୍ୟନ୍ତ 'ପିଏମ୍ ନରେନ୍ଦ୍ର ମୋଦି' ରିଲିଜ ହୋଇପାରିବ ନାହିଁ ବୋଲି ନିର୍ବାଚନ କମିଶନ୍ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କମିଶନ୍‌ଙ୍କ ଏହି ନିର୍ଦ୍ଦେଶ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନାକରିଛନ୍ତି।

ଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବାୟୋପିକ୍‌ର ପ୍ରଯୋଜକ ଯେଉଁ ଆବେଦନ କରିଥିଲେ ତାହା ଉପରେ ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁଣାଣି କରିଥିଲେ। ଉକ୍ତ ଖଣ୍ଡପୀଠର ଅନ୍ୟତମ ସଦସ୍ୟ ଥିଲେ ବିଚାରପତି ଦୀପକ ଗୁପ୍ତା ଏବଂ ବିଚାରପତି ସଂଜୀବ ଖାନ୍ନା। ପ୍ରଯୋଜକଙ୍କ ପକ୍ଷରୁ ଆଇନଜୀବୀ ଖଣ୍ଡପୀଠଙ୍କୁ କହିଥିଲେ, କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଉକ୍ତ ବାୟୋପିକ୍ ରିଲିଜ ପାଇଁ ଅନୁମତି ଦେଇଥିଲେ ସୁଦ୍ଧା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଏହାର ବିରୋଧାଭାସ। ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଉକ୍ତ ଫିଲ୍ମ ପ୍ରଦର୍ଶନ ଏକ ପ୍ରସଙ୍ଗ ଭାବେ ଉଭାହୋଇଛି। ନିର୍ବାଚନ କମିଶନ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଉପରେ ହସ୍ତକ୍ଷେପ କରିବାର ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଏପ୍ରିଲ ୨୭/୨୦୧୯ | Sambalpur, Saturday, April 27/2019 | ପୃଷ୍ଠା-୧




## ଦିବ୍ୟାଂଶଙ୍କୁ ଅଲିମ୍ପିକ କୋଟା

ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଭାରତର ଦିବ୍ୟାଂଶ ସିଂ ପନୱାର ରୌପ୍ୟ ପଦକ ଜିତିବା ସହ ଦେଶର ଅଲିମ୍ପିକ୍ କୋଟା ହାସଲ କରିଛନ୍ତି।

୧୨

୧୦

## ପ୍ରଯୋଜନାରେ ପାଦ ଦେବେ କ୍ୟାଟ୍ରିନା

ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ପାଦ ଦେବାକୁ ଆଗ୍ରହୀ ଥିବା ପ୍ରକାଶ କରିଛନ୍ତି ।




ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କ ସଶକ୍ତିକରଣ

- ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ
- ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି
- ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପ୍ରି-ମାଟ୍ରିକ୍ ଓ ପୋଷ୍ଟ-ମାଟ୍ରିକ ଶିକ୍ଷା ପାଇଁ ଛାତ୍ରାବାସ, ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ
- ଉଚ୍ଚଶିକ୍ଷା ଓ ନିଯୁକ୍ତିଭିତ୍ତିକ ଶିକ୍ଷା ପାଇଁ ୧୧୪ଟି ଆଧୁନିକ ଛାତ୍ରାବାସ
- ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ମାଗଣା କୋଚିଂ ସୁବିଧା

ବିଜୁ ଜନତା ଦଳ

ନବୀନ ମୋର ପରିବାର
ଶଙ୍ଖ ମୋର ଚିହ୍ନ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।



ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ





ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

## ନୂତନ ନଜିର

**ଆଜିର ମନ୍ତବ୍ୟ**

"ସ୍ୱାଧୀନତା ପରେ ଦେଶରେ ପ୍ରଥମଥର ପାଇଁ ସରକାର ସପକ୍ଷରେ ହାୱା ବହୁଛି ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# 'ଚୋରଙ୍କୁ ଖସାଇଛନ୍ତି ଚୌକିଦାର'

**ପରିବର୍ତ୍ତନ ସଂକଳ୍ପ ସମାବେଶରେ ରାହୁଲ**

- ଯଦି ଚୋରମାନେ ହଜାର କୋଟି ନେଇଯାଉଛନ୍ତି, ଗରିବଙ୍କୁ ବାର୍ଷିକ ୭୨ ହଜାର ଟଙ୍କା ଦିଆଯିବାରେ ଅସୁବିଧା କେଉଁଠି
- ବର୍ଷକ ମଧ୍ୟରେ ପୂରଣ ହେବ ୨୨ଲକ୍ଷ ପ୍ରଶାସନିକ ପଦବୀ

ବାଲେଶ୍ୱର ଅଫିସ/ରେମୁଣା, ୨୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନରହରିପୁର ପଡ଼ିଆରେ ଶୁକ୍ରବାର ଅପରାହ୍ନରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗଦେଇ ଜାତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଥିଲେ, ବର୍ତ୍ତମାନ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଉଛନ୍ତି ସେଥିରେ ୫ ବର୍ଷ ତଳର କୌଣସି କଥା ରହୁନାହିଁ। ଗରିବଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଯିବ ବୋଲି କହି ସମସ୍ତଙ୍କୁ ସେ ଭୂଆଁ ବୁଲାଇଛନ୍ତି। ଏବେ ଧନୀମାନେ ଦେଶର ବ୍ୟାଙ୍କ ଆକାଉଣ୍ଟକୁ ଲୁଟି ଚାଲିଛନ୍ତି। କେତେକ ପ୍ରମୁଖ କମ୍ପାନୀ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ପାଇ ହଜାର ହଜାର କୋଟି ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ସେହି ଚୋରଙ୍କୁ ଦେଶରେ ଚୌକିଦାର ଫେରାର କରିବାରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି । ବର୍ତ୍ତମାନ ଯେକୌଣସି ସ୍ଥାନକୁ ଗଲେ ଦେଶର ଚୌକିଦାରଙ୍କୁ ସମସ୍ତେ ଚୋର ବୋଲି ମଧ୍ୟ କହୁଛନ୍ତି। ଯଦି ଚୋରମାନେ ଏଭଳି ଭାବେ ହଜାର



ପରିବର୍ତ୍ତନ ସଂକଳ୍ପ ସମାବେଶରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

କୋଟି ନେଇ ଯାଉଛନ୍ତି, ତେବେ ଦେଶର ଗରିବ ଲୋକଙ୍କୁ ବର୍ଷକୁ ୭୨ହଜାର ଟଙ୍କା ଦିଆଯିବାରେ ଅସୁବିଧା କ'ଣ ବୋଲି ରାହୁଲ ପ୍ରଶ୍ନ କରିଥିଲେ । ଅନ୍ୟପକ୍ଷେ ଭାଜପା ଓ ଆରଏସ୍ଏସ୍‌ର କାର୍ଯ୍ୟକଳାପ ଘୃଣା ସାଙ୍ଗକୁ ଦେଶରେ ଆକ୍ରୋଶ ଭାବ ବଢାଇଚାଲିଛି। ଏଭଳି ସ୍ଥିତିରେ କଂଗ୍ରେସ ଭାଇଚାରାର ନାରା ଦେଇ ପରିବର୍ତ୍ତନ ଆଣିବା ପାଇଁ ନିର୍ବାଚନ ଲଢୁଛି ବୋଲି ସେ କହିଥିଲେ।

ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୪୫ ମିନିଟ୍ ବିଳମ୍ବରେ ସଭାସ୍ଥଳରେ ପହଞ୍ଚିଥିବାରୁ ସେ ପ୍ରଥମେ ଏଥିପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଥିଲେ ବର୍ତ୍ତମାନ ବେରୋଜଗାରୀ, ଗରିବୀ ଓ କୃଷକଙ୍କୁ ଅବହେଳା କରାଯିବା ଦେଶର ପ୍ରମୁଖ ସମସ୍ୟା। କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦିଙ୍କ ସରକାର ଶ୍ରମିକ, କୃଷକ ଓ ଗରିବଙ୍କ ବିକାଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ନୋଟବନ୍ଦୀ କାର୍ଯ୍ୟ ଯୋଗୁ ଯେଉଁ କ୍ଷତି ଘଟିଛି ତାହା ଅଧିକ ବେରୋଜଗାରୀ ବଢାଇଛି। ବିମୁଦ୍ରୀକରଣ ପରେ ଅନେକ କଳକାରଖାନା ବନ୍ଦ ହେବାରୁ ଶ୍ରମିକ, କର୍ମଚାରୀ କାମଧନ୍ଦା ହରାଇଛନ୍ତି। ୪୫ ବର୍ଷ ମଧ୍ୟରେ ଦେଶରେ ଏଭଳି ବେରୋଜଗାରୀ ସମସ୍ୟା କେବେ ଦେଖାଦେଇ ନ ଥିଲା। କଂଗ୍ରେସ କ୍ଷମତାକୁ ☞ପୃଷ୍ଠା–୧୩

■ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

# ବାପ, ପୁଅ ସବୁଠୁ ଧନୀ

**ଏଡିଆର୍-ଇଲେକ୍ସନ ୱାଚ୍ ରିପୋର୍ଟ**

- ବିଧାନସଭା ପ୍ରାର୍ଥୀ ଭାବେ ନିରଞ୍ଜନ, ଲୋକ ସଭା ପ୍ରାର୍ଥୀ ରୂପେ ନବଜ୍ୟୋତି ସବୁଠୁ ବିତ୍ତଶାଳୀ
- ୪୧ ବିଧାନସଭା ଆସନର ୭୨ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା
- ୫୨ ଜଣ ବିରୋଧରେ ସଙ୍ଗିନ ମାମଲା
- ବିଧାନସଭା ୮୧, ଲୋକ ସଭାର ୧୭ ପ୍ରାର୍ଥୀ କୋଟିପତି



ନିରଞ୍ଜନ ପଟ୍ଟନାୟକ



ନବଜ୍ୟୋତି ପଟ୍ଟନାୟକ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଆସନ୍ତା ୨୯ ତାରିଖରେ ରାଜ୍ୟରେ ଚତୁର୍ଥ ଅର୍ଥାତ ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୬ଟି ଲୋକ ସଭା ଏବଂ ୪୧ଟି ବିଧାନସଭା ଆସନରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ଆସନଗୁଡ଼ିକ ଲାଗି ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୩୯୮ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତେବେ ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୨ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୫୨ ଜଣଙ୍କ ନାଁରେ ରହିଛି ସଙ୍ଗିନ ଆପରାଧିକ ମାମଲା। କେବଳ ସେତିକି ନୁହେଁ, ୩୩୪ ପ୍ରାର୍ଥୀଙ୍କ ମଧ୍ୟରୁ ୮୧ଜଣ ମଧ୍ୟ କୋଟିପତି। ସେହିପରି ୬ଟି ଲୋକ ସଭା ଆସନରେ ମଇଦାନକୁ ଓହ୍ଲାଇଥିବା ୫୨ ଜଣଙ୍କ ମଧ୍ୟରୁ ୭ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ନାମରେ ରହିଛି ସଙ୍ଗିନ ଆପରାଧିକ ମାମଲା। ଲୋକ ସଭା ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୭ ଜଣ କୋଟିପତି ରହିଛନ୍ତି। ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନ ଲଢୁଥିବା ବାପ ପୁଅ କୋଟିପତି ତାଲିକାରେ ରହିଛନ୍ତି। ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବିଧାନସଭା ଆସନରେ ନିର୍ବାଚନ ଲଢୁଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ୩୩୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସବୁଠୁ ଧନୀ। ତାଙ୍କ ମୋଟ୍ ସମ୍ପତ୍ତିର ମୂଲ୍ୟ ୬୦ କୋଟି ୩୪ ଲକ୍ଷ ୭୭ ହଜାର ଟଙ୍କା। ସେହିପରି ତାଙ୍କ ପୁଅ ତଥା ବାଲେଶ୍ୱର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ☞ପୃଷ୍ଠା–୧୩

## ଘନୀଭୂତ ହେଉଛି ଫନୀ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଦକ୍ଷିଣ–ପୂର୍ବ ବଙ୍ଗୋପସାଗର ଶ୍ରୀଲଙ୍କା ଉପକୂଳରେ ସୃଷ୍ଟିହୋଇଥିବା ଲଘୁଚାପ ଏବେ ଘନୀଭୂତ ହୋଇଛି । ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ । ପରବର୍ତ୍ତୀ ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଅଧିକ ଶକ୍ତିଶାଳୀ ହୋଇ ବାତ୍ୟାରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସାମୁଦ୍ରିକ ଝଡ଼ 'ଫନୀ' ଶୁକ୍ରବାର ୧୪୦୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ଚେନ୍ନାଇ ଏବଂ ୧୬୧୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ମଛିଲପଟ୍ଟନମ୍‌ଠାରେ କେନ୍ଦ୍ରୀଭୂତ ହୋଇଛି। ଏହା ଘଣ୍ଟା ପ୍ରତି ୫ କିଲୋମିଟର ☞ପୃଷ୍ଠା–୧୩


DAYANANDA SAGAR INSTITUTIONS
- DAYANANDA SAGAR COLLEGE OF ENGINEERING (DSCE)
- DAYANANDA SAGAR ACADEMY OF TECHNOLOGY & MANAGEMENT (DSATM)
- DAYANANDA SAGAR COLLEGE OF ARCHITECTURE (DSCA)
- DAYANANDA SAGAR COLLEGE OF DENTAL SCIENCES (DSCDS)

Dayananda Sagar is backed by a Six Decade Legacy in Education & Healthcare






**BE / B.Arch**

BE:Branches - Aeronautical / Automobile / Bio Technology / Chemical / Civil / Computer Science & Engineering / Construction Tech. & Management / Electrical & Electronics / Electronics & Communication / Industrial Engg & Management / Information Science / Electronics and Instrumentation Engg. / Mechanical / Medical Electronics / Electronics & Telecommunication

**M.Tech**

M.Tech :Structural Engineering / Highway Technology / Design Engineering /Computer Integrated Manufacturing / VLSI Design & Embedded Systems / Digital Electronics & Communication / Digital Communication & Networking Engineering /Computer Network Engineering / Computer Science and Engineering / Power Electronics / Micro Electronics & Control Systems

| | |
|---|---|
| Dental Sciences | BDS / MDS |
| Management | BBA / MBA / PGDM |
| Commerce | B.Com / M.Com |
| Computer Application | BCA / MCA |

**Diploma** Engineering : Civil, Computer Science, Electrical, Electronics, Information Science, Mechanical
Allied Health: X-Ray Technology / Operation TheatreTechnology/ Medical RecordTechnology/ Medical Lab Technology / Dialysis Technology

Pre- University Science/Commerce
Evening Programs : PUC /B.Com
Center for English and Foreign Languages

**Highlights**
- Consistently getting highest ranks in Visvesvaraya Technological University
- 6 decade proven track record
- DSCE an autonomous institution under Visvesvaraya Technological University and recognized by UGC
- Approved by AICTE
- Accredited by NAAC with A grade / ISO certified
- MoUs with leading Industry & Research centers
- Academic & Research partnership with prestigious Universities across the world
- Industry driven curriculum and training
- 100% Placements for all eligible students
- WIFI campus with largest IT connectivity & e-class rooms
- Separate hostel for boys and girls
- Students from 29 countries

**APPLICATION FEES**
Engineering, MBA, MCA, M.Tech : Rs.1000/-
Other program : Rs.500/-

Please send Demand Draft in favour of Dayananda Sagar Institutions payable at Bengaluru indicating Course & Postal Address

Applicants should have appeared for the
CET / JEE / COMED-K - BE
MAT/K-MAT/ PGCET - MBA/MCA/PGDM
Qualified GATE / PGCET - M.Tech
NATA - Architecture

DSCE Campus 1 : Shavige Malleshwara Hills, Kumaraswamy Layout, Banashankari,Bengaluru - 560078.Ph:+91 80 42161751/ 26662226 / 26665910 Mobile : 09916075170 | Fax : 080-26660789

DSATM Campus 2: Kanakapura Main Road, Opp. Sri.Ravishankar Ashram,Art of Living, Bengaluru-560082.Ph.:080-28432777 / 28432999, Fax : 080-28432909 www.dsatm.edu.in | www.dsba.edu.in

e-mail: admissions@dayanandasagar.edu

For more information please visit our campuses / www.dayanandasagar.edu



AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguda Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com



NATIONAL EGG CO-ORDINATION COMMITTEE 26.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 107 | 167 | 177 |
| DKL | 107 | 167 | 177 |
| BDK | 109 | 170 | 180 |
| BLS | 109 | 170 | 180 |
| ANG | 107 | 167 | 177 |

*Conditions Apply
Eggs Retail Price- 37/-Dozen
Issued in the Interest of Consumers



RED CHIEF SHOES
FURO SPORTS SHOES






LYCRA MADE STRAP   STRONG FOOT HOLD   LIGHTWEIGHT & FLEXIBLE
DISTRIBUTOR: RAM JI ENTERPRISES, BHUBANESWAR- 7788000596
Also available at: www.furosports.com | amazon.in | Flipkart | Myntra | JABONG | paytm mall | snapdeal | SHOPCLUES | LIMEROAD | AJIO | TATA CLiQ
For Franchisee & Queries, Call Toll Free No. 1800 - 120 - 2400

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ମୌସୁମୀ
ପରିବାରବର୍ଗ


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜି ଆସୁଛନ୍ତି ଶାହ

ଭୁବନେଶ୍ୱର, ୨୬।୪(ବ୍ୟୁରୋ): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶନିବାର ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ସେ ନିର୍ବାଚନୀ ପ୍ରଚାର ପାଇଁ ସକାଳ ୧୧.୩୦ରେ ମୟୂରଭଞ୍ଜ ଜିଲା ମୋରଡା ଠାରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଏହାପରେ ଶାହ ଅପରାହ୍ଣରେ ଶାହ ଯାଜପୁର ଜିଲା ସୁକିନ୍ଦାଠାରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କିଶୋର ବାସା 'ଟାଗୋର ନ୍ୟାଶନାଲ ଫେଲୋ' ମନୋନୀତ

ଭୁବନେଶ୍ୱର,୨୬।୪(ବ୍ୟୁରୋ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପୂର୍ବତନ ମୁଖ୍ୟ ପ୍ରଫେସର କିଶୋର କୁମାର ବାସାଙ୍କୁ ସମ୍ମାନଜନକ 'ଟାଗୋର ନ୍ୟାଶନାଲ ଫେଲୋ' ଭାବେ ମନୋନୀତ କରାଯାଇଛି। ଭୋପାଳସ୍ଥିତ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟରେ ସେ ମେ ପହିଲାରୁ ଦୁଇବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହି କାର୍ଯ୍ୟ କରିବେ। ସେଠାରେ ପ୍ରଫେସର ବାସା ଊନବିଂଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ନୃତତ୍ତ୍ୱ ଓ ସଂଗ୍ରହାଳୟର ପରିବର୍ତ୍ତନ ଧାରା ଉପରେ ଗବେଷଣା କରିବେ। ୧୯୭୩ ମସିହା ମାଟ୍ରିକ ପରୀକ୍ଷାରେ ସାରା ରାଜ୍ୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିବା ପ୍ରଫେସର ବାସା ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ଏଥିସହ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡକ୍ଟରାଲ ଫେଲୋ ଭାବେ ଗବେଷଣା କରିଛନ୍ତି। ଭୋପାଳ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟ, କୋଲକାତା ଇଣ୍ଡିଆନ୍ ମ୍ୟୁଜିୟମ୍ ଏବଂ ଆନ୍ଥ୍ରୋପୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ସେ ପ୍ରଶଂସିତ ହୋଇଛନ୍ତି।

### ■ ଗୋନାସିକା ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା

# ଶହେଫୁଟ ତଳକୁ ମିନିଟ୍ରକ୍ ଖସି ୩ ମୃତ

କେନ୍ଦୁଝର/ତେଲକୋଇ, ୨୬।୪ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରଠାରୁ ୫୦ କି.ମି. ଦୂର କାଞ୍ଜିପାଣି ଥାନା ଅନ୍ତର୍ଗତ ଗୋନାସିକା ଘାଟି ରାସ୍ତାରୁ ଏକ ମିନିଟ୍ରକ ପ୍ରାୟ ୧୦୦ ଫୁଟ ତଳକୁ ଖସି ପଡିବାରୁ ଦୁର୍ଘଟଣା ସ୍ଥଳରେ ୩ଜଣଙ୍କର ମୃତ୍ୟୁ ଘଟିଛି। ଡ୍ରାଇଭର ସମେତ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଏବଂ ଓଡ୍ରାଫ୍ଟ ଟିମ୍ ବହୁ କଷ୍ଟରେ ଘାଟି ରାସ୍ତାର ନିମ୍ନଭାଗ ଦୁର୍ଘଟଣାସ୍ଥଳକୁ ଯାଇ ମିନିଟ୍ରକ ଭିତରୁ ୪ ଆହତଙ୍କୁ ଉଦ୍ଧାର କରିଥିଲେ। ମୃତକମାନେ ଟ୍ରକତଳେ ଚାପି ହୋଇ ରହିଥିଲେ। ଆହତମାନଙ୍କୁ ସଙ୍ଗେସଙ୍ଗେ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ମିନିଟ୍ରକ ତଳେ ଚାପି ହୋଇ ରହିଥିବା ୩ ମୃତଦେହକୁ ଉଦ୍ଧାର କରାଯାଇଥିଲା।


ଗୋନାସିକା ଘାଟି ତଳକୁ ଖସି ପଡିଥିବା ଟ୍ରକ।



ଆହତଙ୍କୁ ଉଦ୍ଧାର କରାଯାଉଛି।

ମୃତକମାନେ ହେଲେ ଭାବ ନାଏକ, ବିବସ ନାଏକ ଓ ମାନସ ନାଏକ। ଘର ଅନୁଗୋଳ ଜିଲା ଅଙ୍ଗାରବନ୍ଧ ଗାଁରେ। ମିନିଟ୍ରକଟି ଅନୁଗୋଳରୁ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ସାମଗ୍ରୀ ବୋଝେଇ କରି ବାଂଶପାଳ ବ୍ଲକ ଅଧୀନ ଜନ୍ତାରୀ ଗ୍ରାମକୁ ଯାଉଥିଲା ବୋଲି ପୋଲିସ କହିଛି।

ପାଇଖାନା ନିର୍ମାଣ ସାମଗ୍ରୀ ଧରି ଆସୁଥିବା ଉକ୍ତ ମିନି ଟ୍ରକରେ ଡ୍ରାଇଭରଙ୍କ ବ୍ୟତୀତ ମୋଟ ୬ ଜଣ ଶ୍ରମିକ ଥିଲେ। ଗୋନାସିକା ଘାଟି ରାସ୍ତା ଦେଇ ଜନ୍ତାରୀ ଯିବା ବେଳେ ଏହା ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ପ୍ରାୟ ଶହେଫୁଟ ତଳକୁ ଖସିବା ପରେ ଏକ ଗଛରେ ଲାଗି ମିନିଟ୍ରକଟି ଅଟକି ଯାଇଥିଲା। ପଥଚାରୀଙ୍କଠାରୁ ଖବର ପାଇ କାଞ୍ଜିପାଣି ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ପରେ ଓଡ୍ରାଫ୍ଟ ଟିମ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘାଟି ତଳକୁ ଖସିଥିବା ଟ୍ରକକୁ ଉଠାଇବା ଲାଗି କେନ୍ଦୁଝରରୁ ଏକ କ୍ରେନ ଅଣାଯାଉଥିବା ସୂଚନା ମିଳିଛି। ଦୁର୍ଘଟଣାଗ୍ରସ୍ତ ମିନିଟ୍ରକର ନମ୍ବର ଓଡି ୧୯ ଏନ ୦୨୪୨। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତମାନେ ହେଲେ ଶରଧାପୁର ଗାଁର ଡ୍ରାଇଭର ଟିଁଟ ନାଏକ, ଅଙ୍ଗାରବନ୍ଧ ଗାଁର କାଳିଆ ନାଏକ, ରାଜୁ ନାଏକ ଏବଂ ପାଲଲହଡ଼ାର ମହେନ୍ଦ୍ର ଖୁଣ୍ଟି ବୋଲି କେନ୍ଦୁଝରର ଏସଡିପିଓ ପି.ଜେ. ଟପ୍ପୋ ଏବଂ କାଞ୍ଜିପାଣି ଥାନାର ଓଆଇସି ଅମିତ କୁମାର ଭୂୟାଁ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନକଲେ ଜୁହି ଚାୱଲା

ପୁରୀ ଅଫିସ, ୨୬।୪

ବଲିଉଡ୍ ଅଭିନେତ୍ରୀ ଜୁହି ଚାୱଲା ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶୁକ୍ରବାର ଅପରାହ୍ଣରେ ସ୍ୱାମୀଙ୍କ ସହ ଜୁହି ସିଂହଦ୍ୱାରରେ ପହଞ୍ଚିଥିଲେ। ବାଇଶି ପାହାଚରେ ପ୍ରଥମେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ଭିତରକୁ ଯାଇଥିଲେ। ହେଲେ ଏହି ସମୟରେ ଭିତରକାଠ ଦର୍ଶନ ବନ୍ଦ ରହିଥିଲା। ତେଣୁ ବାହାର କାଠ ନିକଟରୁ ଦର୍ଶନ କରିଥିଲେ। ଏହାପରେ କଳ୍ପବଟ ନିକଟକୁ ଯାଇ ଡୋରି ବାନ୍ଧିଥିଲେ। ପରେ ବଟ ଗଣେଶଙ୍କୁ ଦର୍ଶନ କରି ମୁକ୍ତିମଣ୍ଡପ ପଣ୍ଡିତଙ୍କଠାରୁ ଆଶୀର୍ବାଦ ନେଇଥିଲେ। ବିମଳା ମନ୍ଦିରକୁ ଯାଇ ଦର୍ଶନ କରିବା ସହ ମା'ଙ୍କ ପୂଜା କରୁଥିବା ସେବାୟତଙ୍କ ସହ କଥା ହୋଇଥିଲେ। ମନ୍ଦିରର ଭିତରପାର୍ଶ୍ୱ କଳା ପଡ଼ିଗଲାଣି। ତେଣୁ କାଠର ଡିଜାଇନ କିମ୍ବା କପଡ଼ାରେ ଏହାକୁ ଆଚ୍ଛାଦିତ କରିବା ଲାଗି କହିଥିଲେ।



ଶ୍ରୀମନ୍ଦିରରୁ ଶ୍ରୀ ଜିଉଙ୍କୁ ଦର୍ଶନ ସାରି ଫେରୁଛନ୍ତି ଜୁହି ଚାୱଲା।

ଏ ନେଇ ଆପଣ ଶ୍ରୀମନ୍ଦିର ପ୍ରଶାସନକୁ ଫିଡ୍‌ବ୍ୟାକ୍ ଦିଅନ୍ତୁ ବୋଲି ସମ୍ପୃକ୍ତ ସେବକ ଜୁହିଙ୍କୁ କହିଥିଲେ। ଏହାପରେ ସେ ସାକ୍ଷୀଗୋପାଳ ମନ୍ଦିରରେ ଦର୍ଶନ ସାରି ଲକ୍ଷ୍ମୀ ମନ୍ଦିରକୁ ଯାଇଥିଲେ। ଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି କିଛି ସମୟ ଧ୍ୟାନ କରିଥିଲେ। ସୂର୍ଯ୍ୟମନ୍ଦିରରେ ଦର୍ଶନ ସାରି ବାହାରକୁ ବାହାରିଥିଲେ। ପ୍ରାୟ ଅଧଘଣ୍ଟା ପରେ ପୁଣି ଆସିଥିଲେ। ସେତେବେଳେ ଭିତରକାଠ ଦର୍ଶନ ଚାଲିଥିଲା। ଜୁହି ଭିତରକାଠ ନିକଟରୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଫେରିଥିଲେ।

**କିଛି ତଥ୍ୟ**
୨୦୧୫-୧୮ ମଧ୍ୟରେ ଦେଶର କମ୍ପାନୀଗୁଡିକ ଆମେରିକାରେ ୪୬୦୦ରୁ ଊର୍ଦ୍ଧ୍ୱ ପେଟେଣ୍ଟର ପଞ୍ଜୀକରଣ କରିଛନ୍ତି।
-ନାସ୍‌କମ୍

### ■ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

# ଜେଲ ଗଲେ ମଠ ପୂଜକ

ବ୍ରହ୍ମପୁର ଅଫିସ/ଗଞ୍ଜାମ (ଡି.ଏନ୍.ଏ.),୨୬।୪

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଏକ ମଠର ପୂଜକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଭାସ୍କର ନାହାକ (୪୬)। ମାମଲା ନଂ. ୭୮/୧୯ ଅନୁସାରେ ଭାସ୍କରଙ୍କୁ ଶୁକ୍ରବାର ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ପଠାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଥିବା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।


ଗିରଫ ଭାସ୍କର ନାହାକ ।

ପ୍ରକାଶ ଯେ, ମଠ ପୂଜକ ଭାସ୍କର ଗୁରୁବାର ଅପରାହ୍ଣ ପ୍ରାୟ ୫ଟାରେ ପାଣି ଆଣି ଦେବାପାଇଁ ନାବାଳିକାଙ୍କୁ ନିଜ ଘରକୁ ଡ଼ାକିଥିଲେ। ସେ ଆସିବା ପରେ କବାଟ ବନ୍ଦ କରି ବଳାତ୍କାର କରିଥିଲେ। ଝିଅ ପାଟି ଶୁଣି ତାଙ୍କ ମା' ଭାସ୍କର ରହୁଥିବା ଘର କବାଟ ବାଡ଼େଇ ଥିଲେ। ପରେ ଉକ୍ତ ଘରୁ ବାହାରି ନାବାଳିକା ଜଣକ ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ଥାନାରେ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଗୁରୁବାର ସନ୍ଧ୍ୟାରେ ଭାସ୍କରଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଶୁକ୍ରବାର ବ୍ରହ୍ମପୁର ବଡ଼ ମେଡିକାଲରେ ଭାସ୍କର ଓ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ପୀଡ଼ିତା ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଭାସ୍କରଙ୍କୁ ପୋଲିସ ପୋକ୍‌ସୋ କୋର୍ଟରେ ହାଜର ପରେ ଜେଲ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଭାସ୍କର କୋର୍ଟ ପରିସରରେ ଖବରଦାତାଙ୍କୁ କହିଛନ୍ତି ଯେ, ସେ ଜଣେ ଦିବ୍ୟାଙ୍ଗ। ନାବାଳିକାଙ୍କ ମା' ତାଙ୍କୁ ଫସାଇ ଦେଇଛନ୍ତି। ମହିଳାଙ୍କ ବିରୋଧରେ ବେଙ୍ଗାଲୁରୁରେ କାମ କରୁଥିବା ତାଙ୍କ ସ୍ୱାମୀଙ୍କୁ ମୁଁ କାଳେ କିଛି କହିଥିବି ଏଥିରେ ସନ୍ଦେହ କରି ସେ ଏପରି ମିଥ୍ୟା ମକଦ୍ଦମା କରିଛନ୍ତି ବୋଲି ଭାସ୍କର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର କର୍ମସ୍ଥାନସ୍ଥ ଚନ୍ଦ୍ର ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସହୃଦୟତାର ସହ ସମ୍ପନ୍ନ କରାଇବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ସାମାଜିକ କ୍ଷେତ୍ରରେ କେତେକ ଦିଗରୁ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ସମସ୍ୟା ସୁଧାରିବା ପାଇଁ କୌଣସି ସହୃଦୟ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ।

**ବୃଷ**
ତୃତୀୟାଧିପତିଙ୍କ ସୁଦୃଷ୍ଟି ଫଳରେ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଆହ୍ୱାନ କ୍ରମେ ଆକସ୍ମିକ ଯାତ୍ରା କରିବାକୁ ପଡିପାରେ। ମଙ୍ଗଳ ପ୍ରଭାବରୁ ବିଶେଷ ଭ୍ରମଣ କରିବାର ସୁଯୋଗ ମିଳିବ, ବ୍ୟବସାୟିକ କାରବାର ମଧ୍ୟ ବୃଦ୍ଧି ପାଇବ। ରାଜନୈତିକ କ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି।

**ମିଥୁନ**
ରବିଙ୍କ ଉଚ୍ଚସ୍ଥାନରୁ ସରକାରୀ ସାହାଯ୍ୟ, ସ୍ଥଗିତକାର୍ଯ୍ୟ ସମ୍ପନ୍ନ କରିବାର ସହଯୋଗ ମିଳିବ। ବନ୍ଧୁମାନଙ୍କର ନିମନ୍ତ୍ରଣ କ୍ରମେ ଆମୋଦ ପ୍ରମୋଦର ମଉକା ମଜା ଉଠାଇ ପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଳହ ଘେରରେ ଆକ୍ରାନ୍ତ ହେବାର ସୂଚନା ପ୍ରତି ସତର୍କ ରହିବା ଭଲ। ଅତୀତରେ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କର୍କଟ**
ରାଶ୍ୟାଧିପତିଙ୍କ ଦୃଷ୍ଟି ପ୍ରଭାବରେ ଉତ୍ତମ ସ୍ୱାସ୍ଥ୍ୟ, ଉନ୍ନତ ଚିନ୍ତା ଓ ବନ୍ଧୁପ୍ରିୟତା ଲାଭକରି ଦିନଚର୍ଯ୍ୟା କରିବେ। ରାଜନୀତି, ସଙ୍ଗଠନ, ସଭାସମିତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ ଓ ସୁନାମ ମଧ୍ୟ ପାଇବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ସିଂହ**
ରାଶି ପ୍ରତି ଏକାଧିକ ଗ୍ରହଙ୍କ ଶୁଭ ସମାବେଶ ଆପଣଙ୍କ ଜୀବନଯାତ୍ରାକୁ ସ୍ୱାଭାବିକ କରିବାରେ ସହାୟକ ହେବ। ଅର୍ଥନୈତିକ, ସାମାଜିକ, ରାଜନୈତିକ ଦିଗ ପାଇଁ ଦିନଟି ବହୁତ ଅନୁକୂଳ। ସଭାସମିତି, ମନୋରଞ୍ଜନ, ଆନୁଷ୍ଠାନିକ କାମରେ ସମୟ ଅତିବାହିତ କରିପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମଧ୍ୟ ବ୍ୟସ୍ତତା ଦ୍ୱିଗୁଣିତ ହୋଇପାରେ।

**କନ୍ୟା**
ଆଜି ରବିଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ଏବଂ ଚନ୍ଦ୍ର ଓ ବୃହସ୍ପତିଙ୍କ ସ୍ଥିତି ସାମଗ୍ରିକ ଉନ୍ନତି ସାଧନ କରିବେ। ମନ ଚାହୁଁଥିବା ପ୍ରକାରେ ସବୁ କିଛି ପାଇବେ ଏବଂ କରିବେ ମଧ୍ୟ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ଅସ୍ଥିରତା ହେତୁକ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ।

**ତୁଳା**
ପରିବାର ସ୍ଥାନରେ ଚନ୍ଦ୍ର ପାରିବାରିକ ଶାନ୍ତି, ଯାନବାହନ, ବନ୍ଧୁ ସମ୍ପର୍କ ପ୍ରଭୃତି ମାଧ୍ୟମରେ ଆନନ୍ଦ ପ୍ରଦାନ କରିବ। ପାରିପାର୍ଶ୍ୱିକ ପରିସ୍ଥିତି ଜଟିଳ ହେଲେ ମଧ୍ୟ ଆପଣଙ୍କର କୌଣସି ପ୍ରକାର ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ପ୍ରଶଂସା ମିଳିବ।

**ବିଛା**
ବକ୍ରୀ ବୃହସ୍ପତିଙ୍କ ରାଶ୍ୟାଧିପତି ସହ ପୂର୍ଣ୍ଣଦୃଷ୍ଟି ବିନିମୟ ଆପଣଙ୍କୁ ଉନ୍ନତ ଚିନ୍ତାଧାରା ମାଧ୍ୟମରେ ସତ୍‌କର୍ମ ସକାଶେ ଅନୁପ୍ରେରିତ କରିପାରେ। ବିଭିନ୍ନ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲିତ ହୋଇ ଆତ୍ମଗୌରବ ଅନୁଭବ କରିବେ। କିନ୍ତୁ ନିଜର ଆତ୍ମୀୟମାନଙ୍କୁ ଭଲ କଥା କହିଲେ ମଧ୍ୟ ସେମାନେ ତାହାକୁ ଠିକ୍ ଭାବରେ ଗ୍ରହଣ କରି ନ ପାରନ୍ତି।

**ଧନୁ**
ମନ ଭଲ ନ ଥିଲେ ମଧ୍ୟ ଆପଣଙ୍କ ବ୍ୟବହାରିକ କାର୍ଯ୍ୟକଳାପ କୌଣସି ପ୍ରକାରେ ପ୍ରଭାବିତ ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ମାନସିକ ସ୍ଥିତି ସୁଦୃଢ଼ ରହିବ ଓ କାମ ହାସଲରେ କିଛି ଅସୁବିଧା ହେବନାହିଁ। ଆଇନ ଅଦାଲତ ଓ ପାରିବାରିକ ତଥା ସାମାଜିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ କ୍ଷେତ୍ରରେ ସମ୍ମାନିତ ହେବେ।

**ମକର**
ତିନୋଟି ଗ୍ରହ ପରମୋଚ୍ଚସ୍ଥାନସ୍ଥ ହେତୁ ଆପଣଙ୍କ କାର୍ଯ୍ୟସିଦ୍ଧି, ଯାତ୍ରା, କେତେକ କ୍ଷେତ୍ରରେ ପାରିବାରିକ ଅସ୍ଥିରତା ଚିନ୍ତା କରି ଭାବପ୍ରବଣତା କ୍ରମଶଃ ବୃଦ୍ଧି ପାଇବା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ନିର୍ମାଣ, ସଭାସମିତି ପାଇଁ ବିଶେଷ ସମୟ ଦେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ, ଅବଶ୍ୟ ଲାଭବାନ୍ ହେବେ।

**କୁମ୍ଭ**
ମୁଖଭାବରେ ଉଚ୍ଚସ୍ଥ ଶୁକ୍ର ଜନିତ ଆପଣ ଯେକୌଣସି ବ୍ୟତିକ୍ରମକୁ ସଜାଡି ନେବାରେ କୌଣସି ଅସୁବିଧା ରହିବନାହିଁ। ଆକସ୍ମିକ ଭାବରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ କିନ୍ତୁ ତାହା ନିର୍ଦ୍ଦିଷ୍ଟ ସମୟର ଅତିକ୍ରାନ୍ତ ପରେ ହିଁ ପାଇବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ।

**ମୀନ**
ଆଜି ଶୁକ୍ର ଏବଂ ମଙ୍ଗଳ ଓ ବୃହସ୍ପତି ପରସ୍ପର ସମ୍ବନ୍ଧିତ ହୋଇଥିବାରୁ ଆପଣଙ୍କ ସାମଗ୍ରିକ ସୁଖ, ସୁବିଧାର ଅଭାବ ରହିବନାହିଁ। କିନ୍ତୁ ବୁଧଙ୍କ ଦୁର୍ବଳତା ଯୋଗୁ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଙ୍ଗୀତ ଆଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବାର ଆଶା କରାଯାଇପାରେ।

ଆଜି ବୈଶାଖ କୃଷ୍ଣ ଅଷ୍ଟମୀ ଶନିବାର, ଏପ୍ରିଲ ୨୭ ତାରିଖ, ଶ୍ରୀମନ୍ଦିରରେ ରାମାଭିଷେକ, ବିଶ୍ୱ ପଶୁ ଚିକିତ୍ସା ଦିବସ (ଏପ୍ରିଲ୍ ଶେଷ ଶନିବାର), ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଦିବା ଘ୧୧।୪୬ମି. ଗତେ ଘ୧।୨୧ମି. ମଧ୍ୟେ, ଘ୨।୫୬ମି. ଗତେ ଘ୪।୩୧ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୪ମି. ଗତେ ଘ୮।୨୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୩୪ମି. ଗତେ ଘ୧୦।୦୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12352

କଟକ- ଭୁବନେଶ୍ୱର **Twincity** ମଧ୍ୟରେ ନିର୍ମିତ ବୃହତ୍ତମ (**Grand bazar**) ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Pramod: 9124321519.** D-66355

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

3BHK apartment ready for sale near Pratap Nagari, Cuttack-Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker Excuse). D-66501

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

ତମାଣ୍ଡୋ ମାର୍କେଟ ପାଖରେ Janla NH-5 ଠାରେ ଘରବାରି, electricity plot ନିଅନ୍ତୁ। 9438859527. D-66365

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12354

1460 sqft. newly constructed house tripple storied, foundation with total area 2800 sqft. for sale at Jagannath Nagar, Jharpada, Bhubaneswar. Mob: 9437960960, 8249910180. D-12359

Ready apartment flats for sale near Sai Temple Tankapani Road, Bhubaneswar. 1R, 1BR, 2BR verities to suit your pocket. 9348947458, 9437493502. D-58079

Booking 2BHK simplex 1200 sqft. land Tankapani Road Sai Temple 20,50,000/-, BJEM-II 12,80,000/- Badagada Canal Road. 7735738102. D-12332

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366




2BHK and 1BHK with garage, Dwarika Vihar, Kalarahanga. 7682828630, 9438082270. D-12277

Ice plant and cold store near Rasulgarh, Bhubaneswar. Contact: 7377774777. D-12312

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12353

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**

Gitanjali Naik (Mami)
ଆଟପୁର, କେନ୍ଦୁଝର
୨୨ତମ ଜନ୍ମବାର୍ଷିକୀ ଅବସରରେ ମା' ତାରିଣୀଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେଉ, ଆପଣ ଦୀର୍ଘାୟୁ ହୁଅନ୍ତୁ, ଆପଣଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ
ସୁଜିତ୍, ଦିଲ୍ଲୁ, ଶୁଭ, ବନ୍ଧୁ ଓ ପରିବାରବର୍ଗ
ଧ-୧୨୩୫୮

**୨୫ତମ ବିବାହ ବାର୍ଷିକ ଶୁଭେଚ୍ଛା**

ମନୋଜ ପଟ୍ଟନାୟକ (ଟାଟୁ)
ଓ
ଅଳକାନନ୍ଦା ପଟ୍ଟନାୟକ (ରୁନୁ)
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
୨୫ତମ ବିବାହ ବାର୍ଷିକରେ ଅନେକ ଅନେକ ଶୁଭେଚ୍ଛା।
ପଟ୍ଟନାୟକ ପରିବାରବର୍ଗ। ଭୁବନେଶ୍ୱର
ଧ-୧୨୩୫୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




# ଓଜେଇଇ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

**ଭୁବନେଶ୍ୱର, ୨୬।୪ (ବ୍ୟୁରୋ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)ର ଆଡ୍‌ମିଟ୍ କାର୍ଡ ଶୁକ୍ରବାର ଓଜେଇଇର ଅଫିସିଆଲ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍ WWW.OJEE.NIC.INକୁ ଯାଇ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଆସନ୍ତା ମେ ୧୨ରେ ରାଜ୍ୟର ୮୬ ସେଣ୍ଟରରେ ପରୀକ୍ଷା ଅନୁଷ୍ଠିତ ହେବ। ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ପରୀକ୍ଷା ହେବ। ଓଡ଼ିଶାରୁ ପ୍ରାୟ ୪୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଲାଗି ଆବେଦନ କରିଛନ୍ତି। ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଫାର୍ମାସୀ, ଏମ୍‌ବିଏ, ଏମ୍‌ସିଏ, ଏମ୍‌ଟେକ୍, ଏମ୍‌ପ୍ଲାନ୍, ଏମ୍‌ଆର୍କ, ଏମ୍‌ଫାର୍ମା ଆଦି ବିଷୟ ପାଇଁ ପରୀକ୍ଷା ହେବ।

## ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ

# ୩.୭୫ କୋଟି ଟଙ୍କା ଜବତ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନୀରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଏ ପର୍ଯ୍ୟନ୍ତ ୩ କୋଟି ୭୫ ଲକ୍ଷ ୨୧ ହଜାର ୩୮୦ ଟଙ୍କା ଜବତ କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ୧୪ ହଜାର ୩୨୭ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୦ ଅନୁଯାୟୀ ୬୫ ହଜାର ୦୫୭ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୫ ହଜାର ୫୧୯ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ନିକଟରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୫୦ ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୬୫.୫୮୪ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ୧୫୮୩୪୫.୧୧୩ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪ କୋଟି ୧୧ ଲକ୍ଷ ୯୦ ହଜାର ୪୫୧ ଟଙ୍କା ହେବ।

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୫୯ ଲକ୍ଷ ୪୫ହଜାର ୯୧୮ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୪ଲକ୍ଷ ୪୦ ହଜାର ୬୭୮ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ କାଢ଼ି ଦିଆଯାଇଛି।

## ଗ୍ଲୋବାଲ ଚେନ୍‌ଶ' ଏବଂ ଆଉଟ୍‌ଡୋର ପାୱାର ଟୁଲ୍ ବାହୁବଳୀଙ୍କ ଆହ୍ୱାନ - ଭାରତୀୟ ବଜାରରେ ଆସୁ ପରିବର୍ତ୍ତନ!

ଚେନ୍‌ଶ' କ୍ଷେତ୍ରରେ ଏସ୍‌ଟିଆଇଏଚ୍‌ଏଲ୍ ବିଶ୍ୱରେ ଅଗ୍ରଗଣ୍ୟ। ଭାରତୀୟ ବଜାରରେ ମଧ ବ୍ରଶ୍ କଟର୍, ମିଷ୍ଟବ୍ଲୋୟର୍, କ୍ଲିନର୍, ହେଜ୍-ଟ୍ରିମର୍ ଏବଂ ଅନ୍ୟାନ୍ୟ ହ୍ୟାଣ୍ଡହେଲ୍‌ଡ ପାୱାର୍ ଟୁଲ୍‌ର ବ୍ୟାପକ ଶୃଙ୍ଖଳା ସହିତ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଉପସ୍ଥିତି ରହିଛି ଯାହା ବନୀକରଣ, କୃଷି, ସହରୀ ରକ୍ଷଣାବେକ୍ଷଣ, ଲ୍ୟାଣ୍ଡସ୍କେପିଂ ଓ ଗାର୍ଡେନିଂ କ୍ଷେତ୍ରକୁ ସେବା ଯୋଗାଉଛି। ୨୦୧୮ଠାରୁ, ଏସ୍‌ଟିଆଇଏଚ୍‌ଏଲ୍ ପ୍ରଥମ ସ୍ତରର ଯାନ୍ତ୍ରିକୀକରଣ ଯୋଗାଉଥିବା ସୁଲଭ 'କୃଷକଙ୍କ ପାଇଁ ଉଦ୍ଦିଷ୍ଟ ଉତ୍ପାଦ' ଉପରେ ଗୁରୁତ୍ୱ ପ୍ରଦାନ କରିଆସିଛି। ୧୪ ଏପ୍ରିଲ ଦିନ ଗୋଆରେ ଅନୁଷ୍ଠିତ ଏକ ମେଗା ଇଭେଣ୍ଟରେ ଏସ୍‌ଟିଆଇଏଚ୍‌ଏଲ୍ ଭାରତୀୟ ବଜାର ପାଇଁ ଏହାର ସଦ୍ୟତମ ଉପହାର - ପାୱାର୍ ଟିଲର୍, ଏମ୍‌ଏଚ୍୬୧୦ଏବଂ ଏମ୍‌ଏଚ୍ ୭୧୦ର ବଜାର ପ୍ରବେଶ କରାଇଛି। ପରିବେଶ ଅନୁକୂଳ ୟୁରୋ ଭି ଇଞ୍ଜିନ୍‌ରେ ସୁସଜ୍ଜିତ, ଏହି ଟିଲର୍‌ଗୁଡ଼ିକ ଅନେକ ଉପଭୋକ୍ତା-ଅନୁକୂଳ ବୈଶିଷ୍ଟ୍ୟାବଳୀ ସହିତ ଆସିଥାଏ।

"ଏସ୍‌ଟିଆଇଏଚ୍‌ଏଲ୍ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଉନ୍ନତମାନର ଟେକ୍ନୋଲୋଜି ଆଣିଛି, ଯାହା ସେମାନଙ୍କୁ ଅଧିକ ଉତ୍ପାଦନକ୍ଷମ ହେବାରେ ସାହାଯ୍ୟ କରୁଛି। ଆମେ ପ୍ରତ୍ୟେକ କୃଷକଙ୍କ ମୁହଁରେ ହସ ଫୁଟାଇବା ଏବଂ କୃଷି ଉପକରଣ, ଆଣେ ପରିବର୍ତ୍ତନ ନୀତି ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଚାହୁଁଛୁ। ସାରା ଭାରତରେ ଆମର ସର୍ଭିସିଂ ଡିଲରଙ୍କ ଉପସ୍ଥିତି ରହିଛି ଯାହାଦ୍ୱାରା ଆମେ ଗ୍ରାହକଙ୍କ ନିକଟରେ ପହଞ୍ଚିପାରିବୁ ଏବଂ ବିକ୍ରୟ ତଥା ସେବା ସହାୟତା ଯୋଗାଇପାରିବୁ," ବୋଲି କହିଛନ୍ତି ଏସ୍‌ଟିଆଇଏଚ୍‌ଏଲ୍ ଇଣ୍ଡିଆର ମାର୍କେଟିଂ ଓ ପ୍ରଡକ୍ଟ ମ୍ୟାନେଜ୍‌ମେଣ୍ଟ ମୁଖ୍ୟ ଶ୍ରୀ ଶୋଭିତ ବହେଲ।

ଏସ୍‌ଟିଆଇଏଚ୍‌ଏଲ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପରିନ୍ଦ ପ୍ରଭୁଦେଶାଇ କୁହନ୍ତି, "ଏସ୍‌ଟିଆଇଏଚ୍‌ଏଲ୍‌ରେ ଭାରତୀୟ ବଜାର କ'ଣ ଚାହୁଁଛି ତାହାକୁ ଶୁଣିବା ଉପରେ ଆମେ ବିଶ୍ୱାସ କରୁ। ଭାରତ ଏକ ଅତି ମହତ୍ତ୍ୱପୂର୍ଣ୍ଣ ଅଭିବୃଦ୍ଧିଶୀଳ ବଜାର ଏବଂ ଏହି ବଜାରରେ ଉପସ୍ଥିତି, ସେବା ଏବଂ ନୂଆ ଉତ୍ପାଦ ପ୍ରସଙ୍ଗରେ ନିବେଶ କରିବା ପାଇଁ ଏସ୍‌ଟିଆଇଏଚ୍‌ଏଲ୍ ଗ୍ରୁପ୍ ପ୍ରତିବଦ୍ଧ।"



ବଜାରରେ ସଦ୍ୟ ପ୍ରବେଶ ଟିଲର୍ ସହ ଶ୍ରୀଯୁକ୍ତ ପ୍ରଭୁଦେଶାଇ

ବିବରଣୀ ପାଇଁ ପରିଦର୍ଶନ କରନ୍ତୁ www.stihl.in

advt.










# ୟୁଜି, ପିଜିରେ ଲାଗୁ ହେବନି ଏକକ ପାଠ୍ୟକ୍ରମ

## ଆସନ୍ତା ଶିକ୍ଷାବର୍ଷରୁ ୟୁକ୍ତ୩ରେ ଲାଗୁ ହେବ ମଡେଲ ସିଲାବସ୍

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଏଥର ୟୁଜି ଓ ପିଜିରେ ଏକକ ସିଲାବସ୍ ବା ଏକକ ପାଠ୍ୟକ୍ରମ ଲାଗୁ ହେବ ନାହିଁ। ଆସନ୍ତା ଶିକ୍ଷାବର୍ଷରୁ କେବଳ ୟୁକ୍ତ୩ରେ ଆଦର୍ଶ ବା ମଡେଲ ସିଲାବସ୍ ଲାଗୁ ହେବ। ସେହିପରି ପିଜି କ୍ଷେତ୍ରରେ କମନ୍ ଏଣ୍ଟ୍ରାନ୍ସ ମଧ ହେବ ନାହିଁ। ଉଚ୍ଚଶିକ୍ଷା ପରିଷଦ କାର୍ଯ୍ୟାଳୟରେ ବସିଥିବା ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ହୋଇଛି। ୪ ମାସ ତଳେ ୟୁକ୍ତ୩ ଓ ପିଜି ପାଇଁ ସବୁ ବିଶ୍ୱବିଦ୍ୟାଳୟରେ ଏକକ ସିଲାବସ୍ ପ୍ରଚଳନ ଲାଗି ନିଷ୍ପତ୍ତି ହୋଇଥିଲା, କିନ୍ତୁ ପିଜି କ୍ଷେତ୍ରରେ ଏକକ ସିଲାବସ୍ ଲାଗୁ କରିବା ନିଷ୍ପତ୍ତିକୁ କେତେକ ବିଶ୍ୱବିଦ୍ୟାଳୟ ବିରୋଧ କରିବାରୁ ନିଷ୍ପତ୍ତି ବଦଳିଛି। ରାଜ୍ୟର ୧୧ ବିଶ୍ୱବିଦ୍ୟାଳୟ କୁଳପତି ବୈଠକରେ ଯୋଗଦେଇ ମଡେଲ ସିଲାବସ୍‌କୁ କେବଳ ୟୁକ୍ତ୩ କ୍ଷେତ୍ରରେ ଲାଗୁ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ସିଲାବସ୍ ଅନୁଯାୟୀ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ୯୦ ପ୍ରତିଶତ ପାଠ୍ୟ ଖସଡ଼ାକୁ ଗ୍ରହଣ କରିବାକୁ ବାଧ୍ୟ। ଆଉ ୧୦ ପ୍ରତିଶତ ବିଶ୍ୱବିଦ୍ୟାଳୟଗୁଡ଼ିକ ଚାହିଁଲେ ନିଜେ ବଦଳାଇପାରିବେ। ଏହାଦ୍ୱାରା ପ୍ରତି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଛାତ୍ରୀଛାତ୍ରଙ୍କ ଆଗ୍ରହ ଅନୁଯାୟୀ ସିଲାବସ୍ ପ୍ରସ୍ତୁତ ହୋଇପାରିବ ବୋଲି କୁଳପତିମାନେ ଆଶା ରଖିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ କମନ୍ ଏଣ୍ଟ୍ରାନ୍ସ ଲାଗୁ କରିବାକୁ ଲକ୍ଷ୍ୟ ରହିଛି। ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଅନ୍ତର୍ଜାତୀୟ ସ୍ତରର ଶିକ୍ଷା ପ୍ରଦାନ ଲାଗି ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଏପରି ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି।



# ନୂତନ ନଜିର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ନୂତନ ନିର୍ଦ୍ଦେଶନାମା ଅନୁସାରେ ବିଦେଶରେ ଅବସ୍ଥାପିତ ଯେଉଁ ବାବୁମାନେ ଡ୍ୟୁଟି ସମ୍ପର୍କରେ ନିଜ କ୍ୟାଡର ରାଜ୍ୟକୁ ରିପୋର୍ଟ କରୁ ନ ଥିବେ, ସେମାନେ ସ୍ୱେଚ୍ଛାକୃତ ଅବସର ଯୋଜନାରେ ଅବସର ନେବା ବା ପେନସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସ୍ୱେଚ୍ଛାକୃତ ଅବସର ନେଇ ପେନସନ ସୁବିଧା ପାଇବା ପାଇଁ ଆବେଦନ କରିଥିବା ଜଣେ ପୂର୍ବତନ ଆଇଏଏସ୍ ଅଫିସର ସଞ୍ଜୀବ ସିଂ ଆଲୁୱାଲିଆଙ୍କ ମାମଲାକୁ ଟ୍ରିବ୍ୟୁନାଲ ଖାରଜ କରିଦେଇଛନ୍ତି। ଆଲୁୱାଲିଆ ହେଉଛନ୍ତି ୧୯୮୦ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡର ଅଫିସର। ୨୦୦୫ ମସିହାରେ ସେ କେନ୍ଦ୍ରୀୟ ଡେପୁଟେଶନରେ ଯାଇ ଅର୍ଥ ମନ୍ତ୍ରଣାଳୟର ପୁଞ୍ଜି ବିନିବେଶ ବିଭାଗରେ ଯୁଗ୍ମ ସଚିବ ପଦରେ ଅବସ୍ଥାପିତ ହୋଇଥିଲେ। ଡେପୁଟେଶନ ଅବଧି ପୂରିବା ପୂର୍ବରୁ ତାଙ୍କ ଅନୁରୋଧରେ ତାଙ୍କୁ ନିଜ ରାଜ୍ୟକୁ ଫେରାଇ ଦିଆଯାଇଥିଲା। ପରେ ପରେ ବାବୁଙ୍କୁ ଏକ ବିଶ୍ୱବ୍ୟାଙ୍କ ଚାକିରି ପାଇଁ ଅନୁମତି ମିଳିଗଲା ଏବଂ ବିଶ୍ୱବ୍ୟାଙ୍କ ଅଫିସର ଭାବେ ସେ ସେପ୍ଟେମ୍ବର ୧୮, ୨୦୦୫ରୁ ସେପ୍ଟେମ୍ବର ୧୭, ୨୦୦୬ ପର୍ଯ୍ୟନ୍ତ ସୁଦାନରେ ରହିଲେ। ତେବେ ବିଦେଶରେ ଏହି ବର୍ଷକିଆ ଚାକିରିର ଅବଧି ପୂରିଯିବା ପରେ ଏ ସମ୍ପର୍କରେ ସେ ନିଜ କ୍ୟାଡର ରାଜ୍ୟକୁ ଜଣାଇଲେ ନାହିଁ। ତା'ପରେ ସେ ଏପ୍ରିଲ ୨୦୧୦ରେ ସର୍ବଭାରତୀୟ ସେବା ଆଇନରେ ଥିବା ପ୍ରାବଧାନ ଅନୁଯାୟୀ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଦରଖାସ୍ତ ପଠାଇଲେ। କେନ୍ଦ୍ର ସରକାର ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଲେ କାରଣ ବର୍ଷକିଆ ଅବଧି ପୂରିଯିବା ପରେ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯାଇ ନ ଥିଲା ଏବଂ ସେ ମଧ୍ୟ ଉକ୍ତ ଅବଧି ପୂରିବା ପରେ କ'ଣ କରୁଥିଲେ ସେ ବିଷୟରେ ସରକାରଙ୍କୁ ରିପୋର୍ଟ କରି ନ ଥିଲେ। ଟ୍ରିବ୍ୟୁନାଲ କହିଛନ୍ତି ଯେ, ବିନା ଅନୁମତିରେ ବାବୁ ଜଣକ ଛଅବର୍ଷ ଏକମାସ ଅନୁପସ୍ଥିତ ରହିଛନ୍ତି। ଟ୍ରିବ୍ୟୁନାଲ ପୁଣି କହିଛନ୍ତି ଯେ, ନିୟମ ଅନୁସାରେ ଜଣେ ବାବୁଙ୍କ ବୈଧ ଛୁଟି ପାଞ୍ଚବର୍ଷରୁ ଅଧିକ ହେଲେ ମଧ୍ୟ ତାଙ୍କୁ କାର୍ଯ୍ୟରୁ ଇସ୍ତଫା ବୋଲି ଧରି ନିଆଯାଇପାରିବ। ତେଣୁ ଯିଏ ବିନା ଅନୁମତିରେ ଛଅବର୍ଷରୁ ଅଧିକ କାଳ ଅନୁପସ୍ଥିତ ରହିଛନ୍ତି, ତାଙ୍କୁ ସ୍ୱେଚ୍ଛାକୃତ ଅବସର ଓ ଅବସରକାଳୀନ ସୁବିଧା ଦିଆଯାଇପାରିବ ନାହିଁ। ଏପରି ରାୟ ଦେଇ କ୍ୟାଟ୍ ଏ କ୍ଷେତ୍ରରେ ଏକ ନୂତନ ନଜିର ସୃଷ୍ଟି କରିଛନ୍ତି।

## ପିଏମ୍‌ଓରେ ଅସ୍ଥିରତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ନିର୍ବାଚନରେ ଜିତି ଯଦି ଦ୍ୱିତୀୟ ବାର କ୍ଷମତାସୀନ ହୁଅନ୍ତି, ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ ବହୁ ବାବୁ ବିଦାୟ ନେଇପାରନ୍ତି। ପିଏମ୍‌ଓର ଅନେକ ବରିଷ୍ଠ ବାବୁ ସଅଳ ଅବସର ବା ବଦଳି ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଜାଣିବା ଶୁଣିବା ମହଲରୁ ଶୁଣିବାକୁ ମିଳୁଛି ଯେ, ଅନ୍ୟ ମନ୍ତ୍ରଣାଳୟଗୁଡ଼ିକରେ ବି କାର୍ଯ୍ୟରତ ଅନେକ ବାବୁ ବିଦାୟ ନେବାକୁ ଚାହୁଁଛନ୍ତି। ଏହାର କାରଣ ହେଉଛି ପ୍ରଧାନମନ୍ତ୍ରୀ ତଥା ସରକାରୀ ନୀତି ନିୟାମକ ଛୋଟ ଛୋଟ ଉପଦେଷ୍ଟା ମଣ୍ଡଳୀ ସହ ଏହି ବାବୁମାନଙ୍କର ତାଳମେଳ ରହୁନାହିଁ। କିନ୍ତୁ କେତେକେ ଭାବୁଛନ୍ତି ପ୍ରଧାନମନ୍ତ୍ରୀଙ୍କ କଡ଼ା କାର୍ଯ୍ୟସୂଚୀ ବାବୁମାନଙ୍କୁ ଦଣ୍ଡ ଦେଲା ପରି ଲାଗୁଥିବାରୁ ଅଧିକାଂଶ ଏ ନେଇ ଅସନ୍ତୁଷ୍ଟ ଅଛନ୍ତି। ତାଙ୍କର ଉପରୁ-ତଳ ଆଭିମୁଖ୍ୟ ନିୟମିତ ବାବୁ ଓ ନେତାଙ୍କ ମଧ୍ୟରେ କଣ୍ଟା ସୃଷ୍ଟି କରିଛି। ଅବଶ୍ୟ ଏପରି ଘଟଣା ବିଶେଷତଃ ଗୋଟିଏ ସରକାରର ଅନ୍ତ ଓ ଆଉ ଗୋଟିଏ ସରକାରର ଆରମ୍ଭ ସମୟରେ ଯେ ଆଗରୁ କେବେ ଘଟିନାହିଁ ସେ କଥା ନୁହେଁ। ତେବେ ମୋଦି ଶାସନକଳକୁ ଶୃଙ୍ଖଳିତ କରିବାରେ ସଫଳ ହେବେ କି ବାବୁମାନେ ପୁରୁଣା ଅଭ୍ୟାସରେ ଆତ୍ମସନ୍ତୁଷ୍ଟ ରହିବେ, ତାହା ଆଗାମୀ ଦିନରେ ଜଣାପଡ଼ିବ।

## ବରିଷ୍ଠତା ପ୍ରସଙ୍ଗ

ଆନ୍ଧ୍ରପ୍ରଦେଶ ଦୁଇଭାଗ ହୋଇ ତେଲେଙ୍ଗାନା ରାଜ୍ୟ ଗଠିତ ହେବାର ଇତିମଧ୍ୟରେ ପ୍ରାୟ ପାଞ୍ଚବର୍ଷ ବିତିଗଲାଣି। କିନ୍ତୁ ଦୁଇ ରାଜ୍ୟର ବାବୁମାନଙ୍କ ମଧ୍ୟରେ ଅନେକ ପ୍ରସଙ୍ଗ ଏବେ ବି ଅସମାହିତ ରହିଛି। ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ରାଜ୍ୟ-ପୁନର୍ଗଠନ ଶାଖାକୁ ଉଭୟ ରାଜ୍ୟର ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହ ପରାମର୍ଶ କରି ପୋଲିସ ଇନ୍ସପେକ୍ଟର (ସିଭିଲ)ମାନଙ୍କ ବରିଷ୍ଠତା ତାଲିକାରେ ରହିଥିବା ବିସଙ୍ଗତି ଦୂର କରିବାକୁ ନିର୍ଦ୍ଦେଶ ଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁସଚିବ ଆର୍. ଭେଙ୍କଟେଶନ୍ ଦୁଇ ରାଜ୍ୟକୁ ଲେଖିଥିବା ଚିଠିରେ ବରିଷ୍ଠତାକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି କାରଣ ପୋଲିସ ବାବୁମାନଙ୍କର ସଂଶୋଧିତ ବରିଷ୍ଠତା ତାଲିକା ଗୃହୀତ ନୀତିର ବିରୋଧୀ ବୋଲି ତେଲେଙ୍ଗାନା କରିଥିବା ଅଭିଯୋଗର ସମାଧାନ ପାଇଁ ଏଥିରେ ଚେଷ୍ଟା କରାଯାଇଛି। ଏହା ପୂର୍ବରୁ ତେଲେଙ୍ଗାନା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ ଆନ୍ଧ୍ରପ୍ରଦେଶ ସରକାର ନିକଟରେ ପ୍ରକାଶ କରିଥିବା ସଂଶୋଧିତ ବରିଷ୍ଠତା ତାଲିକା ବିରୋଧରେ ଅଭିଯୋଗ କରିଥିଲା। ବିଭିନ୍ନ ବର୍ଗର କର୍ମଚାରୀଙ୍କ ତାଲିକାରେ ଦୁଇ ରାଜ୍ୟ ମଧ୍ୟରେ ଗୃହୀତ ପଦ୍ଧତିର ଅନୁସରଣ କରାଯାଇ ନାହିଁ ବୋଲି ଏଥିରେ ଦାବି କରାଯାଇଥିଲା।

Email: dilipcherian@gmail.com

# ବିଚାରପତିଙ୍କ ରାଜନୈତିକ ଅଭିଳାଷ



ଶରତ ଚନ୍ଦ୍ର ମିଶ୍ର

ଆମ ଦେଶର ସ୍ୱାଧୀନତା ସଂଗ୍ରାମ ଓ ସମ୍ବିଧାନ ପ୍ରଣୟନରେ ଆଇନଜୀବୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନେକ ଆଇନଜୀବୀଙ୍କର ରାଜନୈତିକ କାର୍ଯ୍ୟକଳାପ ସହ ସମ୍ପର୍କ ଥାଏ। ବିଚାରପତି ହୋଇଗଲା ପରେ ସେ ସମ୍ପର୍କ ଛିନ୍ନ ହୁଏ। ରାଜନୈତିକ କ୍ଷମତାର ଏକ ଦୁର୍ବାର ଆକର୍ଷଣ ଅଛି। କେତେକ ବିଚାରପତି ଅବସର ଗ୍ରହଣ ପରେ ଏ ଆକର୍ଷଣରୁ ନିଜକୁ ମୁକ୍ତ କରିପାରିନାହାନ୍ତି।

ସ୍ୱାଧୀନତା ସମୟରେ ସର୍ବୋଚ୍ଚ ଫେଡେରାଲ କୋର୍ଟରେ ସାର୍ ଜାଫ୍ରୁଲା ଖାନ୍ ବିଚାରପତି ଥିଲେ। ପାକିସ୍ତାନରେ ସେ କିନ୍ତୁ ପ୍ରଧାନ ବିଚାରପତି ନ ହୋଇ, ବୈଦେଶିକ ମନ୍ତ୍ରୀ ହେବାକୁ ଅଧିକ ଶ୍ରେୟସ୍କର ମନେକଲେ। ଲାହୋର ହାଇକୋର୍ଟର ବିଚାରପତି ମେହେର ଚାନ୍ଦ ମହାଜନ ଜମ୍ମୁ-କଶ୍ମୀରର ପ୍ରଧାନମନ୍ତ୍ରୀ ହେଲେ। ତା' ପରେ ବିକାନୀର ମହାରାଜାଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହେଲେ। ପରେ ପୁଣି ବିଚାରପତି ଭାବରେ ନିଯୁକ୍ତି ପାଇ ଦେଶର ପ୍ରଧାନ ବିଚାରପତି ପଦ ଅଳଙ୍କୃତ କରିଥିଲେ। ବମ୍ବେ ହାଇକୋର୍ଟର ଜଷ୍ଟିସ ଚଗଲା ଦେଶର ବୈଦେଶିକ ମନ୍ତ୍ରୀ ହୋଇଥିଲେ।

ବର୍ତ୍ତମାନର ନିର୍ବାଚନରେ କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ, ଅନନ୍ତନାଗରେ ସଦ୍ୟ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ହାସନଇନ ମାସୁଦଙ୍କୁ ପ୍ରାର୍ଥୀ କରିଛି। ଅବସର ପୂର୍ବରୁ ସମ୍ବିଧାନର ୩୭୦ ଧାରାର କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ସେ ରାୟ ଦେଇଥିଲେ। ବିଚାରପତି ଥିପସେ ଓ ବିଚାରପତି ବହୁଗୁଣା ଅବସର ପରେ ଯଥାକ୍ରମେ କଂଗ୍ରେସ ଓ ଭାଜପାରେ ଯୋଗ ଦେଇଛନ୍ତି।

ବିଚାରପତିଙ୍କ ରାଜନୈତିକ ଆଗ୍ରହ କିଛି ନୂଆକଥା ନୁହେଁ। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି କେ. ସୁବାରାଓ ୧୯୬୭ ମସିହାରେ ଅବସର ଗ୍ରହଣର ତିନିମାସ ଆଗରୁ ଅବସର ନେଲେ ଓ ଅବସର ଗ୍ରହଣର ଠିକ୍ ପରଦିନ, ବିରୋଧୀ ଦଳର ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇ ଜାକିର ହୋସେନଙ୍କ ଦ୍ୱାରା ପରାସ୍ତ ହେଲେ। ବିଚାରପତି ହିଦାଉତୁଲ୍ଲା ୧୯୪୬ ପର୍ଯ୍ୟନ୍ତ ନାଗପୁର ମ୍ୟୁନିସିପାଲିଟିର କର୍ପୋରେଟର ଥିଲେ ଓ ତାଙ୍କ ଅନ୍ୟ ଭାଇମାନେ ପାକିସ୍ତାନ ଚାଲିଗଲେ ମଧ୍ୟ ଭାରତରେ ରହି ଆଇନ ବ୍ୟବସାୟ କଲେ। ସେ ୧୯୭୯ରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ ଓ ୧୯୮୨ରେ ରାଷ୍ଟ୍ରପତି ଜୈଲ ସିଂହ ଚିକିତ୍ସା ନିମନ୍ତେ ଆମେରିକା ଯିବାରୁ ୨୫ ଦିନ ନିମନ୍ତେ ଅସ୍ଥାୟୀ ରାଷ୍ଟ୍ରପତି ପଦ ମଣ୍ଡନ କରିଥିଲେ। ପ୍ରଧାନ ବିଚାରପତି, ଉପରାଷ୍ଟ୍ରପତି ଓ ରାଷ୍ଟ୍ରପତି ପଦ ମଣ୍ଡନ କରିବାରେ ସେ ଏକମାତ୍ର ଭାରତୀୟ।

ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୩ରେ ୩ଜଣ ବରିଷ୍ଠ ବିଚାରପତିଙ୍କୁ ଅତିକ୍ରମ କରି ଜଷ୍ଟିସ ଏ.ଏନ. ରାୟଙ୍କୁ ପ୍ରଧାନ ବିଚାରପତି ନିଯୁକ୍ତ କରିଥିଲେ। ପ୍ରତିବାଦରେ ଅତିକ୍ରମିତ ବିଚାରପତିମାନେ ଇସ୍ତଫା ପ୍ରଦାନ କରିଥିଲେ। ଇସ୍ତଫା ପ୍ରଦାନକାରୀ ଜଜ୍‌ମାନଙ୍କ ମଧ୍ୟରେ କର୍ନାଟକର କେ. ଏସ୍. ହେଗ୍‌ଡେ ଅନ୍ୟତମ। ଆଇନଜୀବୀ ହେଗ୍‌ଡେ ୧୯୩୫ରେ କଂଗ୍ରେସରେ ଯୋଗ ଦେଇଥିଲେ ଓ ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ରାଜ୍ୟ ସଭାରୁ ଇସ୍ତଫା ଦେଇ ୧୯୫୭ରେ ମହୀଶୂର ହାଇକୋର୍ଟର ଜଜ୍ ହୋଇଥିଲେ। ସୁପ୍ରିମକୋର୍ଟରୁ ୧୯୭୩ରେ ଇସ୍ତଫା ଦେଲା ପରେ ସେ ଜନତା ଦଳ ପ୍ରାର୍ଥୀ ଭାବରେ ୧୯୭୭ ମସିହାରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଓ ବାଚସ୍ପତି ସଞ୍ଜୀବ ରେଡ୍ଡୀ ରାଷ୍ଟ୍ରପତି ନିର୍ବାଚିତ ହୋଇଗଲା ପରେ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ କାଳରେ ସେ ଭାଜପାର ଜଣେ ଉପସଭାପତି ଭାବେ ୧୯୮୦ରୁ ୧୯୮୬ ପର୍ଯ୍ୟନ୍ତ ପଦାଭିଷିକ୍ତ ଥିଲେ। ଭାଜପା ପ୍ରାର୍ଥୀ ଭାବେ ୧୯୮୪ ମସିହାରେ ଲୋକ ସଭା ନିର୍ବାଚନରେ ପରାଜିତ ହୋଇଥିଲେ।

ପି.ଆଇ.ଏଲ.ର ଅନ୍ୟତମ ଜନ୍ମଦାତା ବିଚାରପତି କୃଷ୍ଣା ଆୟାର, ୧୯୫୨ ମସିହାରେ ସିପିଆଇ ଦଳ ପକ୍ଷରୁ ମାଡ୍ରାସରେ ଏମ୍‌ଏଲ୍‌ଏ ନିର୍ବାଚିତ ହୋଇଥିଲେ। କେରଳ ପ୍ରଦେଶ ଗଠନ (୧୯୫୬)ରେ ତାଙ୍କ ଜିଲା ମାଲାବାର୍ କେରଳର ଅଂଶବିଶେଷ ହେଲା ଓ ସେ କେରଳକୁ କର୍ମଭୂମି ଭାବେ ଗ୍ରହଣ କରି ୧୯୫୭ରେ ପ୍ରଥମ କମ୍ୟୁନିଷ୍ଟ ସରକାରରେ ଦୁଇବର୍ଷ ପାଇଁ ମନ୍ତ୍ରୀ ହୋଇଥିଲେ। କମ୍ୟୁନିଷ୍ଟ ସରକାର ୧୯୫୯ରେ ଗାଦିଚ୍ୟୁତ ହେଲା ପରେ ସେ ଆଇନ ବ୍ୟବସାୟରେ ମନଯୋଗ ଦେଇ ସୁପ୍ରିମକୋର୍ଟର ବିଚାରପତି ଭାବେ ଅବସର ଗ୍ରହଣ କଲେ ଓ ଦେଶର ଜଣେ ଶ୍ରେଷ୍ଠ ଆଇନଜ୍ଞ ଭାବେ ଖ୍ୟାତି ଅର୍ଜନ କଲେ। ଏତଦ୍‌ବ୍ୟତୀତ ଅନ୍ୟ କେତେକ ବିଚାରପତି ରାଜନୀତିରେ ସମ୍ପୃକ୍ତ ଥିଲେ ଓ ଆନ୍ଧ୍ର ହାଇକୋର୍ଟର ବିଚାରପତି ଶିବସୁନ୍ଦରମ୍ ଦେଶର ଆଇନମନ୍ତ୍ରୀ ହୋଇ ପାରିଥିଲେ।

ଓଡ଼ିଶାର କତିପୟ ଅବସରପ୍ରାପ୍ତ ବିଚାରପତି ମଧ୍ୟ ରାଜନୀତି ପ୍ରତି ଆକୃଷ୍ଟ ହୋଇଛନ୍ତି। ଓଡ଼ିଶା ହାଇକୋର୍ଟର ପ୍ରଥମ ପ୍ରଧାନ ବିଚାରପତି ବୀରକିଶୋର ରାୟ ଆଇନଜୀବୀ ଥିବା ସମୟରେ କଂଗ୍ରେସ ବିରୋଧୀ ଥିଲେ ଓ ୧୯୩୭ ନିର୍ବାଚନ ସମୟରେ ସେ ଓ ତାଙ୍କ ସ୍ତ୍ରୀ ଲତିକା ଦେବୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ପରାଜୟ ବରଣ କରିଥିଲେ। ସ୍ୱର୍ଗତ ଲତିକା ଦେବୀ ତତ୍କାଳୀନ ନାରୀନେତ୍ରୀ ସ୍ୱର୍ଗତ ସରଳା ଦେବୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ପ୍ରଧାନ ବିଚାରପତି ପଦରୁ ଅବସର ନେଲା ପରେ ବିଚାରପତି ରାୟ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରଙ୍ଗଲାଲ ମୋଦିଙ୍କୁ ପରାଜିତ କରି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

ତୃତୀୟ ପ୍ରଧାନ ବିଚାରପତି ଲିଙ୍ଗରାଜ ପାଣିଗ୍ରାହୀଙ୍କ ରାଜନୈତିକ ଇନିଂସ ବେଶ୍ ସଫଳ ହୋଇଥିଲା। ସେ ୧୯୫୬ରେ ହାଇକୋର୍ଟର ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କଲା ପରେ କଂଗ୍ରେସରେ ଯୋଗଦେଇ ୧୯୫୭ରେ ଉପ ମୁଖ୍ୟମନ୍ତ୍ରୀ ହୋଇ ଘରୋଇ, ଶିକ୍ଷା ଓ ଆଇନ ବିଭାଗର ମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ନିର୍ବାଚନ (୧୯୬୧)ରେ ପୁଣି ବିଜୟୀ ହୋଇ ୫ ବର୍ଷରୁ ଅଧିକ କାଳ ବାଚସ୍ପତି ଆସନ ଅଳଙ୍କୃତ କରିଥିଲେ। ଆଇନଜୀବୀ ଥିବା ସମୟରେ ସେ କଂଗ୍ରେସର ନେତା ଥିଲେ ଓ ଏଆଇସିସିର ସଦସ୍ୟ ତଥା ଗଞ୍ଜାମ ଜିଲା ବୋର୍ଡର ସଦସ୍ୟ ଥିଲେ। ସେ ୧୯୩୪ ମସିହାରେ ଲଣ୍ଡନ ଯାଇ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର ରାଜନୈତିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ପଣ୍ଡିତ ଗୋଦାବରୀଶ ମିଶ୍ର ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ପ୍ରତିଷ୍ଠାତା ସଦସ୍ୟ, ସତ୍ୟବାଦୀ ଯୁଗର ପ୍ରସିଦ୍ଧ କବି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଭାବେ ସୁପରିଚିତ। ପଣ୍ଡିତ ମିଶ୍ର ଜୀବନର ସାୟାହ୍ନ କାଳରେ ଓଡ଼ିଶାରେ ଗଣତନ୍ତ୍ର ପରିଷଦର ସଭାପତି ହୋଇଥିଲେ। ଜଷ୍ଟିସ ରଙ୍ଗନାଥ ମିଶ୍ରଙ୍କ ଦୁଇଭାଇ ପଣ୍ଡିତ ରଘୁନାଥ ମିଶ୍ର ଓ ଲୋକନାଥ ମିଶ୍ର କଂଗ୍ରେସ ବିରୋଧୀ ରାଜନୀତି କରୁଥିଲେ ଓ ଯଥାକ୍ରମେ ଏମ୍‌ଏଲ୍‌ଏ, ଏମ୍‌ପି ହୋଇଥିଲେ। ଲୋକନାଥବାବୁ ଆସାମର ରାଜ୍ୟପାଳ ପଦ ମଣ୍ଡନ କରିଥିଲେ। ଜଷ୍ଟିସ୍ ରଙ୍ଗନାଥ ମିଶ୍ର ଅବସର ପରେ କଂଗ୍ରେସ ପ୍ରାର୍ଥୀ ଭାବେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ଓ କଂଗ୍ରେସ ଦଳର ମାନବିକ ଅଧିକାର ସେଲ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଗୁଣୁପୁର ଅଞ୍ଚଳର ବିଚାରପତି ପାପାନ୍ନା ଅବସର ଗ୍ରହଣ ପରେ ବିଜେଡିରେ ଯୋଗଦେଇ ଲୋକ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଗିରିଧର ଗମାଙ୍ଗଙ୍କ ଦ୍ୱାରା ପରାଜିତ ହୋଇଥିଲେ। ବିଚାରପତିମାନଙ୍କର ଅବସର ପରେ ରାଜନୈତିକ ଦଳରେ ଯୋଗଦାନକୁ କିନ୍ତୁ ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରନ୍ତି ନାହିଁ ଓ ଦଳ ସହିତ ଆଗରୁ ସମ୍ପର୍କ ସ୍ଥାପନ ହୋଇଥାଇପାରେ ବୋଲି ସନ୍ଦେହ ପ୍ରକଟ କରନ୍ତି।

ମୋ-୯୯୩୭୪୨୨୫୨୧

# ଏକ ଅମଳିନ ବ୍ୟକ୍ତିତ୍ୱ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଆଜି ଉତ୍କଳଗୌରବ ମଧୁସୂଦନ ବଞ୍ଚିଥିଲେ ୧୭୧ ବର୍ଷ ବୟସରେ ପଦାର୍ପଣ କରିଥାନ୍ତେ। ଇତିମଧ୍ୟରେ ତାଙ୍କ ତିରୋଧାନ ହେବାର ମଧ୍ୟ ୮୫ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ମୃତ୍ୟୁର ଦୀର୍ଘବର୍ଷ ପରେ ବି ସେ ଆଜି ଏକ ଚରମ ବିସ୍ମୟ ଭାବେ ପ୍ରତିଭାତ ହୁଅନ୍ତି।

ମଧୁସୂଦନ ଆବିର୍ଭୂତ ହୋଇଥିଲେ ଓଡ଼ିଶାର ଚରମ ଦୁର୍ଦ୍ଦିନରେ। ସେତେବେଳେ ଉତ୍କଳଜନନୀ ଛିନ୍ନମସ୍ତା, ଆମ ରାଜନୈତିକ ଜୀବନ କଳଙ୍କିତ, ଅର୍ଥନୀତି ବିପର୍ଯ୍ୟସ୍ତ ଓ ଆମ ସାମାଜିକ ଜୀବନରେ ଘୋର ଅନ୍ଧକାର। ସେ ଆମ ଭିତରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିବାକୁ ଯାଇ କହିଗଲେ, 'ସ୍ୱଦେଶପ୍ରେମ ମନୁଷ୍ୟର ଧର୍ମ, ଏହା ହିଁ ମନୁଷ୍ୟତା'। ସେ ପୁଣି କହିଗଲେ- ''ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହେ ସଦା ଜାତିପ୍ରାଣ ଧାର। ସେ ଧାରରୁ ନୀର ପିଇଛି ଯେ ନର, ନିଶ୍ଚୟ ହେବ ସେ ଜାତି କର୍ମବୀର।'' ମଧୁସୂଦନ ହେଉଛନ୍ତି ଜାତୀୟ ସ୍ୱାଭିମାନ। ତାଙ୍କ ଜୀବନଗାଥା ସମକାଳୀନ ଓଡ଼ିଶାର ଇତିହାସ। ନାନା ଘାତପ୍ରତିଘାତ ମଧ୍ୟରେ ପିତାଙ୍କର ବାରଣ ସତ୍ତ୍ୱେ ଉଚ୍ଚଶିକ୍ଷାର ପ୍ରବଳ ତୃଷ୍ଣାକୁ ଏଡ଼ାଇ ନ ପାରି ସେ କଲିକତାରେ ପହଞ୍ଚିଲେ। କଲେଜରେ ନାମ ଲେଖାଇବା ପାଇଁ ପଇସାର ଅଭାବ। ପରିଶେଷରେ ଲଣ୍ଡନ ମିଶନ ସୋସାଇଟି କଲେଜ, ଭବାନୀପୁରରେ ପହଞ୍ଚିଲେ। କଲେଜ ସୁପରିଣ୍ଟେଣ୍ଡେଣ୍ଟ ମଧୁସୂଦନଙ୍କଠାରୁ ତାଙ୍କ ଦୁରବସ୍ଥା ଶୁଣି ତାଙ୍କ କଲେଜରେ ସ୍ଥାନ ଦେବା ସଙ୍ଗେ ସଙ୍ଗେ ପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ମାସକୁ ୭ଟଙ୍କା ହିସାବରେ ବୃତ୍ତି ଦେବାକୁ ମଧ୍ୟ ରାଜି ହେଲେ। କଲିକତାର ତରୁଣ ବଙ୍ଗାଳୀ ସଂଘ ସେତେବେଳକୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ। ମଧୁସୂଦନ ଯୁଗରୁଚିରେ ଏହି ଦୁର୍ବାର ପ୍ରଭାବରୁ ବେଶିଦିନ ନିଜକୁ ମୁକ୍ତ କରିପାରି ନ ଥିଲେ। ଶେଷରେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ପିତା ରଘୁନାଥ ଦାସଙ୍କ ଦ୍ୱାରା ତ୍ୟାଜ୍ୟପୁତ୍ର ଘୋଷିତ ହେଲେ।

୧୮୭୧ ମସିହାରେ ସେ ଏମ୍‌ଏ ପଢୁଥିବା ବେଳେ ଜର୍ମାନୀର ବିସ୍‌ମାର୍କ ଓ ଇଟାଲୀର ଗାରିବାଲ୍‌ଡି ପ୍ରଭୃତି ଏକ ଦେଶାଭିମାନ ଓ ତ୍ୟାଗ କାହାଣୀ ସେ ଶୁଣିଥିଲେ ଏବଂ ଓଡ଼ିଶାର ଦୁର୍ଦ୍ଦଶା କଥା ମନେପକାଇ ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। କଲିକତାରେ ଥିବାବେଳେ ବଙ୍ଗୀୟ ଲଳନା ସୌଦାମିନୀଙ୍କୁ ସେ ବିବାହ କରିଥିଲେ। ଆଇନ କଲେଜରେ ପଢୁଥିବା ସମୟରେ ମଧୁସୂଦନ ବଙ୍ଗ ବ୍ୟାଘ୍ର ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଗୃହଶିକ୍ଷକ ଥିଲେ। ସେ ତାଙ୍କର କେବଳ ଗୃହଶିକ୍ଷକ ନ ଥିଲେ, ଅଧିକନ୍ତୁ ଥିଲେ ଦୀକ୍ଷାଗୁରୁ। ମଧୁସୂଦନଙ୍କ ସ୍ମୃତିଚାରଣ କରି ସାର୍ ଆଶୁତୋଷ ମୁଖାର୍ଜୀ କହନ୍ତି, ''ମଧୁବାବୁ ମୋତେ କେବଳ ଇଂଲିଶ ଶିକ୍ଷା ଦେଇ ନ ଥିଲେ, ମନୁଷ୍ୟ ଜୀବନରେ ଚରିତ୍ର ଓ ସ୍ୱାଧୀନତା ଦୁଇଟି ପ୍ରଧାନ ଗୁଣ ବୋଲି ବ୍ୟକ୍ତ କରି ସେଥିରେ ଅନୁପ୍ରାଣିତ ହେବାକୁ କହିଥିଲେ।

ଏ ଜାତିର ଜୀବନରେ ମଧୁସୂଦନ ହିଁ ପ୍ରଥମେ ଜାତୀୟ ଜାଗରଣର ଶୁଭ ସ୍ପନ୍ଦନ ଖେଳାଇ ଦେଇଥିଲେ। ବାସ୍ତବରେ ମଧୁବାବୁଙ୍କ ଦ୍ୱାରା ଗଠିତ ଉତ୍କଳ ସମ୍ମିଳନୀ ରାଜା, ମହାରାଜା, ଧନୀ, ନିର୍ଦ୍ଧନ ସବୁ ଶ୍ରେଣୀର ଲୋକଙ୍କର ମହାମିଳନ ସ୍ଥଳୀ ଥିଲା। ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରି ଏକ ଶାସନ ଅଧୀନରେ ଆଣିବା ପାଇଁ ଏହି ସମ୍ମିଳନୀ ଗଠିତ ହୋଇଥିଲା। ପରେ କିନ୍ତୁ ଦେଶର ଯାବତୀୟ ଉନ୍ନତି ପାଇଁ ଏହି ସମ୍ମିଳନୀ କାର୍ଯ୍ୟର ପରିସର ବୃଦ୍ଧି ହୋଇଥିଲା। କୃଷି, ବାଣିଜ୍ୟ ଓ କଳା ଆଦି ଯାବତୀୟ ବିଷୟରେ ଓଡ଼ିଶା କିପରି ବିଦେଶରେ ଖ୍ୟାତି ଅର୍ଜନ କରିବ ସବୁବେଳେ ଏ ବିଷୟରେ ଆଲୋଚନା ହେଉଥିଲା। ଏହି ଆଲୋଚନାର ଫଳସ୍ୱରୂପ ମଧୁବାବୁ ନିଜ ହାତରୁ ପଇସା ଖର୍ଚ୍ଚକରି ଉତ୍କଳ ଟ୍ୟାନେରୀ ଓ ଓଡ଼ିଶା ଆର୍ଟୱାର୍କ୍ସ ନାମରେ ଦୁଇଟି ଅନୁଷ୍ଠାନ ସ୍ଥାପନ କରିଥିଲେ। ଉତ୍କଳ ଟ୍ୟାନେରୀର ଜୋତା ଓ ତାରକସି କାରଖାନାରେ ପ୍ରସ୍ତୁତ ହେଉଥିବା କାର୍ଯ୍ୟ ସାତସମୁଦ୍ର ତେରନଈ ପାରିହୋଇ ସୁଦୂର ପାଶ୍ଚାତ୍ୟ ଦେଶରେ କ୍ଷୁଦ୍ର ଉତ୍କଳର ଖ୍ୟାତିକୁ ପରିବର୍ଦ୍ଧିତ କରିଥିଲା।

**୨୮।୪ ଉତ୍କଳଗୌରବ ଜୟନ୍ତୀ ଉପଲକ୍ଷେ**

ଉତ୍କଳ ସମ୍ମିଳନୀର ଚାରୋଟି ଲକ୍ଷ୍ୟ ଥିଲା: ୧. ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ୨. ଉତ୍କଳର ସର୍ବାଙ୍ଗୀଣ ଉନ୍ନତି ସାଧନ, ୩. ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ୪. ପ୍ରବାସୀ ଓ ପରିତ୍ୟକ୍ତ ଅଞ୍ଚଳରେ ଥିବା ଓଡ଼ିଆଙ୍କ ସ୍ୱାର୍ଥ ସଂରକ୍ଷଣ। ମଧୁସୂଦନ ଏହି ସମ୍ମିଳନୀକୁ ସକ୍ରିୟ କରିବା ପାଇଁ ପ୍ରଚୁର ଅର୍ଥ ମଧ୍ୟ ଖର୍ଚ୍ଚ କରୁଥିଲେ। ସେଦିନ ମଧୁସୂଦନଙ୍କର ଭୂୟସୀ ପ୍ରଶଂସା କରି ଅମୃତ ବଜାର ପତ୍ରିକା ତାଙ୍କ ତା ୯।୧।୧୯୦୪ରିଖ ସଂସ୍କରଣରେ ଲେଖିଥିଲେ- ''ଏହି ସମ୍ମିଳନୀର ପରିକଳ୍ପନା ହେଲା ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ମିଃ. ଏମ୍.ଏସ୍. ଦାସଙ୍କର ମାନସ ସନ୍ତାନ।

ଏହା ଥିଲା ତତ୍କାଳୀନ ଖଣ୍ଡବିଖଣ୍ଡିତ ଓଡ଼ିଶାର ନେତା ମଧୁବାବୁଙ୍କର ନଭଶ୍ଚୁମ୍ବୀ ବ୍ୟକ୍ତିତ୍ୱ। ସେ ଓଡ଼ିଶାରେ ନବଜାଗରଣ ବା ରେନେସାଁର ପ୍ରବର୍ତ୍ତକ। ସେଦିନ ରେଭେନ୍‌ଶା କଲେଜରୁ ଆଇନ ପାଠ୍ୟକ୍ରମ ଉଠିଯାଇଥିଲା। ମାତ୍ର ସେ ବିନା ବେତନରେ ଆଇନ ଅଧ୍ୟାପନା କରିବାକୁ ରାଜି ହେବାରୁ ଆଇନ କଲେଜ ରହିଲା। କଲିକତାରେ ପଢୁଥିବା ବେଳେ ସଂସ୍କୃତ ତାଙ୍କର ଅନ୍ୟତମ ବିଷୟ ଥିଲା। ପରୀକ୍ଷାରେ ମାତୃଭାଷା ଲିପିରେ ସଂସ୍କୃତ ଲେଖିବାର ନିୟମ ଥିଲେ ମଧ୍ୟ ସେଥିରେ ଓଡ଼ିଆ ଲିପିର ବ୍ୟବସ୍ଥା ନ ଥିଲା। କିନ୍ତୁ ମଧୁବାବୁଙ୍କ ଜିଦ୍ ହେଲା ସେ ଓଡ଼ିଆ ଲିପିରେ ହିଁ ପରୀକ୍ଷା ଦେବେ। କଲେଜର ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ପରିଶେଷରେ ସେ ଗଭର୍ନରଙ୍କ ପାଖକୁ ଯାଇଥିଲେ ଏବଂ ତାଙ୍କ ପାଖରେ ନିଜର ଦାବି ଉପସ୍ଥାପନ କରି ଓଡ଼ିଆ ଲିପିରେ ପରୀକ୍ଷା ଦେଇଥିଲେ। ପରାଧୀନ ଭାରତରେ ଏହା କିଛି ଛୋଟିଆ କଥା ନୁହେଁ।

ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଦୁଇ ତିନିଟି ଅଧିବେଶନରେ ସେ ଓଡ଼ିଶା ତରଫରୁ ଯୋଗ ଦେଇଥିଲେ। ସେଠାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସହଯୋଗ ନ ପାଇବାରୁ ସେ ଜାତୀୟ କଂଗ୍ରେସର ପରବର୍ତ୍ତୀ ଅଧିବେଶନକୁ ବର୍ଜନ କଲେ ଓ ଉତ୍କଳ ସମ୍ମିଳନୀ ମାଧ୍ୟମରେ ହିଁ ଆନ୍ଦୋଳନ ଜାରି ରଖିଲେ। ମଧୁବାବୁ ଥିଲେ ସ୍ୱାୟତ୍ତ ଶାସନର ବଳିଷ୍ଠ ଉଦ୍ୟୋକ୍ତା। ତାଙ୍କରି ପ୍ରଚେଷ୍ଟାରେ ବିହାର ଓଡ଼ିଶା ସ୍ୱାୟତ୍ତ ଶାସନ ଆଇନ ପ୍ରଣୀତ ହୋଇଥିଲା।

ମୋ- ୯୪୩୮୦୭୨୮୫୦

## ଏଇ ଭାରତରେ

ଓଳେଇବା କାର୍ଯ୍ୟରେ ଝାଡୁ ବ୍ୟବହାର କରାଯାଏ। ଏହା ପରିଷ୍କାର ଓ ପରିଚ୍ଛନ୍ନତାର ଏକ ପ୍ରତୀକ। କେନ୍ଦ୍ର ସରକାର ୨୦୧୪ରେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରିଥିଲେ। ଏହାର ଲକ୍ଷ୍ୟ ହେଉଛି ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା। ଏହାଦ୍ୱାରା ପରିବେଶ ଜୀବାଣୁମୁକ୍ତ ହେବା ସହିତ ବିଭିନ୍ନ ସଂକ୍ରାମକ ରୋଗକୁ ଦୂରେଇ ରଖାଯାଇ ପାରିବ। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ଉତ୍ସାହିତ ହୋଇ ରାଜସ୍ଥାନ ପଲାମୁର ଅଞ୍ଚଳର ଜଣେ ୨୨ ବର୍ଷ ବୟସ୍କ ଶିକ୍ଷକ ତିଆରି କରିଛନ୍ତି ୬୬ ଫୁଟର ଏକ ଝାଡୁ। ସେ ଏକ ସଂସ୍କୃତ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଏବେ ଏହି ଝାଡୁକୁ ରାଣାବାସସ୍ଥିତ ମେଘୱାଲ ଛାତ୍ରାବାସରେ ରଖାଯାଇଛି। ଏହା ବିଶ୍ୱ ରେକର୍ଡରେ ସ୍ଥାନିତ ହେବ ବୋଲି ଅଶୋକ ଆଶା ରଖିଛନ୍ତି। ଅଶୋକଙ୍କୁ ଏହି ଝାଡୁ ନିର୍ମାଣରେ ତାଙ୍କ ସାଥୀ ମଙ୍ଗିଲାଲ୍ ରାଠୋଡ୍, ସୁଖଦେବ ଗୋୟଲ, ବିନୋଦ କୁମାର ମେହେରା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୪ ଅକ୍ଟୋବର ୨ରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ମିଶନ ଦ୍ୱାରା ଅଶୋକ ଅନୁପ୍ରାଣିତ ହୋଇଥିଲେ। ଅଶୋକଙ୍କ ଝାଡୁ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ଯେ ଦେଶେ ଭ୍ରମଇ ମୁହିଁ ଯେତେ ପରସଙ୍ଗେ
ସ୍ମୃତି ତା'ର ଛାୟା ସମ ଚଳଇ ମୋ ସଙ୍ଗେ
ସେ ଆଖି ନିରେଖେ ମୋରେ
ନିଶିଦିନ ସଞ୍ଜ ଭୋରେ,
ସେ ବାହୁବନ୍ଧନ ମୋର ବେଢିଅଛି ଅଙ୍ଗେ
ସ୍ମୃତି ତା'ର ଛାୟା ସମ ଚଳଇ ମୋ ସଙ୍ଗେ।

(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଏପ୍ରିଲ ୧୯୯୪**

- ବହୁ ଚର୍ଚ୍ଚିତ ଏବଂ ବହୁ ପ୍ରତୀକ୍ଷିତ ଦକ୍ଷିଣ ଆଫ୍ରିକାର ପ୍ରଥମ ବର୍ଣ୍ଣବୈଷମ୍ୟହୀନ ଐତିହାସିକ ନିର୍ବାଚନ ଆରମ୍ଭ।
- ଚାଇନା ଏୟାରଲାଇନ୍ସର ଏକ ଯାତ୍ରୀବାହୀ ବିମାନ ଜାପାନର ନାଗୋୟା ବିମାନଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୨୫୦ ଜଣ ଯାତ୍ରୀଙ୍କ ପ୍ରାଣହାନି।

## ସୁ-ଡୋ-କୁ (su | do | ku)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | 5 | | 8 | | | | 9 | | | | B |
| E | | B | | | | | C | | | | D | 4 | | |
| | | | D | 7 | | | | 9 | 4 | | | | | |
| 9 | 6 | 4 | | | | | | | | | 3 | D | 8 | |
| | | | | 2 | | | | | | | | | 6 | 3 |
| | | | C | | 0 | A | E | | | D | | | | |
| | | | | | E | 7 | B | | | 8 | 9 | A | | |
| 0 | 7 | | | | | | | 2 | | 1 | | | 3 | 5 |
| D | E | | | | 3 | | | | | | 0 | B | 2 | 9 |
| | A | | 1 | | | | D | 8 | 3 | 2 | | | 0 | |
| | 2 | | A | | | 1 | 0 | | | 3 | E | | 7 | |
| | | | | | | | A | 7 | | | | | | |
| 8 | 9 | | E | | | C | | | | 0 | 5 | | | |
| A | D | | | | 7 | | | 6 | B | | | | | 2 |
| 3 | | 6 | | | 1 | | 2 | | | C | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 0 | 2 | 6 | 4 | 1 | 5 | E | D | C | A | 7 | 9 | 8 | 3 |
| 9 | E | D | 7 | A | 5 | C | 3 | 0 | 2 | 8 | B | 1 | 4 | 6 |
| 8 | 5 | A | B | 0 | 3 | 2 | 4 | 9 | 1 | E | 6 | 7 | C | D |
| 7 | 4 | 1 | D | E | C | A | 8 | 6 | 9 | 3 | 5 | 0 | 2 | B |
| 3 | C | 6 | 8 | 9 | 2 | 7 | B | 1 | 4 | D | 0 | A | E | 5 |
| 4 | 7 | 3 | A | B | 8 | D | 0 | 2 | E | C | 9 | 5 | 6 | 1 |
| 1 | D | B | 3 | 2 | 7 | 9 | 6 | 4 | 5 | 0 | 8 | C | A | E |
| 5 | 9 | E | C | D | 0 | 8 | 7 | A | 3 | 6 | 1 | 2 | B | 4 |
| 6 | 2 | 0 | 4 | 5 | E | 1 | C | 3 | D | B | A | 8 | 9 | 7 |
| A | 8 | C | 9 | 1 | 6 | E | 5 | B | 7 | 4 | 2 | D | 3 | 0 |
| D | 6 | 8 | 1 | C | B | 4 | 9 | 7 | A | 5 | E | 3 | 0 | 2 |
| 0 | 3 | 5 | 2 | 8 | A | B | 1 | C | 6 | 7 | 4 | E | D | 9 |
| 2 | B | 7 | E | 3 | 9 | 6 | A | 8 | 0 | 1 | D | 4 | 5 | C |
| C | 1 | 9 | 5 | 6 | 4 | 0 | D | E | 8 | 2 | 3 | B | 7 | A |
| E | A | 4 | 0 | 7 | D | 3 | 2 | 5 | B | 9 | C | 6 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ପରିବାରବାଦ

ମହାଶୟ,

ଆମ ଦେଶ ଗୋଟିଏ ଗଣତନ୍ତ୍ର ଦେଶ ହୋଇ ମଧ୍ୟ ଆମେ ବିଭିନ୍ନ କ୍ଷେତ୍ରରେ ଅଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନ କରିବାକୁ ପସନ୍ଦ କରୁଛୁ। ରାଜନୀତିରେ ପରିବାରବାଦର ପ୍ରଭାବ ଏବେ ଜୋର୍‌ଦାର ପରିଲକ୍ଷିତ ହେଉଛି। ନିର୍ବାଚନ ସମୟରେ ଟିକେଟ ପାଇଁ ଯେମିତି ବ୍ୟାପକ ଟଣାଓଟରା ଓ ଦଳବଦଳ ଘଟିଲା, ତାହା ଆଗରୁ କେବେ ଘଟି ନ ଥିଲା। ଦଳର ଯେ ସୁପ୍ରିମୋ ସେ ମଧ୍ୟ ଗଣତାନ୍ତ୍ରିକ ପଦ୍ଧତିରେ ନିଜେ ନିର୍ବାଚିତ ନ ହୋଇ, କିଏ କେଉଁ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ସ୍ଥିର କରୁଛନ୍ତି। ଦଳ ମଧ୍ୟରେ ଗଣତନ୍ତ୍ର ନ ଥିବା ବେଳେ ଶାସନ କ୍ଷେତ୍ରରେ କି ପ୍ରକାର ଗଣତାନ୍ତ୍ରିକ ଶାସନ ଚାଲିବ, ତାହା ସହଜରେ ଅନୁମେୟ। ବାପ, ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ, ଶାଶୁ ଶ୍ୱଶୁର ଓ ବୋହୂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଅତୀତ ଦିନର ରାଜା ମହାରାଜା ଶାସନକୁ ମନେପକାଇ ଦେଉଛି। ରାଜନେତାମାନେ କେତେବେଳେ ଫୁଲମାଳ ତ ଆଉ କେତେବେଳେ ଜୋତାମାଳ ପାଇଥାନ୍ତି। ତଥାପି ଅର୍ଥ, ପଦବୀ ପାଇଁ ସେମାନେ ପାଗଳ। ଏଥିପାଇଁ ଜଘନ୍ୟ ଅପରାଧ କରିବାକୁ ମଧ୍ୟ କୁଣ୍ଠାବୋଧ କରୁନାହାନ୍ତି। ଏହା ଦେଶ ତଥା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ସୁଶାସନର ପରିଭାଷା

ଗତବର୍ଷ ଜୁଲାଇରେ ବେଙ୍ଗାଲୁରସ୍ଥିତ ପବ୍ଲିକ ଆଫେୟାର୍ସ ଇଣ୍ଡେକ୍ସ ତରଫରୁ ଜାରି କରାଯାଇଥିବା ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ସୁଶାସନ ଦେବାରେ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ କେରଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତାମିଲନାଡୁ, କର୍ନାଟକ ଓ ଗୁଜରାଟ ଯଥାକ୍ରମେ ୨ୟ, ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏହି ରିପୋର୍ଟଟି ପ୍ରସ୍ତୁତ କଲାବେଳେ ଯେଉଁ ପ୍ରମୁଖ ୧୦ଟି କ୍ଷେତ୍ରକୁ ବିଚାରକୁ ନିଆଯାଇଥିଲା ତାହା ଥିଲା ମୌଳିକ ଭିତ୍ତିଭୂମି, ସାମାଜିକ ନିରାପତ୍ତା, ମହିଳା ଓ ଶିଶୁ ବିକାଶ, ଅପରାଧ ହାର, ପରିବେଶ ସୁରକ୍ଷା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ, ଆର୍ଥିକ ପରିଚାଳନା, ଅର୍ଥନୈତିକ ସ୍ୱାଧୀନତା, ଆଇନଶୃଙ୍ଖଳା ଓ ମାନବକଲ୍ୟାଣ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗତ ୫ବର୍ଷ ଧରି ଦେଶକୁ ସୁଶାସନ ଦେଇପାରିଛି ବୋଲି ଦାବି କରୁଥିବା ଭାରତୀୟ ଜନତା ପାର୍ଟି କେବେ ଏହି ଶ୍ରେଷ୍ଠ ଦୁଇଟି ରାଜ୍ୟରେ କ୍ଷମତାସୀନ ହୋଇପାରିନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ। – ସ୍ୱାମୀ ବିବେକାନନ୍ଦ






# ପାଣି ପାଇଁ ରାସ୍ତାରୋକୋ

## ଗରା ଡ଼େକଚି ଧରି ବଲାଙ୍ଗୀର–ଆଟଗାଁ ରାସ୍ତାରେ ବସିଲେ ମହିଳା

**ବଲାଙ୍ଗୀର ଅଫିସ, ୨୬।୪**

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏପରି ସମୟରେ ପାନୀୟ ଜଳ ସଙ୍କଟ ଯୋଗୁ ଚାରି ଆଡ଼େ ହାହାକାର ପଡିଛି। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା–ଖଲିଆପାଲିରେ ପାନୀୟ ଜଳସଙ୍କଟ ଉଗ୍ରରୂପ ଧାରଣ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର ଶତାଧିକ ମହିଳା ଓ ପୁରୁଷ ଗରା, ଡ଼େକଚି ଧରି ବଲାଙ୍ଗୀର–ଆଟଗାଁ ରାସ୍ତାକୁ ପ୍ରାୟ ୨ ଘଣ୍ଟା ଧରି ଅବରୋଧ କରିଥିଲେ। ପ୍ରଚଣ୍ଡ ଖରାରେ ମହିଳାମାନେ ରାସ୍ତା ଉପରେ ବସି ରହିଥିଲେ। ବିଷ୍ଣୁମୁଣ୍ଡା–ଖଲିଆପାଲି ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୭ ନମ୍ବର ୱାର୍ଡ ପରିସରରେ ଆସୁଥିଲେ ମଧ୍ୟ ସ୍ଥାନୀୟ ଜନସାଧାରଣ ବହୁ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏନେଇ ଅଞ୍ଚଳବାସୀ ବାରମ୍ବାର ମ୍ୟୁନିସିପାଲିଟି ଓ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ।

ଏହି ଅଞ୍ଚଳର ପାନୀୟ ଜଳ ସମସ୍ୟାକୁ ଆଖି ଆଗରେ ରଖି ୨୦୧୪ ମସିହା ପରେ ବିଭିନ୍ନ ସ୍ଥାନରେ ଟାଙ୍କି ନିର୍ମାଣ କରାଯାଇ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଇଥିଲା । ଏହାବାଦ୍ ପିଏଚ୍‌ଡି ପକ୍ଷରୁ ପାଇପ ବିଛା କାମ ଆରମ୍ଭ ହୋଇଥିଲା । ପାଇପ ବିଛା କାମ ସରିଥିଲେ ମଧ୍ୟ ପାଣି ଯୋଗାଣ ହୋଇନାହିଁ । ବହୁ ଘରକୁ ପାଇପ ସଂଯୋଗ କରାଯାଇଛି। ତେବେ ସେସବୁ କେବଳ ଲୋକଦେଖାଣିଆ ବୋଲି ଲୋକେ କହିଛନ୍ତି । ସକାଳେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଥିବା କୁହାଯାଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ବିଷ୍ଣୁମୁଣ୍ଡା ଓ ଖଲିଆପାଲି ଅଞ୍ଚଳର ଚାହିଦା ମୁତାବକ ଲୋକଙ୍କୁ ପାଣି ଯୋଗାଣ କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି । ବିଶେଷକରି ହରିଜନପଡା ଅଞ୍ଚଳର ଲୋକେ ପାଣି ପାଉ ନ ଥିବା ଅଭିଯୋଗ ହୋଇଛି। ପାଣି ଟ୍ୟାଙ୍କର ଆସି କେତେଜଣ ଲୋକଙ୍କୁ ପାଣି ଦେବା ପରେ ସେଠାରୁ ପଳାଇ ଯାଉଥିବାରୁ ବାକି ଲୋକେ ପାଣି ନ ପାଉ ନ ଥିବା କହିଛନ୍ତି। ଗତ ୩ ଦିନ ହେଲା ଏଠାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଇନାହିଁ । ତାପମାତ୍ରା ପ୍ରାୟ ୪୪ ଡିଗ୍ରୀକୁ ଛୁଇଁ ଥିବାବେଳେ ଲୋକେ ପାଣି ନ ପାଇ ଉହକବିକଳ ହେଉଛନ୍ତି । ଦୀର୍ଘ ସମୟ ଧରି ଲୋକେ ଟ୍ୟାଙ୍କରକୁ ଅପେକ୍ଷା କରୁଥିଲେ ମଧ୍ୟ ପାଣି ପାଇପାରୁନାହାନ୍ତି।

ଏହାର ପ୍ରତିବାଦରେ ଶୁକ୍ରବାର ଲୋକେ ଆନ୍ଦୋଳନପନ୍ଥା ଆପଣାଇ ଥିଲେ । ନିୟମିତ ଜଳଯୋଗାଣ ନ ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଅଟକି ରହିଥିଲା।ଲୋକେ ପ୍ରଚଣ୍ଡ ଖରାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାରମ୍ବାର ଫୋନ୍ କରିବା ପରେ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ (ଏସ୍‌ଡିଓ) ସୁବୋଧ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ବେହେରା ଘଟଣାସ୍ଥଳକୁ ଆସିଥିଲେ। ଆନ୍ଦୋଳନକାରୀମାନେ ଉଭୟ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ପ୍ରଚଣ୍ଡ ଖରାରେ ପାଣି ପାଇଁ ଆନ୍ଦୋଳନ କରିବା କଥାକୁ ବୁଝୁଛନ୍ତି କି ନାହିଁ କହିଥିଲେ। ଟ୍ୟାଙ୍କର ଯୋଗେ ପାଣି ଯୋଗାଣରେ ଜାଣିଶୁଣି ବ୍ୟତିକ୍ରମ କରାଯାଉଥିବା ଅଭିଯୋଗ କରିଥିଲେ ନିୟମିତ ଦିନକୁ ଦୁଇଥର ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ସହ ଆଗାମୀ ୧୦ ଦିନ ମଧ୍ୟରେ ପିଏଚ୍‌ଡି ପାଇପ୍ ସଂଯୋଗ କରିବାକୁ ଦାବି କରିଥିଲେ । ଏହା ନ ହେଲେ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କହିଥିଲେ। ଏସଡିଓ ନାୟକ ଓ କନିଷ୍ଠ ଯନ୍ତ୍ରୀ ବେହେରା ପ୍ରତିଦିନ ନିୟମିତ ଭାବେ ଦୁଇଥର ପାଣି ଯୋଗାଣ କରାଯିବ । ଆଗାମୀ ୧୦ ଦିନ ମଧ୍ୟରେ ପାଇପ୍ ସଂଯୋଗ କରାଯାଇ ପାଣି ଯୋଗାଣ କରିବାର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତାରୁ ହଟିଥିଲେ। ଏହାପରେ ସେଠାରେ ଟ୍ୟାଙ୍କର ଯୋଗେ ପାଣିଯୋଗାଣ କରାଯାଇଥିଲା। ଆନ୍ଦୋଳନ ସ୍ଥଳରେ ମ୍ୟୁନିସିପାଲିଟି କାଉନସିଲର ସତ୍ୟପୀର ପାତ୍ର ଉପସ୍ଥିତ ଥିଲେ ।


ପାନୀୟ ଜଳ ଯୋଗାଣ ଦାବିରେ ବିଷ୍ଣୁମୁଣ୍ଡା–ଖଲିଆପାଲିରେ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

- ପାଇପ୍ କାମ ସରିବା ପରେ ବି ପାଣି ଆସୁନାହିଁ
- ନିୟମିତ ପାଣି ନ ଆସିଲେ ଆନ୍ଦୋଳନ ଜୋରଦାର ହେବ

# ନିରଞ୍ଜନଙ୍କ ମୃତ୍ୟୁ ଘଟଣାକୁ ନେଇ ବିବାଦ

**ଭୁବନେଶ୍ୱର(ବ୍ୟୁରୋ)/ଡୁଙ୍ଗୁରିପାଲି, ୨୬।୪(ଡ଼.ଏନ.ଏ.)**

**ପୋଲିସ୍ ବିରୋଧରେ ଅଭିଯୋଗ ଆଣିଲା ଭାଜପା**

ବଲାଙ୍ଗୀର ଜିଲାର ନିରଞ୍ଜନ ସାହୁ ପୋଲିସ ମାଡରେ ମୃତ୍ୟୁ ହୋଇଛି ବୋଲି ଭାଜପା ଅଭିଯୋଗ କରିଛି। ନିରଞ୍ଜନଙ୍କ ପରିବାର ଲୋକ ମଧ୍ୟ ସମାନ ଅଭିଯୋଗ କରିଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ନିରଞ୍ଜନ ପୋଲିସ ମାଡରେ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ହେଲେ ଶାସକ ଦଳ ଚାପରେ ଏବଂ ପୋଲିସକୁ ବଞ୍ଚାଇବା ପାଇଁ ଡାକ୍ତର ଏହାକୁ ଅନ୍ୟରୂପ ଦେବାକୁ ଚେଷ୍ଟା କରୁଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ବଲାଙ୍ଗୀର ଯାଇଥିବାବେଳେ ନିରଞ୍ଜନ ପ୍ରତିବାଦ କରିଥିଲେ, ଯେଉଁଥି ପାଇଁ ପୋଲିସ ତାଙ୍କୁ ନିଷ୍ଠୁର ପିଟିଥିଲା । ଏହା ଏକ ରାଜନୈତିକ ହତ୍ୟା, ଯାହା ପୋଲିସ ଦ୍ୱାରା ସରକାରୀ ଦଳ କରାଇଲା ବୋଲି ସମୀର ଅଭିଯୋଗ କରିଛନ୍ତି। ଗଣତନ୍ତ୍ରରେ ଯିଏ ପ୍ରତିବାଦ କରିବ ତାକୁ ମୃତ୍ୟୁଦଣ୍ଡ ମିଳିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସମୀର କହିଛନ୍ତି, ଏତେ ରାଜନୈତିକ ଅସହିଷ୍ଣୁତା ଆଗରୁ ଓଡିଶାରେ କେବେ ହୋଇ ନ ଥିଲା, ଯାହା ଏବେ ହେଉଛି । ବିଜେଡି ସରକାରରେ ଅନ୍ୟାୟ,ଅନୀତି ସୀମା ଲଙ୍ଘିଲାଣି ବୋଲି ସେ କହିଛନ୍ତି । ଅନ୍ୟପଟେ ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅର୍କେଶ ସିଂ ଦେଓ କହିଛନ୍ତି, ଭାଜପା ମିଥ୍ୟା ଅଭିଯୋଗ କରୁଛି। ଏ ପର୍ଯ୍ୟନ୍ତ ହତ୍ୟାର କାରଣ ଜଣାପଡି ନାହିଁ ଏହି ଘଟଣାରେ ଡାକ୍ତରୀ ରିପୋର୍ଟ ଆସିବାପରେ ସବୁ ଜଣାପଡିଯିବ ବୋଲି ଅର୍କେଶ କହିଛନ୍ତି। ଆମ ଡୁଙ୍ଗୁରିପାଲି ଖବରଦାତା ଜଣାଇଛନ୍ତି, ଡୁଙ୍ଗୁରିପାଲି ପୋଲିସ ନିରଞ୍ଜନଙ୍କ ଶ୍ୱଶୁର ଚକ୍ରଧର ସାହୁ ଓ ଭାଇ ନକୁଳ ସାହୁଙ୍କୁ ପଚରାଉଚୁରା କରିଛି। ସେମାନଙ୍କ କହିବା ଅନୁସାରେ ନିରଞ୍ଜନ ବାଥରୁମରୁ ଆସିବା ପରେ ହଠାତ ପଡି ଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଅଣାଯାଇଥିଲା। ଡୁଙ୍ଗୁରିପାଲି ଡାକ୍ତରଖାନାର ଡାକ୍ତର ଶାନ୍ତନୁ କୁମାର ମେହେରଙ୍କ କହିବା ଅନୁସାରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ନିରଞ୍ଜନଙ୍କ ମୃତ୍ୟୁ ହୋଇ ସାରିଥିଲା। ତାଙ୍କ ଶରୀରରେ କୌଣସି ପ୍ରକାର କ୍ଷତ ଚିହ୍ନ ନ ଥିବା ସେ କହିଛନ୍ତି। ତେବେ କେଉଁ କାରଣରୁ ଯୁବକ ଜଣଙ୍କ ମୃତ୍ୟୁ ହେଲା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ଡୁଙ୍ଗୁରିପାଲି ପୋଲିସ ଓ ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୯/ ୨୫)ରୁଜୁ ହୋଇଛି।

## ମହିଳାମାନେ ଭିନ୍ନକ୍ଷମ ଶିଶୁ ଜନ୍ମ କରୁଥିବା ପ୍ରସଙ୍ଗ

# କୁଲିଙ୍ଗାମାଲରେ ପହଞ୍ଚିଲା ଡାକ୍ତର ଟିମ୍

**ନୂଆପଡ଼ା ଅଫିସ,୨୬।୪**

ନୂଆପଡ଼ା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କୁଲିଙ୍ଗାମାଲ ଗାଁରେ ଆଜକୁ ୩/୪ବର୍ଷ ହେବ ମହିଳାମାନେ ଭିନ୍ନକ୍ଷମ ଶିଶୁଙ୍କୁ ଜନ୍ମ ଦେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ପରେ ଜିଲା ପ୍ରଶାସନ ତତ୍ପର ହୋଇପଡିଛି । ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ବିଶେଷଜ୍ଞ ଟିମ୍ ଗାଁକୁ ଯାଇ ସରଜମିନ ତଦନ୍ତ କରିଛନ୍ତି । ଏହା ଉପରେ ବିଶେଷ ପଦକ୍ଷେପ ନିଆଯିବ ବୋଲି ବିଭାଗ ତରଫରୁ କୁହାଯାଉଛି ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଏପିଡେମୋଲଜିଷ୍ଟ ଡା. ବଜରଙ୍ଗବଲି ଜଗତଙ୍କ ନେତୃତ୍ୱରେ ଏକ ୬ ଜଣିଆ ବିଶେଷଜ୍ଞ ଟିମ୍ ଶୁକ୍ରବାର କୁଲିଙ୍ଗାମାଲଗାଁରେ ପହଞ୍ଚିଥିଲେ । ସେଠିକାର ମାଲପଡାକୁ ଯାଇ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ଯେଉଁ ମହିଳାମାନେ ଭିନ୍ନକ୍ଷମ ଶିଶୁଙ୍କୁ ଜନ୍ମ ଦେଇଛନ୍ତି ଏବଂ ଯେଉଁମାନେ ବର୍ତ୍ତମାନ ଗର୍ଭବତୀ ରହିଛନ୍ତି, ସେମାନଙ୍କୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରକୁ ଡକାଯାଇଥିଲା । ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜନ୍ମ ପୂର୍ବରୁ କ'ଣ ସେବା ଦିଆଯାଇଛି ଏବଂ ଜନ୍ମ ପରେ କ'ଣ ସବୁ ଲକ୍ଷଣ ପ୍ରକାଶ ପାଇଛି ତାର ତର୍ଜମା କରାଯାଇଥିଲା । ବିଭିନ୍ନ ପ୍ରସଙ୍ଗ ଉପରେ ଡାକ୍ତରମାନେ ପଚାରି ବୁଝିଥିଲେ । ଏହାର କାରଣ ସମ୍ପର୍କରେ ଡାକ୍ତର ଟିମ୍‌କୁ ପଚାରିବାରୁ ଏହାର ବିଭିନ୍ନ କାରଣ ରହିଛି । ତନ୍ମଧ୍ୟରୁ କମ୍ ବୟସରେ ବିବାହ କରିବା, କମ୍ ସମୟ ବ୍ୟବଧାନରେ ଶିଶୁ ଜନ୍ମ ଦେବା, ପାନୀୟ ଜଳରେ କୌଣସି ଆବଶ୍ୟକ ଉପାଦାନ କମ୍ ରହିବା, ନିଶାଦ୍ରବ୍ୟ ସେବନ ଆଦି କାରଣ ହୋଇଥାଇ ପାରେ ବୋଲି ଡାକ୍ତରମାନେ କହିଥିଲେ । ଏହା ଉପରେ ବିଶେଷ ନିରୀକ୍ଷଣ କରାଯାଉଛି ବୋଲି ଟିମ୍ ସଦସ୍ୟ କହିଛନ୍ତି । ପଦକ୍ଷେପ ସମ୍ପର୍କରେ ଟିମ୍ ମୁଖ୍ୟ ଡା. ଜଗତଙ୍କୁ ପଚାରିବାରୁ ଏହା ଉପରେ ତର୍ଜମା ଚାଲିଛି। ସିଡିଏମଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ସେ ପଦକ୍ଷେପ ନେବେ ବୋଲି ଡା. ଜଗତ କହିଛନ୍ତି । ଡାକ୍ତରୀ ଟିମ୍ ଦୀର୍ଘ ୪ ଘଣ୍ଟା ଧରି ଗାଁରେ ରହିବା ପରେ ଫେରି ଯାଇଛନ୍ତି। ଏହି ଟିମ୍‌ରେ ଚକ୍ଷୁ ରୋଗ ବିଶେଷଜ୍ଞ ରମାକାନ୍ତ ସାହୁ, ଇଏନଟି ବିଶେଷଜ୍ଞ ଡା. ଧନଞ୍ଜୟ ଭୁଏ, ଅଡିଓଲଜିଷ୍ଟ ଡା.ଘନଶ୍ୟାମ ସାହୁ, ଡିଏମ୍ ଆରସିଏଚ ଆର.ଆର. ମେହେର, ଆରବିଏସକେ ମ୍ୟାନେଜର ମୁକେଶ କୁମାର ଭୋଇ, ଡକ୍ଟର ମନୋଜ ସାହୁ ପ୍ରମୁଖ ସାମିଲ ଥିଲେ । କେବଳ କୁଲିଙ୍ଗାମାଲ ନୁହେଁ ବୋଡେନ ବ୍ଲକର ବହୁ ଗାଁରେ ଏଭଳି ସ୍ଥିତି ରହିଛି। ଏହାକୁ ଜିଲା ପ୍ରଶାସନ ଗୁରୁତର ସହ ବିଚାର କରି ପରୀକ୍ଷା ନିରୀକ୍ଷା କରିବା ଜରୁରୀ ହୋଇପଡିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ବିଶେଷଜ୍ଞ ଟିମ ରୋଗୀମାନଙ୍କୁ ପରୀକ୍ଷା ନିରୀକ୍ଷା କରୁଛନ୍ତି ।

- ସରଜମିନ ତଦନ୍ତ କଲେ ବିଶେଷଜ୍ଞ
- କାରଣ ଖୋଜୁଛି ଜିଲା ପ୍ରଶାସନ

# କେନ୍ଦ୍ରାପଡ଼ା ବିକାଶ ମୋ ଦାୟିତ୍ୱ: ନବୀନ

**କେନ୍ଦ୍ରାପଡ଼ା ଅଫିସ୍/ ମହାକାଳପଡା/ ପାଟକୁରା/ମାର୍ଶାଘାଇ (ଡି.ଏନ୍.ଏ.)/ ଡେରାବିଶ (ସ୍ୱ.ପ୍ର.), ୨୬।୪**

କେନ୍ଦ୍ରାପଡ଼ା ବିକାଶ ମୋର ଦାୟିତ୍ୱ। ବିଜୁବାବୁଙ୍କ କର୍ମସ୍ଥଳୀର ଉନ୍ନତି ଦିଗରେ ରାଜ୍ୟ ସରକାର ସବୁବେଳେ ଦୃଷ୍ଟି ଦେଉଥିବା ବେଳେ ଚଳିତ ନିର୍ବାଚନରେ ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାଠାରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ବେଳେ ମହାକାଳପଡ଼ା ବ୍ଲକ ଅଧୀନ ଖରିନାସୀ ପଞ୍ଚାୟତ ହରିଆବାଙ୍କ ପଡ଼ିଆଠାରେ ହେଲିକପ୍ଟରରୁ ଓହ୍ଲାଇଥିଲେ। ସେଠାରେ ତାଙ୍କୁ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ଓ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ହାଇଟେକ ବସ୍‌ରେ ବସି ରୋଡ ଶୋ ରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ସମ୍ପର୍କରେ କହିଥିଲେ। ରୋଡ୍ ଶୋ ବେଳେ ବିଭିନ୍ନ ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱରେ ସାଧାରଣ ଜନତା ମୁଖ୍ୟମନ୍ତ୍ରୀଙ୍କୁ ହାତ ହଲାଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ଏମ୍‌ପି ପ୍ରାର୍ଥୀ ଅନୁଭବ ଓ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀଙ୍କୁ ବିଜୟୀ କରାଇବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଗୁ ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ଏହାପରେ ମୁଖ୍ୟମନ୍ତ୍ରୀ ମାର୍ଶାଘାଇ ବ୍ଲକର ବାଲଣା, ଜିରଙ୍ଗ, କେନାଲ ବ୍ରିଜ ଅଦି ସ୍ଥାନରେ ରୋଡ ଶୋ କରି ଅପରାହ୍ନ ୨ଟା ବେଳେ ପାଟକୁରା ବ୍ଲକ ବେଡାରୀଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ପ୍ରଚଣ୍ଡ ଖରାରେ ପ୍ରାୟ ୨ହଜାର ଜନତା ଉପସ୍ଥିତ ଥିବା ବେଳେ ମୁଖ୍ୟମନ୍ତ୍ରୀ ଗାଡ଼ିରୁ ବାହାରି ନ ଥିବା ବେଳେ ବସ୍ ଅଟକା ଯାଇ ନ ଥିଲା। ଫଳରେ ବହୁ ଜନତା ନିରାଶ ହୋଇ ଫେରିଯାଇଥିଲେ। ମୁଖ୍ୟମନ୍ତ୍ରୀ ଗରଦପୁର ଡାକ ବଙ୍ଗଳାରେ ମଧ୍ୟାହ୍ନ ଭୋଜନ କରିବା ସହିତ ବିଶ୍ରାମ ନେବା ପରେ ଅପରାହ୍ନ ପ୍ରାୟ ୩ଟା ବେଳେ ପାଟକୁରାର ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଥିଲେ। ଏଥିରେ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପୁଅ ସଞ୍ଜୟ ଅଗ୍ରୱାଲ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜେଶ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟା ବେଳେ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ଇନ୍ଦାଲୋଠାରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ ରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଖଦିବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ପ୍ରାଧ୍ୟାପକ ଅଜୟ ରାଉତ, ବରିଷ୍ଠ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ବିଜେଡି ଯୁବନେତା ରଘୁନନ୍ଦନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଇଚ୍ଛାପୁରସ୍ଥିତ ବଳଦେବଜୀଉଙ୍କ ଦର୍ଶନ କରି ସହର ମଧ୍ୟରେ ରୋଡ ଶୋ କରିଥିଲେ।


ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାରାଥନ ପ୍ରଚାର।

- ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର
- ବେଡାରୀରେ ଅଟକିଲାନି ନବୀନଙ୍କ ହାଇଟେକ୍ ବସ୍
- ପ୍ରଚଣ୍ଡ ଖରାରେ ଅପେକ୍ଷା କରିଥିବା ଲୋକେ ନିରାଶ

# ବିଜୁ ଯୁବ ବାହିନୀ ଦ୍ୱାରା କେନ୍ଦ୍ରାପଡାରେ ବୁଥ ରିଗିଂ ଆଶଙ୍କା

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ତଥା ବିଜୁଯୁବ ବାହିନୀର ପୂର୍ବତନ ସିଇଓ ଅରୂପ ପଟ୍ଟନାୟକ କେନ୍ଦ୍ରପଡାରେ ପହଞ୍ଚି ଯୁବ ବାହିନୀର ସଦସ୍ୟଙ୍କୁ ବିଜେଡି ଦଳର ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ସରକାରୀ ରାଜକୋଷରୁ ଦରମା ନେଉଥିବା ଯୁବ ବାହିନୀ ସଦସ୍ୟଙ୍କୁ ଯୋଜନାବଦ୍ଧ ଭାବେ କିପରି ବୁଥଗୁଡିକୁ ରିଗିଂ ଏବଂ କ୍ୟାପଚରିଙ୍ଗ କରାଯିବ ତାହାର ତାଲିମ ଦିଆଯାଉଛି । ଖୋଦ୍ ଅରୂପ ପଟ୍ଟନାୟକ ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କୁ ବୁଥ ରିଗିଂ ଓ ଜବର ଦଖଲ କରିବାର ଟିପସ ଦେଉଥିବାର ପ୍ରମାଣ ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଛି ବୋଲି ଭାଜପା ଅଭିଯୋଗ କରିଛି । ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ତୁରନ୍ତ ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କ ସହ ଅରୂପ ପଟ୍ଟନାୟକଙ୍କୁ ତୁରନ୍ତ କେନ୍ଦ୍ରପଡାରୁ ବାହର କରାଯାଉ ବୋଲି ଦାବି କରିଛି ।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ, ୨୬।୪**

ବଲାଙ୍ଗୀର ରେଲୱେ ଷ୍ଟେଶନ୍‌ର ଖୁଜେନ୍‌ପାଲି ଲେଭଲ କ୍ରସିଂ ନିକଟ ପୋଲ ପାଖ ରେଲଧାରଣାରେ ଶୁକ୍ରବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖାଯାଇଥିଲା। ରେଳବାଇ ଥାନା ପୋଲିସ ଘଟଣାର ତଦନ୍ତ କରିବା ସହ ମୃତଦେହ ଉଦ୍ଧାର କରିଥିଲା । ମୃତ ଯୁବକ ଜଣକ ଅଜୟ କୁମାର ମିଶ୍ର (୨୨) ଓ ତାଙ୍କ ଘର ବଲାଙ୍ଗୀର ସହର ତୁଳସୀନଗର ବୋଲି ଜଣାପଡିଛି । ଗୁରୁବାର ବିଳମ୍ବିତ ରାତିରେ ଯୁବକ ଜଣକ କେଉଁ ଏକ ଅଜଣା ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି । ଏହାକୁ କେତେକ ଆତ୍ମହତ୍ୟା ବୋଲି ସନ୍ଦେହ କରୁଥିବାବେଳେ ରେଳବାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ଯାଇ ମୃତ୍ୟୁର କାରଣ ସମ୍ପର୍କରେ କିଛି କୁହାଯାଇପାରିବ ବୋଲି କହିଛନ୍ତି। ଏନେଇ ରେଳବାଇ ଥାନାରେ ଏକ ମାମଲା (ନଂ.୨୧/୧୯) ରୁଜୁ କରାଯାଇଛି।

# ଜଙ୍ଗଲ ଜମିରେ ପ୍ରସ୍ତାବିତ ପଞ୍ଚାୟତ ଗୃହ ନିର୍ମାଣ ଉପରେ ଏନ୍‌ଜିଟି ରୋକ୍

**କଟକ ଅଫିସ, ୨୬।୪**

ଦେବଗଡ଼ ଜିଲା ବାରକୋଟ ତହସିଲ ଅଧୀନ ଗୋଳାବନ୍ଧ ପଞ୍ଚାୟତର ପ୍ରସ୍ତାବିତ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନ୍‌ଜିଟି) ରୋକ ଲଗାଇଛନ୍ତି। ଗୋଳାବନ୍ଧ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ଗ୍ରାମବାସୀ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ତେବେ ସ୍ଥାନ ନିରୂପଣ ନେଇ ଅନେକ ସମୟରେ ବିବାଦ ଦେଖାଦେଇଥିବାବେଳେ ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରିଛନ୍ତି। ଅନେକ ସମୟରେ ରାସ୍ତାବନ୍ଦ ଓ ଧାରଣା ମଧ୍ୟ ଦେଇଛନ୍ତି। ନୂଆ ପଞ୍ଚାୟତ ହେବା ପରଠାରୁ ଗ୍ରାମବାସୀ ଗ୍ରାମ ମଧ୍ୟରେ ଏକ ସ୍ଥାନ ଚିହ୍ନଟ କରି ସେଠାରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଏକ ଗ୍ରାମସଭା ଆୟୋଜନ କରି ପ୍ରସ୍ତାବ ପାରିତ କରିଥିଲେ। ଏ ନେଇ ବିଡିଓ, ତହସିଲଦାର ଓ ପିଡି ଡିଆର୍‌ଡିଏଙ୍କୁ ସେମାନେ ଅବଗତ କରାଇଥିଲେ। ହେଲେ ଗ୍ରାମସଭାର ପ୍ରସ୍ତାବକୁ ଅଣଦେଖା କରାଯାଇ ଗ୍ରାମଠାରୁ ୨ କିମି ଦୂର ଏକ ସାବିକ କିସମ ଜଙ୍ଗଲ ଜମିରେ ଅଫିସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯିବା ସହ ଦେବା ସହିତ କାର୍ଯ୍ୟ ଆରମ୍ଭ ପାଇଁ ଗତ ଫେବୃୟାରୀ ୮ ତାରିଖରେ ପ୍ରଚେଷ୍ଟା କରାଯାଇଥିଲା। ଏହାକୁ ବିରୋଧ କରି ଉକ୍ତ ଅଞ୍ଚଳର ପ୍ରହଲ୍ଲାଦ ପ୍ରଧାନ, ଭିକାରୀ ଚରଣ ସାହୁ, ବିପିନ ବିହାରୀ ସାହୁ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୯ ତାରିଖରେ ଏହାର ଶୁଣାଣି କରି ଖାତା ନଂ. ୧୯୭, ପ୍ଲଟ ନଂ. ୧୬୩୭, ସାବିକ କିସମ ବଡ ଜଙ୍ଗଲ ଜମି ଉପରେ ପ୍ରସ୍ତାବିତ ପଞ୍ଚାୟତ ଅଫିସ ଗୃହ ନିର୍ମାଣ ଉପରେ ଏନ୍‌ଜିଟି ରୋକ ଲଗାଇଛନ୍ତି। ଏତଦ୍‌ବ୍ୟତୀତ ଦେବଗଡ଼ ଜିଲାପାଳ ଓ ଦେବଗଡ଼ ବନଖଣ୍ଡ ଅଧିକାରୀ ସ୍ଥାନ ପରିଦର୍ଶନ କରି ୨ ମାସ ମଧ୍ୟରେ ଏନ୍‌ଜିଟିକୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏହି ମାମଲାରେ ପଞ୍ଚାୟତିରାଜ ବିଭାଗ, ପରିବେଶ ଓ ଜଙ୍ଗଲ ବିଭାଗ, ବିଡିଓ ବାରକୋଟ୍, ଦେବଗଡ ପିଡି ଡିଆର୍‌ଡିଏ, ଜିଲାପାଳ, ଡିଏଫ୍‌ଓ ଏବଂ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୫ ତାରିଖରେ ହେବା ପାଇଁ ଧାର୍ଯ୍ୟ କରାଯାଇଥିବା ନେଇ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଶଙ୍କର ପ୍ରସାଦ ପାଣି କହିଛନ୍ତି।

**IN THE DEBTS RECOVERY TRIBUNAL : CUTTACK**
**C-71, SECTOR-7, CDA, CUTTACK-753014.**
**S.A. No. 124/2018**

**Between**
**State Bank Of India** ...Applicant
Vs.
**Smt. Bishnupriya Satpathy and others** ...Defendants

1. **Smt. Bishnupriya Satpathy,** aged about 60 yrs, W/o- Sri Dinabandhu Mishra residing at Khandagiri Plaza, K-10, Aiginia, Kolathia, Bhubaneswar-751019.
4. **DRM Infrastructure Pvt. Ltd.** having its regd. office at Plot No.: N-5/97, IRC Village, Bhubaneswar-751015 represented by its Managing Director.
5. **Sri Dhruti Ranjan Mohanty,** aged about 38 yrs. S/o: Sri Dhruba Charan Mohanty residing At/P.O.: Mendhasala, P.S.: Chandaka, Dist.: Khurda.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED.**

Whereas the applicant has instituted an application under Section 17 of the Securitisation & Reconstruction of Financial Assets and Enforcement of Security Interest Act, 2002 (herein referred to as the said Act) against you before the Tribunal bearing No. **SA No. 124/18** praying reliefs mentioned in the said application.

You are hereby required to show cause on **25.05.2019** at **10.30 AM** before the Ld. Registrar of this Tribunal, in person or by a pleader / advocate duly instructed as to why the reliefs prayed for should not be granted.

Take notice that in case of your default the application shall be heard and determined in your absence.

Given under hand and seal of this tribunal on this **16th day of Month April of 2019.**

**Sd/- Registrar**
**Debts Recovery Tribunal**



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

# ଆକାଉଣ୍ଟକୁ ଟଙ୍କା ପଠାଇଲେ ଯୁକ୍ତ ୨ ପାସ୍

**ନୟାଗଡ଼ ଅଫିସ,୨୬।୪**

ନୟାଗଡ଼ ଜିଲାର ଯୁକ୍ତ ୨ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ନିକଟକୁ ଆସୁଛି ଫୋନ୍ କଲ୍। ପରୀକ୍ଷାରେ ଗୋଟିଏ ବିଷୟରେ ତୁମେ ଫେଲ୍ ହୋଇଯାଇଛ, ପାସ୍ କରିବା ପାଇଁ ଆକାଉଣ୍ଟରେ ୩ରୁ ୬ ହଜାର ଟଙ୍କା ପଠାଇବାକୁ କୁହାଯାଉଛି। ଟଙ୍କା ଡିପୋଜିଟ ପରେ ତୁମେ ପାସ୍ କରିବ ବୋଲି ମଧ୍ୟ ସୂଚନା ଦିଆଯାଉଛି। ଏପରି କି କେତେଜଣ ଛାତ୍ର ଉକ୍ତ ଆକାଉଣ୍ଟରେ ଟଙ୍କା ପଇଠ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଏସ୍ ଭାଗ୍ୟଲକ୍ଷ୍ମୀ ମହାପାତ୍ର କୁହନ୍ତି, ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ତାଙ୍କ ବାପା ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ମୋବାଇଲ୍‌କୁ ଏକ ଫୋନ୍ କଲ୍ ଆସିଥିଲା। ସୁରେଶ ଘରକୁ ଆସି ଏ ବିଷୟରେ ଝିଅକୁ ଜଣାଇବା ସହ ଉକ୍ତ ବ୍ୟକ୍ତି ତୋ ସହିତ କଥା ହେବାକୁ ଚାହୁଁଥିବା କହିଥିଲେ। ଭାଗ୍ୟଲକ୍ଷ୍ମୀ ଉକ୍ତ ନମ୍ବରରେ ଫୋନ୍ କରିବାରୁ ସେପଟୁ ଜଣେ ବ୍ୟକ୍ତି ତୁମର ପଦାର୍ଥ ବିଜ୍ଞାନ (ଫିଜିକ୍ସ)ରେ ୫ ମାର୍କ କମିଯାଇଛି, ତେଣୁ ତୁମେ ଯୁକ୍ତ ୨ରେ ଫେଲ୍ ହୋଇଯିବ। ଭାଗ୍ୟଲକ୍ଷ୍ମୀ ଏ ବିଷୟରେ ବାପାଙ୍କୁ କହିଥିଲେ। ସୁରେଶ ଉକ୍ତ ବ୍ୟକ୍ତିଙ୍କୁ ଭାଗ୍ୟଲକ୍ଷ୍ମୀଙ୍କ ରୋଲ୍ ନମ୍ବର ପଚାରିଥିଲେ। ଆଶ୍ଚର୍ଯ୍ୟର କଥା ବ୍ୟକ୍ତି ଜଣକ ଭାଗ୍ୟଲକ୍ଷ୍ମୀଙ୍କ ଠିକ୍ ରୋଲ୍ ନମ୍ବର କହି ଦେଇଥିଲେ। କ'ଣ କରାଯିବ ପଚାରିବାରୁ ମୁଁ ତୁମକୁ ଗୋଟିଏ ଆକାଉଣ୍ଟ ନମ୍ବର ମେସେଜ୍ କରୁଛି। ତୁମେ ସେଥିରେ ୩ ହଜାର ଟଙ୍କା ପଠାଇଲେ ପାସ୍ ହୋଇଯିବ ବୋଲି ବ୍ୟକ୍ତି ଜଣକ କହିଥିଲେ। ପରେ ସୁରେଶ ଏ ନେଇ ଝିଅ କୋଚିଂ ନେଉଥିବା ନିଷ୍ଟ ସେଣ୍ଟରର ଶିକ୍ଷକଙ୍କୁ ଜଣାଇଥିଲେ। ଶିକ୍ଷକ ଜଣକ ତୁମେ କୌଣସି ଟଙ୍କା ପଠାଅ ନାହିଁ ବୋଲି କହିଥିଲେ। ସେହିପରି ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ସରିତାରାଣୀ ପୂଜାରୀ କହନ୍ତି, ସେ ଓ ତାଙ୍କ ଭଉଣୀ କବିତାରାଣୀ ପୂଜାରୀ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ୯ଟା ୪୦ ମିନିଟରେ ତାଙ୍କ ମୋବାଇଲ୍‌କୁ କଲ୍ ଆସିଥିଲା। ସେପଟୁ ଜଣେ ବ୍ୟକ୍ତି ହିନ୍ଦୀରେ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ତୁମେ ଯୁକ୍ତ ୨ ପରୀକ୍ଷା ଦେଇଛ, ସବୁଥିରେ ତୁମର ପାସ୍ ମାର୍କ ରହିଛି ହେଲେ ଗଣିତରେ ୨୮ ମାର୍କ ଅଛି। ତେଣୁ ତୁମେ ଫେଲ୍ ହୋଇଯିବ। ପାସ୍ କରିବାକୁ ଚାହୁଁଥିଲେ ଆମକୁ

- **ଫୋନ୍‌ରେ ଦାବି କରାଯାଉଛି ୩ରୁ ୬ ହଜାର ଟଙ୍କା**
- **ଚିନ୍ତାରେ ଛାତ୍ରୀଛାତ୍ର, ଅଭିଭାବକ**

ଟଙ୍କା ପଠାଅ ବୋଲି କହିଥିଲେ। ସରିତା ତୁମେ କିଏ ବୋଲି ପଚାରିବାରୁ ସେପଟୁ ବ୍ୟକ୍ତି ଜଣକ ମୁଁ ବୋର୍ଡରୁ କହୁଥିବା କହିଥିଲେ। ପରେ ସରିତା ଏ ବିଷୟରେ ନିଷ୍ଟ କୋଚିଂ ସେଣ୍ଟରର ଶିକ୍ଷକଙ୍କୁ ଜଣାଇ ମୋବାଇଲ୍‌ରେ ଉକ୍ତ ନମ୍ବରକୁ ବ୍ଲକ୍ କରି ଦେଇଥିଲେ। ଶୁକ୍ରବାର ଗୋଟିଏ ଦିନରେ ଜିଲାର ଯୁକ୍ତ ୨ ପରୀକ୍ଷା ଦେଇଥିବା ଅଧିକାଂଶ ଛାତ୍ରୀଛାତ୍ରଙ୍କ ନିକଟକୁ ଏଭଳି କଲ୍ ଓ ମେସେଜ୍ ଆସିଛି। ପାସ୍ କରାଇଦେବା ପାଇଁ କାହାକୁ ୩ ହଜାର ତ ଆଉ କାହାଠାରୁ ୬ ହଜାର ଟଙ୍କା ଦାବି କରାଯାଇଛି। ଜଣେ ଛାତ୍ର ମଧ୍ୟ ଆକାଉଣ୍ଟରେ ୬ ହଜାର ଟଙ୍କା ଡିପୋଜିଟ୍ କରିଛନ୍ତି। କଲ୍ ଆସିଥିବା ଦୁଇଟି ମୋବାଇଲ୍ ନମ୍ବର ହେଲା ୦୭୬୩୨୯୪୮୮୯୧ ଓ ୦୯୫୭୦୫୭୦୧୦୧। ଦୁଇଟି ଏସ୍‌ବିଆଇ ଆକାଉଣ୍ଟ ନମ୍ବର ହେଲା ୩୮୩୩୨୮୨୬୫୬୭୪ ଓ ୩୮୦୨୪୯୭୧୧୮୯। ଏହି ଆକାଉଣ୍ଟ ବାଙ୍ଗାଲୋରର ବୋଲି ଜଣାପଡ଼ିଛି। ଏ ନେଇ ନିଷ୍ଟ କୋଚିଂ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ବିକାଶ ଷଡ଼ଙ୍ଗୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଶିକ୍ଷାନୁଷ୍ଠାନରେ କୋଚିଂ ନେଇଥିବା ୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୬ ଜଣଙ୍କ ପାଖକୁ ଏଭଳି ଫୋନ୍ କଲ୍ ଆସିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଟିସିଏସ୍ (ଟାଟା କନ୍‌ସଲଟାନ୍ସି ସର୍ଭିସ) କିଛିବର୍ଷ ହେଲା ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍‌ରେ ଖାତା ଦେଖିବା ପାଇଁ ଟେଣ୍ଡର ନେଇଥିଲା। ହେଲେ ଚଳିତବର୍ଷ ଏହା ଅନ୍ୟ ଏକ ସଂସ୍ଥାକୁ ଦିଆଯାଇଛି। ସେହିଠାରୁ କିମ୍ବା ବୋର୍ଡ କାର୍ଯ୍ୟାଳୟରୁ ପିଲାମାନଙ୍କ ଏହି ତଥ୍ୟ ପ୍ରଘଟ କରାଯାଇଥିବା ଆଲୋଚନା ହେଉଛି। ବର୍ତ୍ତମାନ ଯୁକ୍ତ ଦୁଇ ଖାତାଦେଖା ଚାଲୁଥିବାରୁ ଏହି କଥା ସତ ହୋଇଯିବ ଭାବି ଅଭିଭାବକଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନେ ଚିନ୍ତାରେ ଅଛନ୍ତି। ଏ ଦିଗରେ ଉଚ୍ଚଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। ନୟାଗଡ଼ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କହନ୍ତି, ଥାନାରେ ଅଭିଯୋଗ ହେବା ପରେ ଏହାର ତଦନ୍ତ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଦ୍ମପୁଷ୍ପ ହୋଇ ସେ କିସ୍ କରଇ**
**ବାସ ଯେବେ ତା'ର ନାହିଁ**
**ବଣମଲ୍ଲୀ ହେଉ ବାସ ତା'ର ଥାଉ**
**ଭ୍ରମରା ତାହାକୁ ବାଇ।**

ପଦ୍ମଫୁଲ ବାସହୀନ ଯୋଗୁ ଭ୍ରମରକୁ ଆକର୍ଷିତ କରିପାରି ନ ଥାଏ। ପରନ୍ତୁ ମଲ୍ଲୀ ବଣରେ ଫୁଟିଥିଲେ ମଧ୍ୟ ତା' ବାସ୍ନା ବା ମହକରେ ଆକୃଷ୍ଟ ହୋଇ ଭଅଁର ସେ ଫୁଲ ପାଖକୁ ଉଡ଼ି ଆସିଥାଏ। ପରୋକ୍ଷରେ ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରି ଥାନ୍ତି। ତେବେ ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତା'ହେଲେ ସେ ସେତେ ଆଦର ସମ୍ମାନ ପାଇ ପାରି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପରରେ କି ମାନ ?**
**ବନସ୍ତରେ କି ରୋଦନ ?**

ସାଧାରଣତଃ ନିଜ ଲୋକ ଉପରେ ରାଗ ରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ, କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ସେହିପରି ଘଞ୍ଚ ଅରଣ୍ୟ ମଧ୍ୟରେ ରୋଦନ ବା କ୍ରନ୍ଦନ କଲେ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ରହି ନ ଥାଏ। ନିଜର ଦୁଃଖ ଶୁଣାଇବାକୁ ପାଖରେ କେହି ରହିବା ନିହାତି ବାଞ୍ଛନୀୟ ଅନ୍ୟଥା ଏସବୁ ବ୍ୟର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଜୟପୁରରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳର ଅଭ୍ୟାସ।

## ଅଟୋ- ବାଇକ୍ ଧକ୍କାରେ ଦୃଷ୍ଟିବାଧିତଙ୍କ ମୃତ୍ୟୁ

**ଟିଟିଲାଗଡ଼, ୨୫।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁର୍ସୁଡରୁ ଅର୍ଶାତୁଲା ଆସୁଥିବା ବେଳେ ଟିଟିଲାଗଡ ସିନ୍ଧେକେଲା ରାସ୍ତାର ଦେଉଳି ଛକ ନିକଟରେ ଏକ ଅଟୋ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଅଟୋ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁରସୁଡ ଗ୍ରାମର ପରମାନନ୍ଦ ବେହେରା (୪୫) ଏବଂ ସେ ଜଣେ ଦୃଷ୍ଟିବାଧିତ। ଦୁର୍ଘଟଣାରେ ଅର୍ଏଁଲାଭଟା ଗ୍ରାମର ବାଇକ ଆରୋହୀ ପବନ ମୁଗ୍ରୀ (୩୦) ମଧ୍ୟ ଗୁରୁତର ଆହତ ହୋଇଛନ୍ତି।

## ମନୋଜ ଦାସଙ୍କୁ ଆବୁଧାବି ଓଡ଼ିଆ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ଚଳିତବର୍ଷ ଆବୁଧାବି ଅନ୍ତର୍ଜାତୀୟ ପୁସ୍ତକମେଳାରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଛନ୍ତି ବିଶିଷ୍ଟ ଲେଖକ ପଦ୍ମଶ୍ରୀ ମନୋଜ ଦାସ। ଓଡ଼ିଆ ସମାଜ ଆବୁଧାବି (ଓସା) ପକ୍ଷରୁ ସ୍ଥାନୀୟ ଆରବ ଉଡୁପି ହଲରେ ଗୁରୁବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆନ୍ ଇଭ୍‌ନିଙ୍ଗ୍ ୱିଥ୍ ପ୍ରଫେସର ମନୋଜ ଦାସ'ରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓସାର ସଭ୍ୟମାନେ ଦାସଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଦାସ ତାଙ୍କ ଜୀବନୀର କେତେକ ଅଭୁଲା ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ପରାମର୍ଶଦାତା ଡ. ହିମାଂଶୁ ଶେଖର ଦାସ, ସଭାପତି ପ୍ରଦୀପ କୁମାର ରଥ, କମଳ କୁମାର ପଣ୍ଡା, ସିଦ୍ଧାର୍ଥ ଦାସ, ବିଷ୍ଣୁ ଇପିଲି, ସୌଗତ ନାୟକ, ସୁକର୍ଣ୍ଣ ବେହେରା, ସୁଧାଂଶୁ ପାତ୍ର, କାର୍ତ୍ତିକ ସିଂ, ଜିତେନ୍ଦ୍ର ସେଠୀ, ବହ୍ନିପ୍ରଭା ରଥ, ସଙ୍ଗୀତା ଷଡଙ୍ଗୀ, ମଧୁମିତା ପାତ୍ର ପ୍ରମୁଖ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଜିର ଯୁବ ସମାଜ ଏହି ମହାନ ଲେଖକଙ୍କର ଅନୁଗାମୀ ହେବାକୁ ଆହ୍ୱାନ କରିଥିଲେ। ଶେଷରେ ଓସା ପକ୍ଷରୁ ସଭାପତି ପ୍ରଦୀପ କୁମାର ରଥ ଅତିଥିଙ୍କୁ ଉପକୌଢନ ପ୍ରଦାନ କରି ସମ୍ମାନିତ କରିଥିଲେ।

# କମଳେଶ୍‌ଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୬।୪(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଓ ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ (ଟିଏସ୍‌୭) ଟେନିସ ପ୍ରତିଯୋଗିତାରେ ଓଡ଼ିଶାର କମଳେଶ୍ ରଥ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ବାଳକ ସିଙ୍ଗଲ୍ସରେ କମଳେଶ୍ ଅନ୍ୟତମ ଓଡ଼ିଆ ଖେଳାଳି ଲଳିତ ଟୁଡୁଙ୍କୁ ୩-୬, ୬-୨, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଗୋଟିଏ ସେଟ୍‌ରେ ପଛୁଆ ରହିବା ସତ୍ତ୍ୱେ କମଳେଶ୍ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଓଡ଼ିଶାର ଦେବବ୍ରତ ପ୍ରଧାନଙ୍କୁ ସାଥିକରି ଡବଲ୍ସ ଖେଳିଥିବା କମଳେଶ୍ ଫାଇନାଲରେ ପଶ୍ଚିମବଙ୍ଗ ଯୋଡ଼ି ସାଗ୍‌ନିକ୍ ମିତ୍ର ଓ ବିପ୍ରର୍ଶୀ ବିଶ୍ୱାସଙ୍କୁ ୪-୬, ୭-୬(୧), ୧୦-୬ ସେଟ୍‌ରେ ପରାସ୍ତ କରିଥିଲେ। ଏଥିରେ ମଧ୍ୟ କମଳେଶ୍-ଦେବବ୍ରତ ଯୋଡ଼ି ପ୍ରଥମ ସେଟ୍‌ରେ ହାରିଥିଲେ ହେଁ ପରେ ଚମତ୍କାର ଖେଳିଥିଲେ। ଏହି ଜୋନାଲ ଟୁର୍ନାମେଣ୍ଟରେ ଓଡ଼ିଶା ଓ ପଶ୍ଚିମବଙ୍ଗରୁ ୩୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଛି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବି.କେ. ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଯତୀନ୍ ବୈଷ୍ୟେ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ପୁରସ୍କାର ସହ ଲଳିତ ଟୁଡୁ ଓ କମଳେଶ ରଥ।

# ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତି ନେଇ ଦୁଇ ଦଳ ଚିନ୍ତିତ

**ଜୟପୁର,୨୬।୪(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୫ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଓ ସନାରାଇଜର୍ସ ହାଇଦ୍ରାବାଦ ଶନିବାର ମୁହାଁମୁହିଁ ହେବେ। ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। କେତେକ ତାରକା ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତିରେ ଦୁଇ ଦଳ ପଡିଆକୁ ଓହ୍ଲାଇବେ। ହାଇଦ୍ରାବାଦ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୧୦ ପଏଣ୍ଟ ପାଇଁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ରାଜସ୍ଥାନ ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୭ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ତେଣୁ ରାଜସ୍ଥାନ ପାଇଁ ଏହି ମ୍ୟାଚ୍‌ର ଗୁରୁତ୍ୱ ଅଧିକ ରହିଛି। ବେନ୍ ଷ୍ଟୋକ୍ସ, ଜୋସ ବଟଲର ଓ ଜୋଫ୍ରା ଆର୍ଚରଙ୍କ ଅନୁପସ୍ଥିତି ରାଜସ୍ଥାନ ପାଇଁ ମହଙ୍ଗା ପଡିବ। କାରଣ ଏହି କ୍ରିକେଟରମାନେ ଇଂଲଣ୍ଡ ବିଶ୍ୱକପ୍ ପ୍ରସ୍ତୁତି ଶିବିରରେ ଯୋଗଦେବେ। ସେହିପରି ବିସ୍ଫୋରକ ଓପନର ଜନି ବେୟାରଷ୍ଟୋ ମଧ୍ୟ ସମକାରଣ ଯୋଗୁ ହାଇଦ୍ରାବାଦ ପାଇଁ ପଡିଆକୁ ଓହ୍ଲାଇବେ ନାହିଁ। ପୁଣି ଆସନ୍ତା ସପ୍ତାହରେ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଓ ଡେଭିଡ ୱାର୍ନର ସ୍ୱଦେଶ ଫେରିବେ। ଫଳରେ ରାଜସ୍ଥାନ ଓ ହାଇଦ୍ରାବାଦ ପାଇଁ ସମସ୍ୟା ବଢ଼ିବ। ୧୭ ବର୍ଷୀୟ ଆସାମ ଖେଳାଳି ରିୟାନ ପରାଗ ରାଜସ୍ଥାନ ପାଇଁ ଏବେ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ସଞ୍ଜୁ ସାମସନ, ରାହୁଲ ତ୍ରିପାଠୀ, ଆଷ୍ଟନ ଟର୍ନର ଓ ଲିଆମ ଲିଭିଂଷ୍ଟୋଙ୍କ ଉପରେ ରାଜସ୍ଥାନର ପ୍ରଦର୍ଶନ ନିର୍ଭର କରିବ। ଆର୍ଚର ଓହରିଯାଇଥିବାରୁ ରାଜସ୍ଥାନ ଡେଥ୍ ଓଭରରେ ସମସ୍ୟାରେ ପଡିବ। ତେବେ ବରୁଣ ଆରୋନ ଭଲ ପ୍ରଦର୍ଶନ କରି ଦଳ ପାଇଁ ଆଶା ସଞ୍ଚାର କରିଛନ୍ତି। ସେହିପରି ଓଶେନ ଥୋମାସ, ଧାୱଲ କୁଲକର୍ଣ୍ଣୀ ଓ ଜୟଦେବ ଉନାଡକଟଙ୍କ ଭଳି ବୋଲର ରାଜସ୍ଥାନର ପାଇଁ ସୁଯୋଗ ସୃଷ୍ଟି କରିବେ। ଅନ୍ୟପଟେ ହାଇଦ୍ରାବାଦ ବିଦେଶୀ ଖେଳାଳିମାନଙ୍କ ଅନୁପସ୍ଥିତି କାରଣରୁ ବ୍ୟାକ୍‌ଫୁଟକୁ ଚାଲିଯିବା ଆଶଙ୍କା ସୃଷ୍ଟି ହୋଇଛି। ୨୯ ତାରିଖରେ ୱାର୍ନର ହାଇଦ୍ରାବାଦ ପାଇଁ ଶେଷ ମ୍ୟାଚ୍ ଖେଳିବେ। ତାଙ୍କ ବଦଳରେ ମାର୍ଟିନ ଗୁପ୍ଟିଲ ଦଳରେ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି ହୋଇଛି।

## ସ୍ୱତନ୍ତ୍ର ରେକର୍ଡ ହାତଛଡ଼ା କଲେ ପରାଗ

**କୋଲକାତା,୨୬।୪**

ଆଇପିଏଲ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ରିୟାନ ପରାଗ ସର୍ବକନିଷ୍ଠ ଖେଳାଳି ଭାବେ ଆଇପିଏଲରେ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ହେବାର ରେକର୍ଡ ଅଳ୍ପକେ ହାତଛଡ଼ା କରିଛନ୍ତି। ଏଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ୪୭ ରନ୍‌ର ଇନିଂସ ଖେଳି ଦୁର୍ଭାଗ୍ୟବଶତଃ ହିଟ୍ ଉଇକେଟ୍ ହୋଇଥିଲେ। ୧୭ ବର୍ଷୀୟ ପରାଗ ଘରୋଇ ବୋଲର ଆନ୍ଦ୍ରେ ରସେଲଙ୍କ ବଲକୁ ପୁଲ ଶଟ୍ ଲଗାଇଥିଲେ। ବଲ ବାଉଣ୍ଡାରି ଲାଇନ ଅତିକ୍ରମ କରିଯାଇଥିଲା। ହେଲେ ପରାଗଙ୍କ ବ୍ୟାଟ୍ ଷ୍ଟମ୍ପରେ ବାଜିଥିଲା। ଏହା ଚଳିତ ସିଜନର ପ୍ରଥମ ହିଟ୍ ଉଇକେଟ। ପରାଗଙ୍କ ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା। ସାହସିକ ଇନିଂସ ଯୋଗୁ ଏକଦା ୯୮ ରନ୍‌ରେ ୫ ଉଇକେଟ ହରାଇଥିବା ରାଜସ୍ଥାନ ରୟାଲ୍ସ ଦଳ ୩ ଉଇକେଟରେ କେକେଆରକୁ ପରାସ୍ତ କରିପାରିଥିଲା। ଉଲ୍ଲେଖଥାଉ କି, ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଆଇପିଏଲରେ ଅର୍ଦ୍ଧଶତକ ଲଗାଇବାର ରେକର୍ଡ ସଞ୍ଜୁ ସାମସନ (୨୦୧୩) ଓ ପୃଥ୍ୱୀ ଶ (୨୦୧୮)ଙ୍କ ନାମରେ ରହିଛି। ଉଭୟ ବ୍ୟାଟ୍ସମ୍ୟାନଙ୍କୁ ୧୮ ବର୍ଷ ୧୬୯ ଦିନ ହୋଇଥିବାବେଳେ ଆଇପିଏଲରେ ପ୍ରଥମ ଅର୍ଦ୍ଧଶତକ ଲଗାଇଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY

BUSINESS

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ, ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଛୁରାମାଡ଼ରେ ଯୁବକ ଗୁରୁତର

ରେଙ୍ଗାଲି,୨୬।୪(ଡି.ଏନ.ଏ.) ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ଘାସିପଡ଼ାରେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ରମେଶ ନାଗ। ତାଙ୍କୁ ବୁର୍ଲା ଭିମ୍‌ସାର ନିଆ ଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ଲପଙ୍ଗା ଘାସିପଡ଼ାର ରମେଶଙ୍କ ସହ ରାଜେଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ରାଗିଯାଇ ରାଜେଶ ନିଜ ପାଖରେ ରଖିଥିବା ଛୁରି ରମେଶଙ୍କ ପେଟରେ ଭୁସି ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ରମେଶଙ୍କୁ ପରିବାର ଲୋକେ ବୁର୍ଲା ଡାକ୍ତରଖାନା ନେଇଥିଲେ। ଖବରପାଇ ଠେଲକଲୋଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ତେବେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ସହଯୋଗ କଲାନି ପ୍ରଶାସନ, ଫେରିପାରିଲାନି ମୃତଦେହ

- ଯଶୋବନ୍ତପୁରରେ ମୃତଦେହକୁ ପୋତି ଦେଲା ପୋଲିସ
- ମା, ପୁଅଙ୍କୁ ପ୍ରତିଶ୍ରୁତି ଦେଲେ ଏସ୍‌ପି ସଞ୍ଜୀବ ଆରୋରା
- ଭେଟିବାକୁ ମନା କରିଦେଲେ ଜିଲାପାଳ ଶୁଭମ ସକସେନା
- ରେଡକ୍ରସ୍‌କୁ ୧୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇ ଦାୟିତ୍ୱ ସାରିଲେ

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ବାଣିଝରନ ଗ୍ରାମର ଲୁକାଶ ବୁଡ (୫୦)। ବାଙ୍ଗାଲୋର ଯଶୋବନ୍ତପୁରକୁ ଦାଦନ ଯାଇଥିଲେ। ମୂଲମଜୁରି କରି ଦି ପଇସା ରୋଜଗାର କଲେ ଘର ଚଳିବ ବୋଲି ଆଶା ଥିଲା। ହେଲେ ସେ ଆଶା ଆଜି ମଉଳିଯାଇଛି। ରୋଜଗାର ଅନ୍ୱେଷଣରେ ସାହସର ସହ ଘରୁ ବିଦେଶକୁ ଗୋଡ କାଢିଥିଲେ। ହେଲେ ଜୀବନ ଚାଲିଗଲା। ପରିବାର ଲୋକେ ଶେଷ ଦର୍ଶନ ଟିକେ ବି କରି ପାରିଲେନି। ବିଦେଶ ମାଟିରେ ତାଙ୍କୁ ସେଠାକାର ପୋଲିସ ପୋତି ଦେବାକୁ ବାଧ୍ୟ ହେଲା। ଘରକୁ ମୃତଦେହ ଫେରି ପାରିଲାନି। ମୃତଦେହ ଆଣିବାକୁ ପରିବାର ଲୋକେ ଜିଲା ପ୍ରଶାସନକୁ କାକୁତିମିନତି ହୋଇଥିଲେ। ହେଲେ ବେଫିକର ଜିଲା ପ୍ରଶାସନର ଅଧିକାରୀମାନେ ସାଧାରଣ ଲୋକଟିଏ ହେତୁ ଏହାକୁ ଗୁରୁତ୍ୱ ଦେଲେନି। ଶେଷରେ ୯ ଦିନ ଧରି ଶବାଗାରରେ ରଖା ଯାଇଥିବା ମୃତଦେହକୁ ଯଶୋବନ୍ତପୁର ପୋଲିସ ଗୁରୁବାର ପୋତି ଦେଇଛି। ପୋଲିସଠାରୁ ଫୋନ୍‌ରେ ଏହି ଏହି ଖବର ପାଇବା ପରେ ଲୁକାଶଙ୍କ ଘର ଲୋକେ ପ୍ରଶାସନ ପ୍ରତି କ୍ଷୋଭ ପ୍ରକାଶ କରିଛନ୍ତି। ସେମାନେ ଗରିବ ହେତୁ ମୃତଦେହ ଆଣି ପାରିଲେ ନାହିଁ। ହେଲେ ଆଶା ରଖି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ପ୍ରଶାସନ ଶୁଣିଲାନି। ପ୍ରଶାସନ ଚାହିଁଥିଲେ ଯଶୋବନ୍ତପୁରରୁ ମୃତଦେହ ଆଣି ପାରିଥାନ୍ତା। ଏବେ ସେମାନେ ଲୁକାଶଙ୍କ ଶେଷ ଦର୍ଶନ ବି କରି ପାରିଲେନି। ଅନ୍ୟପଟେ ଲୁକାଶଙ୍କ ମୃତ୍ୟୁକୁ ନେଇ ତାଙ୍କ ଘର ଲୋକେ ସନ୍ଦେହରେ ରହିଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ସେମାନେ ସନ୍ଦେହ କରୁଛନ୍ତି। ଶୁକ୍ରବାର ପୁଣି ଲୁକାଶଙ୍କ ସ୍ତ୍ରୀ ଆସକା ଓ ପୁଅ ବିଜୟ ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇଥିଲେ। ମା' ପୁଅ ପ୍ରଥମେ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଭେଟିଥିଲେ। ଜଣେ ପୋଲିସ କର୍ମଚାରୀ ପରିବାର ଲୋକଙ୍କ ସାଙ୍ଗରେ ଯଶୋବନ୍ତପୁରରେ ଘଟଣାର ତଦନ୍ତ କରିବେ ବୋଲି ମା' ପୁଅଙ୍କୁ ଏସ୍‌ପି ଆଶ୍ୱାସନା ଦେଇଛନ୍ତି। ଏହାପରେ ମା' ପୁଅ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଜିଲାପାଳ ଶକସେନା ସେମାନଙ୍କୁ ସାକ୍ଷାତ ଦେବାକୁ ମନା କରି ଦେଇଥିଲେ। ଦାୟିତ୍ୱ ତୁଲାଇବାକୁ ଯାଇ କେବଳ ୧୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦେବାକୁ ରେଡକ୍ରସ ସମ୍ପାଦକ ଜୟ ଜର୍ଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମା' ପୁଅଙ୍କୁ ଟଙ୍କା ଲୋଭ ବାନ୍ଧି ପାରିନି। ସେମାନେ ସପ୍ତାହେ ହେଲା ଥାନା, ଏସ୍‌ପି ଅଫିସ, ଶ୍ରମ ବିଭାଗ ଅଫିସକୁ ଯାଇ ମୃତଦେହ ଆଣିବାରେ ସହଯୋଗ କରିବାକୁ ଅନୁରୋଧ କରୁଥିଲେ। ଟଙ୍କା ମାଗୁ ନ ଥିଲେ। ତେଣୁ ପ୍ରଶାସନର ଗରିବଙ୍କ ପାଇଁ କୌଣସି ଯୋଜନା ନାହିଁ । ସବୁ ଯୋଜନା ଫେଲ୍ ମାରିଛି । ସାଧାରଣ ଲୋକଙ୍କ ପାଇଁ ପ୍ରଶାସନ ନିଷ୍ଠୁର ପାଲଟିଛି ବୋଲି ମା' ପୁଅ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗାଁର କିଛି ଯୁବକଙ୍କ ସହ ୨ ମାସ ତଳେ ଲୁକାଶ ରୋଜଗାର ଉଦ୍ଦେଶ୍ୟରେ ବାଙ୍ଗାଲୋର ଯାଇଥିଲେ। ଏପ୍ରିଲ ୧୮ ତାରିଖ ଯଶୋବନ୍ତପୁର ରେଳ ଷ୍ଟେଶନ ନିକଟସ୍ଥ ରେଳ ଧାରଣାରୁ ସ୍ଥାନୀୟ ଜିଆରପି ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରି ପରିଚୟ ପାଇଲା ପରେ ପରିବାର ବର୍ଗଙ୍କୁ ଖବର ଦେଇଥିଲା । ହେଲେ ଟଙ୍କା ଅଭାବରୁ ମୃତଦେହ ଆଣିବାକୁ ଘର ଲୋକେ ସକ୍ଷମ ନ ଥିଲେ। ଏଣୁ ଯଶୋବନ୍ତପୁରରୁ ମୃତଦେହକୁ ଆଣିବାରେ ପଦକ୍ଷେପ ନେବାକୁ ସହଯୋଗ କରିବା ଲାଗି ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ।



ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ଲୁକାଶଙ୍କ ସ୍ତ୍ରୀ ଓ ପୁଅ ।



ସୁନ୍ଦରଗଡ ଜିଲା ଲେଫ୍ରିପଡା, ସବଡେଗା, ହେମଗିର, ବାଲିଶଙ୍କରା ବଡଗାଁ ଅଞ୍ଚଳର ବିଭିନ୍ନ ପୀଠ ଓ ମନ୍ଦିରରେ ପୂଜା କରୁଥିବା ପ୍ରାୟ ୧୫ ଜଣ ପୂଜକ ସାହାଯ୍ୟ ଦେବାକୁ ଦାବି କରି ଶୁକ୍ରବାର ସମ୍ବଲପୁର ଦେବୋତ୍ତର ବିଭାଗ କମିଶନରଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

## ସିଆରିଆ ମତଦାନ କେନ୍ଦ୍ରରେ ଇଭିଏମ୍ ତ୍ରୁଟି ଘଟଣା

# ପ୍ରିଜାଇଡିଂ ଅଫିସର, ସେକ୍ଟର ଅଫିସର ନିଲମ୍ବିତ

ଦେବଗଡ,୨୬।୪(ସ୍ୱ.ପ୍ର)

ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ରିଆମାଳ ବ୍ଲକ ଆଡସ ପଞ୍ଚାୟତର ସିଆରିଆ ଗ୍ରାମର ମତଦାନ କେନ୍ଦ୍ର ନଂ. ୧୮୩ରେ ଇଭିଏମ୍ ଓ ଭିଭିପାଟ୍‌ରେ ତ୍ରୁଟି ଘଟଣାରେ ସମ୍ପୃକ୍ତ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଫିସର ତଥା ଗ୍ରାମ୍ୟ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ହିମାଂଶୁ ବେହେରା ଓ ସେକ୍ଟର ଅଫିସର ତଥା ରିଆମାଳ ବ୍ଲକର କନିଷ୍ଠ ଯନ୍ତ୍ରୀ ଟି.ଗୋପାଳକୃଷ୍ଣ ସରାବଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। କାର୍ଯ୍ୟରେ ଅବହେଳା ଯୋଗୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଉଭୟଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ଇଭିଏମ୍ ଓ ଭିଭିପାଟ୍‌ରେ ତ୍ରୁଟିପୂର୍ଣ୍ଣ ଯୋଗୁ ଗୋଟିଏ ଚିହ୍ନରେ ଭୋଟଦେଲେ ଅନ୍ୟ ଚିହ୍ନରେ ପଡୁଥିଲା। ଏକଥା ଜଣାପଡିବା ପରେ ଉକ୍ତ ମତଦାନ କେନ୍ଦ୍ରର ଭୋଟରମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ଉକ୍ତ ମତଦାନ କେନ୍ଦ୍ରରେ ମତଦାନ ସ୍ଥଗିତ ରହିବା ସହ ସାନି ନିର୍ବାଚନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଦେବଗଡ଼ରେ ଜଳଛତ୍ର ଖୋଲିବାରେ ବିଳମ୍ବ

ଦେବଗଡ, ୨୬।୪(ସ୍ୱ.ପ୍ର.)

ସରକାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପରୁ ଜନସାଧାରଣଙ୍କୁ ରକ୍ଷା ପାଇଁ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ନେଉଛନ୍ତି ବୋଲି ପ୍ରଚାର କରୁଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ଏହା କେତେ କାର୍ଯ୍ୟକାରୀ ହେଉଛି ସମସ୍ତେ ଜାଣିଛନ୍ତି। ବର୍ତ୍ତମାନ ପଶ୍ଚିମ ଓଡିଶା ସହ ସାରା ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଖରାର ତାଣ୍ଡବ ଲୀଳା। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଦେବଗଡ ଜିଲାରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ପ୍ରଚଣ୍ଡ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏପରିସ୍ଥିତିରେ ଦେବଗଡ ପୌର ପରିଷଦ ତଥା ଜିଲା ପ୍ରଶାସନ ତରଫରୁ ପୌରାଞ୍ଚଳ ସମେତ ଜିଲାର ଗ୍ରାମାଞ୍ଚଳରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ସାଧାରଣ ଜନତା ପାଣି ଟୋପେ ପାଇଁ ଉହଲବିକଳ ହେଉଥିବା ଦେଖିବାକୁ ମିଳିଛି। ସକାଳ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତାତି ଅନୁଭୂତ ହେଉଛି। ମୁଣ୍ଡଫଟା ଖରା ଲୋକଙ୍କ ପାଇଁ ଅସହ୍ୟ ହୋଇ ପଡୁଥିବାବେଳେ ଲୋକେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଖୋଲାଯାଇଥିଲେ ମଧ୍ୟ ଅଧିକାଂଶ ପ୍ରକଳ୍ପ ଅକାମୀ ହୋଇପଡିଛି। ସେଗୁଡିକ ମରାମତି କରାଯାଉନାହିଁ। ଜନସାଧାରଣଙ୍କୁ ଟୋପାଏ ପାଣି ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି କହିଲେ ଭୁଲ ହେବନାହିଁ। ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲି ନ ଥିବାରୁ ଲୋକେ ଦୋକାନ ମାନଙ୍କରୁ ପାଣି ବୋତଲ, ପଇଡ, କୋଲଡ ଡ୍ରିଙ୍କ୍‌ସ, ଲସି ଆଦି କିଣି ପିଉଛନ୍ତି। ସୂଚନାଥାଉକି, ଦେବଗଡ ପୌରାଞ୍ଚଳ ଅଧୀନ ୭ନଂ. ୱାର୍ଡ଼ର ପୁରୁଣାଗଡ ଏସ.ଟି ସ୍କୁଲ ଛକ, ରିଆମାଳ ଛକ, ପୁରୁଣାଗଡ ଯାତ୍ରୀ ବିଶ୍ରାମାଗାର ଓ ତହସିଲ ଅଫିସ ଛକ, ୧୦ନଂ. ୱାର୍ଡର ରଜାମୁଣ୍ଡା ଛକ, ୧୧ନଂ. ୱାର୍ଡର ଦୋଳମଣ୍ଡପ ସାହି ଛକ ଓ କଚେରୀ ସାହି ଛକ ଏବଂ ସବକଲେକ୍ଟରଙ୍କ କାର୍ଯ୍ୟାଳୟ, ୯ନଂ. ୱାର୍ଡର ବରଡା ଛକ, ୧୦ନଂ. ୱାର୍ଡର ରଜାମୁଣ୍ଡା ଚର୍ଚ୍ଚ ସାହି, ୩ନଂ. ୱାର୍ଡର ଶାସନସାହି ଛକ, ୪ନଂ. ୱାର୍ଡର ବରପାଲି ସାହି ଛକ ଓ ଗଣେଶ ଛକ, ୧ନଂ. ୱାର୍ଡର ପୁରୁଣା ମୋଟର ଗ୍ୟାରେଜ ଛକ ଓ ପ୍ରାଇଭେଟ ବସଷ୍ଟାଣ୍ଡ, ୨ନଂ. ୱାର୍ଡର ଗାର୍ଲ୍ସ ହାଇସ୍କୁଲ ଛକ ଏବଂ ୬ନଂ. ୱାର୍ଡର ହାତୀଶାଳ ଛକ ଏହିପରି ମୋଟ ୧୬ ରୁ ୨୦ ଟି ସ୍ଥାନରେ ପୌର ପରିଷଦ ତରଫରୁ ଜଳଛତ୍ର ଖୋଲାଯାଇଥାଏ। ଏପରିସ୍ଥଳେ ଆଗକୁ ଟାଇଁଟାଇଁ ଖରା ମାଡି ଆସୁଥିବାରୁ ଲୋକଙ୍କୁ କିପରି ଜଳଛତ୍ର ମାଧ୍ୟମରେ ସୁବିଧାରେ ସ୍ୱଚ୍ଛ ପାନୀୟଜଳ ବ୍ୟବହାର କରିପାରିବେ ସେନେଇ ଏବେଠୁ କିଛି ପଦକ୍ଷେପ ନେବା ଜରୁରୀ। ଏ ସମ୍ପର୍କରେ ଦେବଗଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କୁ ପଚାରିବାରୁ ଖୁବଶୀଘ୍ର ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବ ବୋଲି କହିଥିଲେ।

## ଶୀତଳେଶ୍ୱର ବାବା ଯାତ୍ରା କମିଟି ଗଠିତ

ସମ୍ବଲପୁର,୨୬।୪(ବ୍ୟୁରୋ) ସମ୍ବଲପୁର ବଡବଜାରସ୍ଥିତ ଶୀତଳେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀଯାତ୍ରା କମିଟି ଗଠିତ ହୋଇଛି । ସଭାପତି ସୁରେନ୍ଦ୍ର ମହାନ୍ତି, ଉପସଭାପତି ରଜେଶ କୁମାର କାଲେନୋରିଆ, ସୁରୁବାବୁ ମେହେର, ରାମ ସିଂ, ଅମୂଲ୍ୟ ପଟ୍ଟନାୟକ, ସଂପାଦକ ଭାବେ ସରୋଜ ସାହୁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷେ ସଂପାଦକ ଜୟନ୍ତ ମେହେର, ଅରୁଣ ଅଜାଡିୱାଲ, ଶଙ୍କର ପ୍ରସାଦ ମହାକୁଡ, ଶେଷଦେବ ବଡମାଲି, କୋଷାଧ୍ୟକ୍ଷ ନୀଳାମ୍ବର ପଣ୍ଡା, ସହ କୋଷାଧ୍ୟକ୍ଷ ଦିଲୀପ ସାହୁ, ସଞ୍ଜୀବ ମେହେର, ନବୀନ ବାଗ, ରିଙ୍କୁ ପ୍ରଧାନ, ଡମ୍ବରୁ ମେହେରଙ୍କୁ ଚୟନ କରାଯାଇଛି। ସେହିପରି ଶ୍ୟାମଲାଲ ଡନସେନା, ରଞ୍ଜିତ ଦେବ, ଶଙ୍କର ଶର୍ମା, ମଣ୍ଟୁ ସାହୁ, ବୁଦ୍ଧ ଦେବ ପ୍ରଧାନ, ରାମଦାସ ପଣ୍ଡା, କୁନ୍ଦନ ପ୍ରଧାନ, ଅଶୋକ ପଟେଲ, ସୁବ୍ରତ ପଣ୍ଡା, ଗୋବିନ୍ଦ ବିଶି ପ୍ରମୁଖ ବିଭିନ୍ନ ପଦ ପଦବୀରେ ରହିଛନ୍ତି । ସରୋଜ ସାହୁ ମିଡିଆ ପ୍ରଭାରୀ ଭାବେ ଚୟନ ହୋଇଛନ୍ତି। ତେବେ ଶୀତଳେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀଯାତ୍ରା ସମୟରେ କମିଟିରେ ଥିବା ଏହି କର୍ମକର୍ତ୍ତା ବିଭିନ୍ନ ଦାୟିତ୍ୱ ତୁଲାଇବେ। ଏଥିପାଇଁ ସମସ୍ତଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଅନ୍ୟପକ୍ଷେ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପାଇଁ ଆଲୋଚନା କରାଯାଇଛି।

# ତାତିରେ ତରଭୁଜକୁ ଆଗ୍ରହ

ସମ୍ବଲପୁର,୨୬।୪(ବ୍ୟୁରୋ)

ସମଗ୍ର ରାଜ୍ୟରେ ତାତି ବଢିବାରେ ଲାଗିଛି। ସମ୍ବଲପୁର ଜିଲାରେ ମଧ୍ୟ କିଛିଦିନ ହେଲା ଦିନକୁ ଦିନ ତାପମାତ୍ରା ବଢି ଚାଲିଛି । ଶୁକ୍ରବାର ପ୍ରାୟ ୪୨ ଡିଗ୍ରୀ ପାରଦ ଟପିଥିଲା । ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଦିନ ୧୧ଟା ପରେ ଅତ୍ୟାବଶ୍ୟକ କାମ ନ ଥିଲେ କେହି ଘରୁ ବାହାରୁନାହାନ୍ତି । ରାସ୍ତା ଘାଟ ଶୂନଶାନ ହୋଇପଡୁଛି । ହେଲେ ଖରାର ମାତ୍ରା ଯେତିକି ବଢୁଛି, ଖରାଦିନିଆ ଖାଦ୍ୟ ପସରା ନିକଟରେ ସେତିକି ଭିଡ ଜମୁଛି । ଲସି, ସରବତ, ତରଭୁଜ, ବେଲ ସରବତ, କାକୁଡି, ତାଳସଜ ଭଳି ଖରାଦିନିଆ ପ୍ରକୃତିକ ଖାଦ୍ୟ ସାମଗ୍ରୀର ପସରା ନିକଟରେ ଲୋକଙ୍କର ଗହଳି ହେଉଛି। ରାସ୍ତାକଡ ଓ ସହରରେ ଲସି ସରବତ ଦୋକାନ ଖୋଲିଛି। ତେବେ ଖରାଦିନିଆ ପ୍ରାକୃତିକ ଖାଦ୍ୟକୁ ଦେଖିଲେ ବଜାରରେ ତରଭୁଜର ଚାହିଦା ଅଧିକ ରହିଥାଏ । ତରଭୁଜରେ ଜଳୀୟ ଅଂଶ ଅଧିକ ରହିଥାଏ । ତେଣୁ ଖରାଦିନରେ ଏହା ସ୍ୱାସ୍ଥ୍ୟ ପାଇଁ ଉପକାର ହୋଇଥାଏ। ସିଜନାଲ ବେପାରୀ ଏହି ସମୟରେ ବେଶ୍ ଭଲ ଦି ପଇସା ରୋଜଗାର କରୁଛନ୍ତି। କୁଚିଣ୍ଡା, ଯୁଯୁମୁରା, ରେଢାଖୋଲ ଓ ସୋନପୁରରୁ ତରଭୁଜ ଆଣି ବିକ୍ରି କରୁଥିବା ବ୍ୟବସାୟୀମାନେ କହନ୍ତି।



ସମ୍ବଲପୁର ଜେଲ୍ ଛକରେ ଜଣେ ବ୍ୟବସାୟୀ ତରଭୁଜ ବିକ୍ରି କରୁଛନ୍ତି ।

# ବିଦେଶରୁ ସ୍ୱର୍ଣ୍ଣ ପଦକ ନେଇ ଫେରିଲେ ସୋମନାଥ



ସମ୍ବଲପୁରରେ ସୋମନାଥଙ୍କୁ ସ୍ୱାଗତ କରାଯାଉଛି ।

ସମ୍ବଲପୁର,୨୬।୪(ବ୍ୟୁରୋ)

ଋଷିଆର ମେସ୍କୋରେ ଏପ୍ରିଲ ୧୯ ତାରିଖରେ ଆୟୋଜିତ ୟୁରୋପିଆନ ଚାମ୍ପିୟନଶିପ (ଭାରୋତ୍ତୋଳନ)ର ଫାଇନାଲ ପ୍ରତିଯୋଗିତାରେ ସମ୍ବଲପୁରର ସୋମନାଥ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଶୁକ୍ରବାର ସେ ସମ୍ବଲପୁରରେ ପହଞ୍ଚିବା ପରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ବିଶ୍ୱାମିତ୍ର ବହିଦାର ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି।

# ପୋଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

- ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ୍ ଦେବାକୁ ଧମକ
- ମନା କରିବାରୁ ୨ ଭାଇଙ୍କୁ ଆକ୍ରମଣ
- ପ୍ରଥମ ଅଭିଯୋଗରେ ୮ରୁ ୩ ଗିରଫ
- ଅଭିଯୁକ୍ତଙ୍କ ପ୍ରତି ପୋଲିସର ଅନୁକମ୍ପା

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ଅଧୀନ ଦଲେଇପଡାରେ ଗତ ୨୩ରେ ଅବଦୁଲ ହାସିମ ନାମକ ଜଣେ ବ୍ୟକ୍ତିଙ୍କୁ ୫ ଜଣ ବ୍ୟକ୍ତି ଘରେ ପଶି ମାଡ ମାରିଛନ୍ତି। ଗୁରୁବାର ରାତିରେ ପୁଣି ତାଙ୍କ ସାନ ଭାଇ ଅବଦୁଲ ନାଦିମଙ୍କୁ ମହିଳା କଲେଜ ପାଖରୁ ଟେକିନେଇ ନିଛାଟିଆ ସ୍ଥାନରେ ମାରପିଟ କରିଛନ୍ତି। ଏପରିକି ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଛନ୍ତି। ହେଲେ ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଉନି। ବରଂ ଆକ୍ରମଣକାରୀଙ୍କୁ ସୁରକ୍ଷା ଦେଉଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଆକ୍ରମଣର ଶିକାର ହୋଇଥିବା ଅବଦୁଲଙ୍କ ପରିବାର ଓ ସମ୍ପର୍କୀୟ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଭେଟିଛନ୍ତି । ଅବଦୁଲଙ୍କୁ ମାଡପିଟ କରିଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଏମାନେ କାର୍ଯ୍ୟାନୁଷ୍ଠାନ ଦାବି କରି ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି। ଏପ୍ରିଲ ୨୩ ତାରିଖରେ ଜଣେ ବିଧାୟକ ପ୍ରାର୍ଥୀଙ୍କ କେତେକ ସମର୍ଥକ ଅବଦୁଲ ହାସିମଙ୍କୁ ଏକ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବାକୁ କହିଥିଲେ। ହେଲେ ଅବଦୁଲ ହେସିମ ସେମାନଙ୍କ କଥା ଶୁଣି ନ ଥିଲେ। ଏଥିରେ ରାଗିଯାଇ ସେମାନେ ତାଙ୍କୁ ମାରପିଟ କରିଥିଲେ । ଏ ନେଇ ଟାଉନ ଥାନରେ ଅଭିଯୋଗ କଲା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ । କେବଳ ଉଭୟ ପକ୍ଷକୁ ଡାକି ବୁଝମଣା କରିଥିଲା। ଏହି ଘଟଣାକୁ ନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୪୭/୧୯) ରୁଜୁ କରି ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ତେବେ ଏସ୍‌ପିଙ୍କ କାନରେ କଥା ପଡିବାରୁ ପୋଲିସ ବାଧ୍ୟ ହୋଇ ଏମାନଙ୍କ ଭିତରୁ ୩ ଜଣଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ସେମାନେ ହେଲେ ମହମ୍ମଦ ତାଜ, କାଶିମ ଖାନ୍ ଓ ମହମ୍ମଦ ଫାରୁକ। ଏହି ଘଟଣା ଉପରେ ତଦନ୍ତ କରାଯାଉଛି । ଆବଶ୍ୟକ ପ୍ରମାଣ ମିଳିଲେ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରମେଶ ଚନ୍ଦ୍ର ଡେରା କହିଛନ୍ତି । ସେହିଭଳି ଅବଦୁଲ ହାସିମଙ୍କ ସାନ ଭାଇଙ୍କୁ ମହିଳା କଲେଜ ପାଖରୁ ଟେକି ନେଇ ଆକ୍ରମଣ ଅଭିଯୋଗରେ ଶୁକ୍ରବାର ଧନୁପାଲି ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଉ ଏକ ଅଭିଯୋଗ ହୋଇଛି।



ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ଅଭିଯୋଗକାରୀ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଏପ୍ରିଲ, ୨୦୧୯



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଭାସି ଯାଇଥିବା ମହିଳାଙ୍କ ମୃତଦେହ ମିଳିଲା

ଭଟଲି,୨୬।୪(ଡି.ଏନ.ଏ): ବରଗଡ଼ ମୁଖ୍ୟ କେନାଲରେ ଗୁରୁବାର ଭାସି ଯାଇଥିବା ଭଟଲି ଥାନା ଜଡ଼ା ଗ୍ରାମର ମହିଳା ମହିଳା ଅରୁନ୍ଧତୀ ଭୁଏ(୪୦)ଙ୍କ ମୃତଦେହକୁ ଶୁକ୍ରବାର ପୂର୍ବାହ୍ନରେ କେନାଲ ଭିତରୁ ଉଦ୍ଧାର କରାଯାଇଛି। ଭଟଲି ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଭଟଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୧୯) ରୁଜୁ ହୋଇଛି। ପ୍ରକାଶଥାଉକି, ମୃତା ମହିଳା ଗୁରୁବାର ସନ୍ଧ୍ୟାରେ କେନାଲକୁ ଗାଧୋଇବା ପାଇଁ ଯାଇ ପାଣିରେ ଭାସି ଯାଇଥିଲେ । ଖବର ପାଇ ବରଗଡ଼ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ କେନାଲ ଭିତରୁ ମୃତଦେହ ଉଦ୍ଧାର ହୋଇଥିଲା ।

### ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

ବୌଦ୍ଧ,୨୬।୪(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶଙ୍କୁଲୋଇ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅବସରପ୍ରାପ୍ତ ଏବିଇଓ ସୁବାସ ଚନ୍ଦ୍ର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ସନାତନ ଗାହାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶଙ୍କୁଲୋଇ ସିଆରସିସି ମହାଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସଭାରେ ବିଦାୟୀ ଏବିଇଓ ସାହୁଙ୍କ ଗୁଣଗାନ କରିଥିଲେ । ବିଇଓ ଗାହାଣ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଶେଷରେ ଶିକ୍ଷକ ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋବିନ୍ଦପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

ଝାରବନ୍ଧ, ୨୬।୪ (ଡି.ଏନ.ଏ): ମାନବ କଲ୍ୟାଣ ପାଇଁ ଗୋବିନ୍ଦପୁର ଆର୍ଯ୍ୟ ସମାଜ ତରଫରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଆମ ସେନା ସ୍ଥିତ ଗୁରୁକୁଳ ମହାବିଦ୍ୟାଳୟର ଆଚାର୍ଯ୍ୟ ମନୁ ଦେବଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ କାହ୍ନୁ ପ୍ରଧାନ, ପରମାନନ୍ଦ ପ୍ରଧାନ, ଗୌରଚନ୍ଦ୍ର ନାୟକ, ହୃଷିକେଶ ପ୍ରଧାନ, ରମେଶ ସେଟ, ଡାକ୍ତର ପ୍ରଧାନ, ରଞ୍ଜନ ସେଟ, ଜଗବନ୍ଧୁ ମେହେର, ରକ୍ଷୀ ଝଗରା, ଭିକ ସା, ସୌଦାଗର ନାୟକ ପ୍ରମୁଖ ସହଯୋଗ କରିଥିଲେ । ଆର୍ଯ୍ୟ ସମାଜ ତରଫରୁ ୫୦ଜଣ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା ।

### ତାରିଣୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ସୋହେଲା,୨୬।୪(ଡି.ଏନ.ଏ): ସୋହେଲା ବ୍ଲକ ଅନ୍ତର୍ଗତ ୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବାଇପାଲି ଛକ(ମୁନିଗାଡ)ଠାରେ ମା ତାରିଣୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅକ୍ଷୟ ସେଠ ମୁଖ୍ୟ ପୁରୋଧା ଥିବାବେଳେ ସରୋଜ ଦେବତା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଶ୍ରୀଗିଡା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦଳ ଯୋଗ ଦେଇ ନାମ ସଂକୀର୍ତ୍ତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସୁବ୍ରତ ସିଂହ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଅନୀଲ ପଧାନ, ଶ୍ରୀବସ୍ତ ବାଗ, ଜନତା ପଧାନ, ମୋହନ ନାୟକ ଯୋଗ ଦେଇଥିଲେ ।

# ୪୦ ଡିଗ୍ରୀରୁ ଖସୁନି ପାରଦ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୬।୪



ପ୍ରବଳ ଗରମ ଯୋଗୁ ଲୋକେ ମୁହଁରେ କପଡା ବାନ୍ଧି ଯାଉଛନ୍ତି ।

ବରଗଡ଼ରେ ତାତି ବଢ଼ି ଚାଲିଛି । ପାରଦ ୪୦ ଡିଗ୍ରୀରୁ ତଳକୁ ଖସୁନାହିଁ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଜିଲାରେ ଜନଜୀବନ ଦହଗଞ୍ଜ ହୋଇ ପଡ଼ିଛି। ଅଘୋଷିତ ବିଦ୍ୟୁତ ବିଭ୍ରାଟ ଯୋଗୁ ଏହା ଜିଲାବାସୀଙ୍କୁ ଆହୁରି ଅସ୍ତବ୍ୟସ୍ତ କରି ପକାଇଛି । ଏପରିକି ଅନ୍ୟବର୍ଷ ତୁଳନାରେ ଏଥର ଅଂଶୁଘାତ ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି । ଏହା ଲୋକଙ୍କ ଚିନ୍ତାର କାରଣ ପାଲଟିଛି ।

ବରଗଡ଼ ଜିଲାରେ ଗତ ୪ବର୍ଷ ମଧ୍ୟରେ ଅଂଶୁଘାତରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ଼ରୁ ଜଣାପଡ଼ିଛି । ମାତ୍ର ବେସରକାରୀ ଭାବେ ଏହା ଢ଼େର ଗୁଣରେ ଅଧିକ ହେବ ବୋଲି ଲୋକେ କହୁଛନ୍ତି । ମାତ୍ର ସଚେତନତା ଅଭାବରୁ ମୃତକମାନେ ସରକାରୀ ରେକର୍ଡ଼ଭୁକ୍ତ ହେବାରୁ ବାଦ୍ ପଡ଼ିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଗତ ୨୦୧୫ ମସିହାରେ ଜିଲାରେ ଅଂଶୁଘାତରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ସେହି ବର୍ଷ ଏପ୍ରିଲ ୭ତାରିଖରେ ବରଗଡ଼ ପୌର ପରିଷଦ ଅଧୀନ ବିରେନ କୁମ୍ଭାର, ମେ ୨୭ତାରିଖରେ ପଦ୍ମପୁର ବ୍ଲକ ଦୁବଲାବାହାଲର ରଜନୀ ବରିହା ଏବଂ ମେ ୩୦ତାରିଖରେ ପଦ୍ମପୁରର ଗୋବିନ୍ଦ ବରିହାଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିଲା। ୨୦୧୬ ମସିହା ବେଳକୁ ଅଂଶୁଘାତ ମୃତକଙ୍କ ସଂଖ୍ୟା ଦୁଇକୁ ଖସିଥିଲା । ସେହିବର୍ଷ ଜୁନ ୧୨ତାରିଖରେ ବରପାଲି ବ୍ଲକ ଧଅଁରାଖନ୍ଦାର ଚକ୍ର ନାଏକ ଏବଂ ଜୁନ୍ ୪ରେ ଘାସିରାମ ନାଗଙ୍କ ମୃତ୍ୟୁ ହୋଇଥିଲା।

କିନ୍ତୁ ୨୦୧୭ ମସିହା ବେଳକୁ ଅଂଶୁଘାତ ମୃତକଙ୍କ ସଂଖ୍ୟା ପୁଣି ୩କୁ ବୃଦ୍ଧି ପାଇଥିଲା । ସେହିବର୍ଷ ଏପ୍ରିଲ ୧ତାରିଖରେ ଭେଡ଼େନ ବ୍ଲକ ବର୍ଗଡିକ୍ରାର ଓକିଲ ବର୍ଗାଡ଼ୀ, ମେ ୩ତାରିଖରେ ବରଗଡ଼ ୱାର୍ଡ଼ ନଂ-୪ର ମନସୀ ପ୍ରଧାନ ଏବଂ ମେ ୬ତାରିଖରେ ଭଟଲି ବ୍ଲକ ହାଲୁପାଲି ଗ୍ରାମର ସନ୍ତୋଷ ସାହୁଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିଲା। ୨୦୧୮ ମସିହାକୁ ଏଭଳି ମୃତକଙ୍କ ସଂଖ୍ୟା ୨କୁ ଖସିଥିଲା । ୨୦୧୮ ମେ ମାସ ୨୩ତାରିଖରେ ବରଗଡ଼ ୱାର୍ଡ଼ ନଂ-୮ ନିବାସୀ ପଞ୍ଚାନନ ରାଉତ ଏବଂ ସେହି ମାସ ୨୮ତାରିଖରେ ଭଟଲି ବ୍ଲକ କମଗାଁ ନିବାସୀ ଜୟଦେବ ବରିହାଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିଲା ।

**ବରଗଡ଼ ଜିଲା**

ଏଥର ଯେଉଁଭଳି ଏବେଠାରୁ ଟାଣଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳି ଭୟାବହ ରୂପ ନେଲାଣି, ପୁଣି ଅଂଶୁଘାତଜନିତ ମୃତକଙ୍କ ସଂଖ୍ୟା ଜିଲାରେ ବଢ଼ିବା ଆଶଙ୍କା ରହିଛି । ଦିନ ୧୦ଟାରୁ ଘରୁ ପଦାକୁ ବାହାରିବା କଷ୍ଟସାଧ୍ୟ ହୋଇପଡୁଛି। ଯେଉଁମାନେ ପଦାକୁ ବାହାରୁଛନ୍ତି, ସେମାନେ ବିନା ଗାମୁଛା, ଓଢ଼ଣିରେ ବାହାରକୁ ଯାଇ ପାରୁ ନାହାନ୍ତି। ଏପରିକି ବିଦ୍ୟୁତ ବିଭ୍ରାଟ ଲାଗି ରହିଥିବା ଯୋଗୁ ଘର ଭିତରେ ରହି ହେଉନାହିଁ । ଏ ନେଇ ସିଡିଏମ୍ଓ ଏନ. କେ ପାଢୀଙ୍କୁ ପଚାରିବାରୁ ସେ କହିଲେ, ବରଗଡ଼ ଜିଲାର ବରଗଡ଼ ଓ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଅଂଶୁଘାତ ଅସୁସ୍ଥଙ୍କ ପାଇଁ ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ କକ୍ଷ ରହିଛି । ସେହିପରି ଅନ୍ୟ ଡାକ୍ତରଖାନା ଗୁଡ଼ିକରେ ଗୋଟିଏ ଶୀତତାପ ନିୟନ୍ତ୍ରିତ କକ୍ଷ, ଆବଶ୍ୟକ ଓଆରଏସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ରହିଛି ବୋଲି ପାଢୀ କହିଥିଲେ ।

## ବାଇକ୍ ଦୁର୍ଘଟଣା: ଜଣେ ମୃତ, ଦୁଇ ଆହତ

ସୋହେଲା,୨୬।୪(ଡି.ଏନ.ଏ)

ବରଗଡ ଜିଲା ସୋହେଲା ନିକଟସ୍ଥ ଡୁମେରପାଲି ଗାଁ ଛକରେ ଶୁକ୍ରବାର ଗୋଟିଏ ବାଇକକୁ ଅନ୍ୟ ଏକ ବାଇକ ପଛପଟୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କନଗାଁ ନିବାସୀ ବୁଲୁ ସୁଇଙ୍କ ପୁଅ ସାନନ୍ଦ ସୁଇ(୨୨)। ଶୁକ୍ରବାର ସକାଳ ସାଢ଼େ ୧୦ଟା ସମୟରେ ମଙ୍ଗଳପାଲି ଗ୍ରାମର ଡମ୍ବରୁଧର ମେହେର ତାଙ୍କ ସ୍ତ୍ରୀ ଓ ୮ବର୍ଷର ନାତି ସହିତ ବାଇକ (ନଂ.ଓଡି୧୭ଏମ/୦୯୮୬) ଯୋଗେ ସୋହେଲା ପଟରୁ ବିରିପାଲି ଗ୍ରାମକୁ ୬ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିଲେ। ଡୁମେରପାଲି ଛକରେ ଏମାନେ ରାସ୍ତାର ଡାହାଣପଟକୁ ବାଇକ୍ କାଟିବାବେଳେ କନଗାଁର ସାନନ୍ଦ ସୁଇ ଅନ୍ୟ ଏକ ବାଇକ୍ (ନମ୍ବରବିହୀନ ବାଇକ)ରେ ଯାଇ ଆଗ ବାଇକକୁ ଜୋରରେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ବାଇକ୍ ଆରୋହୀମାନେ ପଡିଯାଇଥିଲେ। ସାନନ୍ଦଙ୍କ ପଛପଟ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଅନ୍ୟ ବାଇକ ଆରୋହୀ ମଧ୍ୟ ଆହତ ହୋଇଥିଲେ। ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ପ୍ରାଥମିକ ଚିକିତ୍ସା ପରେ ବରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଶିଶୁଟିର କୌଣସି କ୍ଷତି ହୋଇ ନ ଥିବା ପୋଲିସ ସୂଚନା ଦେଇଛି । ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୭୨/୧୯) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ପୋଲିସ ଜବତ କରିଛି ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି ।

## ଜିରା ନଦୀରୁ ମିଳିଲା ରିକ୍ସା ଚାଳକଙ୍କ ମୃତଦେହ

ବରଗଡ଼ ଅଫିସ୍,୨୬।୪

ବରଗଡ଼ ସହର ଦେଇ ବହି ଯାଇଥିବା ଜୀରା ନଦୀରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ରିକ୍ସା ଚାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧ର ଗଣେଶ ସାହୁ । ସେ ଗୁରୁବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ପାଇ ନ ଥିଲେ । ଅନ୍ୟପଟେ ଶୁକ୍ରବାର ଜୀରା ନଦୀରେ ତାଙ୍କ ଶବ ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଆସି ମୃତଦେହ ଚିହ୍ନଟ କରିଥିଲେ । ବରଗଡ଼ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି, ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ଏ ନେଇ ଅଧିକ ତଦନ୍ତ ଚଳାଇଛି ।

## ବୁଦ୍ଧ ମହୋତ୍ସବ ପାଇଁ ପ୍ରସ୍ତାବ

ବୌଦ୍ଧ,୨୬।୪(ସ୍ୱ.ପ୍ର)




ବୁଦ୍ଧ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ ।

ବୌଦ୍ଧ କର୍ମଚାରୀ ଭବନଠାରେ ବୁଦ୍ଧଜୟନ୍ତୀ ପାଳନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ବୁଦ୍ଧ ଜୟନ୍ତୀକୁ ମହାସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରତିବର୍ଷ ପରି ଗବେଷକମାନଙ୍କୁ ଡକାଯାଇ ଟାଉନହଲ ପରିସରରେ ଆଲୋଚନା ବୈଠକ, ବୌଦ୍ଧ ଜିଲାରେ ବୁଦ୍ଧଙ୍କ କୀର୍ତ୍ତିରାଜି ସମ୍ପର୍କିତ ସ୍ମରଣିକା ପ୍ରକାଶନ କରାଯିବାକୁ ମତପ୍ରକାଶ ପାଇଥିଲା। କେଳାକଟା ପାହାଡରେ ବୁଦ୍ଧଙ୍କ ବିରାଟ ମୂର୍ତ୍ତି ନିର୍ମାଣ ପାଇଁ ଶିଳାନ୍ୟାସ ହୋଇସାରିଥିବାରୁ ଜୟନ୍ତୀ ଉତ୍ସବରେ ସେହି ସ୍ଥାନକୁ କାର୍ଯ୍ୟକ୍ରମ ଆୟୋଜନରେ ସାମିଲ କରାଯିବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବୁଦ୍ଧଙ୍କ ନାମରେ ପରିଚିତ ବୌଦ୍ଧ ଜିଲାରେ ଏକ ବୁଦ୍ଧ ମହୋତ୍ସବ କରାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ସଂସ୍କୃତି ବିକାଶ ପରିଷଦ ସଭାପତି ବିଶ୍ୱେଶ୍ୱର ପୃଷ୍ଟି, ବୁଦ୍ଧଜୟନ୍ତୀ ପାଳନ କୋର କମିଟି ସଦସ୍ୟ ସତ୍ୟ ନାରାୟଣ ହୋତା, ସିଦ୍ଧାର୍ଥ ସାହିତ୍ୟ ସଂସଦର ସମ୍ପାଦକ କୃତିବାସ ପଲିଆ, ବିପ୍ରଚରଣ ମହାନ୍ତି, ଚିତ୍ତରଞ୍ଜନ ଦାଶ, ସୁଜ୍ଞାନ କୁମାର ପାତ୍ର, ଶୁଭେନ୍ଦୁ କୁମାର ପଟ୍ଟନାୟକ, ଜୟନାରାୟଣ ମହାନ୍ତି, ପ୍ରଭାତ କୁମାର ସାହୁ, ଧବଳେଶ୍ୱର ମହାପାତ୍ର ଓ ସୂର୍ଯ୍ୟେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଦୁର୍ଘଟଣାରେ ଦୁଇ ଆହତ

ବୌଦ୍ଧ,୨୬।୪(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଚାରିଛକ ବଜାରର ଗୋଲେଇ ଠାରେ ଟ୍ରାଫିକ ନିୟମ ନ ମାନି ବୋଲେରୋ ଏକ ବାଇକ୍‌କୁ ଧକ୍କା ଦେବାରୁ ଦୁଇ ଜଣ ଆହତ ହୋଇଛନ୍ତି । ହରଭଙ୍ଗା ବ୍ଲକ ବାଦିକଟା ଗ୍ରାମର ମନୋଜ ସାହୁ ଓ ଖଣ୍ଡହତା ଗ୍ରାମର ମନୋଜ ରଣା ଏକ ବାଇକ୍ (ନଂ.ଓଡି ୩୧/ଏ ୭୫୫୦) ଯୋଗେ ଆଡେଣୀଗଡରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଚାରିଛକ ଗୋଲେଇରେ ବୌଦ୍ଧ ପଟୁ ଫୁଲବାଣୀ ଯାଉଥିବା ଏକ ବୋଲେରୋ (ନଂ.ଓଆର୧୨/ବି୪୫୭୫) ଉକ୍ତ ବାଇକ୍‌କୁ ଧକ୍କା ଦେଇଥିଲା । ଦମକଳ କର୍ମଚାରୀ ଉଭୟଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ପୋଲିସ ଉଭୟ ଗାଡିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଖୁଲମଖୁଲା ଚାଲିଛି ସଟ୍ଟା ଖେଳ

ବରପାଲି, ୨୬।୪ (ଡି.ଏନ୍.ଏ.)

ବରପାଲି ସହରରେ ସଟ୍ଟାଖେଳ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହା ଏକ ମୁଖ୍ୟ ବ୍ୟବସାୟରେ ପରିଣତ ହୋଇଛି। ଏଠାକାର ପ୍ରମୁଖ ଛକ ସ୍ଥାନମାନଙ୍କରେ ଖୁଲମଖୁଲା ଏହି ଖେଳ ଚାଲିଛି । ପୂର୍ବରୁ ସଟ୍ଟାଖେଳ ବନ୍ଦ ରହିଥିଲା। ଏବେ ପୋଲିସ ପ୍ରଶାସନର ନୀରବତା ଯୋଗୁ ଏହାର ଚେର ବିସ୍ତାର କଲାଣି । ଫଳରେ ଏହା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥିରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ଆଶଙ୍କା ରହିଛି । ଏ ସମ୍ପର୍କରେ ଥାନା ଅଧିକାରୀ ରୋଜାଲିନ ପଟେଲଙ୍କ ଦୃଷ୍ଟି ଆକର୍ଷଣ କରିବାରେଏଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଏହି ବେଆଇନ ଖେଳ ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

# ରାମ ରାବଣ ଯୁଦ୍ଧ ମୁଖ୍ୟ ଆକର୍ଷଣ

ଜହ୍ନାପଙ୍କ, ୨୬।୪ (ଡି.ଏନ୍.ଏ.)




ରାବଣ ବଧ ନାଟକରେ ଯୁଦ୍ଧ ପାଇଁ କଳାକାରମାନେ ପ୍ରସ୍ତୁତ ହେଉଛନ୍ତି ।

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରରେ ରାମଲୀଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୦ତମ ରାମଲୀଳା ମହୋତ୍ସବ ବୁଧବାର ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ହନୁମାନ ଓ ବିଭିଷଣ ଓ ବାନରସେନା ଜହ୍ନାପଙ୍କ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବସ୍‌ଷ୍ଟାଣ୍ଡ, ତ୍ରିବେଣୀ ଚକ୍, ଲକ୍ଷ୍ମୀ ଛକ, ଗଙ୍ଗାଧର ମେହେର ଦୈନିକ ବଜାର ଦେଇ ହାଟପଡ଼ାରେ ପହଞ୍ଚିଥିଲେ। ସେହିପରି ରାବଣ ସେନା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବାହାରି ହରିବଂଶ ଛକ, ଗଙ୍ଗାଧର ଛକ, ଚଷା ସାହି, ସାହୁ ଗଳି ଦେଇ ହାଟପଦାଠାରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲା । ଏହାପରେ ରାମଲୀଳା ସାଂସ୍କୃତିକ ପରିଷଦ ସଭାପତି କିଶୋର ଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ହିମାଂଶୁ ଶେଖର ସାହୁ ମଞ୍ଚ

**ରାମଲୀଳା ନାଟ୍ୟୋତ୍ସବ ଉଦ୍‌ଯାପିତ**

ପରିଚାଳନା କରିଥିଲେ । ଏହାପରେ ଚାରିଶମ୍ଭୁ କଳା ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ରାବଣ ବଧ ନାଟକରେ ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣର ବଧ ହୋଇଥିଲା । ସ୍କୁଲ୍ ପରିସରରେ ଥିବା ୨୫ଫୁଟର ଏକ ରାବଣ ପ୍ରତିମୂର୍ତ୍ତିକୁ ବାଣ ଦ୍ୱାରା ସଂଯୋଗ କରାଯାଇ ରାବଣ ପୋଡ଼ି କରାଯାଇଥିଲା। ଏହାପରେ ଶ୍ରୀରାମଚନ୍ଦ୍ରଙ୍କ ରାଜାଭିଷେକ କରାଯାଇଥିଲା । ରାମ ଭୂମିକାରେ ବୃନ୍ଦାବନ, ଲକ୍ଷ୍ମଣ-ଗୋପାଳ, ସୀତା-ନକୁଳ, ରାବଣ-ସୁରେନ୍ଦ୍ର, ବିଭିଷଣ-ଦୁର୍ଯ୍ୟୋଧନ, ହନୁମାନ -ଡମ୍ବରୁ, ସୁଗ୍ରୀବ-ରାଜକିଶୋର, ମହୀରାବଣ-ସୁମନ୍ଦ, ଅଙ୍ଗଦ-ଟଙ୍କଧର ଅଭିନୟ କରିଥିଲେ ।

### ପୁଷ୍କରିଣୀର ପ୍ରତିଷ୍ଠା ଉତ୍ସବ

ଜାମଟିକ୍ରା,୨୬।୪ (ଡି.ଏନ୍.ଏ.)

ଅତାବିରା ବ୍ଲକ ଖଲିଆପାଲି ଗରିଆଟିକ୍ରାଠାରେ ପ୍ରସନ୍ନ ସାଗର ପୁଷ୍କରିଣୀର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ମଙ୍ଗଳବାର ଅଙ୍କୁରାରୋପଣ, ମଣ୍ଡଳିକରଣ, ବୁଧବାର କଳସ ଯାତ୍ରା, ଯଜ୍ଞମଣ୍ଡପ ସଂସ୍କାର, ଧାନ୍ୟାଧିବାସ ଓ ଅଗ୍ନିସ୍ଥାପନ କରାଯାଇଥିବା ବେଳେ ଗୁରୁବାର ଦେବତା ଆବାହନ, ସ୍ନାନ ପୂଜନ, ଗୀତାଯଜ୍ଞ ଭୋଗ, ଆରତୀ, ପୁଷ୍ପାଞ୍ଜଳି ଏବଂ ଶୁକ୍ରବାର ମୁଖ୍ୟ ବେଦତା ପୂଜନ, ହୋମ ଆରତୀ ସହ ପୂର୍ଣ୍ଣାହୁତି ପଡିଥିଲା। ବିରଞ୍ଚି ଭୋଇ, ରଞ୍ଜନ ପ୍ରଧାନ, ସମ୍ପଦ ଗରିଆ, ପ୍ରଦ୍ୟୁମ ଗହିରା, ଯୁବରାଜ ଗରିଆ, ବୁଧୁ ପ୍ରଦାନ, ପ୍ରଭାକର ଭୋଇ, ବୃନ୍ଦାବନ ଦୀପ ଓ ଅଶୋକ ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ଓ ରାତିରେ ସରକଣ୍ଢା, ଜଟଲା ନାଟକ ପରିବେଷିତ ହୋଇଥିଲା। ଆନନ୍ଦ ଜାଲ ପଞ୍ଚୁ ଭୋଇ, ଚୈତନ୍ୟ ପ୍ରଧାନ, ଲମ୍ବୋଦର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଏହି ଉତ୍ସବରେ ସହଯୋଗ କରିଥିଲେ ।

## ଫଟୋରେ ଖବର







ବରଗଡ଼ ଜିଲା ଭେଡେନ ବ୍ଲକ ଅଏଁଲାପାଲି ଅଞ୍ଚଳରେ କେନ୍ଦୁପତ୍ର ତୋଳା ଆରମ୍ଭ (ବାମ) । ଭେଡେନ ବ୍ଲକ ଅଧୀନ ଜାମଡୋଲ-ଧୁବେନପାଲି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି (ମଝି) । ପାଇକମାଳ କଳାହାଣ୍ଡିପଡାର ରାସ୍ତା ଓ ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ମହିଳାମାନେ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶଙ୍କ ଭିଡିଓ ବାର୍ତ୍ତା ଭାଇରାଲ

## ଇଭିଏମ୍ ଭଙ୍ଗାରୁଜା ଘଟଣା
### ଘଟଣାର ନିରପେକ୍ଷ ତଦନ୍ତ ଦାବି

ପୁରୀ ଅଫିସ/ଭୁବନେଶ୍ୱର, ୨୬ା୪ (ବ୍ୟୁରୋ)

ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା ଏବଂ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ ଘଟଣାର ଅଭିଯୁକ୍ତ ତଥା ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ରଙ୍କୁ ପୋଲିସ ଗିରଫ କରିବାକୁ ଖୋଜା ଚଳାଇଛି। ସେ ଫେରାର ଥିବାରୁ ତାଙ୍କ ବିରୋଧରେ ପୋଲିସ ଗୁରୁବାର ଲୁକ୍ ଆଉଟ୍ ନୋଟିସ ଜାରି କରିଛି। ଏଭଳି ସ୍ଥିତିରେ ଓମ୍‌ପ୍ରକାଶଙ୍କ ଏକ ଭିଡିଓ ବାର୍ତ୍ତା ଶୁକ୍ରବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ଓମ୍‌ପ୍ରକାଶ କହିଛନ୍ତି, ଘଟଣାରେ ପ୍ରଶାସନର ଭୂମିକା କ'ଣ ରହିଛି, ବୁଥ୍ ରିଗିଂରେ କେଉଁମାନେ ଦୋଷୀ ତାହାର ନିରପେକ୍ଷ ଭାବେ ତଦନ୍ତ କରାଯାଉ। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ନିରପେକ୍ଷ ତଦନ୍ତରେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଦଣ୍ଡ ପାଇବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ନିର୍ବାଚନମଣ୍ଡଳୀର ବୀରକେଶରୀପୁର, ଜାଗୁଳାଇପଦର, ଦୋଛିଆଁ, ନୂଆଗାଁ ଭଳି ୭ଟି ବୁଥ୍‌ର ତଦନ୍ତ କରାଯାଉ। ଏହିସବୁ ବୁଥ୍‌ରେ ମୃତ୍ୟୁ ଘଟିସାରିଥିବା, ଅଞ୍ଚଳରେ ରହୁ ନ ଥିବା ଭୋଟରଙ୍କ ପାଇଁ ଜୋର୍‌ଜବରଦସ୍ତ ମତଦାନ କରାଯାଇଛି। ହେଲେ ବୀରକେଶରୀପୁର ୭୮ ନଂ. ବୁଥ୍‌ରେ ସବୁ କଥାର ସୀମା ଟପିଗଲା, ଯେଉଁଥିପାଇଁ ସେଠି ପହଞ୍ଚିବାକୁ ବାଧ୍ୟ ହୋଇଥିଲି। ଭାଜପା କାର୍ଯ୍ୟକର୍ତ୍ତା ପହଞ୍ଚିବା ବେଳକୁ ସେମାନଙ୍କ ଭୋଟ ଦିଆ ସରିଥିଲା। ଜଣେ ବ୍ୟକ୍ତି ଅନ୍ୟମାନଙ୍କ ଭୋଟ ଦେଉଥିଲେ, ଯାହା ସୁସ୍ଥ ଗଣତନ୍ତ୍ରର ନମୁନା ନୁହେଁ ବୋଲି ଓମ୍‌ପ୍ରକାଶ ଭିଡିଓରେ କହିଛନ୍ତି। ପ୍ରଶାସନ ଯେଉଁଭଳି ଭାବେ ଏହାକୁ ପ୍ରଶ୍ରୟ ଦେଇଛି ତାହା ଦୁଃଖର କଥା। ସରକାରୀ ଦଳ ପ୍ରଶାସନକୁ ଲଗାଇ ରାଜନୈତିକ ଫାଇଦା ନେବା ପାଇଁ ଏହା କରିଛନ୍ତି। ବିଜେଡିର ଗୁଣ୍ଡାମାନେ ସେଦିନ ଇଭିଏମ୍ ଭାଙ୍ଗିଛନ୍ତି। ତାଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ପ୍ରିଜାଇଡିଂ ଅଫିସରଙ୍କ ଉପରେ ଚାପ ପକାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ କମିଟି ଗଠନ କରାଯାଇ ଏହାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ଓମ୍‌ପ୍ରକାଶ କହିଛନ୍ତି।



ଏ ସମ୍ପର୍କରେ ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି ଯେ, ଭାଜପା ଏଭଳି ଜଣେ ବ୍ୟକ୍ତିଙ୍କୁ ସତ୍ୟବାଦୀରୁ ପ୍ରାର୍ଥୀ କରିଥିଲା, ଯିଏ ଇଭିଏମ୍ ଭାଙ୍ଗିଲେ, ଗୁଣ୍ଡାଗର୍ଦ୍ଦି କରିବା ସହ ଆଇନ ଓ ପୋଲିସ୍‌ର ସାମ୍ନା କରି ନ ପାରି ପଳାୟନପନ୍ଥୀ ହେଲେ। ପୋଲିସଠାରୁ ଲୁଚୁଥିବା ଏଭଳି ଜଣେ ଆପରାଧିକ ବ୍ୟକ୍ତିଙ୍କ ମତ ଉପରେ ପ୍ରତିକ୍ରିୟା ରଖିବା ଠିକ୍ ନୁହେଁ। ତାଙ୍କ ମତ ଉପରେ ପ୍ରତିକ୍ରିୟା ରଖିବା ଅର୍ଥାତ୍ ଜଣେ ଅପରାଧୀଙ୍କ କଥା ଉପରେ ମତ ରଖିବା ସହ ସମାନ ବୋଲି ପାତ୍ର କହିଛନ୍ତି।

ସୂଚନାଥାଉ କି, ମତଦାନ ଚାଲିଥିବା ବେଳେ ଓମ୍‌ପ୍ରକାଶ ତାଙ୍କ ସହଯୋଗୀଙ୍କ ସହ ୭୮ନଂ. ବୁଥ୍‌ରେ ପହଞ୍ଚି ପୋଲିଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଆକ୍ରମଣ କରିଥିଲେ। ଏପରି କି ଇଭିଏମ୍‌କୁ ଭାଙ୍ଗିବା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫିଙ୍ଗାଫୋପଡ଼ା ଏବଂ ଚିରାଚିରି କରିଥିଲେ ବୋଲି କଣାସ ବ୍ଲକର ଗଡ଼ିଶାଗଡା ଥାନାରେ ଅଭିଯୋଗ ହୋଇଥିଲା। ଏହା ପରଠାରୁ ଓମ୍‌ପ୍ରକାଶ ଫେରାର୍ ଅଛନ୍ତି।

# ଭାଜପା ପ୍ରାର୍ଥୀଙ୍କୁ ମାଡ଼ ମାରି ଅଟକ

କାକଟପୁର, ୨୬ା୪(ଡି.ଏନ୍.ଏ.)



ରବି ମଲ୍ଲିକ

- ବିଳମ୍ବିତ ରାତିରେ ଉଦ୍ଧାର କଲା ପୋଲିସ
- କଂଗ୍ରେସ କର୍ମୀ ମାଡ଼ ମାରିଥିବା ଅଭିଯୋଗ
- ଟଙ୍କା ବାଣ୍ଟି ପ୍ରଲୋଭିତ କରୁଥିବା ପାଲଟା ଅଭିଯୋଗ

କାକଟପୁରର ଭାଜପା ବିଧାୟକ ପ୍ରାର୍ଥୀ ରବି ମଲ୍ଲିକଙ୍କୁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ କେତେଜଣ ଲୋକ ଗୁରୁବାର ବିଳମ୍ବିତ ରାତିରେ ମାଡ଼ ମାରିବା ସହ ଅଟକ ରଖିଥିଲେ। ଖବର ପାଇ କାକଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏ ନେଇ ରବି କାକଟପୁର ଥାନାରେ ଅଭିଯୋଗ କରିଥିବାବେଳେ ତାଙ୍କ ଓ ସମର୍ଥକଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି ଉକ୍ତ ଗ୍ରାମର ସଞ୍ଜୟ ନାୟକ। ତଦନୁଯାୟୀ ୪୮/୧୯ ଏବଂ ୪୯/୧୯ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିବା କାକଟପୁର ଥାନା ଆଇଆଇସି ସୁମତୀ ମହାନ୍ତି କହିଛନ୍ତି।

ରବିଙ୍କ ଅଭିଯୋଗ ଅନୁଯାୟୀ ସେ ତାଙ୍କ ସମର୍ଥକମାନଙ୍କ ସହିତ କୋଣାର୍କରୁ ଅସ୍ତରଙ୍ଗ ଫେରୁଥିବା ସମୟରେ ଶ୍ରୀରାମପୁରଠାରେ କେତେଜଣ କଂଗ୍ରେସ ସମର୍ଥକ ଭୋଜି କରୁଥିଲେ। ସେମାନେ ହଠାତ୍ ତାଙ୍କ ଗାଡ଼ିକୁ ଅଟକାଇ ଆକ୍ରମଣ କରିବା ସହିତ ଠେଲାପେଲା କରିଥିଲେ। ଅପରପକ୍ଷରେ ସଞ୍ଜୟଙ୍କ ଅଭିଯୋଗ ଅନୁଯାୟୀ, ରବି ଓ ତାଙ୍କ ସମର୍ଥକମାନେ ଗାଁରେ ପହଞ୍ଚି ଭୋଟରମାନଙ୍କୁ ଟଙ୍କା ବାଣ୍ଟି ପ୍ରଲୋଭିତ କରିବାକୁ ଉଦ୍ୟମ କରୁଥିବା ଜାଣି ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ପୋଲିସ ରବିଙ୍କ ବୋଲେରୋ ଗାଡ଼ି (ନଂ ଓଡି୩୩ଭି-୭୦୪୦)କୁ ଥାନାରେ ରଖି କେଉଁ କାରଣରୁ ସେ ବିଳମ୍ବିତ ରାତିରେ ଶ୍ରୀରାମପୁର ଯାଇଥିଲେ ତାହା ତଦନ୍ତ କରୁଛି।

ଟଙ୍କା ବାଣ୍ଟିବା ସମ୍ପର୍କରେ ରବି କୁହନ୍ତି, ତାଙ୍କର ବିଜୟ ସମ୍ଭାବନା ବୃଦ୍ଧି ପାଉଥିବାରୁ ହତୋତ୍ସାହିତ ହୋଇ କଂଗ୍ରେସ କର୍ମୀମାନେ ଏପରି ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ବଦ୍‌ନାମ କରିବାକୁ ଚେଷ୍ଟା କରୁଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀର ଭୋଟରମାନେ ତାଙ୍କୁ ଭଲ ଭାବରେ ଜାଣିଛନ୍ତି। ବିରୋଧୀଙ୍କ ଚକ୍ରାନ୍ତ କେବେ ସଫଳ ହେବନାହିଁ ସେ ବୋଲି କହିଥିଲେ।

# ଚିରଞ୍ଜୀବଙ୍କ ପାଇଁ ପ୍ରଚାରରେ ଗୁଲାମ ନବୀ ଆଜାଦ



ନାଉଗାଁରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି କଂଗ୍ରେସ ନେତା ଗୁଲାମ ନବୀ ଆଜାଦ

ନାଉଗାଁ,୨୬ା୪(ସ୍ୱ.ପ୍ର.)

ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରାର୍ଥୀମାନଙ୍କ ପ୍ରଚାର ସେତେ ଜୋର୍‌ଦାର ହେବାରେ ଲାଗିଛି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀମାନେ ରାଜ୍ୟ ଓ ଜାତୀୟସ୍ତରର ହେଭିୱେଟ୍ ନେତାଙ୍କୁ ଆଣି ପ୍ରଚାର କରୁଛନ୍ତି। ଏହି କ୍ରମରେ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳଙ୍କ ପାଇଁ ଶୁକ୍ରବାର ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ ରୋଡ୍ ଶୋ ମାଧମରେ ପ୍ରଚାର କରିଛନ୍ତି। ପୂର୍ବାହ୍ନ ୧୧.୩୦ରେ ସେ ସ୍ଥାନୀୟ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପଡିଆରେ ହେଲିକପ୍ଟରରୁ ଅବତରଣ କରି ରୋଡ୍ ଶୋ'ରେ ଯିବାର ଥିଲା। କିନ୍ତୁ କୌଣସି କାରଣରୁ ବିଳମ୍ବ ହୋଇଥିଲା। ପରେ ହେଲିକପ୍ଟରରେ ନ ଆସି ୧ ଘଣ୍ଟା ବିଳମ୍ବରେ ସଡ଼କ ପଥରେ ଆସି ମୁଣ୍ଡାଲୋ ବଜାରଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ତାଙ୍କ ସହିତ ପୂର୍ବତନ ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ସୁର ରାଉତରାୟ, ବିଧାୟକ ପ୍ରାର୍ଥୀ ବିଶ୍ୱାଳ, ଏମପି ପ୍ରାର୍ଥୀ ପ୍ରତିମା ମଲ୍ଲିକ, ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଅବସରରେ ସେ ବିଧାୟକ ପ୍ରାର୍ଥୀ ବିଶ୍ୱାଳ ଓ ଏମ୍‌ପି ପ୍ରାର୍ଥୀ ମଲ୍ଲିକଙ୍କୁ ହାତ ଚିହ୍ନରେ ଭୋଟ୍ ଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ମୁଣ୍ଡାଲୋ, ପାଳସାହି, ଘୋଡାଂଶ, ବ୍ଲକ ଛକ, ନାଉଗାଁ ବଜାରରେ ସେ ଶୋଭାଯାତ୍ରା କରିଥିଲେ। ବଜାରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ କୋକିଡିହ, ବାଂଶ, ତେଣ୍ଟୋଇ, ଗଙ୍ଗଦାହାଟ, କୋରୁଅ ଦେଇ ଗାରୋଇ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ।

ଭଦ୍ରକ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଭାଜପା କ୍ଷମତାକୁ ଆସିଲେ ଖଣି, ଚିଟ୍‌ଫଣ୍ଡ ଚୋର ଜେଲ୍ ଯିବେ

ଭଦ୍ରକ ଅଫିସ/ପଦ୍ମପୁର/ତିହିଡି, ୨୬ା୪ (ଡି.ଏନ.ଏ.)

ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକ ଜିଲା ଗସ୍ତରେ ଆସି ଦଳୀୟ ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ମାଧବାନନ୍ଦ ମଲ୍ଲିକ, ବିଷ୍ଣୁ ସେଠୀ ଓ ଡା. ପ୍ରଦୀପ ନାୟକଙ୍କ ସମେତ ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ପାଇଁ ଜନସମର୍ଥନ ଲୋଡ଼ିଛନ୍ତି। ଏହି ଅବସରରେ ପୀରହାଟରେ ବିଜୟ ସଙ୍କଳ୍ପ ସମାବେଶ ଓ ଭଦ୍ରକରେ ରୋଡ୍ ଶୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ ରାଜ୍ୟ ସରକାର ମିଛରେ ବିଭିନ୍ନ ଯୋଜନା ନାଁ କହି ବାହାବା ନେଉଛନ୍ତି। ଏଠାରେ ଡବଲ୍ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି। ଏଥିପାଇଁ ଦଳୀୟ ବିଧାୟକ ଓ ଲୋକ ସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଶଶୀକାନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ନିଶ୍ଚିତ ଗଠିତ ହେବ। ସରକାର ଗଠନର ୩ ମାସ ମଧ୍ୟରେ ଖଣି ଓ ଚିଟ୍‌ଫଣ୍ଡ ଚୋର, ପିସି ଖିଆମାନଙ୍କୁ ଜେଲ ପଠାଯିବ। ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବରିଷ୍ଠ ନେତା ପ୍ରତାପ ଧଳ, ରଘୁନାଥପାଲି ବିଧାୟକ ପ୍ରାର୍ଥୀ ଯୋଗେନ୍ଦ୍ର ବେହେରା, ସୁନ୍ଦରଗଡ଼ ଜିଲା ପାନପୋଷର ସାଙ୍ଗଠନିକ ଜିଲା ସମ୍ପାଦକ ଅମରେନ୍ଦ୍ର ଶର୍ମା, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ସଂଗ୍ରାମ ସେନା ଅଧ୍ୟକ୍ଷ ସଂଗ୍ରାମ ରାଉତ, ପୂର୍ବତନ ସରପଞ୍ଚ ରାଜାରାମ ମହାକୁଡ଼ ଓ ପ୍ରଫୁଲ୍ଲ ପାଢ଼ୀ, ପୂର୍ବତନ ସମିତିସଭ୍ୟ ମାନସ ରଞ୍ଜନ ନାୟକ, ଆରଡି ଜୋନ୍ ସଭାନେତ୍ରୀ ସସ୍ମିତା ନାୟକ, ମୁକ୍ତିକାନ୍ତ ନାୟକ, ମଙ୍ଗରାଜ ନାୟକ, ସଂଗ୍ରାମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଏହାପରେ ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀଠାରେ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗ ଦେଇ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଓ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା କହିଥିଲେ। ୧୯ବର୍ଷ ଧରି ରାଜ୍ୟ ସରକାର ବହୁ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ରତ୍ନଭଣ୍ଡାରର ଚାବି ହଜାଇ ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ସ୍ଥିର ସରକାର ଗଠନ ପାଇଁ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ଓ ବିଧାନସଭା ପ୍ରାର୍ଥୀ ମାଧବାନନ୍ଦଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ଭାଜପା କ୍ଷମତାକୁ ଆସିଲେ ବିନା ସୁଧରେ କୃଷକଙ୍କୁ ଋଣ ଓ ମେଧାବୀ ଛାତ୍ରୀଙ୍କୁ ସ୍କୁଟି ପ୍ରଦାନ କରାଯିବ ବୋଲି ସେ କହିଥିଲେ।

ଉକ୍ତ ସଭାରେ ଇଂ. ନିରଦ କୁମାର ଦାସ ସଭାପତିତ୍ୱ କରିଥିଲେ। ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ, ବିଧାନସଭା ପ୍ରାର୍ଥୀ ମାଧବାନନ୍ଦ, ଜିଲା ଉପସଭାପତି ଅଶୋକ କୁମାର ସାହୁ, ପ୍ରଭାରୀ ଅମ୍ବିକା ପ୍ରସନ୍ନ ଦାସ, ମଣ୍ଡଳ ସଭାପତି ଗିରିଜା ଶଙ୍କର ନାୟକ, ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ମହତାବ ଛକଠାରୁ ରୋଡ୍ ଶୋ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଓଟି ମାର୍କେଟ୍ ସମେତ ସହରର ବିଭିନ୍ନ ଛକରେ ପଥପ୍ରାନ୍ତ ସଭାରେ ଧର୍ମେନ୍ଦ୍ର ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।



ଭଦ୍ରକରେ ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ୨ ପ୍ରାର୍ଥୀ।

# 'ଓଡ଼ିଆଙ୍କ ବୌଦ୍ଧିକ କ୍ଷମତାକୁ ହେୟଜ୍ଞାନ କରୁଛନ୍ତି ମୁଖ୍ୟମନ୍ତ୍ରୀ'

ଭୁବନେଶ୍ୱର, ୨୬ା୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ ୩୦ରୁ ଅଧିକ ଦିନ ହେଲା ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ବେଳେ ପ୍ରଚାର ଶେଷ ହେବାକୁ ବସିଲାଣି। ମାତ୍ର ଏ ପର୍ଯ୍ୟନ୍ତ କେଉଁ ପ୍ରସଙ୍ଗ ଉପରେ ବିଜେଡି ନିର୍ବାଚନ ଲଢୁଛି ସେନେଇ ମୁଖ୍ୟମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗାଳି ଦେବା ଏବଂ ତାଙ୍କ ପ୍ରତି ଅସୂୟାଭାବ ପ୍ରକାଶ କରିବା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାରର ପ୍ରସଙ୍ଗ ହୋଇଛି। ଚାରିଥର ମୁଖ୍ୟମନ୍ତ୍ରୀ ରହିବା ପରେ ନବୀନ ବାବୁ କ'ଣ କରିଛନ୍ତି ତାହାକୁ ରାଜ୍ୟବାସୀଙ୍କ ଆଗରେ ଉପସ୍ଥାପିତ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରି ଧର୍ମେନ୍ଦ୍ର କହିଛନ୍ତି, ବାସ୍ତବ କଥା ହେଉଛି ୧୯ବର୍ଷରେ ବିଜେଡି ସରକାର କ'ଣ କରିଛି ଏକଥା କହିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସତସାହସ ଓ ନୈତିକତା ନାହିଁ। କେବଳ ମନଗଢ଼ା କଥା କହି ସେ ଓଡିଆ ଲୋକଙ୍କ ବୌଦ୍ଧିକ କ୍ଷମତାକୁ ହେୟଜ୍ଞାନ କରୁଛନ୍ତି। ଦଳେ ନକଲି ଓଡ଼ିଆଙ୍କ ପରାମର୍ଶରେ ରାଜ୍ୟବାସୀଙ୍କୁ କିଛି ବି କହି ପାର୍ ହୋଇଯିବା କଥା ମୁଖ୍ୟମନ୍ତ୍ରୀ ଭାବୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଦେଶରେ ଅସ୍ଥିର ସରକାର ହେବ ବୋଲି ମୁଖ୍ୟମନ୍ତ୍ରୀ ଭବିଷ୍ୟବାଣୀ କରିଛନ୍ତି। ଏ ପ୍ରକାର ଭବିଷ୍ୟତବାଣୀ ୨୦୧୪ରେ କରିଥିଲେ ମଧ୍ୟ ଭାରତର ପରିପକ୍ୱ ଗଣତନ୍ତ୍ର ନରେନ୍ଦ୍ର ମୋଦିଙ୍କୁ ବଡ଼ ଦାୟିତ୍ୱ ଓ ଅଧିକାର ଦେଲା। ଚଳିତ ଥର ମୋଦିଙ୍କୁ ପୂର୍ବାପେକ୍ଷା ଆହୁରି ଅଧିକ ବଡ଼ ଦାୟିତ୍ୱ ମିଳିବ। ବିଶେଷକରି ମୋଦିଙ୍କ ଉପରେ ଜନ ଆଶୀର୍ବାଦରେ ଓଡ଼ିଶାର ଭୂମିକା ରହିବ। ୩ ପର୍ଯ୍ୟାୟ ନିର୍ବାଚନରେ ଓଡ଼ିଶାର ୩କୋଟି ୨୪ଲକ୍ଷ ଲୋକ ମୋଦିଙ୍କୁ ଆଶୀର୍ବାଦ କରିଥିବା ବେଳେ ଶେଷ ବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ଓଡିଆ ଲୋକମାନେ ନରେନ୍ଦ୍ର ମୋଦିଙ୍କ ସହ ଯିବେ। କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଭୂତପୂର୍ବ ଜନସମର୍ଥନ ଦେଖାଯାଇଛି। ଓଡ଼ିଆ ଲୋକମାନେ ଏଥର ମୋଦିଙ୍କୁ ଆଶୀର୍ବାଦ କରି ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନର ସରକାର କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମିଳୁନି କଣ୍ଟ୍ରୋଲ ୟୁନିଟ୍, ୬୨ ନଂ. ବୁଥ୍‌ରେ ହୋଇପାରେ ସାନି ନିର୍ବାଚନ

ପୁରୀ ଅଫିସ/ବ୍ରହ୍ମଗିରି,(ଡି.ଏନ.ଏ.)୨୬ା୪

## ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଏକ ବୁଥ୍‌ରେ ମତଦାନ ଶେଷହେବା ପରେ ଏକ ତ୍ରୁଟି ଦେଖାଦେଇଛି। ସମ୍ପୃକ୍ତ ବୁଥ୍‌ର କଣ୍ଟ୍ରୋଲ ୟୁନିଟ୍ ମିଳୁ ନ ଥିବାରୁ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଫଳରେ ଏହି ବୁଥ୍‌ରେ ସାନି ନିର୍ବାଚନ ହେବା ସମ୍ଭାବନା ରହିଛି।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକ ଅଧୀନ ବାଘମୁଣ୍ଡା ୬୨ ନଂ. ବୁଥ୍‌ରେ ଗତ ୨୩ ତାରିଖରେ ମତଦାନ ହୋଇଥିଲା। ମତଦାନ ଶେଷ ପରେ ନିର୍ବାଚନ ପରିଚାଳନା କରୁଥିବା ଅଫିସରମାନେ ସମସ୍ତ ମେଶିନ ଷ୍ଟ୍ରଙ୍ଗରୁମ୍‌ରେ ଜିମା ଦେଇଥିଲେ। ହେଲେ ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ ହେବା ସମୟରେ ୬୨ ନଂ. ବୁଥ୍‌ର ବିଧାନସଭା କଣ୍ଟ୍ରୋଲ ୟୁନିଟ୍ ମିଳି ନ ଥିଲା। ଏହା ଜଣାପଡ଼ିବା ପରେ ଗତ ବୁଧବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନିର୍ବାଚନ ଏଜେଣ୍ଟ ପ୍ରସନ୍ନ କୁମାର ପଲାଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାଶ କହିଛନ୍ତି ଯେ, କଣ୍ଟ୍ରୋଲ ୟୁନିଟ୍ ବୁହାଯିବା ବେଳେ ତାହା ଅସାବଧାନତାବଶତଃ ଅନ୍ୟ କୌଣସି ଷ୍ଟ୍ରଙ୍ଗରୁମ୍‌ରେ ରହିଯାଇଥାଇପାରେ। ଏହି ସମସ୍ୟା ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି। ସାନି ନିର୍ବାଚନ ହେବ କି ନାହିଁ ତାହା ନିର୍ବାଚନ କମିଶନ ନିଷ୍ପତ୍ତି ନେବେ ବୋଲି ଜିଲାପାଳ ଦାଶ କହିଛନ୍ତି।

ବାଲିକୁଦା-ଏରସମାରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ସଭା

# ରାଜ୍ୟରେ ସୀମା ଟପିଛି ଦୁର୍ନୀତି

ଜଗତ୍‌ସିଂହପୁର ଅଫିସ/ଏରସମା/ବାଲିକୁଦା, ୨୬ା୪(ଡି.ଏନ୍.ଏ./ସ୍ୱ.ପ୍ର.)

ବିଜେଡି ଶାସନ କାଳରେ ଓଡ଼ିଶାରେ ଦୁର୍ନୀତି ସୀମା ଟପିଛି। କେନ୍ଦ୍ର ସରକାରଙ୍କ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଯୋଜନା କହି ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ଶୁକ୍ରବାର ଜଗତ୍‌ସିଂହପୁର ଜିଲାର ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅବସରରେ ଏହା କହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଧାୟକ ପ୍ରାର୍ଥୀ ଦାମୋଦର ରାଉତ ଓ ଏମ୍‌ପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କ ନିମନ୍ତେ ପ୍ରଚାର କରିବା ଅବସରରେ ସ୍ଥାନୀୟ ବୋରିକିନା କଲେଜ ପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସେ କହିଲେ ଯେ ଭାଜପା ଶାସନକୁ ଆସିଲେ ଓଡ଼ିଶାକୁ ବିକାଶର ପ୍ରୟୋଗଶାଳା କରିବ। ଏହା ହିଁ ଦଳର ମୂଳ ଲକ୍ଷ୍ୟ। ଏରସମା ହେଉଛି ସଂଗ୍ରାମୀର ମାଟି। ତେଣୁ ଯେଉଁ ବ୍ୟକ୍ତି ବିଧାନସଭାରେ ଆପଣଙ୍କ ସମସ୍ୟା କଥା ଦୃଢ ଭାବେ ଉପସ୍ଥାପନ କରିପାରିବେ ତାଙ୍କୁ ବିଧାନସଭାକୁ ପଠାନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଦାମବାବୁଙ୍କ ସହ ଏମପି ପ୍ରାର୍ଥୀ ତରାଇଙ୍କୁ ପଦ୍ମ ଚିହ୍ନରେ ଭୋଟ୍ ଦେଇ ଜିତାଇବାକୁ ସେ ନିବେଦନ କରିଥିଲେ। ପୂର୍ବତନ ଏରସମା ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥୀ ତରାଇ, ବିଧାୟକ ପ୍ରାର୍ଥୀ ରାଉତ, ଚିତ୍ତରଞ୍ଜନ କଂସ, ଶିବବ୍ରତ ଦାସ, ମୋହିତ ମହାନ୍ତି, ଅମିତା ଦାସ, କୃଷକ ମୋର୍ଚ୍ଚା ଜିଲା ସଭାପତି ତପନ ବେହେରା, ଶଶୀକାନ୍ତ ପରିଡ଼ା ଓ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଭାମଞ୍ଚରେ ଦାମ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ମୋଦିଙ୍କ ପ୍ରଶଂସା କରିଥିଲେ।

# ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ କ୍ରେଜ୍

ଭୁବନେଶ୍ୱର,୨୬।୪(ବ୍ୟୁରୋ)





ଫାଷ୍ଟ୍ ଡେ’ ଫାଷ୍ଟ୍ ଶୋ। ଶୁକ୍ରବାର ରିଲିଜ ହୋଇଥିବା ମାର୍ଭେଲ କମିକ୍ସ ସିରିଜର ସର୍ବାଧିକ ଚର୍ଚ୍ଚିତ ଫିଲ୍ମ ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ର ପ୍ରଥମ ଦିନର ପ୍ରଥମ ଶୋ ଦେଖିବାକୁ ରାଜଧାନୀବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ପ୍ରବଳ କ୍ରେଜ୍। ପରିସ୍ଥିତି ଏଭଳି ଥିଲା ଯେ, ଲୋକେ ଭୋର୍ ୫ଟାରୁ ମଲ୍ଟିପ୍ଲେକ୍ସ ଆଗରେ ଲାଇନ୍ ଲଗାଇଥିଲେ। ସେହିଭଳି ପ୍ରଥମଥର ପାଇଁ ଭୁବନେଶ୍ୱରର ସିନେମା ହଲ୍‌ଗୁଡ଼ିକରେ ସକାଳ ୬ଟାରୁ ଶୋ ଆରମ୍ଭ ହୋଇଥିଲା।

ମାର୍ଭେଲ କମିକ୍ସ ଉପରେ ଆଧାରିତ ଏହି ଆମେରିକାନ୍ ସୁପରହିରୋ ଫିଲ୍ମ ‘ଇନ୍‌ଫିନିଟି ୱାର୍’ ପରେ ରିଲିଜ ହୋଇଥିବା ଏହି ସିରିଜର ସର୍ବାଧିକ ଲୋକପ୍ରିୟ ଫିଲ୍ମ। ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ ଏହି ସିରିଜର ଶେଷ ଫିଲ୍ମ ହୋଇଥିବା ବେଳେ ଫିଲ୍ମ ରିଲିଜ ହେବା ପୂର୍ବରୁ କେବଳ ଭାରତରେ ୧୦ଲକ୍ଷରୁ ଅଧିକ ଟିକେଟ୍ ବିକ୍ରି ହୋଇସାରିଥିଲା। ଏପଟେ ଫିଲ୍ମକୁ ନେଇ ଭୁବନେଶ୍ୱର ଦର୍ଶକଙ୍କ ମଧ୍ୟରେ ସମାନ ଉତ୍କଣ୍ଠା ରହିଥିଲା। କେହି ଫାଷ୍ଟ୍ ଡେ ଫାଷ୍ଟ୍ ଶୋ ଦେଖିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲେ। ଏସ୍‌ପ୍ଲାନେଡ୍, ଭବାନୀ ମଲ୍, ଡିଏନ୍ ରେଗାଲିଆ ଓ ସିମ୍ଫୋନୀ ମଲ୍‌ରେ ଥିବା ମଲ୍ଟିପ୍ଲେକ୍ସଗୁଡ଼ିକରେ ସକାଳ ୬ଟାରୁ ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ ଶୋ ଆରମ୍ଭ ହୋଇଥିଲା। ପୂର୍ବରୁ ଭୁବନେଶ୍ୱରରେ ବହୁ ବ୍ଲକ୍‌ବଷ୍ଟର୍ ଓ ସୁପରହିଟ୍ ଫିଲ୍ମ ଚାଲିଥିଲେ ବି ପ୍ରଥମଥର ପାଇଁ ସକାଳ ୬ଟାରେ ଏକ ଶୋ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ ରିଲିଜ ଡେଟ୍ ଘୋଷଣା ହେବା ପରେ ଛୋଟବଡ଼ ସବୁ ସିନେମା ହଲ୍‌ର ଟିକେଟ୍ ଆଖି ପିଛୁଳାକେ ବିକ୍ରି ହୋଇଯାଇଥିଲା। ଶନିବାର ଓ ରବିବାର ପାଇଁ ସମସ୍ତ ମଲ୍ଟିପ୍ଲେକ୍ସ ସହ ସିଙ୍ଗିଲ୍ ସ୍କ୍ରିନ୍ ସିନେମା ହଲ୍‌ରେ ଉଭୟ ଅନ୍‌ଲାଇନ୍ ଓ କାଉଣ୍ଟର ଟିକେଟ୍ ବିକ୍ରି ହୋଇସାରିଥିବା ବେଳେ ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ସମସ୍ତ ଶୋ ହାଉସ୍‌ଫୁଲ୍ ରହିବ ବୋଲି ଆଶା କରାଯାଉଛି।

## ୧୨ ବର୍ଷରେ ୨୧ ଫିଲ୍ମ

୨୦୦୮ରୁ ‘ଆଇରନ୍ ମ୍ୟାନ୍’ରୁ ଆରମ୍ଭ ହୋଇଥିବା ମାର୍ଭେଲ କମିକ୍ସ ଫିଲ୍ମ ଇତିମଧ୍ୟରେ ୨୧ରୁ ଅଧିକ ସୁପରହିରୋ ଫିଲ୍ମ ଭେଟିଦେଇଛି। ଏହା ମଧ୍ୟରେ ‘ଆଇରନ୍ ମ୍ୟାନ୍’, ‘ଥର୍’, ‘କ୍ୟାପ୍‌ଟେନ୍ ଆମେରିକା’, ‘ଦି ଆଭେଞ୍ଜର୍ସ’, ‘ଗାର୍ଡିଆନ୍‌ସ ଅଫ୍ ଗ୍ୟାଲାକ୍ସି’, ‘ଆଣ୍ଟ ମ୍ୟାନ୍’, ‘ଡକ୍ଟର୍ ଷ୍ଟ୍ରେଞ୍ଜ୍’, ‘ବ୍ଲାକ୍ ପାନ୍ଥର୍’, ‘କ୍ୟାପ୍‌ଟେନ୍ ମାର୍ଭେଲ’ ଭଳି ବ୍ଲକ୍‌ବଷ୍ଟର୍ ଫିଲ୍ମମାନ ରହିଛି। ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ ଏହି ସିରିଜର ଶେଷ ଫିଲ୍ମ ହୋଇଥିବାରୁ ଏହାସହ ଦର୍ଶକଙ୍କର ଭାବାବେଗ ଜଡ଼ିତ ରହିଛି। ଦୀର୍ଘ ୧୧ବର୍ଷ ଧରି ଦର୍ଶକଙ୍କ ମନରେ ରହିଆସିଥିବା ବହୁ କଳ୍ପନା ଜଳ୍ପନାର ଅନ୍ତ ଘଟିଥିବା ବେଳେ ଆଇରନ୍ ମ୍ୟାନ୍, ଥର୍, କ୍ୟାପ୍‌ଟେନ୍ ଆମେରିକା ଭଳି ବହୁ ଚରିତ୍ରଙ୍କର ଯାତ୍ରା ଏଠାରେ ଶେଷ ହେବାକୁ ଯାଉଛି। ଏପଟେ ‘ଇନ୍‌ଫିନିଟି ୱାର୍’ରେ ଥାନୋସ୍‌ଠାରୁ ପରାଜିତ ହୋଇଥିବା ସୁପରହିରୋମାନେ ଏହି ଶେଷ ଫିଲ୍ମରେ ନିଜର ପ୍ରତିଶୋଧ ନେଇପାରୁଛନ୍ତି ନା ନାହିଁ, ତାହା ଦେଖିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଛି। ‘ଆଭେଞ୍ଜର୍ସ ଏଣ୍ଡ୍ ଗେମ୍’ ପରେ ‘ସ୍ପାଇଡର୍ ମ୍ୟାନ୍: ଫାର୍ ଫ୍ରମ୍ ହୋମ୍’ ରିଲିଜ ହେଉଥିବା ବେଳେ ଏମ୍‌ସିୟୁର ୪ର୍ଥ ଫେଜ୍‌ରେ ବ୍ଲାକ୍ ପାନ୍ଥର୍, ଡକ୍ଟର ଷ୍ଟ୍ରେଞ୍ଜ୍ ଭଳି ସୁପରହିରୋମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ।




## ଭୋଟ୍ ପାଇଁ ଉତ୍ସାହ ନାହିଁ, ଫିଲ୍ମ ପାଇଁ ଲମ୍ବାଧାଡ଼ି

ଭୋଟ୍ ଦେବା ପାଇଁ ଲାଇନ୍‌ରେ ଛିଡ଼ାହେବାକୁ କୁଣ୍ଠାବୋଧ କରିଥିବା ରାଜଧାନୀବାସୀଙ୍କୁ ଶୁକ୍ରବାର ଭୋର୍ ୫ଟାରୁ ସିନେମା ହଲ୍ ଆଗରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା, ଯାହାକି ସୋସିଆଲ ମିଡିଆରେ ଟ୍ରୋଲ୍‌ର ବିଷୟବସ୍ତୁ ପାଲଟିଥିଲା। ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ସିନେପଲିସ୍‌ରେ ସକାଳୁ ପ୍ରବଳ ଗହଳି ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳ ୬ଟାରେ ଶୋ ଥିବାବେଳେ ୫ଟା ୪୫ ପର୍ଯ୍ୟନ୍ତ ମଲ୍‌ର ଗେଟ୍ ଖୋଲି ନ ଥିଲା। ତେଣୁ ଭିତରକୁ ପ୍ରବେଶ କରି ନ ପାରି ଦର୍ଶକମାନେ କଟକ-ପୁରୀ ଜାତୀୟ ରାଜପଥ ଉପରେ ଭିଡ଼ ଜମାଇଥିଲେ। ସେହିଭଳି ୬ଟାରେ ପ୍ରଥମ ଶୋ ଥିବାବେଳେ ଅଧିକାଂଶ ୮ଟା ୩୦କୁ ସାଧାରଣ ଭାବେ ପ୍ରଥମ ଶୋ ବୋଲି ଭାବି ଟିକେଟ୍ ବୁକ୍ କରିଥିଲେ। ୬ଟାରୁ ୭ଟା ମଧ୍ୟରେ ଅଧିକାଂଶ ମଲ୍ଟିପ୍ଲେକ୍ସରେ ୩ରୁ ଅଧିକ ଶୋ ରହିଥିଲା। ଏହାକୁ ନେଇ ସୋସିଆଲ ମିଡିଆ ପୋଷ୍ଟ୍ ମାଧ୍ୟମରେ ରାଜଧାନୀବାସୀଙ୍କୁ ଲୋକେ ସମାଲୋଚନା କରିଥିବା ଦେଖିବାକୁ ମିଳିଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୫ | ୨୪.୬ |
| ଚାନ୍ଦବାଲି | ୩୯.୦ | ୨୬.୬ |
| କଟକ | ୩୯.୦ | ୨୫.୪ |
| ପାରାଦ୍ୱୀପ | ୩୨.୫ | ୨୮.୩ |
| ଭୁବନେଶ୍ୱର | ୩୮.୨ | ୨୬.୬ |
| ଗୋପାଳପୁର | ୩୨.୫ | ୨୬.୯ |
| ପୁରୀ | ୩୩.୬ | ୨୭.୮ |
| ଅନୁଗୋଳ | ୪୧.୧ | ୨୩.୦ |
| ବାରିପଦା | ୩୮.୪ | ୨୬.୪ |
| ଝାରସୁଗୁଡ଼ା | ୪୨.୨ | ୨୭.୪ |
| କେନ୍ଦୁଝର | ୩୯.୭ | ୨୩.୨ |
| ସମ୍ବଲପୁର | ୪୧.୯ | ୨୫.୭ |
| ସୁନ୍ଦରଗଡ଼ | ୪୦.୫ | ୨୪.୦ |
| ହୀରାକୁଦ | ୪୧.୫ | ୨୭.୫ |
| ତାଳଚେର | --- | --- |
| ଭବାନୀପାଟଣା | ୪୨.୦ | ୨୭.୦ |
| ବଲାଙ୍ଗୀର | ୪୩.୦ | ୨୫.୫ |
| କୋରାପୁଟ | ୩୯.୦ | ୨୧.୪ |
| ଫୁଲବାଣୀ | ୪୦.୨ | --- |
| ଟିଟିଲାଗଡ଼ | ୪୪.୦ | ୨୬.୦ |
| ମାଲକାନଗିରି | ୪୨.୦ | ୨୨.୦ |
| ସୋନପୁର | ୪୨.୦ | ୨୫.୪ |
| ଦାରିଙ୍ଗିବାଡ଼ି | ୩୫.୦ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରଯୋଜନା କ୍ଷେତ୍ରରେ ପାଦ ଦେବେ କ୍ୟାଟ୍ରିନା

**ମୁମ୍ବାଇ:** ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ପାଦ ଦେବାକୁ ଆଗ୍ରହୀ ଥିବା ପ୍ରକାଶ କରିଛନ୍ତି। ‘ଫିଟ୍ ଅପ୍ ୱିଥ୍ ଦି ଷ୍ଟାର୍ସ ସିଜିନ୍ ୨’ର ଏପିସୋଡ୍ ପ୍ରସ୍ତୁତି ଅବସରରେ କ୍ୟାଟ୍ରିନା କହିଲେ, ଫିଲ୍ମ ନିର୍ମାଣ କ୍ଷେତ୍ରରେ ସେ ତାଙ୍କର ଦୃଷ୍ଟିଭଙ୍ଗୀ ପ୍ରସାରିତ କରିବେ। ଅତିଥି କଳାକାର ଆନାଇତା ଶ୍ରଫ୍ ଆଦ୍‌ଜାନିଆ କ୍ୟାଟ୍ରିନାଙ୍କୁ ତାଙ୍କର ଭବିଷ୍ୟତ ଯୋଜନା ସମ୍ପର୍କରେ ପ୍ରଶ୍ନ କରିଥିଲେ। କ୍ୟାଟ୍ରିନା ଫିଲ୍ମ ପ୍ରଯୋଜିକା ହେବେ ବୋଲି ପ୍ରକାଶ କରିଛନ୍ତି। ଅନୁଷ୍କା ଶର୍ମା ଏବଂ ଦୀପିକା ପାଦୁକୋନ୍ ଦୁହେଁ ନିଜର ପ୍ରଡକ୍ସନ କମ୍ପାନୀ କରିଥିବାରୁ ସେମାନଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ତେଣୁ ନିଜେ ଜଣେ ପ୍ରଯୋଜନା କମ୍ପାନୀର ମାଲିକ ହେବାକୁ ଚାହାନ୍ତି ବୋଲି କ୍ୟାଟ୍ରିନା କହିଛନ୍ତି। ସଲମାନ୍ ଖାନ୍‌ଙ୍କ ଅଭିନୀତ ‘ଭାରତ’ରେ କ୍ୟାଟ୍ରିନାଙ୍କୁ ଦେଖିବାକୁ ମିଳିବ। ଅଲି ଅବ୍ବାସ ଜାଫରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୧୪ରେ ଦକ୍ଷିଣ କୋରିଆର ଏକ ଫିଲ୍ମ ‘ଓଡ ଟୁ ମାଇଁ ଫାଦର’ର ରୂପାନ୍ତର ମାତ୍ର। ଅତୁଲ ଅଗ୍ନିହୋତ୍ରୀଙ୍କ ରିଲ୍ ଲାଇଫ୍ ପ୍ରଡକ୍ସନ ପ୍ରାଇଭେଟ ଲିମିଟେଡ୍ ଏବଂ ଭୂଷଣ କୁମାରଙ୍କ ଟି-ସିରିଜ୍‌ର ମିଳିତ ପ୍ରଯୋଜନାରେ ଏହା ପ୍ରସ୍ତୁତ ହେଉଛି।

କ୍ୟାଟ୍ରିନା ମଧ୍ୟ ଫିଲ୍ମ ନିର୍ମାତା ରୋହିତ ଶେଟ୍ଟୀଙ୍କ ‘ସୂର୍ଯ୍ୟବଂଶୀ’ରେ ଅକ୍ଷୟ କୁମାରଙ୍କ ସହିତ ଅଭିନୟ କରିବାକୁ ଯାଉଛନ୍ତି।



# ଆର୍‌ବିଆଇକୁ ଶେଷ ସୁଯୋଗ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୪

## ଆର୍‌ଟିଆଇ ଅଧୀନରେ ବ୍ୟାଙ୍କ ଯାଞ୍ଚ ରିପୋର୍ଟ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆର୍‌ଟିଆଇ ଅଧୀନରେ ବ୍ୟାଙ୍କର ବାର୍ଷିକ ଯାଞ୍ଚ ରିପୋର୍ଟ ପ୍ରଦାନ କରୁ ନ ଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ତୀବ୍ର ଭର୍ତ୍ସନା କରିଛନ୍ତି। ଏଥିସହ କୋର୍ଟ ଆଦେଶ ପାଳନ ଲାଗି ସର୍ବୋଚ୍ଚ ଅଦାଲତ ଆର୍‌ବିଆଇକୁ ଶେଷ ସୁଯୋଗ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ସର୍ବୋଚ୍ଚ ଅଦାଲତଙ୍କ ୨୦୧୫ ରାୟକୁ ପାଳନ କରି ନ ଥିବାରୁ ଖଣ୍ଡପୀଠ ଏହାକୁ ଗମ୍ଭୀରତାର ସହ ନେଇଥିଲେ। ଆଇଟିଆଇ ଅଧୀନରେ ବାର୍ଷିକ ବ୍ୟାଙ୍କ ଯାଞ୍ଚ ରିପୋର୍ଟ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରୀୟ ବ୍ୟାଙ୍କକୁ ପୁନର୍ବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପାଳନ ନ ହେଲେ କୋର୍ଟ ଏହାକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରିବେ ବୋଲି ସ୍ପଷ୍ଟ ଚେତାବନୀ ଶୁଣାଇଛନ୍ତି। ଆର୍‌ଟିଆଇ କର୍ମୀ ସୁଭାଷ ଚନ୍ଦ୍ର ଅଗ୍ରୱାଲ ଓ ଗିରିଶ ମିତ୍ତଲଙ୍କ ଦ୍ୱାରା ଅଦାଲତ ଅବମାନନା ଆବେଦନର ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଏସ୍‌ବିଆଇ ଭଳି ବ୍ୟାଙ୍କର ବାର୍ଷିକ ଯାଞ୍ଚ ସଂକ୍ରାନ୍ତ ରିପୋର୍ଟ ଦେବାକୁ ଆର୍‌ବିଆଇ ମନା କରିପାରିବ ନାହିଁ। ଆବେଦନକାରୀ ନିଜ ଆବେଦନରେ ଦର୍ଶାଇଥିଲେ ଯେ, ଉର୍ଜିତ ପଟେଲଙ୍କ ଗଭର୍ନର କାର୍ଯ୍ୟକାଳ ଭିତରେ ଆର୍‌ବିଆଇ ଜାଣିଶୁଣି କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିଥିଲା। ଜଷ୍ଟିସ ଏଲ୍.ନାଗେଶ୍ୱର ରାଓ ଏବଂ ଜଷ୍ଟିସ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଆର୍‌ବିଆଇ ଏହାର ସୂଚନା ପ୍ରକାଶ କରିବା ନୀତିର ପୁନର୍ବିଚାର କରିବାକୁ ହେବ। କାରଣ କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ପ୍ରଦାନ କରିବାକୁ କର୍ତ୍ତବ୍ୟ ଦୃଷ୍ଟିରୁ ବାଧ୍ୟ। ସଂଘୀୟ କୋର୍ଟର ପ୍ରଚଳିତ ନୀତି କୋର୍ଟ ଆଦେଶର ବିରୁଦ୍ଧାଚରଣ କରୁଛି ବୋଲି ଖଣ୍ଡପୀଠ କହିଛନ୍ତି। ପୂର୍ବରୁ ସର୍ବୋଚ୍ଚ ଅଦାଲତ ଏବଂ କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇ ସାରିଥିଲେ। ସୂଚନାଥାଉ କି, ଆବେଦନକାରୀଦ୍ୱୟ ଆର୍‌ଟିଆଇ ଅଧୀନରେ ଉକ୍ତ ବ୍ୟାଙ୍କଗୁଡ଼ିକର ବାର୍ଷିକ ଯାଞ୍ଚ ରିପୋର୍ଟ ମାଗିଥିଲେ ହେଁ ଆର୍‌ବିଆଇ ଜାନୁୟାରୀ ୨୦୧୬ରେ ଏହା ଦେବାକୁ ମନା କରିଦେଇଥିଲା। ଏହି ସୂଚନା ଆର୍‌ଟିଆଇ ଆଇନ ଅଧୀନକୁ ଆସୁ ନାହିଁ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସେତେବେଳେ ଯୁକ୍ତି ଦର୍ଶାଯାଇଥିଲା। ତେବେ ଆର୍‌ଟିଆଇ ଆଇନ ପରିସର ବାହାରେ ଥିବା ଅନ୍ୟ ସମସ୍ତ ସୂଚନା ପ୍ରଦାନ କରିବାକୁ ଆର୍‌ବିଆଇ ବାଧ୍ୟ ବୋଲି ସୁପ୍ରିମକୋର୍ଟ ୨୦୧୫ରେ ରାୟ ପ୍ରକାଶ କରିଥିଲେ।

# ବଜ୍ରପାତରେ ଦୁଇ ଛାତ୍ର ମୃତ

ଟାଙ୍ଗୀ(କଟକ),୨୬।୪(ଡି.ଏନ୍.ଏ.)

କ୍ରିକେଟ ପଡ଼ିଆରେ ଖେଳୁଥିବା ବେଳେ ଶୁକ୍ରବାର ବଜ୍ରପାତରେ ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କନ୍ଧମାଳର ସି ସାୟା ଦିଘାଲ(୨୦) ଓ ନୟାଗଡର ବିଭୁତି ନାୟକ(୨୧)। ସୂଚନା ଅନୁଯାୟୀ, ମାଇଣ୍ଡ ଟ୍ରି ସଂସ୍ଥାର କେତେଜଣ ଛାତ୍ରଙ୍କ ମଧ୍ୟରୁ ଏହି ଦୁଇ ଛାତ୍ର ଡ୍ରିମସ୍ ବୈଷୟିକ ମହାବିଦ୍ୟାଳୟରେ ୩ମାସିଆ ପାଠ୍ୟକ୍ରମ ପାଇଁ ଆସିଥିଲେ। ଅପରାହ୍ନରେ କ୍ରିକେଟ ଖେଳୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଏହି ଦୁଇ ଛାତ୍ର ଆହତ ହୋଇଥିଲେ। ଖବରପାଇ କଲେଜ କର୍ତ୍ତୃପକ୍ଷ ଦୁଇ ଛାତ୍ରଙ୍କୁ ପ୍ରଥମେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଡ୍ରିମସ୍ ଫାଣ୍ଡି ଅଧିକାରୀ ଲକ୍ଷ୍ମୀଧର ଧଳ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଭୁବନେଶ୍ୱରରେ ଘର କାମ କରିବାପାଇଁ ପୁଅପିଲା ଆବଶ୍ୟକ
ବୟସ : ୧୭-୨୩ ବର୍ଷ। ଭଲ ଦରମା ସହିତ ରହିବା, ଖାଇବା ସୁବିଧା ଦିଆଯିବ।
Mob : 9776338609

STEEL AND POWER PLANT JOB
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନୁଗୁଳ, କଟକ, ରାୟଗଡା, ବଲାଙ୍ଗୀର,ପାରାଦ୍ୱୀପ ଝାରସୁଗୁଡା, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 62,760/-
Email your CV to : Intplants03@gmail.com
7750894230

JOB for FEMALE only
Place of posting will be Bhubaneswar
Salary- 2.4 lacs (includes PF, Gratuity, ESI) + bonus & incentives.
Age should be 30 to 45 years
Qualification: Graduate
Contact: 9861624417, 7978278567, 8114366466
Ridge Residency Building
1st Floor, NH-5, Baramunda, BBSR-03

ସିକ୍ୟୁରିଟି ଆବଶ୍ୟକ
ସିକ୍ୟୁରିଟି ଗାର୍ଡ-୫୧ ଜଣ, ସିକ୍ୟୁରିଟି ସୁପରଭାଇଜର-୯ ଜଣ, ବୟସ-୨୫ ରୁ ୪୫ ବର୍ଷ, ଉଚ୍ଚତା-୫ଫୁଟ ୬ଇଞ୍ଚ ଏବଂ ତଦୂର୍ଦ୍ଧ, ଶିକ୍ଷା-ଦଶମ ପାସ୍, ସ୍ଥାନ-ଭୁବନେଶ୍ୱର, କଟକ, ଯାଜପୁର, ଜଗତପୁର
Contact- 9861744455

କେୟାର ଟେକର ଆବଶ୍ୟକ(Urgent)
କେୟାର ଟେକର ଆବଶ୍ୟକ (Female) ଶିକ୍ଷାଗତ ଯୋଗ୍ୟତା- +2 (Nursing Preferred) ରହିବା + ଖାଇବା ମାଗଣା ମାସିକ ଦରମା = 8000/-
:ଯୋଗାଯୋଗ:
Bijay Meher, Bhabagrahi Meher, At- Angulia Pada, Dist- Sambalpur
Ph - 9439301993, 7326889886

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

Rsskids Play School ଏବଂ RSS Institutes of Management Study & Information Center ପାଇଁ
କମ୍ପ୍ୟୁଟର ଓ ହିନ୍ଦି ଜାଣିଥିବା ପ୍ରାର୍ଥିନୀ ଆବଶ୍ୟକ
9534691177 / 9438290983
(Tankapani Road, Bhubaneswar)

Wanted
Resident Service Technicians
For a Leading Machinery Manufacturers based at Hyderabad. ITI Fitters / Diploma Mechanical Engineers with minimum 5 yrs experience in Machinery Assembly, Service, Maintenance etc to work in Orissa state. Email your detailed resume to
suri.service@gmail.com

DIRECT JOINING (NO INTERVIEW)
ଏକ Delhi Based Company ତାର Odisha ର Branch Expansion ପାଇଁ 35 (M/F) ଜଣ Candidates ଙ୍କୁ Direct Selection କରୁଛି। Qualification : 10th Pass / +2 and above. Monthly Income - 10,000/- + Free Accommodation. Age - 18+, ଆସନ୍ତା ୪ ଦିନ ମଧ୍ୟରେ Bio-data ସହିତ ସାକ୍ଷାତ କରନ୍ତୁ। (NO CHARGES)
MICRO EXPANSION, N//6, 1st Floor, IRC Village, Jayadev Vihar, Bhubaneswar, Ph : 9238100178

Direct Joining
Customer Care (Airtel) Data Entry & Security Guard
Qual. : 10th, +2, +3, ITI, Diploma, B.Tech
Salary : Rs.6500/- To Rs.15000/-
Mob : 7440044313

WANTED
Passenger Material Hoist Operators immediately
Contact-9100088016

WANTED
THE FOLLOWINGS FOR RE-ROLLING MILL AT JAGATPUR.
* SECURITY GUARDS
CONTACT.-9937399588

Baazar Kolkata
LADIESWEAR MENSWEAR KIDSWEAR ACCESSORIES
ଆମର ନୂତନ ସୋରୁମ୍ ପାଇଁ ସେଲ୍‌ସବଏ ଆବଶ୍ୟକ
ବୟସ :୧୮ ବର୍ଷରୁ ୨୭ ବର୍ଷ
ଯୋଗ୍ୟତା: ମାଟ୍ରିକ/+୨ ପାସ୍
ସାକ୍ଷାତକାର ତାରିଖ: ୨୯ ଓ ୩୦ ଏପ୍ରିଲ, ୨୦୧୯ ଦିବା ୧୧ଟା ରୁ ୫ଟା
ନିଜର ଶିକ୍ଷାଗତ ପ୍ରମାଣପତ୍ର, ଆଧାର କାର୍ଡ ଓ ବ୍ୟାଙ୍କର ବିବରଣୀ ସହ ଆସନ୍ତୁ
ସାକ୍ଷାତକାର ସ୍ଥାନ
ବଜାର କୋଲକତା
ପାତ୍ରପଡ଼ା, ଥାନା-ଖଣ୍ଡଗିରି, ଜି-ଖୋର୍ଦ୍ଧା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଖ

PART / FULL TIME
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ
Contact Number - 7381222430, 9090909300

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

URGENT REQUIRED FOR AIRPORT JOB
Ground Staff (Male/Female)
Qualification : +2/Graduation
Salary : Rs.14000 To Rs.35000. Age : 18 To 30 yrs. Free Accommodation
Mob : 9090732106, 9090391585 (Bhubaneswar)

All Odisha Aadarsha Vidyalaya Vacancy
Post- SECURITY GUARD, DATA ENTRY, PEON, SWEEPER (Male / Female)
Sal-10000/ Above, Qual-8th/Above
Contact : 8480659517

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, all Odisha.
9040019196/9778821577

URGENTLY REQUIRED for a reputed Hotel
(1). GENERAL MANAGER - 1 No., (2) RECEPTIONIST (F)- 2 Nos., (3) STEWARD / WAITER (M/F) - 4 Nos., (4) INDIAN COOK- 1 No., (5) SOUTH INDIAN COOK - 1 No., (6) TANDOOR COOK - 1 No., (7) ACCOUNTANT - 2 Nos., (8) KITCHEN HELPER - 2 Nos.
Walk-In with your resume to :
Plot No.358/359, Bomikhal, 2nd Floor, Back Side of Durga Puja Mandap, Bhubaneswar. Phone : 7978288521, 9777617166
Email : lunchland@rediffmail.com

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ଶିକ୍ଷାର୍ଥୀ ଆବଶ୍ୟକ
ଶୁଶ୍ରୂଷା ଅଧୀନରେ ଘରୋଇସେବା ବା ହୋମ୍‌ନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ। ୨ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ମଇ ୩ ତାରିଖ ୨୦୧୯ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ୩୦ ଅପ୍ରେଲ ୨୦୧୯। ଟ୍ରେନିଂ ସମୟରେ କୌଣସି କୋର୍ସ ଫି ନିଆଯିବ ନାହିଁ ଏବଂ ହଷ୍ଟେଲରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା: ସମ୍ପାଦିକା ଶୁଶ୍ରୂଷା
ପ୍ଲଟ୍ ନଂ. ୪୯୩, ଭୀମପୁର, କାର୍‌ଗିଲ୍‌ରୋଡ୍, ପଳାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦
ଟେଲିଫୋନ୍: ୭୯୭୮୮୩୯୧୧୦, ମୋ: ୮୮୯୫୩୪୦୫୪୫, ଯୋଗାଯୋଗ ସମୟ: ୧୦.୩୦ଠାରୁ ୪ଟା ପର୍ଯ୍ୟନ୍ତ



> ଡ୍ୟୁପଏଣ୍ଟ ପାଇଁ ଭାରତ ଏକ ବିଶାଳ ବଜାର। ଭାରତରେ କମ୍ପାନୀର ୧୫୦ କର୍ମଚାରୀ ରହିଛନ୍ତି। ଆସନ୍ତା ୨ ବର୍ଷ ମଧ୍ୟରେ ଏହି ସଂଖ୍ୟାକୁ ଦ୍ୱିଗୁଣିତ କରାଯିବ।
>
> – ଡେଭିଡ ଭାସାଲୋ, ଗ୍ଲୋବାଲ ଏମ୍‌ଡି, ଡ୍ୟୁପଏଣ୍ଟ



> ଦୁଇ ଚକିଆ ଯାନ ବଜାରରେ ବଡ଼ ଆହ୍ୱାନ ରହିବା ସତ୍ତ୍ୱେ ହିରୋ ମୋଟୋ କର୍ପ ବିକ୍ରି କ୍ଷେତ୍ରରେ ଦେଶରେ ଶୀର୍ଷସ୍ଥାନ ବଜାୟ ରଖିଛି। ଫେଷ୍ଟିଭ ସିଜନରେ ବିକ୍ରି ବଢ଼ିବାର ଆଶା ରହିଛି।
>
> – ପଓ୍ୱନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋ କର୍ପ

## ସଂକ୍ଷେପରେ

### ଇପିଏଫ୍‌ରେ ମିଳିବ ୮.୬୫%ସୁଧ




ନୂଆଦିଲ୍ଲୀ,୨୬-୪: କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଉପରେ ୮.୬୫% ସୁଧ ହାର ଦେବାକୁ ଅନୁମୋଦନ କରିଛି। କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) ଏହି ସୁଧ ହାର ଦେବାକୁ ନିଷ୍ପତ୍ତି ନେଇଥିଲା ଏବଂ ଅନୁମୋଦନ ପାଇଁ ଅର୍ଥ ମନ୍ତ୍ରଣାଳୟ ନିକଟକୁ ପଠାଇଥିଲା। ଏହି ନିଷ୍ପତ୍ତି ଯୋଗୁ ସଂଗଠିତ କ୍ଷେତ୍ରରେ କାମ କରୁଥିବା ପ୍ରାୟ ୬ କୋଟିରୁ ଅଧିକ କର୍ମଚାରୀଙ୍କୁ ଫାଇଦା ମିଳିବ। ଗତବର୍ଷ ଇପିଏଫ୍‌ଓ ନିଜ ସଦସ୍ୟଙ୍କୁ ୮.୫୫% ସୁଧ ହାର ଦେଇଥିଲା। ପରେ ଚଳିତ ବର୍ଷ ଏହାକୁ ୮.୬୫%କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲା। ଗତ ୩ ବର୍ଷ ମଧ୍ୟରେ ସୁଧ ହାର ପ୍ରଥମଥର ବୃଦ୍ଧି ପାଇଛି। ଏଥିପୂର୍ବରୁ ୨୦୧୭-୧୮ରେ ଇପିଏଫ୍ ସୁଧ ହାର ୮.୫୫% ରହିଥିଲା। ତେବେ ଇପିଏଫ୍‌ଓ ୨୦୧୬-୧୭ରେ ଇପିଏଫ୍ ଉପରେ ସୁଧ ହାରକୁ ୮.୮୦ ପ୍ରତିଶତରୁ ୮.୬୫%କୁ ହ୍ରାସ କରିଥିଲା। ଅର୍ଥ ମନ୍ତ୍ରଣାଳୟର ଅନୁମତି ପରେ ଆୟକର ବିଭାଗ ଏବଂ ଶ୍ରମ ମନ୍ତ୍ରଣାଳୟ ଏ ସମ୍ପର୍କରେ ଅଧିସୂଚନା ଜାରି କରିବେ। ଏହାପରେ ଇପିଏଫ୍‌ଓ ନିଜର ୧୨୦ରୁ ଅଧିକ ଆଞ୍ଚଳିକ ଅଧିକାରୀଙ୍କୁ ନୂଆ ସୁଧ ହାର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବ।

### ରେଲୱେ ଅର୍ଡର ପୂରାକଲା ଜେଏସ୍‌ପିଏଲ୍

ନୂଆଦିଲ୍ଲୀ,୨୬-୪
ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦାନ ସ୍ୱରୂପ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍), ରେଲୱେ ପକ୍ଷରୁ ପ୍ରଦାନ କରାଯାଇଥିବା ଅର୍ଡରକୁ ପୂରଣ କରିବାକୁ ସକ୍ଷମ ହୋଇଛି। ଭାରତୀୟ ରେଳବାଇକୁ ଦୀର୍ଘ ରେଲ ଯୋଗାଣ ଲାଗି କମ୍ପାନୀ ୨୦୧୮ରେ ଏକ ଅନ୍ତର୍ଜାତୀୟ ଟେଣ୍ଡର ଲାଭ କରିଥିଲା। ୯୭,୪୦୦ ଟନ୍‌ର ଲମ୍ବା ରେଲ ଲାଇନ ଯୋଗାଣ ପାଇଁ କମ୍ପାନୀକୁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟ ସୀମାର ୪ ମାସ ଆଗରୁ ଅର୍ଡର ଯୋଗାଣ କରି କମ୍ପାନୀ ପାରଦର୍ଶିତା ଦେଖାଇଥିବା ଏହା କହିଛି। ମେକ୍ ଇଣ୍ଡିଆ ପଦକ୍ଷେପ ସହ ତାଳ ଦେଇ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏନ୍.ଏ.ଅନ୍‌ସାରୀ ସୂଚନା ଦେଇଛନ୍ତି।

### ବୀମା ଗ୍ରହଣରେ ଭୁବନେଶ୍ୱର ଆଗୁଆ

ଭୁବନେଶ୍ୱର,୨୬-୪
ବୀମା ଗ୍ରହଣ କ୍ଷେତ୍ରରେ ଦେଶର ଅନ୍ୟ ସହର ତୁଳନାରେ ଭୁବନେଶ୍ୱର ଶୀର୍ଷ ସ୍ଥାନରେ ରହିଛି। ଏଠାକାର ଲୋକଙ୍କର ବୀମା ଗ୍ରହଣ ହାର ଜାତୀୟ ହାରଠାରୁ ଉର୍ଦ୍ଧ୍ୱରେ ରହିଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ଏଠାରେ ୬୮%ଙ୍କ ପାଖରେ ବୀମା ସୁବିଧା ଥିବା ବେଳେ ଏହା ଦେଶର ସବୁଠାରୁ ଅଧିକ ବୀମା ସୁବିଧା ଗ୍ରହଣ କରିଥିବା ସହର ହୋଇ ପାରିଥିବା ଇଣ୍ଡିଆ ପ୍ରୋଟେକ୍ସନ କୋଟେଣ୍ଟ ସର୍ଭେରେ ପ୍ରକାଶ ପାଇଛି। କାଣ୍ଟର ଆଇଏମ୍‌ଆର୍‌ବି ଏବଂ ମାକ୍ସ ଲାଇଫ ପକ୍ଷରୁ ହୋଇଥିବା ସର୍ଭେ ମୁତାବକ ପ୍ରୋଟେକ୍ସନ କୋଟେଣ୍ଟରେ ଭୁବନେଶ୍ୱର ୧୦୦ରୁ ୩୬ ହାସଲ କରିଛି। ଜାତୀୟ ସ୍ତରରେ ଏହା ୩୫ ରହିଛି।

### ସୋନିର ନୂଆ ପୋର୍ଟେବୁଲ ସ୍ପିକର




ଭୁବନେଶ୍ୱର,୨୬-୪
ସୋନି ଇଣ୍ଡିଆ ପକ୍ଷରୁ ନୂଆ ଏସ୍‌ଆର୍‌ଏସ୍-ଏକ୍ସବି ୧୨ ପୋର୍ଟେବୁଲ ସ୍ପିକର ବଜାରକୁ ଆସିଛି। ଏକ୍ସଟ୍ରା ବାସ୍ ପୋର୍ଟେବୁଲ ୱେରଲେସ ସ୍ପିକର କ୍ଷେତ୍ରରେ କମ୍ପାନୀ ଏହାର ପ୍ରଡକ୍ଟ ଶୃଙ୍ଖଳାରେ ଏହି ନୂଆ ଉତ୍ପାଦକୁ ଯୋଡିଛି। ହିପ୍‌ହପ୍, ଡ୍ୟାନ୍ସ, ର୍‌ୟାପ୍ ମ୍ୟୁଜିକ ଲଭର ମାନେ ସେମାନଙ୍କ ରୁଚି ଅନୁସାରେ ବ୍ୟବହାର କରିପାରିବେ। ଏହା ଧୂଳି ଏବଂ ଜଳ ପ୍ରତିରୋଧି ବୋଲି କମ୍ପାନୀ ପ୍ରକାଶ କରିଛି। ଏଥିରେ ୧୬ ଘଣ୍ଟାର ବ୍ୟାଟେରି ଲାଇଫ ରହିଛି।

## ବିଜୟ ମାଲ୍ୟା ପ୍ରତ୍ୟର୍ପଣ ମାମଲା

# ହାଇକୋର୍ଟରେ ଜୁଲାଇ ୨ରେ ଶୁଣାଣି

ଲଣ୍ଡନ,୨୬-୪

ମଦ ବ୍ୟବସାୟୀ ବିଜୟ ମାଲ୍ୟା ପ୍ରତ୍ୟର୍ପଣ ମାମଲାରେ ଲଣ୍ଡନ ହାଇକୋର୍ଟ ଜୁଲାଇ ୨ରେ ଶୁଣାଣି କରିବେ। ସେହି ଦିନ ମାଲ୍ୟାଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ଚାଲିବା ନେଇ ଯୁକ୍ତି ଦର୍ଶାଯିବ। ବିଚାରପତି ଏହାକୁ ଗ୍ରହଣ କଲେ ତଳ କୋର୍ଟର ରାୟ ବିରୋଧରେ ମାମଲାର ନିୟମିତ ଶୁଣାଣି ହେବ।




ସୂଚନାଯୋଗ୍ୟ ୱେଷ୍ଟମିନିଷ୍ଟର କୋର୍ଟ ପ୍ରତ୍ୟର୍ପଣ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ବ୍ରିଟେନ ସରକାରଙ୍କ ପକ୍ଷରୁ ମାଲ୍ୟାଙ୍କ ପ୍ରତ୍ୟର୍ପଣ ଲାଗି ପଦକ୍ଷେପ ନିଆଯାଇଥିଲା। ଗୃହ ସଚିବ ସାଜିଦ ଜାଭିଦ ଫେବୃଆରୀରେ ପ୍ରତ୍ୟର୍ପଣ ସଂକ୍ରାନ୍ତ ଫାଇଲରେ ସ୍ୱାକ୍ଷର କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। କିନ୍ତୁ ୱେଷ୍ଟମିନିଷ୍ଟର ଅଦାଲତଙ୍କ ରାୟକୁ ଚ୍ୟାଲେଞ୍ଜ କରି ମାଲ୍ୟାଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଲିଖିତ ଆବେଦନ ଦିଆଯାଇଥିଲା। ତେବେ ହାଇକୋର୍ଟ ବିଚାରପତି ଜଷ୍ଟିସ ୱିଲିୟମ ଡେଭିସ ସେତେବେଳେ ଏହାକୁ ଗ୍ରହଣ କରି ନ ଥିଲେ ଏବଂ ମୌଖିକ ଶୁଣାଣି ପାଇଁ ଆବେଦନ କରିବାକୁ ତାଙ୍କୁ ଏକ ସପ୍ତାହ ସମୟ ଦେଇଥିଲେ। ଏହା ପରେ ମାଲ୍ୟାଙ୍କ ପକ୍ଷରୁ ପୁନର୍ବାର ଆଉ ଏକ ଆବେଦନ ଦିଆଯାଇଛି, ଯାହା ଉପରେ ମୌଖିକ ଶୁଣାଣି ହେବ। ଜୁଲାଇ ୨ ଏଥିପାଇଁ ଦିନ ଧାର୍ଯ୍ୟ ହୋଇଛି ବୋଲି ୟୁକେ କୋର୍ଟ ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ଆଇନ ଦୃଷ୍ଟିରୁ ମୌଖିକ ଶୁଣାଣି ପାଇଁ ପୁନଃ ଆବେଦନ କରାଯିବା ମାତ୍ରେ ହାଇକୋର୍ଟ ବିଚାରପତି ଏହାକୁ ଗ୍ରହଣ କରି ଶୁଣାଣି ପାଇଁ ତାଲିକାଭୁକ୍ତ କରିଥାନ୍ତି। ଉଲ୍ଲେଖଥାଉ କି, ମାଲ୍ୟାଙ୍କ ପ୍ରତ୍ୟର୍ପଣକୁ ନେଇ ଜୁଲାଇ ୨ରେ ତାଙ୍କର ଓକିଲ ଏବଂ ଭାରତୀୟ ଯାଞ୍ଚ ଏଜେନ୍ସିଙ୍କ ପକ୍ଷରୁ କ୍ରାଉନ ପ୍ରୋସିକ୍ୟୁଶନ ସର୍ଭିସ ମୁହାଁମୁହିଁ ହେବେ। ଏହାକୁ ଭିତ୍ତି କରି ହାଇକୋର୍ଟ ବିଚାରପତି ପୂର୍ଣ୍ଣ ଶୁଣାଣି ପାଇଁ ନିଷ୍ପତ୍ତି ନେବେ। ତେବେ ମାଲ୍ୟାଙ୍କ ପାଇଁ ଏହା ହେବ ଶେଷ ସୁଯୋଗ। କାରଣ ହାଇକୋର୍ଟରେ ଶୁଣାଣି ଆବେଦନ ଦୁଇଥର ଖାରଜ ହୋଇଯିବା ପରେ ସେ ସ୍ଥାନୀୟ ଆଇନ ଦୃଷ୍ଟିରୁ ସୁପ୍ରିମକୋର୍ଟରେ ଆବେଦନ କରିପାରିବେ ନାହିଁ। ଏହାପରେ ମାଲ୍ୟାଙ୍କ ନିକଟରେ ଫ୍ରାନ୍ସର ଷ୍ଟ୍ରାଶବର୍ଗରେ ଥିବା ମାନବାଧିକାର ସଂକ୍ରାନ୍ତ ୟୁରୋପୀୟାନ ଅଦାଲତରେ ଆବେଦନ କରିବାର ଶେଷ ସୁଯୋଗ ମିଳିବ। ଭାରତୀୟ ଜେଲ୍‌ରେ ରହିବାରେ ତାଙ୍କର ଜୀବନ ପ୍ରତିବିପଦ ଥିବା ଦର୍ଶାଇବାକୁ ମାଲ୍ୟା ସେତେବେଳେ ଚେଷ୍ଟା କରିବେ। ସୂଚନାଥାଉ କି, ୨୦୧୭ରେ ସ୍କଟଲାଣ୍ଡ ୟାର୍ଡ ଗିରଫ କରିବା ପରେ ଉକ୍ତ ମଦ ବ୍ୟବସାୟୀ ଏବେ ଜାମିନରେ ରହିଛନ୍ତି।




ସାଓମି ଇଣ୍ଡିଆ ପକ୍ଷରୁ ନୂଆ ରେଡ୍‌ମି ୱାଇ ୩ ଏବଂ ରେଡ୍‌ମି ୭ ସ୍ମାର୍ଟଫୋନ ମଡେଲର ବଜାର ପ୍ରବେଶ ଅବସରରେ (ବାମରୁ) ଏମ୍‌ଡି ମନୁ କୁମାର ଜୈନ ଏବଂ ମୁଖ୍ୟ ମାର୍କେଟିଂ ଅଧିକାରୀ ଅନୁଜ ଶର୍ମା।

## ଭେନସ୍‌ର ମତଦାନ ସଚେତନତା

ଭୁବନେଶ୍ୱର,୨୬-୪

VENUS
CRÉME BAR

ଆର୍‌ଏସ୍‌ପିଏଲ୍ ଲିମିଟେଡ ଗ୍ରୁପର ଗୁଣବତ୍ତା ପ୍ରଡକ୍ଟ ଭେନସ୍ କ୍ରିମ୍ ବାର ପକ୍ଷରୁ ମତଦାନ ସଚେତନତା ଲାଗି ନୂଆ ବ୍ରାଣ୍ଡ ଅଭିଯାନ ଆରମ୍ଭ ହୋଇଛି। 'ମେରା ଦେଶ ମେରି ଜିମେଦାରୀ' ନାମରେ ଉନ୍ମୋଚିତ ହୋଇଥିବା ଏହି କ୍ୟାମ୍ପେନରେ ଦେଶ ଗଠନରେ ମତଦାନର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏବେ ମଧ୍ୟ ଦେଶର ଅଧିକାଂଶ ଲୋକ ଭୋଟଦାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବାକୁ କମ୍ପାନୀ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହା ପ୍ରମୁଖ ସାଟେଲାଇଟ ଟିଭି ଚ୍ୟାନେଲ ସମେତ ଡିଜିଟାଲ ପ୍ଲାଟଫର୍ମଗୁଡିକରେ ପ୍ରସାରିତ କରାଯାଉଛି। ଏକ ଦାୟିତ୍ୱବାନ କର୍ପୋରେଟ ସିଟିଜେନ ଭାବେ ପ୍ରତିବଦ୍ଧତା ସ୍ୱରୂପ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛୁ ବୋଲି ଆର୍‌ଏସ୍‌ପିଏଲ୍ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାହୁଲ ଜ୍ଞାନଚନ୍ଦାନୀ ସୂଚନା ଦେଇଛନ୍ତି।

# ୭୦ ହଜାର କୋଟିର ଦାବିଦାର ନାହାନ୍ତି

ନୂଆଦିଲ୍ଲୀ,୨୬-୪

ଜାଣି ଚକିତ ହେବେ ଯେ, ଦେଶର ବିଭିନ୍ନ ଆର୍ଥିକ ସଂସ୍ଥାରେ ପଡିରହିଛି ୭୦ ହଜାର କୋଟି ଟଙ୍କା। ଏତେ ବଡ଼ ଆକାରର ଟଙ୍କାର କେହି ଦାବିଦାର ନାହାନ୍ତି। ଶେୟାର କିଣି, ପୋଷ୍ଟ ଅଫିସ ଅଥବା ବ୍ୟାଙ୍କର ବିଭିନ୍ନ ସ୍କିମ୍‌ରେ ଜମା କରି ଅଥବା ବୀମା କିଣି ଲୋକେ ଏହାକୁ ଭୁଲି ଯାଇଥିବା ଏହାର କାରଣ ବୋଲି ଦର୍ଶାଯାଉଛି। ସେହିପରି ଅଧିକାଂଶ ଲୋକେ ଅର୍ଥ ଜମା କରିବା ଆରମ୍ଭ କରିଥିଲେ ହେଁ ପରିପକ୍ୱ ପର୍ଯ୍ୟନ୍ତ ନିବେଶ ବଜାୟ ରଖି ନ ପାରିବା ଦ୍ୱିତୀୟ କାରଣ ବୋଲି କୁହାଯାଉଛି। ସେହିପରି ଅନେକ ନିବେଶକାରୀଙ୍କ ମୃତ୍ୟୁ ହୋଇଯାଇଛି, ଅଥଚ ତାଙ୍କର ପରିବାରକୁ ଜମା ସମ୍ପର୍କରେ କୌଣସି



ସୂଚନା ମିଳି ନାହିଁ। ଭିନ୍ନ ଭିନ୍ନ କାରଣରୁ ଜମା ହୋଇଥିବା ଅର୍ଥ ପାଇଁ କେହି ଦାବିଦାର ସାମ୍ନାକୁ ଆସୁନାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବହୁ ଭାରତୀୟ ପିୟରଲେସ ଜେନେରାଲ ଫାଇନାନ୍ସ ଆଣ୍ଡ ଇନଭେଷ୍ଟମେଣ୍ଟରେ ଅର୍ଥ ରଖି ଭୁଲିଯାଇଛନ୍ତି। ୧୫ ବର୍ଷରେ ସେମାନଙ୍କ ନିବେଶ ବଢ଼ି ୧୫୧୪ କୋଟି ଟଙ୍କା ହୋଇଛି। ସେହିପରି ଶେୟାର ଓ ଲାଭାଂଶ ବାବଦରେ ଆଇଇପିଏଫ୍‌ରେ ଗତ ୭ ବର୍ଷ ମଧ୍ୟରେ ଦାବିହୀନ ୪୧୩୮ କୋଟି ଟଙ୍କା ଜମା ହୋଇରହିଛି। ଏହାଛଡ଼ା ବିଭିନ୍ନ କମ୍ପାନୀର ୨୧,୨୩୨.୧୫ କୋଟି ଟଙ୍କାର ୬୫.୦୨ କୋଟି ଶେୟାର ଜମା ହୋଇ ରହିଛି। ଅନୁରୂପ ଭାବେ ୨୪ ଜୀବନ ବୀମା କମ୍ପାନୀଙ୍କ ନିକଟରେ ଦାବିହୀନ ୧୬ ହଜାର କୋଟି ଟଙ୍କା ପଡି ରହିଛି। ଏହାର ୭୦% ଅର୍ଥାତ୍ ମୋଟ ୧୦,୫୦୯ କୋଟି ଟଙ୍କା କେବଳ ଏଲ୍‌ଆଇସି ନିକଟରେ ପଡିରହିଛି। ଏହାଛଡ଼ା ୨୪ ଅଣ ଜୀବନବୀମା କମ୍ପାନୀଙ୍କ ନିକଟରେ ୮୪୮ କୋଟି ଟଙ୍କା ରହିଛି। ସେହିପରି ଜୁନ, ୨୦୧୮ ସୁଦ୍ଧା ୧୯,୫୬୭ କୋଟି ଟଙ୍କା ବ୍ୟାଙ୍କରେ ଜମା ହୋଇ ପଡିରହିଛି। ଅନୁରୂପ ଭାବେ ଦେଶର ବିଭିନ୍ନ ପୋଷ୍ଟ ଅଫିସରେ ପଡି ରହିଥିବା ୯୩୯୫ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି।

## ଜିଏସ୍‌ଟି ବକେୟା ପ୍ରଦାନ

### ଆଇଜିଏସ୍‌ଟି କ୍ରେଡିଟ ବ୍ୟବହାର ସମ୍ଭବ




ନୂଆଦିଲ୍ଲୀ,୨୬-୪

ବ୍ୟବସାୟୀମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ଜିଏସ୍‌ଟି ବକେୟା ପ୍ରଦାନ ଲାଗି ସମନ୍ୱିତ ଜିଏସ୍‌ଟି ବା ଆଇଜିଏସ୍‌ଟି କ୍ରେଡିଟକୁ ବ୍ୟବହାର କରିପାରିବେ ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ସ୍ପଷ୍ଟ କରିଛି। ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁ ବ୍ୟବସାୟୀଙ୍କ ନିକଟରେ କ୍ରେଡିଟ ରୂପରେ ଆଇଜିଏସ୍‌ଟି ରହିଛି, ସେମାନେ ଏହାକୁ କେନ୍ଦ୍ର ଓ ରାଜ୍ୟର ବକେୟା ଜିଏସ୍‌ଟି ପ୍ରଦାନରେ ବ୍ୟବହାର କରିପାରିବେ। ଆମଦାନୀକାରୀ ସାଧାରଣତଃ ଦେଶ ଭିତରେ ଆଣୁଥିବା ସାମଗ୍ରୀ ଉପରେ ଆଇଜିଏସ୍‌ଟି ଦେଇଥାନ୍ତି। ରାଜ୍ୟ-ରାଜ୍ୟ ଭିତରେ ମାଲ୍ ପରିବହନ ଉପରେ ମଧ୍ୟ ଆଇଜିଏସ୍‌ଟି ଦେବାକୁ ପଡେ। ଏହି ଟିକସକୁ ବାସ୍ତବିକ ଜିଏସ୍‌ଟିରେ ଏକୀକୃତ କରାଯାଇପାରିବ ଅଥବା କିଛି ମାମଲାରେ ରିଫଣ୍ଡ ରୂପେ ଦାବି କରାଯାଇପାରିବ।

## ଡ୍ୟୁକ୍‌ର ନୂଆ କଲେକ୍ସନ

ଭୁବନେଶ୍ୱର,୨୬-୪



ଡ୍ୟୁକ୍ ପକ୍ଷରୁ ନୂଆ ଫ୍ଲିପ୍‌ଫପ୍ ଏବଂ ସାଣ୍ଡାଲ କଲେକ୍ସନ-୨୦୧୯ ବଜାରକୁ ଆସିଛି। ଏଥିରେ ଗ୍ରାହକମାନେ ସଦ୍ୟତମ ଡିଜାଇନ ଏବଂ ପ୍ରିମିୟମ ଫିଚର ଲାଭ କରି ପାରିବେ। ସେହିଭଳି ଆରାମ,କଲରଫୁଲ ସହ ଏହା ଗ୍ରାହକଙ୍କୁ ଏକ ସ୍ମାର୍ଟ ଲୁକ୍ ପ୍ରଦାନ କରିବ। ଗ୍ରାହକଙ୍କ କାଜୁଆଲ ଷ୍ଟାଇଲକୁ ନଜରରେ ରଖି କମ୍ପାନୀ ବିଭିନ୍ନ ପ୍ରଡକ୍ଟ ପ୍ରସ୍ତୁତ କରିଛି। ସଦ୍ୟତମ ଡିଜାଇନ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ ବୋଲି ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି। ଗୁଣବତ୍ତା ଏବଂ ଅନ୍ତର୍ଜାତୀୟ ଟ୍ରେଣ୍ଡର ସାମଗ୍ରୀ ଚାହୁଁଥିବା ଯୁବାବର୍ଗଙ୍କୁ ଏହା ପସନ୍ଦ ଆସିବ। ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଷ୍ଟାଇଲ ଉତ୍ପାଦ ଯୋଗାଣ ନେଇ ପଦକ୍ଷେପ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

# ମେ ୨୪ ଯାଏ ଜେଲ୍‌ରେ ରହିବେ ନୀରବ

ଲଣ୍ଡନ,୨୬-୪

### ମିଳିଲାନି ଜାମିନ

ପିଏନ୍‌ବି ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ତୃତୀୟ ଥର ଲାଗି ଜାମିନ ମିଳିଲାନି। ତାଙ୍କର ଜାମିନ ଆବେଦନକୁ ୱେଷ୍ଟମିନିଷ୍ଟର କୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଫଳରେ ସେ ଆହୁରି ୨୮ ଦିନ ଅର୍ଥାତ ମେ ୨୪ ତାରିଖ ପର୍ଯ୍ୟନ୍ତ ଜେଲ୍‌ରେ ରହିବେ। ସେହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିପୂର୍ବରୁ ନୀରବଙ୍କ ଆବେଦନକୁ ମାର୍ଚ୍ଚ ୨୯ରେ ଅଦାଲତ ଖାରଜ କରିଦେଇଥିଲେ। ତାଙ୍କୁ ଗିରଫ କରାଯିବା ପରେ ସେ ସଙ୍ଗେ ସଙ୍ଗେ ଜାମିନ ଆବେଦନ କରିଥିଲେ,



ଯାହାକୁ ଅଦାଲତ ପ୍ରଥମଥର ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଶୁକ୍ରବାର ଲଣ୍ଡନରେ ନୀରବଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ଅଦାଲତରେ ହାଜର କରାଯାଇଥିଲା। ଜଜ୍ ଇମା ଅର୍ବଥନଟ୍ ନୀରବଙ୍କ ଜାମିନ ମାମଲାରେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ ଓ ହୀରା ବ୍ୟବସାୟୀଙ୍କ ପୋଲିସ ହାଜତକୁ ବୃଦ୍ଧି କରିଥିଲେ।

**ନୀରବ, ମେହୁଲ ଚୋକ୍‌ସିଙ୍କ କାର୍ ନିଲାମ**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ପକ୍ଷରୁ ନୀରବ ମୋଦି ଓ ମେହୁଲ ଚୋକ୍‌ସିଙ୍କ ୧୨ ଲକ୍ଜ୍ୟୁରୀ କାର୍‌କୁ ଅନ୍‌ଲାଇନରେ ନିଲାମ କରିଦେଇଛି। ଏଥିରୁ ୩.୨୯ କୋଟି ଟଙ୍କା ମିଳିଛି। ମେଟାଲ ଆଣ୍ଡ ସ୍କ୍ରାପ୍ ଟ୍ରେଡିଂ କର୍ପୋରେଶନ(ଏମ୍‌ଏସ୍‌ଟିସି) ପକ୍ଷରୁ ଏହି ନିଲାମୀ କରାଯାଇଥିଲା।

# 'ଦରମା ପାଇବାକୁ ଉଦ୍ୟମ କରି ବ୍ୟର୍ଥ ହୋଇଛୁ'

ନୂଆଦିଲ୍ଲୀ,୨୬-୪

ଜେଟ୍ ଏୟାରୱେଜ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଛି। ତେବେ ଏହା କାହିଁକି ହେଲା ଏବଂ ଏଥିପାଇଁ ନିଜକୁ କେହି ଦାୟୀ କରିବାକୁ ଚାହୁଁନାହାନ୍ତି। ଏୟାରଲାଇନ୍ସ ପ୍ରମୋଟର ଏବଂ ଏହାର ଋଣପ୍ରଦାନକାରୀ ନିଜ ନିଜ ଯୁକ୍ତି ମାଧ୍ୟମରେ ମୁଣ୍ଡରୁ ଦୋଷ ଖସାଇ ଦେଇଛନ୍ତି। ଅନ୍ୟପକ୍ଷରେ ସିଇଓ ବିନୟ ଦୁବେ ଶୁକ୍ରବାର କମ୍ପାନୀ କର୍ମଚାରୀମାନଙ୍କୁ ପତ୍ର ଲେଖି ଦରମା ବାବଦରେ ବିସ୍ତାରିତ ତଥ୍ୟ ଦେଇଛନ୍ତି। ମାତ୍ର ମାସକର ଦରମା ପାଇବା ଲାଗି ସମ୍ପୃକ୍ତ ପକ୍ଷଙ୍କୁ ଅନୁରୋଧ କରି ସେ ବିଫଳ ହୋଇଛନ୍ତି। କାହାଠାରୁ ଟଙ୍କାଟିଏ ମିଳିଲା ନାହିଁ ବୋଲି ସେ ଲେଖିଛନ୍ତି। ନିଜ ପତ୍ରରେ ଦୁବେ ଲେଖିଛନ୍ତି ଯେ, ଏସ୍‌ବିଆଇ ନେତୃତ୍ୱରେ ଋଣପ୍ରଦାନକାରୀ ବ୍ୟାଙ୍କକୁ କମ୍ପାନୀ ପକ୍ଷରୁ ଦରମା ବ୍ୟବସ୍ଥା କରିବାକୁ ବାରମ୍ବାର ଅନୁରୋଧ କରାଯାଇଥିଲା। ଦରମା ମିଳୁ ନ ଥିବାରୁ କର୍ମଚାରୀମାନେ




**କର୍ମଚାରୀଙ୍କୁ ଚିଠି ଲେଖିଲେ ଜେଟ୍ ସିଇଓ**

ଅତ୍ୟନ୍ତ ସଙ୍କଟରେ ଥିବା ଏବଂ ଅବସ୍ଥା ଏଭଳି ଚାଲିଲେ ସେମାନେ ଅନ୍ୟ କମ୍ପାନୀରେ ଚାକିରି ଖୋଜିବାକୁ ବାଧ୍ୟ ହେବେ ବୋଲି କୁହାଯାଇଥିଲା। ତେବେ ଦୁର୍ଭାଗ୍ୟର ବିଷୟ ଯେ, ବିଡିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଦରମାକୁ ନେଇ କୌଣସି ପ୍ରତିଶ୍ରୁତି ଦେଇ ହେବ ନାହିଁ ବୋଲି ବ୍ୟାଙ୍କଗୁଡ଼ିକ ସ୍ପଷ୍ଟ ଭାବେ ଶୁଣାଇ ଦେଇଥିଲେ। ସୂଚନାଥାଉ କି, ନିକଟରେ ଦୁବେଙ୍କ ନେତୃତ୍ୱରେ କମ୍ପାନୀ ସିଏଫଓ ଅମିତ ଅଗ୍ରୱାଲ ଏବଂ କମ୍ପାନୀ ପ୍ରତିନିଧି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଭେଟି କର୍ମଚାରୀଙ୍କୁ ମାସକର ଦରମା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ।

## ଆକ୍ସିସ, ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କକୁ ଏନ୍‌ସିଏଲ୍‌ଟି ନୋଟିସ

ମୁମ୍ବାଇ,୨୬-୪

ପୂର୍ବତନ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଏକଜିକ୍ୟୁଟିଭ ରମେଶ ବାୱାଙ୍କ ଆକାଉଣ୍ଟକୁ ନେଇ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ର ମୁମ୍ବାଇ ଖଣ୍ଡପୀଠ ଆକ୍ସିସ ବ୍ୟାଙ୍କ ଏବଂ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ସିଇଓ ଏବଂ ବାୱାଙ୍କ ପରିବାର ସଦସ୍ୟଙ୍କୁ ନୋଟିସ ଜାରି କରିଛନ୍ତି। କର୍ପୋରେଟ ମନ୍ତ୍ରଣାଳୟ ପକ୍ଷରୁ ଆଗତ ମାମଲାରେ ଅଭିଯୋଗ କରାଯାଇଛି ଯେ, ବାୱାଙ୍କ ଆକାଉଣ୍ଟକୁ ଅଚଳ କରିବା ଲାଗି ଏନ୍‌ସିଏଲ୍‌ଟି ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏବଂ ତାଙ୍କ ଆକାଉଣ୍ଟରୁ ୧.୧୪ କୋଟି ଟଙ୍କା ସ୍ତ୍ରୀ ଓ ଝିଅଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ତଦନ୍ତରୁ ଏହା ଜଣାପଡିଥିଲା ବୋଲି ମାମଲାରେ କୁହାଯାଇଛି। ଏହାଛଡ଼ା ଆକ୍ସିସ୍ ବ୍ୟାଙ୍କ ଏବଂ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କରେ ଥିବ ବାୱାଙ୍କ ଲକରକୁ ମଧ୍ୟ ଚଳିତ ବର୍ଷ ମାର୍ଚ୍ଚ ୨୭ରେ ଖୋଲାଯାଇଥିଲା ବୋଲି ଅଭିଯୋଗ କରାଯାଇଛି। ଉଭୟ ବ୍ୟାଙ୍କ ଏବଂ ବାୱାଙ୍କ ସ୍ତ୍ରୀ ଆଶାକିରନ ଏବଂ ଝିଅ ଆକାଂକ୍ଷାଙ୍କୁ ୧୪ ଦିନ ଭିତରେ ନୋଟିସର ଜବାବ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**CORRIGENDUM-6**
**SELECTION OF MINE DEVELOPER AND OPERATOR (MDO) FOR KURMITAR IRON ORE MINE**
**Reference: RFP No. 32/OMC/PROJ/13, Dated 02.03.2019**
In inviting reference to the above, it is for the information of all interested bidders that, the revised bid document along with Corrigendum-6 shall be made available in the websites of OMC (**www.omcltd.in**) and MSTC (**www.mstcecommerce.com/eprochome/omc**) from 27.04.2019. The revised document shall be treated as the final bid document for the bidding purpose.
Sd/-
**General Manager (Projects)**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
F.No. J-11041(013)/2018-19/S&P Date: 26-04-2019
**E-TENDER CALL NOTICE**
Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Arthroscopy System, (2) Battery Operated Sternum Saw System at AIIMS, Bhubaneswar"** in Two Bid System". The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in /www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.
Sd/-
Sr. Procurement-Cum Store Officer
AIIMS, Bhubaneswar



“ ଖରାପ ଫର୍ମ ପାଇଁ ନୁହେଁ, ଆଘାତଜନିତ ସମସ୍ୟା ଲାଗି ଡେଭିଡ ଫେରରେ ଟେନିସ୍‌ରୁ ଅବସର ନେବାକୁ ବାଧ୍ୟ ହେଉଛନ୍ତି।
–ରାଫାଲ ନାଡାଲ, ବିଶିଷ୍ଟ ଟେନିସ ଖେଳାଳି



“ ଆମ ଦଳରେ ରିଷଭ ପନ୍ତଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ଥିବାରୁ ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଆମେ ଫର୍ମ ହରାଉ ନାହୁଁ।
–ରିକି ପଣ୍ଟିଂ, ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍

# ଅମ୍ପାୟର ତାଲିକାରେ ସୁନ୍ଦରମ୍ ରବି

ଦୁବାଇ,୨୬।୪(ପି.ଟି.)



ସୁନ୍ଦରମ୍ ରବି




ଆସନ୍ତା ମେ’ ୩୦ ତାରିଖରୁ ଇଂଲଣ୍ଡରେ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ପାଇଁ ଶୁକ୍ରବାର ଆଇସିସି ପକ୍ଷରୁ ୨୨ ଜଣିଆ ମ୍ୟାଚ୍ ଅଫିସିଆଲଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଜଣେ ଭାରତୀୟଙ୍କ ସମେତ ୧୬ ଅମ୍ପାୟର ଓ ୬ ମ୍ୟାଚ୍ ରେଫରି ରହିଛନ୍ତି। ବିଶ୍ୱକପ ପରି ବୃହତ୍ ଇଭେଣ୍ଟ ପରିଚାଳନା ଲାଗି ମନୋନୀତ ହୋଇଥିବା ଏକମାତ୍ର ଭାରତୀୟ ଅମ୍ପାୟର ହେଉଛନ୍ତି ସୁନ୍ଦରମ୍ ରବି। ଗତ ବିଶ୍ୱକପ୍‌ରେ ମଧ୍ୟ ସେ ଏକମାତ୍ର ଭାରତୀୟ ଅମ୍ପାୟର ଭାବେ ପରିଚାଳନା ଦାୟିତ୍ୱ ପାଇଥିଲେ।

ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଓଭାଲରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌କୁ ୩ ଜଣ ବିଶ୍ୱକପ୍ ଚାମ୍ପିୟନ ଅଫିସିଆଲ ପରିଚାଳନା କରିବେ। ଡେଭିଡ ବୁନ ମ୍ୟାଚ୍ ରେଫରି ଦାୟିତ୍ୱ ସମ୍ଭାଳିବେ। କୁମାର ଧର୍ମସେନା ଓ ବ୍ରୁସ ଅକ୍ସେନଫୋର୍ଡ ଫିଲ୍ଡ ଅମ୍ପାୟର ଏବଂ ପଲ ରିଫେଲ ତୃତୀୟ ଅମ୍ପାୟର ଭୂମିକାରେ ରହିବେ। ଆଲାନ ବର୍ଡରଙ୍କ ନେତୃତ୍ୱରେ ୧୯୮୭ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ ବୁନ୍। ସେହିପରି ଅର୍ଜୁନ ରଣାତୁଙ୍ଗାଙ୍କ ନେତୃତ୍ୱାଧୀନ ୧୯୯୬ ଚାମ୍ପିୟନ ଦଳର ସଦସ୍ୟ ଥିଲେ ଧର୍ମସେନା। ଷ୍ଟିଭ ୱାଙ୍କ ନେତୃତ୍ୱରେ ୧୯୯୯ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳରେ ରିଫେଲ ସାମିଲ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ କ୍ରିସ୍ ବ୍ରଡ, ଜେଫ୍ କ୍ରୋ, ଆଣ୍ଡି ପାଇକ୍ରଫ୍ଟ, ରଞ୍ଜନ ମଦୁଗଲେ, ରିଚି ରିଚାର୍ଡଶନ ମ୍ୟାଚ ରେଫରି ଭାବେ ନିଯୁକ୍ତି ପାଇଛନ୍ତି। ଅମ୍ପାୟର ଭାବେ ଅଲିମ୍ ଦର, ମାରାଇସ ଇରାସମସ, କ୍ରିସ ଗାଫାନି, ଇଆନ ଗୋଲ୍ଡ, ରିଚାର୍ଡ ଇଲିଙ୍ଗୱର୍ଥ, ରିଚାର୍ଡ କେଟିଲବରୋ, ନିଗେଲ୍ ଲଙ୍ଗ, ରିଚାର୍ଡ ପଲିୟାଗୁରଗେ, ରଡ ଟୁକର, ମାଇକେଲ ଗଫ୍, ପଲ ୱିଲସନ ଓ ରବି ମନୋନୀତ ହୋଇଛନ୍ତି। ମଦୁଗଲେ ସବୁଠୁ ଅଭିଜ୍ଞ ମ୍ୟାଚ୍ ରେଫରି। ସେ ୬ଷ୍ଠ ଥର ପାଇଁ ବିଶ୍ୱକପ୍ ପରିଚାଳନା କରିବେ। ସେହିଭଳି ଫିଲ୍ଡ ଅମ୍ପାୟର ଅଲିମ ୫ମ ବିଶ୍ୱକପ୍ ଲାଗି ପରିଚାଳନା କରିବାକୁ ଯାଉଛନ୍ତି। ବ୍ରଡ୍ ଏବଂ କ୍ରୋଙ୍କ ପାଇଁ ଏହା ୪ର୍ଥ ବିଶ୍ୱକପ ହେବ। ଗୋଲ୍ଡଙ୍କ ପାଇଁ ଏହା ୪ର୍ଥ ତଥା ଶେଷ ବିଶ୍ୱକପ ହେବ। କାରଣ ଟୁର୍ନାମେଣ୍ଟ ପରେ ଗୋଲ୍ଡ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ୧୯୮୩ ବିଶ୍ୱକପ ସମୟରେ ଇଂଲଣ୍ଡର ଉଇକେଟ କିପର ଥିବା ଗୋଲ୍ଡ ସମ୍ପ୍ରତି ୬୧ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ନିକଟରେ ୭୪ ଟେଷ୍ଟ, ୧୩୫ ଦିନିକିଆ ଓ ୩୭ ଟି୨୦ ମ୍ୟାଚ ପରିଚାଳନାର ଅଭିଜ୍ଞତା ରହିଛି। ପ୍ରତି ନିଷ୍ପତ୍ତି ଉପରେ ସମ୍ପୂର୍ଣ୍ଣ କ୍ରିକେଟ ଜଗତର ନଜର ରହିଥିବାରୁ ଅମ୍ପାୟରଙ୍କ କାର୍ଯ୍ୟ ପ୍ରକୃତରେ କଷ୍ଟକର। ମାତ୍ର ଏହି ୨୨ ଜଣିଆ ଗ୍ରୁପ୍ ବିଶ୍ୱରେ ଶ୍ରେଷ୍ଠ। ବିଶ୍ୱକପ ପାଇଁ ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ଆଇସିସି ସିନିୟର ମ୍ୟାନେଜର ଆଡ୍ରିଆନ ଗ୍ରିଫିଥ ପ୍ରକାଶ କରିଛନ୍ତି। ଲିଗ୍ ପର୍ଯ୍ୟାୟ ପରେ ସେମିଫାଇନାଲ ପାଇଁ ଅଫିସିଆଲ ନିଯୁକ୍ତ କରାଯିବ। ସେମିଫାଇନାଲ ପରେ ଫାଇନାଲ ପାଇଁ ଅଫିସିଆଲ ଚୂଡ଼ାନ୍ତ ହେବେ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଫାଇନାଲରେ ୟୁନିୟନ ସ୍ପୋର୍ଟିଂ

କଟକ ଅଫିସ,୨୬।୪: ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ୟୁନିୟନ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଲଗାତାର ୩ଟି ମ୍ୟାଚରେ ବିଜୟୀ ହୋଇ ୟୁନିୟନ ଏହି ସଫଳତା ପାଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁନିୟନ ଦଳ ୬୨ରନରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ସମସ୍ତ ଉଇକେଟ ହରାଇ ୨୦୫ରନ କରିଥିଲା। ଯଜ୍ଞଜିତ ସାହୁ ୬୮ରନ ଓ ମନଗେଶ ଚୌଧୁରୀ ୩୪ରନ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରତ୍ୟୁଷ ପ୍ରଧାନଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୯ ଉଇକେଟ ହରାଇ ନିର୍ଦ୍ଧାରିତ ୪୦ ଓଭରରେ ୧୪୩ରନ କରିଥିଲା। ବିଶ୍ୱଜିତ ପାତ୍ର ୫୪ରନର ଅପରାଜିତ ଇନିଂସ ଖେଳିଥିଲେ। ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ବିମଳ ଦାସ ୪ଟି ଓ ଯଜ୍ଞଜିତ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡର ପ୍ରଦର୍ଶନ ନିମନ୍ତେ ଯଜ୍ଞଜିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ରଣଜୀ ଖେଳାଳି ହଳଧର ଦାସ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।

### ୟୁଥ୍ ଲିଗରୁ ଫାଓ ଏକାଡେମୀ ବିଦା

କଟକ ଅଫିସ,୨୬।୪: ଜାମସେଦପୁରଠାରେ ଚାଲିଥିବା ହିରୋ ୟୁଥ୍ ଲିଗ୍‌ରୁ ଫାଓ ଏକାଡେମୀ ଦଳ ବିଦାୟ ହୋଇଛି। ଟୁର୍ନାମେଣ୍ଟରେ ଭାଗ ନେଇଥିବା ଓଡ଼ିଶାର ଅନ୍ୟ ଏକ ଦଳ କଳିଙ୍ଗନଗର ଫୁଟବଲ ଏକାଡେମୀଠାରୁ ଶୁକ୍ରବାର ଫାଓ ଏକାଡେମୀ ଦଳ ୧-୩ ଗୋଲରେ ପରାସ୍ତ ହୋଇଥିଲା। ୩ଟି ଯାକ ମ୍ୟାଚ୍‌ରେ ଫାଓ ଏକାଡେମୀ ପରାସ୍ତ ହୋଇଛି। ପୂର୍ବରୁ ୧-୨ ଗୋଲରେ ଜାମସେଦପୁର ଏଫ୍‌ସିଠାରୁ ଓ ୦-୩ ଗୋଲରେ ଧାନବାଦ ଫୁଟବଲ ଏକାଡେମୀଠାରୁ ଫାଓ ଏକାଡେମୀ ହାରିଥିଲା। ରେଷ୍ଟ ଅଫ ଇଣ୍ଡିଆ ଜୋନରୁ ଧାନବାଦ ଫୁଟବଲ ଏକାଡେମୀ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛି।

### ରାଜ୍ୟ ସବଜୁନିୟର ବାଳିକା ଫୁଟବଲ ଶିବିର ୧ରୁ

କଟକ ଅଫିସ,୨୬।୪: ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଆସନ୍ତା ଜୁନରେ ସବଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏ ନେଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଆସନ୍ତା ମେ ପହିଲାରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ରାଜ୍ୟ ସବଜୁନିୟର ବାଳିକା ଦଳର ପ୍ରସ୍ତୁତି ଓ ଚୟନ ଶିବିର ଅନୁଷ୍ଠିତ ହେବ। ଶିବିରରେ ଯୋଗ ଦେବାକୁ ଇଚ୍ଛୁକ ଖେଳାଳିଙ୍କ ଜନ୍ମ ୨୦୦୫ରୁ ଜାନୁୟାରୀ ୧ ତାରିଖରୁ ୨୦୦୭ ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହାଛଡ଼ା ଅରିଜିନାଲ ଜନ୍ମପ୍ରମାଣ ପତ୍ର ସହ ଶିବିରରେ ଯୋଗ ଦେବାକୁ ଫାଓ ପକ୍ଷରୁ ନିବେଦନ କରାଯାଇଛି।

# ଦିବ୍ୟାଂଶଙ୍କୁ ରୌପ୍ୟ ସହ ଅଲିମ୍ପିକ୍ ଯୋଗ୍ୟତା

ବେଜିଂ, ୨୬।୪(ପି.ଟି.)

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ୧୭ ବର୍ଷୀୟ ଦିବ୍ୟାଂଶ ସିଂ ପନୱାର ଶୁକ୍ରବାର ରୌପ୍ୟ ପଦକ ଜିତିବା ସହ ଦେଶର ୪ର୍ଥ ଅଲିମ୍ପିକ୍ କୋଟା ହାସଲ କରିଛନ୍ତି। କ୍ୟାରିୟରର ଦ୍ୱିତୀୟ ସିନିୟର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦିବ୍ୟାଂଶ ୧୦ମିଟର ରାଇଫଲ ଇଭେଣ୍ଟରେ ମୋଟ ୨୪୯.୦ ସ୍କୋର କରି ରୌପ୍ୟ ପଦକ ଜିତିଛନ୍ତି। ମାତ୍ର ୦.୪ ପଏଣ୍ଟ ବ୍ୟବଧାନରେ ସେ ସ୍ୱର୍ଣ୍ଣ ପଦକ ହାତେଇବାରୁ ବଞ୍ଚିତ ହୋଇଛନ୍ତି। ଚାଇନାର ଜିଚେଙ୍ଗ ହୁଇ (୨୪୯.୪) ସ୍ୱର୍ଣ୍ଣ ଜିତିଥିବାବେଳେ ରୁଷିଆର ଗ୍ରିଗୋରି ଶାମାକୋଭ (୨୨୭.୫) ରୌପ୍ୟ ପଦକ ଜିତିଛନ୍ତି। ଦିବ୍ୟାଂଶ ୪ର୍ଥ ଭାରତୀୟ ଶୁଟର ଭାବେ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ଅଞ୍ଜୁମ ମୋଦଗିଲ ଓ ଅପୂର୍ବୀ ଚଣ୍ଡେଲା (୧୦ମି. ଏୟାର ରାଇଫଲ ମହିଳା), ସୌରଭ ଚୌଧାରୀ (୧୦ମି. ଏୟାର ରାଇଫଲ ପୁରୁଷ) ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଦିବ୍ୟାଂଶ ଫାଇନାଲ ପାଇଁ ଯୋଗ୍ୟତା ଇଭେଣ୍ଟରେ ୬୨୯.୨ ସ୍କୋର ସହ ୩ୟ ସ୍ଥାନ ଅଧିକାର କରିଥିଲେ। ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ରବି କୁମାର ଓ ଦୀପକ କୁମାର ଯଥାକ୍ରମେ ୪୪ ଓ ୫୭ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

# ଇସାକ୍ ଏଆଇଏଫ୍‌ଏଫ୍ ବୈଷୟିକ ନିର୍ଦ୍ଦେଶକ

ନୂଆଦିଲ୍ଲୀ, ୨୬।୪ (ପି.ଟି.)

ରୋମାନିଆର ଡୋରୁ ଇସାକ୍ ସର୍ବ ଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ବୈଷୟିକ ନିର୍ଦ୍ଦେଶକ ଭାବେ ମନୋନୀତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରଖାଯାଇଛି। ବୈଷୟିକ କମିଟି ଚେୟାରମ୍ୟାନ ଶ୍ୟାମ ଥାପ୍ପା ଶୁକ୍ରବାର ସୂଚନା ଦେଇଛନ୍ତି। ଥାପ୍ପାଙ୍କ ନେତୃତ୍ୱରେ ଏଆଇଏଫ୍‌ଏଫ୍‌ର ଟେକ୍ନିକାଲ କମିଟି ଯେଉଁ ୩ଜଣଙ୍କର ସାକ୍ଷାତ୍‌କାର ନେଇଥିଲା ସେମାନଙ୍କ ମଧ୍ୟରେ ଇସାକ୍ ଅନ୍ୟତମ ଥିଲେ। କମିଟି ସୋମବାର ତାଙ୍କ ନାମ ଏଆଇଏଫ୍‌ଏଫ୍ କାର୍ଯ୍ୟନିର୍ବାହୀ କମିଟିକୁ ସୁପାରିସ କରିଥିଲା। ବୈଷୟିକ କମିଟି ଅନ୍ୟ ଯେଉଁ ଦୁଇଜଣଙ୍କର ସାକ୍ଷାତ୍‌କାର ନେଇଥିଲା, ସେମାନେ ହେଲେ, ଜର୍ଜିଆର ଗେଓଜ୍ ଡାରସାଜେ ଏବଂ ପର୍ତ୍ତୁଗାଲର ଜର୍ଜ କାଷ୍ଟିଲୋ। ୨୦୧୭ରେ ଅଷ୍ଟ୍ରେଲିଆର ସ୍କଟ୍ ଓ’ଡୋନେଲ ପଦ ତ୍ୟାଗ କରି ଚାଲିଯିବାରୁ ଏହି ପଦ ଖାଲି ପଡ଼ିଥିଲା। ଏହାପରଠାରୁ ଭାରତର ପୂର୍ବତନ ଖେଳାଳି ତଥା କୋଚ୍ ସାଭିଓ ମେଡିରା କାମଚଳା ଦାୟିତ୍ୱରେ ରହିଥିଲେ। ଇସାକଙ୍କ ବହୁ ୟୁରୋପ ଏବଂ ଏସୀୟ ଦେଶରେ ମ୍ୟାନେଜର ଅବା ବୈଷୟିକ ନିର୍ଦ୍ଦେଶକ ଭାବେ ଅଭିଜ୍ଞତା ରହିଛି। ଜାପାନିଜ୍ ଦଳ ନାଗୋୟା ଗ୍ରାମ୍ପସ ଏଇଟ୍‌ରେ ଆର୍ସେନେ ୱେଙ୍ଗରଙ୍କ ସହକାରୀ ଭାବେ ତାଙ୍କର ବିଶେଷ ପରିଚିତି ଥିଲା। ସେ ଆହୁରି ମଧ୍ୟ ପର୍ତ୍ତୁଗାଲ ଏବଂ ରିଅଲ ମାଡ୍ରିଡ୍ ମ୍ୟାନେଜର କାର୍ଲୋସ କ୍ୱିରୋସ ଏବଂ ମ୍ୟାନେଜର ବୋରା ମିଲୁଟିନୋଭିକ୍‌ଙ୍କ ସହିତ କାର୍ଯ୍ୟ କରିଛନ୍ତି।

# ରାଜ୍ୟ ୭ ବର୍ଷରୁ କମ ଚେସ୍ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

କଟକ ଅଫିସ, ୨୬।୪

ମାଷ୍ଟର ଚେସ ଫାଉଣ୍ଡେଶନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ବାଦାମବାଡ଼ିସ୍ଥିତ ଏକ ହୋଟେଲରେ ରାଜ୍ୟ ୭ ବର୍ଷରୁ କମ ଚେସ ଚାମ୍ପିୟନଶିପ ଆରମ୍ଭ ହୋଇଛି। ପାଞ୍ଚଟି ଜିଲାରୁ ମୋଟ ୭୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓପନ ବର୍ଗରେ ୪୭ ଓ ବାଳିକା ବର୍ଗରେ ୨୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।। ଟୁର୍ନାମେଣ୍ଟଟି ୭ ରାଉଣ୍ଡ ବିଶିଷ୍ଟ। ଉଦଘାଟନୀ ଉତ୍ସବରେ ଅଲ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହାଛଡ଼ା ଖୋର୍ଦ୍ଧା ଜିଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଫିଡେ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏସିଆନ ୟୁଥ୍ ର୍‍ୟାପିଡ୍ ଚେସ୍(୧୦ ବର୍ଷରୁ କମ୍)ରେ ବ୍ରୋଞ୍ଜ ପଦକ ଜିତିଥିବା ଆରୁଷୀ ଶ୍ରୀଚନ୍ଦନ, ୮ମ ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନ ଯାଶିତା ରାଉତ, ଐଶ୍ୱର୍ଯ୍ୟା ସାହୁ ଓ ରୌପ୍ୟ ପଦକ ବିଜେତା ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାକ୍ଷୀ, ଭିନେଶଙ୍କୁ ବ୍ରୋଞ୍ଜ ପଦକ

ଜିଆନ୍ (ଚାଇନା), ୨୬।୪ (ପି.ଟି.)

ଏଠାରେ ଚାଲିଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳାମାନେ ବିନା ସ୍ୱର୍ଣ୍ଣରେ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାକ୍ଷୀ ମଲିକ ଏବଂ ଏସିଆନ ଗେମ୍ସ ଚାମ୍ପିୟନ ଭିନେଶ ଫୋଗଟଙ୍କୁ ବ୍ରୋ ଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଉଭୟ ସାକ୍ଷୀ (୬୨କେଜି) ଓ ଭିନେଶ (୫୩କେଜି) ସେମାନଙ୍କ କ୍ୱାର୍ଟରଫାଇନାଲ ବାଉଟ୍ ହାରିଯାଇଥିଲେ। ମାତ୍ର ରିପିଚେଜ୍ ରାଉଣ୍ଡ ଜରିଆରେ ପୋଡିୟମ ଫିନିଶ କରିଥିଲେ। କାରଣ ଏହି ଦୁଇଜଣଙ୍କୁ ଜିତିଥିବା ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଥିଲେ। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଭିନେଶ ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଚାଇନାର କ୍ୱିଆନୟୁ ପାଙ୍ଗଙ୍କୁ ୮-୧ରେ ହରାଇ ଦେଇଥିବାବେଳେ ସାକ୍ଷୀ ଉତ୍ତର କୋରିଆର ହ୍ୟନ୍ ଗ୍ୟଙ୍ଗ୍ ମୁନ୍‌ଙ୍କ ବିପକ୍ଷରେ ୯-୬ରେ ବିଜୟୀ ହୋଇଥିଲେ। ଗୁରୁବାର ମଞ୍ଜୁ କୁମାରୀ (୫୯କେଜି) ଓ ଦିବ୍ୟା କାକରାନ (୬୮କେଜି) ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତିଥିଲେ।

# ମେକ୍ସିକୋ, ୟୁଏସ୍‌ଏ, ସ୍ଲୋଭେନିଆ ସହ ଖେଳିବ ଜୁନିୟର ଫୁଟ୍‌ବଲ ଦଳ



ଭାରତୀୟ ଜୁନିୟର ଫୁଟବଲ ଦଳ।

ନୂଆଦିଲ୍ଲୀ, ୨୬।୪ (ପି.ଟି.)

ଏଏଫ୍‌ସି ୧୬ବର୍ଷରୁ କମ୍ କ୍ୱାଲିଫାୟର୍ସକୁ ଦୃଷ୍ଟିରେ ରଖି ଭାରତୀୟ ଜାତୀୟ ଜୁନିୟର ଦଳ ଦକ୍ଷତା ବୃଦ୍ଧି ପାଇଁ ଇଟାଲୀ ଟୁର୍‌ରେ ଯିବ। ସେଠାରେ ଦଳ ୟୁଏସ୍‌ଏ, ମେକ୍ସିକୋ ଏବଂ ସ୍ଲୋଭେନିଆ ବିପକ୍ଷରେ ଖେଳିବ। ଜାତୀୟ ଦଳରେ ୨୦୦୪ ଜାନୁୟାରୀ ୧ ପରେ ଜନ୍ମ ଗ୍ରହଣ କରିଥିବା ଖେଳାଳିଙ୍କୁ ନିଆଯାଇଛି। ବିବିଆନୋ ଫର୍ନାଣ୍ଡିଜ ଦଳର କୋଚ୍ ଦାୟିତ୍ୱରେ ରହିଛନ୍ତି, ଯାହାଙ୍କ ନେତୃତ୍ୱରେ ୨୦୧୮ରେ ମାଲେସିଆରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍‌ରେ ୧୫ ବର୍ଷରୁ କମ୍ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା। ଇଟାଲୀରେ ଭାରତର ଜୁନିୟର ଦଳ ଏମ୍ୟୁ-୧୫ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବ।

**ଇଟାଲୀରେ କାର୍ଯ୍ୟସୂଚୀ**

ଏପ୍ରିଲ ୨୮: ୟୁଏସଏ ବନାମ ଭାରତ
ଏପ୍ରିଲ ୨୯: ମେକ୍ସିକୋ ବନାମ ଭାରତ
ଏପ୍ରିଲ ୩୦: ସ୍ଲୋଭେନିଆ ବନାମ ଭାରତ।

# ଅଷ୍ଟ୍ରେଲିଆ ଟ୍ରାକ୍‌ରେ ରାଜୀବ, ସେନ୍ଥିଲଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୨୬।୪(ସ୍ପୋର୍ଟ୍ସ ବ୍ୟୁରୋ)



ସେନ୍ଥିଲ କୁମାର



ରାଜୀବ ସେଥୁ

ଅଷ୍ଟ୍ରେଲିଆର ଆଡିଲେଡ୍ ନିକଟସ୍ଥ ବେଣ୍ଡ ମୋଟର ପାର୍କ ଟ୍ରାକ୍‌ରେ ଶୁକ୍ରବାର ଅନୁଷ୍ଠିତ ଏସିଆ ପ୍ରଡକ୍ସନ ୨୫୦ ଯୋଗ୍ୟତା ପର୍ଯ୍ୟାୟରେ ଇଡିମିତ୍ସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଚାଳକ ରାଜୀବ ସେଥୁ ଓ ସେନ୍ଥିଲ କୁମାର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ରାଜୀବ ଏପି ୨୫୦ ଯୋଗ୍ୟତା ପର୍ଯ୍ୟାୟରେ ୧୨ତମ ସ୍ଥାନ ହାସଲ କରିଛନ୍ତି। ରାଜୀବଙ୍କ ଲ୍ୟାପ୍ ସମୟ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆସିଛି। ସେହିପରି ୧୮ ବର୍ଷୀୟ ଚାଳକ ସେନ୍ଥିଲ ନିଜର ଶ୍ରେଷ୍ଠ ଲ୍ୟାପ୍ ଟାଇମ୍ ସହିତ ୧୮ତମ ସ୍ଥାନ ହାସଲ କରିଛନ୍ତି। ଏପି ୨୫୦ ଚାମ୍ପିୟନ୍‌ଶିପ୍‌ରେ ଇଣ୍ଡୋନେସିଆର ଆଣ୍ଡି ମହମ୍ମଦ ଫାଡଲି ଶ୍ରେଷ୍ଠ ଲ୍ୟାପ୍ ସମୟ ସହିତ ଅଗ୍ରଣୀ ରହିଥିବା ବେଳେ ଜାପାନର ଆଇକି ଆୟୋଶି ଦ୍ୱିତୀୟ ଏବଂ ହୋଣ୍ଡା ରେସିଂ ଥାଇଲାଣ୍ଡର ମୁକଲାଦା ସାରାପଚ୍ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସେପଙ୍ଗରେ ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍ (ଏଆର୍‌ସିସି) ପ୍ରଥମ ରାଉଣ୍ଡରେ ମଧ୍ୟ ରାଜୀବ ଓ ସେନ୍ଥିଲ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ‘‘ସକାଳେ କିଛି ସମସ୍ୟା ଦେଖା ଦେଇଥିବାରୁ ଚିନ୍ତିତ ଥିଲୁ, କିନ୍ତୁ ପରବର୍ତ୍ତୀ ସମୟରେ ଭାରତୀୟ ଟିମ୍ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ରାଜୀବ ଯେତେବେଳେ ବି ଟ୍ରାକ୍ ଉପରକୁ ଯାଆନ୍ତି ଭଲ ପ୍ରଦର୍ଶନ କରିଥାନ୍ତି। ରାଜୀବ ଗ୍ରୀଡ୍‌ରେ ୧୨ତମ ସ୍ଥାନ ହାସଲ କରିଛନ୍ତି, ଏହା ହେଉଛି ତାଙ୍କର ଶ୍ରେଷ୍ଠ ଯୋଗ୍ୟତା ପ୍ରଦର୍ଶନ। ଏହା ଦ୍ୱାରା ପ୍ରଥମ ଥର ପାଇଁ ସେ ୧୦ ସ୍ଥାନ ମଧ୍ୟରେ ରେସ୍ ଶେଷ କରିବାର ସୁଯୋଗ ସୃଷ୍ଟି କରିଛନ୍ତି। ସେନ୍ଥିଲଙ୍କ ପାଇଁ ଅଷ୍ଟ୍ରେଲିଆ ଟ୍ରାକ୍ ସମ୍ପୂର୍ଣ୍ଣ ନୂଆ ଥିଲା। ଯଦି ଉଭୟ ଭଲ ପ୍ରଦର୍ଶନ କରିବେ ତେବେ ଆମେ ଶନିବାର ରେସ୍‌ରେ ପଏଣ୍ଟ ହାସଲ କରିପାରିବୁ’’ ବୋଲି ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆର ଉପ ସଭାପତି (ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ୍) ପ୍ରଭୁ ନାଗରାଜ ପ୍ରକାଶ କରିଛନ୍ତି।

# ମୁହଁ ଖୋଲିଲେ ଅଶୋକ ଦିଣ୍ଡା

କୋଲକାତା,୨୬।୪

ସୋସିଆଲ ମିଡିଆରେ କରାଯାଉଥିବା ସମାଲୋଚନା ସମ୍ପର୍କରେ ପୂର୍ବତନ ଭାରତୀୟ ପେସର ଅଶୋକ ଦିଣ୍ଡା ଶୁକ୍ରବାର ମୁହଁ ଖୋଲିଛନ୍ତି। ସେ ଚଳିତ ଆଇପିଏଲରେ ଖେଳୁ ନାହାନ୍ତି। ହେଲେ ଚଳିତ ସିଜନରେ କୌଣସି ବୋଲର ବ୍ୟୟ ବହୁଳ ସ୍ପେଲ ପକାଇବା ପରେ ଉକ୍ତ ବୋଲର ‘ଦିଣ୍ଡା ଏକାଡେମୀ’ରେ ଯୋଗ ଦେଇଥିବା ଟ୍ରୋଲ କରାଯାଉଛି। ‘ଦିଣ୍ଡା ଏକାଡେମୀ’ ଗତ କିଛି ସପ୍ତାହ ହେଲା ସୋସିଆଲ ମିଡିଆରେ ପରିଚୟ ସୃଷ୍ଟି କରିଛି। ଚଳିତ ଆଇପିଏଲ ସିଜନରେ ଏ ପର୍ଯ୍ୟନ୍ତ ବ୍ୟୟ ବହୁଳ ସାବ୍ୟସ୍ତ ହୋଇଥିବା ଉମେଶ ଯାଦବ ଓ ଜୟଦେବ ଉନାଡକଟ୍ ଦିଣ୍ଡା ଏକାଡେମୀରୁ ସ୍ନାତକ କରିଥିବା ଜୋକ୍ସ ସୋସିଆଲ ମିଡିଆରେ ଶେୟାର କରାଯାଉଛି। ବେଙ୍ଗଲ ଷ୍ଟାର ବହୁ ଆଇପିଏଲ ମ୍ୟାଚ୍‌ରେ ବ୍ୟୟ ବହୁଳ ବୋଲର ସାବ୍ୟସ୍ତ ହୋଇଥିବାରୁ ତାଙ୍କ ଉପରେ ପ୍ରଶଂସକମାନେ ଏବେ ଜୋକ୍ସ ପ୍ରସ୍ତୁତ କରୁଛନ୍ତି। ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଅରସିବି)ପକ୍ଷରୁ ଅଫିସିଆଲ ଟୁଇଟର ମଧ୍ୟ ଜୋକ୍ କରାଯିବା ପରେ ଦିଣ୍ଡା ଜବାବ ଦେଇଛନ୍ତି। ନିଜ କ୍ୟାରିୟରର ସମ୍ପୂର୍ଣ୍ଣ ପରିସଂଖ୍ୟାନର ଏକ ଫଟୋ ଅପ୍‌ଲୋଡ କରି କ୍ୟାପଶନରେ ଲେଖିଛନ୍ତି, ମୋତେ ଘୃଣା କରୁଥିବା ପ୍ରଶଂସକମାନଙ୍କୁ ମୋ କ୍ୟାରିୟର ସମ୍ପର୍କରେ କିଛି ଜଣାନାହିଁ। ମୋ ବିଷୟରେ ମତ ଦେବା ବନ୍ଦ କରନ୍ତୁ। ଦିଣ୍ଡା ଅନ୍ତିମ ଥର ୨୦୧୩ରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଭାରତ ପାଇଁ ୧୩ ଦିନିକିଆ ମ୍ୟାଚ୍ ଖେଳି ସେ ୧୨ ଉଇକେଟ ଅକ୍ତିଆର କରିଛନ୍ତି। ଏଥିସହିତ ୯ ଟି୨୦ ମ୍ୟାଚ୍‌ରୁ ୧୭ ଉଇକେଟ ନେଇଛନ୍ତି। ତାଙ୍କୁ ଦୀର୍ଘ ଦିନ ହେଲା ସମାଲୋଚନା କରାଯାଉଥିବାବେଳେ ଦିଣ୍ଡାଙ୍କ ଘରୋଇ ଓ ଅନ୍ତର୍ଜାତୀୟ ପ୍ରଦର୍ଶନ ଖରାପ ନୁହେଁ, ଯାହାକି ‘ଦିଣ୍ଡା ଏକାଡେମୀ’ ଜୋକ୍ସରେ ଦର୍ଶାଉଛି। ଅନ୍ତର୍ଜାତୀୟ ସ୍ତରରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ହେଲେ ଖେଳାଳିଙ୍କ ନିକଟରେ ପ୍ରତିଭା ଥିବା ଦରକାର।




# ବିଜୟ ସହ ଦ୍ୱିତୀୟରେ ମୁମ୍ବାଇ

ଚେନ୍ନାଇ, ୨୬।୪(ପି.ଟି.)

ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୪ତମ ମ୍ୟାଚ୍‌ରେ ଶୁକ୍ରବାର ଚେନ୍ନାଇ ସୁପରକିଙ୍ଗ୍ସଙ୍କୁ ୪୬ ରନରେ ପରାସ୍ତ କରିଛି। ଏଥିସହିତ ମୁମ୍ବାଇ ୧୧ଟି ମ୍ୟାଚ୍ ଖେଳି ୭ ବିଜୟ ଓ ୪ ପରାଜୟ ସହ ୧୪ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୪ ଉଇକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ଚେନ୍ନାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୦୯ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଜ୍ୱର ଯୋଗୁ ଖେଳି ନ ଥିବା ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ମ୍ୟାଚରେ ଅନୁଭୂତ ହୋଇଥିଲା। ପରାଜୟ ସତ୍ତ୍ୱେ ଚେନ୍ନାଇ ୧୨ ମ୍ୟାଚରୁ ୮ ବିଜୟ ଓ ୪ ପରାଜୟ ସହ ୧୬ ପଏଣ୍ଟରେ ରହି ଶୀର୍ଷ ସ୍ଥାନ ବଜାୟ ରଖିଛି।

୧୫୬ ରନ ଟାର୍ଗେଟର ପିଛା କରି ଚେନ୍ନାଇ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅଭିଜ୍ଞ ଓପନର ମୁରଲୀ ବିଜୟ ୩୫ ବଲରୁ ୩ ଚୌକା ଓ ୧ ଛକା ସହ ୩୮ ରନ କରି ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମୁରଲୀଙ୍କୁ ବାଦ ଦେଲେ ଟପ୍ ଅର୍ଡର ୫ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଏହି କ୍ରମରେ କାମଚଳା ଅଧିନାୟକ ଶେନ୍ ୱାଟସନ ୮, ସୁରେଶ ରାଇନା ୨ ରନ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଖାତା ଖୋଲିପାରି ନ ଥିଲେ। ଏହାପରେ କେଦାର ଯାଦବ ୬, ଧ୍ରୁବ ସୋରେ ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଚେନ୍ନାଇ ୬୬ ରନରେ ୬ ଉଇକେଟ ହରାଇଥିଲା। ସପ୍ତମ ଉଇକେଟ ଯୋଡିରେ ଡ୍ୱେନ ବ୍ରାଭୋ ଓ ମିଚେଲ ସାଣ୍ଟନର ୨୭ ବଲରୁ ୩୩ ରନ ସଂଗ୍ରହକରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ବ୍ରାଭୋ ୧୭ ବଲରୁ ୨ ଚୌକା ସହ ୨୦ ରନ କରି ଅଭିଜ୍ଞ ଲସିଥ୍ ମାଲିଙ୍ଗାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ ଓ ଏହାପରେ ଦୀପକ ଚହର ବିନା ସ୍କୋରରେ ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ହରଭଜନ ସିଂ ୧ ରନ କରି ଆଉଟ ହେବା ପରେ ଶେଷ ଉଇକେଟ ହିସାବରେ ସାଣ୍ଟନର ୨୨ ରନ (୨୦ ବଲ, ୨ ଛକା) କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଚେନ୍ନାଇ ବିଜୟଠାରୁ ୪୭ ରନ ଦୂରରେ ରହିଯାଇଥିଲା। ବୋଲିଂରେ ମୁମ୍ବାଇ ତରଫରୁ ମାଲିଙ୍ଗା ସର୍ବାଧିକ ୪, ଯଶପ୍ରୀତ ବୁମ୍‌ରା ଓ କ୍ରୁନାଲ ପାଣ୍ଡ୍ୟା ୨ଟି ଲେଖାଏ, ହାର୍ଦ୍ଦିକ ଓ ଅନୁକୁଲ ରଏ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ପ୍ରଥମେ ଓପନର କ୍ୱିଣ୍ଟନ ଡିକକ୍‌ଙ୍କୁ ହରାଇଥିଲା। ୯ ବଲରୁ ୧ ଚୌକା ଓ ୧ ଛକା ସହାୟତାରେ ଡିକକ୍ ୧୫ ରନ କରି ଦୀପକ ଚହରଙ୍କ ବଲରେ ଅମ୍ବାତି ରାୟୁଡୁଙ୍କ କ୍ୟାଚ୍ ଦେଇଥିଲେ। ଏହାପରେ ୩୦ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ମାରି ଇଭିନ୍ ଲୁଇସ୍ ୩୨ ରନ କରି ଡ୍ୱେନ ବ୍ରାଭୋଙ୍କୁ କ୍ୟାଚ୍ ଦେଇ ମିଚେଲ ସାଣ୍ଟନରଙ୍କ ଶିକାର ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ ରୋହିତ ଶର୍ମା ଓ ଲୁଇସ୍ ୫୭ ବଲରୁ ୭୫ ରନ ସଂଗ୍ରହ କରି ଦଳ ପାଇଁ ବୃହତ୍ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲେ। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ମାତ୍ର ୧ ରନ କରିଥିବା ବେଳେ ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ବଲରେ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଦମ୍‌ଦାର ବ୍ୟାଟିଂ କରି ରୋହିତ ୪୮ ବଲରୁ ୬ ଚୌକା ଓ ୩ ଛକା ସହ ୬୭ ରନର ଦ୍ରୁତ ଇନିଂସ ଖେଳିଥିଲେ। ପଞ୍ଚମ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ କିରନ ପୋଲାର୍ଡ ୨୨ଟି ବଲରୁ ଅପରାଜିତ ୩୩ ରନ କରି ଦଳର ସ୍କୋରକୁ ଦେଢଶହ ପାର କରାଇଥିଲେ। ହାର୍ଦ୍ଦିକ ୧୮ ବଲରୁ ୧ ଚୌକା, ୧ ଛକା ସହ ୨୩ ଓ କିରନ ପୋଲାର୍ଡ ୧୨ ବଲରୁ ୨ ଚୌକା ସହ ୧୩ ରନ କରି ଅପରାଜିତ ରହିଥିଲେ। ଚେନ୍ନାଇ ତରଫରୁ ସାଣ୍ଟନର ୨, ଚହର ଓ ତାହିର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୫/୪ (ରୋହିତ- ୬୭, ଲୁଇସ୍- ୩୨, ହାର୍ଦ୍ଦିକ- ୨୩*, ଡିକକ୍- ୧୫, ପୋଲାର୍ଡ- ୧୩*, ସାଣ୍ଟନର- ୨/୧୫, ଚହର- ୧/୪୬, ତାହିର- ୧/୩୭)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୭.୪ ଓଭରରେ ୧୦୯ ଅଲଆଉଟ (ବିଜୟ- ୩୮, ସାଣ୍ଟନର- ୨୨, ବ୍ରାଭୋ- ୨୦, ମାଲିଙ୍ଗା- ୪/୩୭, କ୍ରୁନାଲ- ୨/୭, ବୁମରା- ୨/ ୧୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୨ | ୮ | ୪ | ୧୬ | -୦.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୧୪ | ୦.୫୩୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ସନ୍‌ରାଇଜର୍ସ | ୧୦ | ୫ | ୫ | ୧୦ | ୦.୬୫୪ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | -୦.୧୧୭ |
| ନାଇଟ ରାଇଡର୍ସ | ୧୧ | ୪ | ୭ | ୮ | -୦.୦୫ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୩୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୪ | ୭ | ୮ | -୦.୬୮୩ |

## ବିଗ ବାଶ ଲିଗ୍‌ରୁ ୱାଟଶନଙ୍କ ଅବସର

ସିଡ୍‌ନୀ,୨୬।୪: ପୂର୍ବତନ ଅଲରାଉଣ୍ଡର ଶେନ ୱାଟଶନ ଅଷ୍ଟ୍ରେଲିଆନ ଟି୨୦ ବିଗ ବାଶ ଲିଗ୍ (ବିବିଏଲ)ରୁ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ପରିବାର ସହ ଗ୍ରୀଷ୍ମକାଳୀନ ଛୁଟି ବିତାଇବା ପାଇଁ ୩୭ ବର୍ଷୀୟ କ୍ରିକେଟର ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୬ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ସେ ସିଡ୍‌ନୀ ଥଣ୍ଡର୍ସ ଦଳର ନେତୃତ୍ୱ ନେଉଥିଲେ। କ୍ରିକେଟର ଛୋଟିଆ ଫର୍ମାଟରେ ୱାଟଶନ ଜଣେ ପ୍ରଭାବଶାଳୀ ଖେଳାଳି ପ୍ରାୟ ଦୁଇ ଦଶନ୍ଧି ଧରି ଅଷ୍ଟ୍ରେଲିଆ କ୍ରିକେଟ ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଆହତ ସମସ୍ୟା ତାଙ୍କ ବୋଲିଂ ଗତିରେ ପ୍ରଭାବ ପକାଇଥିଲା। ଏହାସତ୍ତ୍ୱେ ସେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଫର୍ମାଟରେ ଅଷ୍ଟ୍ରେଲିଆ ପାଇଁ ୩୦୭ ମ୍ୟାଚ୍ ଖେଳିଛନ୍ତି। ବିଭିନ୍ନ ଟି୨୦ ଲିଗ୍‌କୁ ମିଶାଇଲେ ମୋଟ ଉପରେ ସେ ଏ ପର୍ଯ୍ୟନ୍ତ ୭୦୦ରୁ ଅଧିକ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିସାରିଛନ୍ତି। ୨୫ ହଜାରରୁ ଅଧିକ ରନ୍ ଓ ୬୦୦ ଉଇକେଟ ତାଙ୍କ ନାମରେ ରହିଛି। ଷ୍ଟିଭ ୱାଙ୍କ ପରେ ଉଭୟ ଦିନିକିଆ ଓ ଟେଷ୍ଟ ଫର୍ମାଟରେ ସେ ଦେଶର ଶ୍ରେଷ୍ଠ ଅଲରାଉଣ୍ଡର ଥିଲେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଅଧକ୍ଷ କେଭିନ ରବର୍ଟ୍ସ କହିଛନ୍ତି। ବିବିଏଲରେ ୱାଟସନ ୪୨ ମ୍ୟାଚ୍ ଖେଳି ୧୦୫୮ ରନ୍ କରିବା ସହ ୨୦ ଉଇକେଟ ନେଇଛନ୍ତି। ବିଶ୍ୱର ଅନ୍ୟ ଲିଗ୍‌ଗୁଡ଼ିକରେ ସେ ଖେଳିବା ଜାରି ରଖିବେ।

## ଆଜିର ମ୍ୟାଚ

ରାଜସ୍ଥାନ ରୟାଲ୍ସ
ବନାମ
ସନରାଇଜର୍ସ ହାଇଦ୍ରାବାଦ



ପ୍ରସାରଣ
ସ୍ଥାନ : ଜୟପୁର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ୧୧ ବର୍ଷର ଧାରା ଭାଙ୍ଗି ପାରିଲେ ନାହିଁ କାର୍ତ୍ତିକ

କୋଲକାତା,୨୬।୪- କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଅଧିନାୟକ ଦୀନେଶ କାର୍ତ୍ତିକ ୧୧ ବର୍ଷର ଧାରା ଭାଙ୍ଗିବାରେ ବିଫଳ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ସେ ଅପରାଜିତ ୯୭ ରନ୍‌ର ଇନିଂସ ଖେଳିଥିଲେ। ହେଲେ ଶତକ ପୂରଣ କରିପାରି ନ ଥିଲେ। ଦୀର୍ଘ ୧୧ ବର୍ଷ ହେଲା କେକେଆର ଦଳର କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିପାରି ନାହାନ୍ତି। ଅନ୍ତିମ ଥର ପ୍ରଥମ ଆଇପିଏଲର ଉଦ୍‌ଘାଟନୀ ମ୍ୟାଚ୍‌ରେ ବ୍ରେଣ୍ଡନ ମ୍ୟାକୁଲମ (୧୫୮) ଶତକ ଲଗାଇଥିଲେ। ଏହା କେକେଆର ଦଳର ଆଇପିଏଲ ଇତିହାସରେ ଏକମାତ୍ର ଶତକ। ଏହି ଧାରାକୁ ଭାଙ୍ଗିବା ପାଇଁ କାର୍ତ୍ତିକଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ଥିଲା। କିନ୍ତୁ ସେ ବିଫଳ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ....

### ବାପ, ପୁଅ...

ନବଜ୍ୟୋତି ପଟ୍ଟନାୟକଙ୍କ ସମ୍ପତ୍ତିର ମୂଲ୍ୟ ୧୦୪ କୋଟି ୨୦ ଲକ୍ଷ ୫ ହଜାର ଟଙ୍କା। ପ୍ରାର୍ଥୀମାନଙ୍କ ସତ୍ୟପାଠକୁ ଅନୁଶୀଳନ କରି ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର) ଏବଂ ଓଡ଼ିଶା ଇଲେକ୍ସନ ୱାଚ୍ ନାମକ ସଂସ୍ଥା ପକ୍ଷରୁ ଏଭଳି ତଥ୍ୟର ପର୍ଦ୍ଦାଫାଶ କରାଯାଇଛି।

ଶୁକ୍ରବାର ଉକ୍ତ ସଂସ୍ଥା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୩୩୪ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୫୨ ଜଣଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଛି। ସେହିପରି ୧୧ ଜଣଙ୍କ ନାଁରେ ହତ୍ୟା ପାଇଁ ଉଦ୍ୟମ ଭଳି ସଙ୍ଗିନ ମାମଲା ରହିଥିବା ବେଳେ ୮ ଜଣଙ୍କ ନାଁରେ ନାରୀ ନିର୍ଯାତନା ମାମଲା ରହିଛି।

ସେହିପରି ଏହି ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳଗୁଡିକ ମଧ୍ୟରେ ଭାଜପାର ସର୍ବାଧିକ ୨୪ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଛି। ସେହିପରି ବିଜେଡିର ୧୫ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବା ବେଳେ ୧୦ ଜଣଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା, କଂଗ୍ରେସର ୧୨ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ଜଣେ ମାତ୍ର ପ୍ରାର୍ଥୀଙ୍କ ନାଁରେ ରହିଛି ସାଂଘାତିକ ଆପରାଧିକ ମାମଲା। ଅର୍ଥାତ୍ ଚଳିତ ନିର୍ବାଚନରେ ଭାଜପାର ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ୬୦ ପ୍ରତିଶତ ପ୍ରାର୍ଥୀଙ୍କ ନାମରେ ଆପରାଧିକ ରେକର୍ଡ ରହିଥିବା ବେଳେ ୪୦ ପ୍ରତିଶତଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି ବିଜେଡିର ୩୯ ପ୍ରତିଶତ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୨୬ ପ୍ରତିଶତଙ୍କ ନାମରେ ଗୁରୁତ୍ୱର ଆପରାଧିକ ମାମଲା ରହିଛି। କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରୁ ୩୧ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ରହିଥିବା ବେଳେ ୨୬ ପ୍ରତିଶତଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଛି। ସେହିପରି ୬ଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣଙ୍କ ନାମରେ ଫୌଜଦାରି ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରାଯାଇଥିବା ବେଳେ ୧୦ ଜଣ ତାଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଥିବା ଦର୍ଶାଯାଇଛି। ବିଧାନସଭା ଆସନରେ ବିଧାୟକ ହେବାକୁ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮୧ ଜଣ କୋଟିପତି। ଏହି ପର୍ଯ୍ୟାୟରେ ବିଜେଡିରେ ସର୍ବାଧିକ ୬୯ ପ୍ରତିଶତ କୋଟିପତି ଥିବାବେଳେ କଂଗ୍ରେସ ୫୯ ଏବଂ ଭାଜପାରେ ୫୦ ପ୍ରତିଶତ ପ୍ରାର୍ଥୀଙ୍କ ସମ୍ପତ୍ତି ୧ କୋଟିରୁ ଅଧିକ। ସତ୍ୟପାଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣଙ୍କ ସମ୍ପତ୍ତିର ମୂଲ୍ୟ ୫ କୋଟିରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୩୨ଜଣ ୨ରୁ ୫ କୋଟି, ୬୫ ଜଣ ୫୦ ଲକ୍ଷରୁ ୨ କୋଟି, ୮୧ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୧୪୦ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ ଅଛନ୍ତି।

ସେହିପରି ଭଣ୍ଡାରିପୋଖରୀ ବିଧାନସଭା ଆସନରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢୁଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପତ୍ତିର ମୂଲ୍ୟ ୬୦ କୋଟି ୩୪ ଲକ୍ଷ ୭୭ ହଜାର ଟଙ୍କା ହୋଇଥିବା ବେଳେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳଙ୍କ ସମ୍ପତ୍ତିର ମୂଲ୍ୟ ୩୩ କୋଟି ୮୯ ଲକ୍ଷ ୫୯ ହଜାର ୪୬୫ ଟଙ୍କା ଏବଂ ଯାଜପୁରରୁ ନିର୍ବାଚନ ଲଢୁଥିବା ପ୍ରଣବ ବଳବନ୍ତରାୟଙ୍କ ମୋଟ୍ ସମ୍ପତ୍ତିର ମୂଲ୍ୟ ୧୭ କୋଟି ୨୪ ଲକ୍ଷ ୧୪ ହଜାର ୭୭୪ ଟଙ୍କା।

ଅନ୍ୟପକ୍ଷରେ ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଯଦି ଦେଖାଯାଏ, ତେବେ ସେମାନଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ୨ଜଣ ଖାଲି ନାଁ ଦସ୍ତଖତ ଶିଖିଛନ୍ତି। ୧୨୨ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପଢିଥିବା ବେଳେ ୧୯୧ ଜଣ ଗ୍ରାଜୁଏଟ୍ ଓ ତା'ଠାରୁ ଅଧିକ ପାଠ ପଢ଼ିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖାଯାଏ, ତେବେ ୪୫ ଜଣଙ୍କର ବୟସ ୬୧ରୁ ୮୦, ୧୮୪ ଜଣଙ୍କର ୪୧ରୁ ୬୦ ଏବଂ ୧୦୪ ଜଣ ୨୫ରୁ ୪୦ ବର୍ଷ ବୋଲି ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୪ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୭ ଜଣଙ୍କ ନାମରେ ରହିଛି ସଙ୍ଗିନ ଆପରାଧିକ ମାମଲା। ଲୋକ ସଭା ପାଇଁ ଏହି ପର୍ଯ୍ୟାୟର ପ୍ରାର୍ଥୀ ହୋଇଥିବା ୧୭ ଜଣଙ୍କ ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ବାଲେଶ୍ୱର ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ମୋଟ୍ ସମ୍ପତ୍ତିର ମୂଲ୍ୟ ୧୦୪ କୋଟି ୨୦ଲକ୍ଷ ୫ ହଜାର ହୋଇଥିବା ବେଳେ ସେହି ଆସନରୁ ଲଢୁଥିବା ବିଜେଡି ପ୍ରାର୍ଥୀ ରବୀନ୍ଦ୍ର କୁମାର ଜେନାଙ୍କ ସମ୍ପତ୍ତିର ମୂଲ୍ୟ ୭୨,୬୧,୫୧,୦୯୭ ଟଙ୍କା ଏବଂ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସମ୍ପତ୍ତିର ମୂଲ୍ୟ ୫୭,୪୪,୧୫,୮୪୨ ଟଙ୍କା ବୋଲି ଜଣାପଡ଼ିଛି।

### 'ଚୋରଙ୍କୁ ଖସାଇଛନ୍ତି...

ଆସିଲେ ବର୍ଷକ ମଧ୍ୟରେ ଖାଲି ପଡିଥିବା ୨୨ ଲକ୍ଷ ପ୍ରଶାସନିକ ପଦବୀ ପୂରଣ, ପଞ୍ଚାୟତ ଗୁଡିକରେ ୧୦ ଲକ୍ଷ ଯୁବକଙ୍କୁ ଚାକିରି ଏବଂ ଗରିବଙ୍କ ପାଇଁ ନ୍ୟାୟ ଯୋଜନା କାର୍ଯ୍ୟକାରୀ କରିବ। ସେହିପରି ଗରିବଙ୍କ ପାଇଁ କାର୍ଯ୍ୟକାରୀ ହେବ ନ୍ୟାୟ ଯୋଜନା। ଯେଉଁ ଲୋକଙ୍କ ମାସିକ ଆୟ ୧୨ ହଜାରରୁ କମ୍ ସେମାନଙ୍କୁ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ। ଏହି ଟଙ୍କା ମହିଳାଙ୍କ ନାମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଆସିବ। କୃଷକଙ୍କୁ ଏବେ ଉତ୍ପାଦନର ଠିକ୍ ଲାଭ ମିଳୁନାହିଁ। କଂଗ୍ରେସ କ୍ଷମତାକୁ ଆସିଲେ କୃଷକଙ୍କ ପାଇଁ ନୂଆ ଆଇନ ପ୍ରଣୟନ କରିବ। କୌଣସି କୃଷକ ଋଣ ନେଇ ପରିଶୋଧ ନ କଲେ ଜେଲ୍ ଯିବାକୁ ପଡିବ ନାହିଁ। ଛତିଶଗଡରେ କଂଗ୍ରେସ କ୍ଷମତାକୁ ଆସିବା ପରେ ମାତ୍ର ୧୦ ଦିନରେ କୃଷି ଋଣ ଛାଡ କରାଗଲା ବୋଲି ସେ କହିଥିଲେ। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ପାଇଁ ବିଶେଷ ସହାୟତା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରି କଂଗ୍ରେସ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ରାହୁଲ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ସାଢ଼େ ୪ଟାରେ ସଭାସ୍ଥଳ ନିକଟ ହେଲିପ୍ୟାଡରେ ଅବତରଣ କରିବା ପରେ ତାଙ୍କୁ ଉପସ୍ଥିତ ନେତା ଓ କର୍ମୀ ସ୍ୱାଗତ ଜଣାଇଥିଲେ। ସେଠାରେ ଆୟୋଜିତ ପରିବର୍ତ୍ତନ ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ସମ୍ପାଦକ ରୁଦ୍ର ରାଜୁ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଶରତ ରାଜ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ମସ୍ତାନ ଅଲ୍ଲୀ, ଛତିଶଗଡର କୃଷିମନ୍ତ୍ରୀ ତଥା ଓଡିଶା ପ୍ରଭାରୀ ଟି.ଏସ. ସିଂହଦେଓ, କେନ୍ଦ୍ରୀୟ ନେତା ଆଦିତ୍ୟ ଶର୍ମା, ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ଦେବ, ଶରତ ପଟ୍ଟନାୟକ, ନରସିଂହ ମିଶ୍ର, ଭକ୍ତ ଚରଣ ଦାସ, ସୁଶୀଳା ତିରିଆ, ସଞ୍ଜୀବ ଗିରି, ଅରୁଣ ଯେନା, ରାମଚନ୍ଦ୍ର ଖୁଣ୍ଟିଆଙ୍କ ସମେତ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ, ସୁଦର୍ଶନ ଦାସ, ବିଜନ ନାୟକ, ମାନସ ଦାସ ପଟ୍ଟନାୟକ, ପ୍ରତାପ ସେଠୀ, ମନୋଜମଞ୍ଜରୀ ଦେବୀ, ଦେବଯାନୀ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ। ଜିଲା ଉପସଭାପତି ତପନ ଦାସ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖନୀୟ ଯେ, ରାହୁଲ ରେମୁଣା ସମାବେଶରେ ଶୁକ୍ରବାର ଅପରାହ୍ନ ୧ଟା ୧୫ ମିନିଟ୍‌ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିଲା। ତାଙ୍କ ବିମାନରେ ତ୍ରୁଟି ଯୋଗୁ ବାଲେଶ୍ୱର ସଭାକୁ ଆସିବା ବିଳମ୍ବିତ ହୋଇଥିଲା।




### ଘନୀଭୂତ... (ପ୍ରଥମ ପୃଷ୍ଠାରୁ...)

ବେଗରେ ଗତି କରୁଛି। ଏହା ଯେତେ ଅଧିକ ସମୟ ସମୁଦ୍ରରେ ରହିବ ସେତେ ଅଧିକ ଶକ୍ତିଶାଳୀ ହେବ। ୩୦ ତାରିଖ ସନ୍ଧ୍ୟା ସୁଦ୍ଧା ଉତ୍ତର ତାମିଲନାଡୁ ଉପକୂଳ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ବାତ୍ୟାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରେଡ୍ ଆଲର୍ଟ ଜାରି କରିଛି। ଏହା ସ୍ଥଳଭାଗ ଛୁଇଁବା ବେଳେ ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରବଳ ବର୍ଷା ହୋଇପାରେ। ବାତ୍ୟା ଦକ୍ଷିଣରୁ ଉତ୍ତର ଦିଗ ଆଡ଼କୁ ମୁହାଁଇଛି। ମେ' ୪ ସୁଦ୍ଧା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ମେ' ୩ ତାରିଖ ରାତିରୁ ବର୍ଷା ହେବାର ସମ୍ଭାବନା ରହିଛି। ପରେ ବାତ୍ୟା ଗତିପଥ ବଦଳାଇ ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡ଼କୁ ଗତିକରିବ ବୋଲି ପୂର୍ବାନୁମାନ କରାଯାଇଛି। ଗତିପଥ ପରିବର୍ତ୍ତନ ଦ୍ୱାରା ଉତ୍ତର ଓଡିଶାରେ ମଧ ବର୍ଷା ହେବ। ୨୯ ତାରିଖ ବେଳକୁ




ବାତ୍ୟାର ଗତିବିଧି ସମ୍ପର୍କରେ ସୂଚନା ମିଳିପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି।

ଗୋଟିଏପଟେ ବାତ୍ୟା ଆଶଙ୍କା ମନରେ ଭୟ ସଞ୍ଚାର କରୁଥିବା ବେଳେ ଅନ୍ୟପଟେ ପ୍ରଚଣ୍ଡ ତାତି ରାଜ୍ୟକୁ ତତଲା ତାୱାରେ ପରିଣତ କରିଛି। ପାରଦ ୪୪ ଛୁଇଁଲାଣି। ଆସନ୍ତା ୩୦ ତାରିଖ ଯାଏ ଆଭ୍ୟନ୍ତରୀଣଠାରୁ ଆରମ୍ଭ କରି ଉପକୂଳ ଯାଏ ସିଝେଇବ। ପାରଦ ଉପରମୁହାଁ ହେବା ସହ ଗ୍ରୀଷ୍ମପ୍ରବାହ ପରିବେଶକୁ ଆହୁରି ଉତ୍ତପ୍ତ କରିବ। ଏପରି କି ପାରଦ ୪୫ ଡିଗ୍ରୀ ଉପରକୁ ଟପିଯିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସୁନ୍ଦରଗଡ଼, ବଲାଙ୍ଗୀର, ଅନୁଗୋଳ, ସମ୍ବଲପୁର, ସୋନପୁର, ଝାରସୁଗୁଡା, ମାଲକାନଗିରି ଆଦି ଜିଲାରେ ତାତି ୪୬ ଡିଗ୍ରୀ ଯାଏ ଚାଲିଯିବ। ଗତ ଦୁଇଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରାରେ ୨ ଡିଗ୍ରୀ ବୃଦ୍ଧି ପାଇଲାଣି। ଆଭ୍ୟନ୍ତରୀଣ ଓଡ଼ିଶାର ୧୦ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଟିଟିଲାଗଡ଼ରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୩, ମାଲକାନଗିରି ୪୨, ଅନୁଗୋଳ ୪୧.୧, ଝାରସୁଗୁଡା ୪୨.୨, ସମ୍ବଲପୁର ୪୧.୯, ସୁନ୍ଦରଗଡ଼ ୪୦.୫, ହୀରାକୁଦ ୪୧.୫, ଭବାନୀପାଟଣା ୪୨ ଏବଂ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦେବେନ୍ଦ୍ର ସାହୁ
ବାଲିଅନ୍ତା (ମାଟିକୋଟ), ଭୁବନେଶ୍ୱର
ଆବିର୍ଭାବ: ୧୮।୦୨।୧୯୪୪
ତିରୋଧାନ: ୦୮।୦୪।୨୦୧୮

ଆଜି ପ୍ରଥମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମା' ମଙ୍ଗଳା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଚିରଶାନ୍ତି ପାଉ, ଏହାହିଁ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର-ନିରଞ୍ଜନ (ଦିଲ୍ଲୁ), ନାରାୟଣ (ନିଲୁ), ପୁତ୍ରବଧୂ-ପ୍ରଭାତୀ ଓ ସୁଚିସ୍ମିତା, ନାତୁଣୀ-ପୂଜାରାଣୀ ଓ ପ୍ରିୟାରାଣୀ, ନାତି- ପ୍ରିୟରଞ୍ଜନ, କନ୍ୟା, ଜାମାତା ଓ ବନ୍ଧୁ ପରିବାରବର୍ଗ। ଧ-୪୬୨୬୪

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




**GODREJ INTERIO STORE: Bhubaneswar:** Opp. Alok Bharti Bldg, Shaheed Nagar - 0674-2546682, 0674-2541366, 7873078751 / 7438042757; **Freezeco,** Plot - 246, Lewis Road, Near Shree Hospital - 0674-2433318, 9438881835, 8895401818. **Sanvi Furniture & Furnishing:** Patrapada, Aeigenia Chowk - 0674-2470085, 7978533168. **FURNITURE DEALER: Bhubaneswar:** 4S INTERIORS, Damana Square, Chandrasekharpur - 0674-2744906, 8594872403, 8280175104, 7008624965; Maple Furniture (P) Ltd., 21 Janpath, BapuJi Nagar - 06742597852, 7873078984; Shree Laxmi Furniture, Unit - 19, Soubhagya Nagar, Phase 2 - 6372881584, 9437960990; Narmada Furniture, 21 Janpath, Bapuji Nagar – 0674-2597172, 8327744632; Creative Living, Shanti Nagar, Jharpada - 8249051834, 9937053477. **Angul:** Radiant Agencies, Opp. Hotel Prasanti, Turang - 06764-230511, 9040060801, 9776032222; Pankaj Enterprises, Anand Bazaar, Karadagadia, near Petrol Pump - 9348332693, 9938223420. **Balasore:** Sahu Sales Agency, Station Square - 06782-241548, 9437264659; Acumen Associates, Vivekananda Marg - 9090893595, 9937124947. **Barbil:** Traders India, Joda-Barbil Highway - 06767-276241, 9937733204 / 8457883505. **Bargarh:** Chandan Brothers, Goshala Road - 06646-231155, 9437056011. **Baripada:** Anu Enterprises, Baghra Road - 06792-252681, 9930428352. **Berhampur:** Asaram Furniture House, Khalasi Street - 06802-225545, 9437073545, 7328029424. **Bhadrak:** Omm Furniture, By-pass Road, Bhadrak - 9348075441, 9338472649. **Bhawanipatna:** Jain Furniture, Near Kesinga Check Gate - 9348331703, 9337220039. **Bolangir:** Janata Iron Stores, Main Road - 06652-233088, 9438068892. **Cuttack:** Durodecor India Pvt. Ltd., Sikharpur Chowk - 0671-2444900, 9040000044/22/11; Royal Trading, Link Road - 9337421384, 9438384493; Mahavir Trading, Jyotee Plaza, Mission Road - 0671-6545556, 9337267036; Patra Interiors, CDA, Sector-1, Near Judicial Academy - 9040013191, 9583647161. **Jagatsinghpur:** Patra Electronics, Near Bus stand - 9938357040. **Jajpur Road:** Raj Furniture, College Road - 9437245295, 9938418470, 8270929652; Biswal Sales, Bank Street - 06726-220655, 9238320655, 8763741575. **Jharsuguda**: Amazing Home, Mangal Bazaar Road - 9776509947, 9861425225; Kedia & Sons, Sarbahal Road - 9437058020. **Kendrapara:** G. Naik Furniture, Jajanga, Kapaleswar, Kendrapada - 8908288028, 9437088023. **Keonjhar:** Utkal Supply Agency, NH – 6, Nr. Karanjia Bus Stand - 06766-255619, 9437200795, 8249419035. **Malkangiri:** Sushma Enterprise, Main Road, D.N.K. – 06861-231311, 9437030622, 9178467105. **Nabarangpur:** Ambica Stores, Main Road, Umerkote – 9437070461, 9937387777; Shri Laxmi Traders, M.G. Road – 7008216327 / 9437206932. **Nayagarh:** Euro Interiors, Main Road, Nayagarh - 06753-253047/005, 9437030826, 9348904520. **Paradeep:** Sangam, A/5, Market Building, Badapadia - 06722-222851, 9437183494. **Puri:** Grand Furniture, Nabakalabara Road - 9337740428. **Rayagada**: Sri Vinayaka Jointery, North RMC Check Gate - 06856-225810, 9437234691, 9124344557. **Rourkela:** Ghar Sansar Mart (ANJ Enterprises), Kacheri Road – 0661–6535808, 9937040221, 9040076761; Dua & Dua, Bisra Road - 0661-2511511, 9437047394 / 8984117166. **Sambalpur:** Shree Goel Furniture, Ainthapali Chowk - 0663–2540169, 9437050406 / 9437058766; Radiant Distributors, VSS Marg - 0663-2522204, 9437017101; The Corporate Engineering, Pardhia Pali, Jharsuguda Highway Road - 8249344944, 7873078720. **Sundargarh:** Parida Brothers, Parade Ground - 06622-273044, 9437046708. **Talcher:** Pradhan Enterprises, Hatatota - 06760-240377, 8249288177, 7606837143. **For Home Furniture, EBO& Mattress Distribution Trade Enquiry, Pls contact @ 9977700361 / 7873078753 / 7873940077 / 7873078849. BHUBANESWAR (KITCHEN GALLERY): Bhubaneswar:** Home Xpressions, Galaxy Mall, Opp. Mani Tribhuvan, NandanKanan Road, Pati - 9920771138, 9711745656, 7873078742. **Home Xpressions:** Khandagiri Bari, Near Jaydev Vatika - 9920771138, 9711745656, 7873078742. **Freezeco Pvt. Ltd.** - Plot - 246, Lewis Road, Near Shree Hospital - 0674-2433318, 9438881835, **Maple Furniture-**21, Janpath, Bapuji Nagar - 9937005945, 9090651554. **Sambalpur: The Corporate Engineering,** Pardhia Pali, Jharsuguda Highway Road - 8249344944, 7873078720. **For Kitchen Dealership Enquiry, Please contact @ 8335057557.**

L&K | SAATCHI & SAATCHI








ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ। -ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବେକରିରୁ ଚୋରି

ଟିଟିଲାଗଡ଼, ୨୫।୪ (ଡି.ଏନ.ଏ)- ଟିଟିଲାଗଡ ନିକଟସ୍ଥ ଦେଶିଲରେ ଥିବା ଏକ ବେକରିରୁ ଗତ ରାତିରେ ଚୋରି ହୋଇଛି। ଅଫିସ ଟେବୁଲର ସେଫରୁ ଚୋର ୧୮ ହଜାର ଟଙ୍କା ଏବଂ ଦୁଇଟି ମୋବାଇଲ ଚୋରି କରି ନେଇଛି। ସକାଳୁ ଚୋରି ହୋଇଥିବା ନେଇ ମାଲିକ ପ୍ରକାଶ ଗୋୟଲ ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ବେକରିରେ ଲାଗିଥିବା ସିସିଟିଭି ଚିତ୍ରକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### କ୍ୟାନ୍ସର ନିରୂପଣ ଶିବିର

ଟିଟିଲାଗଡ, ୨୫।୪ (ଡି.ଏନ.ଏ) ଟିଟିଲାଗଡର ରାଜଜ୍ୟୋତି ସେବା ସମିତି ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ କ୍ୟାନସର ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ସଚେତନତା ସଭାରେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲରୁ ବିଶେଷଜ୍ଞ ଡା. ପି.କେ. ସ୍ୱାଇଁ ଯୋଗଦେଇ କ୍ୟାନସର ରୋଗର ଭୟାବହତା ନେଇ ସତର୍କ କରାଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସତର୍କ ହେଲେ କ୍ୟାନସର ଶୀଘ୍ର ଠିକ ହୋଇପାରିବ ବୋଲି ଡା. ସ୍ୱାଇଁ କହିଛନ୍ତି। ପ୍ରତ୍ୟେକ ମାସ ଚତୁର୍ଥ ଶୁକ୍ରବାର ମାଗଣା କ୍ୟାନସର ନିରୂପଣ ଶିବିର ଅନୁଷ୍ଠିତ ହେବ ବୋଲି ସମିତି ସଭାପତି ଦୀପକ ସାହୁ କହିଛନ୍ତି।

# ଗରିବ୍ ଦୁଖିକର ଲାଗି ଦୁରଲଭ ହେଲାନ ପଖାଲ

ଜାମଟିକ୍ରା, ୨୬।୪ (ଡି.ଏନ୍.ଏ.)

ଓଡ଼ିଶାରେ ଗାଁଗଁଲିନୁ ଆରମ୍ କରି ସହର ତକ୍ ସମକର ପସନ୍ ପଖାଲ। ଖରାଦିନ୍ ଆରମ୍ ହେଲେ ସମ୍‌କର ମନ୍ ପଖାଲ ଖାଏବାକେ ଘିଚି ହେସି। ହେଲେ ଦିନୁଦିନ୍‌କେ ସାମାଜିକ ଥିତି ବଦଲିବାର ସଂଗେ ଆମର ଖାଏଦ୍‌ପାନ୍ ବି ବଦଲୁଛେ, ତାର ସଂଗେ ସବୁ ଜିନିଷର ଦରଦାମ୍ ବଢୁଛେ। ଏନ୍‌ତାଥି ପଖାଲ ସଂଗେ ଲୋକ୍ ଖାଉଥିବାର ଡୁନ୍‌ଶାଗ ବି ଗରିବ୍ ଦୁଖିକର ଲାଗି ଦିନୁଦିନ୍‌କେ ଦୁରଲଭ ହେଇଯାଉଛେ। ଲୋକ୍ ପଖାଲ ସଂଗେ ଶାଗ୍ ଖରଡ଼ା, ଭଜା, ତେଁତେଲ, ଆମୁଲ, ଦେଶୀ ଉଲି ପାଗ୍‌କରି ଖାଉଥିଲେ। ପଛେ ସରକାର ଟଁକାଟେରେ ଗରିବ୍ ଦୁଖିକୁ ଚାଉଲ ଦେଇ ଲୁକ୍‌କର ମୁହେଁ ହଁସ୍ ଫୁଟେଇଥିଲେ। ହେଲେ ସରକାର ଚାଉଲ କେ.ଜି. ଟଁକେରେ ଯୁଗେଇ ଦେଲେ କାଣା ହେବା, ଶାଗ୍ କେ.ଜି. ତ ୪୦ ଟଁକାରେ ପୁହୁଁଚିଲାନ। ଯେନ୍‌ଥିରଲାଗି ଦିନୁଦିନ୍‌କେ ଗରିବ୍ ଦୁଖିକର ପଖାଲ ଗରସେ ଖାଏବାର ସରାଗ୍ ବି ମେଟିଯାଉଛେ। ଇଆଡ଼େ



ଓଡ଼ିଶାବାସୀକର ମନ୍‌ପସନ ଖରାଦିନିଆଁ ଖାଏଦ୍ ପଖାଲ।

ପଖାଲଟା ଏହେଦେ ଧନୀ ଲୁକ୍‌କର ମନ୍‌ପସନ୍‌ର ଖାଏଦ୍ ହେଇଛେ। ରାଏଜର ଛୋଟରୁ ବଡ଼ ସବୁ ହୋଟେଲମାନକୁ ଖରାଦିନେ ଜାତିର ଜାତିର ପଖାଲ ମିଳୁଛେ। ସେ ହିସାବେ ପଖାଲର ଦାମ୍ ବି ରହୁଛେ। ଖରାଦିନେ ବଡ଼ଭାଗି ଚାକ୍‌ରିଆ ଲୋକ୍ ହୋଟେଲମାନକେ ପଖାଲ ଖାଏବାକେ ମନ୍ କରୁଛନ୍।

ହେଲେ ପନିପରିବାର ଆକାଶ ଛୁଆଁ ଦର ଗରିବ୍ ଦୁଖିକର ମୁହୁଁରୁ ଇ ପଖାଲ ଦୁରାକ ଛଡ଼େଇ ନେଉଛେ।

ଦିନାକେତେ ହେଲା ଅତାବିରା ବଜାରରେ ସବୁ ପନିପରିବା ଦର ୪୦ ଟଁକାରୁ ଉପରେ ରହିଛେ। ପୁଟଲ କେ.ଜି. ୬୦, କରଲା ୪୦, ବାଇଗନ ୩୦ରୁ ୪୦, ମାଖନ ୧୫, ଭେଁଡ଼ି ୪୦ ଟଁକା ରହିଛେ। ସେନ୍‌ତା ବାଜିଶାଗ୍ କେ.ଜି. ୪୦ ଟଁକା, ମୁନଗା ଶାଗ, ଖଡ଼ା ଶାଗ, ଲଲିତା ଶାଗ କେ.ଜି. ବି ୪୦ ଟଁକା ରହିଛେ। ଯେନ୍‌ଥିରଲାଗି ଗରିବ୍ ଦୁଖି ପଖାଲ ଦୁରା ଖାଏବାରୁ ବଁଚିତ୍ ହେଉଛନ୍। ଇଆଡ଼େ ରାଏଜ୍ ଆର କେନ୍ଦ୍ର ସରକାର ଗରିବ୍ ଦୁଖିକୁ ଚାଉଲ ଦେଇ ଖାଏଦ୍ ସୁରକ୍ଷା ଯୁଗେଇ ଦେଉଥିବାର ଡିଂଗରା ପିଟୁଛନ୍। ଇଆଡ଼େ ଆକଶ ଛୁଆଁ ଦରଦାମ୍ ଉପରେ ଯୋଗାଣ ବିଭାଗର ଲଗାମ୍ ନାଇଁ ରହିବାର, ଯେନ୍‌ଥିରଲାଗି ଅନେକ ଜାଗାରେ ନିହାତି ଗରିବ୍ ଦୁଖି ପଖାଲ ଦୁରା ଖାଏବାର ଲାଗି ତରସି ଯାଉଛନ୍। ପନିପରିବାର ଆକଶ ଛୁଆଁ ଦରଦାମ୍ ଉପରେ ରାଏଜ୍ ସରକାର ଆର ଥାନୀୟ ପରଶାସନ୍ ଲଗାମ କସବାକେ ଜନ ସାଧାରନରେ ଦାବି ହେଉଛେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଦ୍ମପୁଷ୍ପ ହୋଇ ସେ କିସ୍ କରଇ**
**ବାସ ଯେବେ ତା'ର ନାହିଁ**
**ବଣମଲ୍ଲୀ ହେଉ ବାସ ତା'ର ଥାଉ**
**ଭ୍ରମରା ତାହାକୁ ବାଇ ।**

ପଦ୍ମଫୁଲ ବାସହୀନ ଯୋଗୁ ଭ୍ରମରକୁ ଆକର୍ଷିତ କରିପାରି ନ ଥାଏ। ପରନ୍ତୁ ମଲ୍ଲୀ ବଣରେ ଫୁଟିଥିଲେ ମଧ୍ୟ ତା' ବାସ୍ନା ବା ମହକରେ ଆକୃଷ୍ଟ ହୋଇ ଭଅଁର ସେ ଫୁଲ ପାଖକୁ ଉଡ଼ି ଆସିଥାଏ। ପରୋକ୍ଷରେ ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରି ଥାନ୍ତି। ତେବେ ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତା'ହେଲେ ସେ ସେତେ ଆଦର ସମ୍ମାନ ପାଇ ପାରି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପରରେ କି ମାନ ?**
**ବନସ୍ତରେ କି ରୋଦନ ?**

ସାଧାରଣତଃ ନିଜ ଲୋକ ଉପରେ ରାଗ ରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ, କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ସେହିପରି ଘଞ୍ଚ ଅରଣ୍ୟ ମଧ୍ୟରେ ରୋଦନ ବା କ୍ରନ୍ଦନ କଲେ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ରହି ନ ଥାଏ। ନିଜର ଦୁଃଖ ଶୁଣାଇବାକୁ ପାଖରେ କେହି ରହିବା ନିହାତି ବାଞ୍ଛନୀୟ ଅନ୍ୟଥା ଏସବୁ ବ୍ୟର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# କଡ଼ା ସୁରକ୍ଷା ବଳୟରେ ଇଭିଏମ୍

ବୌଦ୍ଧ,୨୬।୪(ସ୍ୱ.ପ୍ର)

ବୌଦ୍ଧ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ବୌଦ୍ଧ ଓ କନ୍ଧମାଳରେ ଗତ ୧୮ ତାରିଖରେ ମତଦାନ ସରିବା ପରେ ପ୍ରଶାସନ ପକ୍ଷରୁ ଇଭିଏମଗୁଡିକୁ କଡା ସୁରକ୍ଷା ମଧ୍ୟରେ ବୌଦ୍ଧ ପଞ୍ଚାୟତ କଲେଜ ପରିସରସ୍ଥ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ମେ ୨୩ ତାରିଖରେ ଭୋଟ୍ ଗଣତି ଥିବାବେଳେ କାଳେ ପ୍ରଶାସନ ପକ୍ଷରୁ ଶାସକ ଦଳର ଇଙ୍ଗିତରେ କିଛି ଏପଟ ସେପଟ କରା ନ ଯାଏ ସେଥିପ୍ରତି ଭାଜପା କର୍ମୀମାନେ ଷ୍ଟ୍ରଙ୍ଗରୁମ୍ ଆଗରେ ଅସ୍ଥାୟୀ ଟେଣ୍ଟ କରି ଜଗିରହିଛନ୍ତି । ଏହି ଷ୍ଟ୍ରଙ୍ଗରୁମ୍‌ରେ କନ୍ଧମାଳ ନିର୍ବାଚନ ମଣ୍ଡଳୀର ୨୧୭ଟି ବୁଥ ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀର ୧୯୪ଟି ବୁଥରୁ ଇଭିଏମ ଓ ଭିଭିପାଟଗୁଡିକୁ ଅଣାଯାଇ ଏଠାରେ ରଖାଯାଇଛି । ସବୁଦଳର ପ୍ରାର୍ଥୀ ଓ ପ୍ରତିନିଧିଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମକୁ ସିଲ କରାଯିବା ସହିତ ଚାରିପଟେ



ଭାଜପା କର୍ମୀମାନେ ଷ୍ଟ୍ରଙ୍ଗରୁମ୍ ବାହାରେ ନିର୍ମିତ ଅସ୍ଥାୟୀ ଟେଣ୍ଟରେ ଇଭିଏମ ଜଗିଛନ୍ତି ।

## ଜଗିରହିଛନ୍ତି ଭାଜପା କର୍ମୀ

ସୀମା ସୁରକ୍ଷା ବଳ ଦ୍ୱାରା କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଷ୍ଟ୍ରଙ୍ଗରୁମ ସମ୍ମୁଖରେ ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ଟେଣ୍ଟ ମଧ୍ୟରେ ରାଜନୈତିକ ଦଳ ଗୁଡିକୁ ଇଭିଏମ ଉପରେ ଦୃଷ୍ଟି ରଖିବାର ସମସ୍ତ ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛ। ଏହି ଅସ୍ଥାୟୀ ଟେଣ୍ଟ ଭିତରେ ସିସିଟିଭି ଜରିଆରେ ଷ୍ଟ୍ରଙ୍ଗ ରୁମ୍‌ର ଭିତର ଓ କଲେଜ ପରିସର ଉପରେ ଦୃଷ୍ଟି ରଖାଯିବାର ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ୍ କାଟ ସମୟରେ ମଧ୍ୟ ସିସିଟିଭି ଜରିଆରେ ଦୃଷ୍ଟି ରଖିବାକୁ ପ୍ରଶାସନ ପକ୍ଷରୁ ଇନଭର୍ଟର ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ ଭାଜପାର ୮ ଜଣ କର୍ମୀ ଏହି ଅସ୍ଥାୟୀ ଟେଣ୍ଟ ଭିତରେ ଇଭିଏମ ସିଲ୍ ହେବାଦିନ ଠାରୁ ଦିନରାତି ଜଗିରହିଛନ୍ତି। ଏଥର ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କ ପାଇଁ ବିଜୟ ସମ୍ଭାବନା ରହିଥିବାବେଳେ ଇଭିଏମରେ ଯେପରି କିଛି ଏପଟ ସେପଟ କରା ନ ଯାଏ ସେଥିପାଇଁ କର୍ମୀମାନେ ଜଗି ରହିଥିବା ଜଣାପଡିଛି। ଅସ୍ଥାୟୀ ଟେଣ୍ଟରେ ରହୁଥିବା ରାଜନୈତିକ ଦଳର କର୍ମୀମାନଙ୍କୁ ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଛି। କୌଣସି ବ୍ୟକ୍ତିବିଶେଷଙ୍କୁ ଏପରିକି କଲେଜ କର୍ମଚାରୀମାନଙ୍କୁ ମଧ୍ୟ ନିଷିଧାଞ୍ଚଳ ଭିତରକୁ ନ ଯିବାକୁ କଡା ନିର୍ଦ୍ଦେଶ ଜାରି କରାଯାଇଛି । ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଶୀତାଂଶୁ କୁମାର ରାଉତ ଓ ଉପଜିଲାପାଳ ତଥା ନିର୍ବାଚନ ରିଟର୍ଣ୍ଣିଂ ଅଫିସର ଏନସି ଜ୍ୟୋତିରଞ୍ଜନ ନାଏକ ପ୍ରତିଦିନ ଇଭିଏମ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରୁଥିବା ଜଣାପଡିଛି ।

ପାଇପ ଯୋଗେ ଜଳସେଚନ ଦାବି

# ମୁଖ୍ୟଯନ୍ତ୍ରୀଙ୍କ ସହ ଆଞ୍ଚଳିକ କୃଷକ ସଂଘର ଆଲୋଚନା

ଖଡିଆଳ,୨୬।୪ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଓ କୋମନା ବ୍ଲକର ମଧ୍ୟଭାଗରେ ନିର୍ମାଣାଧୀନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପଠାରୁ ପ୍ରାୟ ୧ରୁ ୩ କି.ମି. ଦୂର ମଧ୍ୟରେ ରହି ମଧ୍ୟ ଜଳସେଚନରୁ ଚାଷୀ ବଞ୍ଚିତ ହେଉଛନ୍ତି । ପାଇପ ମାଧ୍ୟମରେ ଜଳସେଚନ ଯୋଗାଇବା ଦାବି ନେଇ ଗତ ୧୪ ତାରିଖରେ ସାନମହେଶ୍ୱର ଓ ବରଗାଁ ପଞ୍ଚାୟତ ଲୋକେ ଅଞ୍ଚଳିକ କୃଷକ ସଂଘର ନେତୃତ୍ୱରେ ରାସ୍ତା ଅବରୋଧ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ଜଳସେଚନର ସୁବିଧା ଯୋଗାଇବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଓହରିଥିଲା । ଆନ୍ଦୋଳନର ୧୫ ଦିନ ପରେ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଶ୍ୱେତ କୁମାର ଜାଲିଙ୍କ ସହ ଆଞ୍ଚଳିକ କୃଷକ ସଂଘ ସଭାପତି ଗୌତମ ତାଣ୍ଡି, ସହ ସମ୍ପାଦକ ଜଗତରାମ ଶବର, ଗୌତମ ମୁଣ୍ଡ ଓ ଭୁବନ ପଟେଲ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ଗୌରୀଶଙ୍କର କରଙ୍କୁ ସାକ୍ଷାତ କରି ମେଗା ପାଇପ ମାଧ୍ୟମରେ ଜଳସେଚନର ସୁବିଧା ଯୋଗାଇବା ପାଇଁ ଦାବି କରିବା ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆଲୋଚନା ପରେ ମେଗା ପାଇପ ମାଧ୍ୟମରେ କେତେ ଜମି ଜଳସେଚିତ ହୋଇ ପାରିବ ସେ ନେଇ ସର୍ଭେ କରିବା ସହ ଏହାର ଆକଳନ କରି ଆସନ୍ତା ଜୁନ ସୁଦ୍ଧା ମେଗା ପାଇପ କାମ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କୃଷକ ସଂଘ ସଭାପତି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତଳ ମୁଣ୍ଡରେ ସାନମହେଶ୍ୱର ଏବଂ ବରଗାଁ ପଞ୍ଚାୟତର ୯ଟି ଗାଁ ଥିବାବେଳେ ଦୀପ ତଳ ଅନ୍ଧାର ସଦୃଶ୍ୟ ଚାଷ ଜମିକୁ ଜଳସେଚନର ସୁବିଧା ହୋଇପରୁନାହିଁ। ଫଳରେ ଗତ ୪ ବର୍ଷ ହେଲା ଅଞ୍ଚଳର ଚାଷୀମାନେ ବର୍ଷା ଅଭାବ ସାଙ୍ଗକୁ ଜଳସେଚନର ସୁବିଧା ନ ଥିବା ଯୋଗୁ ମରୁଡ଼ିର ସମ୍ମୁଖୀନ ହୋଇଆସୁଛନ୍ତି।

### ମୁକ୍ତେଶ୍ୱରୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଗାଇସିଲେଟ,୨୬।୪(ଡି.ଏନ.ଏ)

ଗାଇସିଲେଟ ବ୍ଲକ ଫିରିଙ୍ଗିମାଳ ପଞ୍ଚାୟତ ଛିନ୍ଦ୍ରାପାଲି ଗ୍ରାମରେ ନବ ନିର୍ମିତ ଭବ୍ୟ ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ପରେ ଉଦ୍‌ଯାପିତ ହୋଇଛି । ବୋଲବମ୍ ଦଳର ସଭାପତି ଯୁଧିଷ୍ଠିର ସାହୁ ଓ ସାଧକ ଘାସିରାମ ବରିହା ପ୍ରମୁଖ ମଧ୍ୟପ୍ରଦେଶର ନର୍ମଦା ନଦୀରୁ ଲିଙ୍ଗ ଆଣି ଥିଲେ । ଯଜ୍ଞରେ ପଣ୍ଡିତ ଟଙ୍କଧର ଦାଶ ବ୍ରହ୍ମା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଲକ୍ଷ୍ମୀକାନ୍ତ ମିଶ୍ର ଆଚାର୍ଯ୍ୟ, ସଞ୍ଜୟ ଦାଶ ଚଣ୍ଡିପାଠ କରିଥିଲେ । ପଣ୍ଡିତ ଯାଗେଶ୍ୱର ନନ୍ଦ, ନବୀନ କିଶୋର ଦାଶ, ତାରିଣୀ ପ୍ରସାଦ ଦାଶ, ଲଳିତ ମୋହନ ମିଶ୍ର, ଯୁଧିଷ୍ଠିର ପାଢୀ, ପ୍ରକାଶ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଯଜ୍ଞରେ ଜତୀନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ଚିକେନନୀ ସାହୁ ମୁଖ୍ୟକର୍ତ୍ତା ଥିବାବେଳେ ଗୋପାଳ ସାହୁ, ନିମଳ ସାହୁ, ସତ୍ୟନାରାୟଣ ସାହୁ, ସୀତାରାମ ବରିହା, ରାଜକୁମାର ଭୋଇ, ଶିବ ପ୍ରସାଦ ସାହୁ, ପ୍ରେମରାଜ ସାହୁ, ପୃଥ୍ୱୀରାଜ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗାୟକ ପଣ୍ଡିତ ସୁରେନ୍ଦ୍ର କୁମାର ତ୍ରିପାଠୀ ବ୍ୟାସ ଭାବେ ରାମାୟଣ ପାରାୟଣ କରିଥିବା ବେଳେ ହୃଷିକେଶ ସାହୁ, ପିତାମ୍ବର ଭୋଇ ଓ ବରୁଣ ଭୋଇ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସନ୍ଥ ଲକ୍ଷ୍ମୀନାରାୟଣ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଗୋକୁଳାନନ୍ଦ ପଧାନ ପ୍ରବଚନ ଦେଇଥିଲେ । ଶୁକ୍ରବାର ମୁକ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରବେଶ ପରେ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଥିଲା। ମନ୍ଦିର ପ୍ରତିଷ୍ଠାର ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା କମିଟି ସଭାପତି ସହଦେବ ନନ୍ଦ, ସମ୍ପାଦକ ଶୋଭାକର ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY

BUSINESS

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଭାସି ଯାଇଥିବା ମହିଳାଙ୍କ ମୃତଦେହ ମିଳିଲା

ଭଟଲି,୨୬।୪(ଡି.ଏନ.ଏ): ବରଗଡ଼ ମୁଖ୍ୟ କେନାଲରେ ଗୁରୁବାର ଭାସି ଯାଇଥିବା ଭଟଲି ଥାନା ଜଡ଼ା ଗ୍ରାମର ମହିଳା ମହିଳା ଅରୁନ୍ଧତୀ ଭୁଏ(୪୦)ଙ୍କ ମୃତଦେହକୁ ଶୁକ୍ରବାର ପୂର୍ବାହ୍ନରେ କେନାଲ ଭିତରୁ ଉଦ୍ଧାର କରାଯାଇଛି। ଭଟଲି ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଭଟଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୧୯) ରୁଜୁ ହୋଇଛି। ପ୍ରକାଶଥାଉକି, ମୃତା ମହିଳା ଗୁରୁବାର ସନ୍ଧ୍ୟାରେ କେନାଲକୁ ଗାଧୋଇବା ପାଇଁ ଯାଇ ପାଣିରେ ଭାସି ଯାଇଥିଲେ । ଖବର ପାଇ ବରଗଡ଼ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ କେନାଲ ଭିତରୁ ମୃତଦେହ ଉଦ୍ଧାର ହୋଇଥିଲା ।

### ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

ବୌଦ୍ଧ,୨୬।୪(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶଙ୍କୁଲୋଇ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅବସରପ୍ରାପ୍ତ ଏବିଇଓ ସୁବାସ ଚନ୍ଦ୍ର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ସନାତନ ଗାହାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶଙ୍କୁଲୋଇ ସିଆରସିସି ମହାଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସଭାରେ ବିଦାୟୀ ଏବିଇଓ ସାହୁଙ୍କ ଗୁଣଗାନ କରିଥିଲେ । ବିଇଓ ଗାହାଣ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଶେଷରେ ଶିକ୍ଷକ ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋବିନ୍ଦପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

ଝାରବନ୍ଧ, ୨୬।୪ (ଡି.ଏନ.ଏ): ମାନବ କଲ୍ୟାଣ ପାଇଁ ଗୋବିନ୍ଦପୁର ଆର୍ଯ୍ୟ ସମାଜ ତରଫରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଆମ ସେନା ସ୍ଥିତ ଗୁରୁକୁଳ ମହାବିଦ୍ୟାଳୟର ଆଚାର୍ଯ୍ୟ ମନୁ ଦେବଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ କାହ୍ନୁ ପ୍ରଧାନ, ପରମାନନ୍ଦ ପ୍ରଧାନ, ଗୌରଚନ୍ଦ୍ର ନାୟକ, ହୃଷିକେଶ ପ୍ରଧାନ, ରମେଶ ସେଟ, ଡାକ୍ତର ପ୍ରଧାନ, ରଞ୍ଜନ ସେଟ, ଜଗବନ୍ଧୁ ମେହେର, ରକ୍ଷୀ ଝଗରା, ଭିକ ସା, ସୌଦାଗର ନାୟକ ପ୍ରମୁଖ ସହଯୋଗ କରିଥିଲେ । ଆର୍ଯ୍ୟ ସମାଜ ତରଫରୁ ୫୦ଜଣ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା ।

### ତାରିଣୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ସୋହେଲା,୨୬।୪(ଡି.ଏନ.ଏ): ସୋହେଲା ବ୍ଲକ ଅନ୍ତର୍ଗତ ୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବାଇପାଲି ଛକ(ମୁନିଗାଡ)ଠାରେ ମା ତାରିଣୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅକ୍ଷୟ ସେଠ ମୁଖ୍ୟ ପୁରୋଧା ଥିବାବେଳେ ସରୋଜ ଦେବତା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଶ୍ରୀଗିଡା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦଳ ଯୋଗ ଦେଇ ନାମ ସଂକୀର୍ତ୍ତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସୁବ୍ରତ ସିଂହ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଅନୀଲ ପଧାନ, ଶ୍ରୀବତ୍ସ ବାଗ, ଜନତା ପଧାନ, ମୋହନ ନାୟକ ଯୋଗ ଦେଇଥିଲେ ।

# ୪୦ ଡିଗ୍ରୀରୁ ଖସୁନି ପାରଦ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୬।୪**

ବରଗଡ଼ରେ ତାତି ବଢ଼ି ଚାଲିଛି । ପାରଦ ୪୦ ଡିଗ୍ରୀରୁ ତଳକୁ ଖସୁନାହିଁ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳଗୁଳି ଯୋଗୁ ଜିଲାରେ ଜନଜୀବନ ଦହଗଞ୍ଜ ହୋଇ ପଡ଼ିଛି। ଅଘୋଷିତ ବିଦ୍ୟୁତ ବିଭ୍ରାଟ ଯୋଗୁ ଏହା ଜିଲାବାସୀଙ୍କୁ ଆହୁରି ଅସ୍ତବ୍ୟସ୍ତ କରି ପକାଇଛି । ଏପରିକି ଅନ୍ୟବର୍ଷ ତୁଳନାରେ ଏଥର ଅଂଶୁଘାତ ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି । ଏହା ଲୋକଙ୍କ ଚିନ୍ତାର କାରଣ ପାଲଟିଛି ।

ବରଗଡ଼ ଜିଲାରେ ଗତ ୪ବର୍ଷ ମଧ୍ୟରେ ଅଂଶୁଘାତରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ଼ରୁ ଜଣାପଡ଼ିଛି । ମାତ୍ର ବେସରକାରୀ ଭାବେ ଏହା ଢ଼େର ଗୁଣରେ ଅଧିକ ହେବ ବୋଲି ଲୋକେ କହୁଛନ୍ତି । ମାତ୍ର ସଚେତନତା ଅଭାବରୁ ମୃତକମାନେ ସରକାରୀ ରେକର୍ଡ଼ଭୁକ୍ତ ହେବାରୁ ବାଦ୍ ପଡ଼ିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଗତ ୨୦୧୫ ମସିହାରେ ଜିଲାରେ ଅଂଶୁଘାତରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ



ପ୍ରବଳ ଗରମ ଯୋଗୁ ଲୋକେ ମୁହଁରେ କପଡା ବାନ୍ଧି ଯାଉଛନ୍ତି ।

ମଧ୍ୟରୁ ସେହି ବର୍ଷ ଏପ୍ରିଲ ୭ତାରିଖରେ ବରଗଡ଼ ପୌର ପରିଷଦ ଅଧୀନ ବିରେନ କୁମ୍ଭାର, ମେ ୨୭ତାରିଖରେ ପଦ୍ମପୁର ବ୍ଲକ ଦୁବଲାବାହାଲର ରଜନୀ ବରିହା ଏବଂ ମେ ୩୦ତାରିଖରେ ପଦ୍ମପୁରର ଗୋବିନ୍ଦ ବରିହାଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିଲା। ୨୦୧୬ ମସିହା ବେଳକୁ ଅଂଶୁଘାତ ମୃତକଙ୍କ ସଂଖ୍ୟା ଦୁଇକୁ ଖସିଥିଲା । ସେହିବର୍ଷ ଜୁନ ୧୨ତାରିଖରେ ବରପାଲି ବ୍ଲକ ଧଅଁରାଖନ୍ଦାର ଚକ୍ର ନାଏକ ଏବଂ ଜୁନ୍ ୪ରେ ଘାସିରାମ ନାଗଙ୍କ ମୃତ୍ୟୁ ହୋଇଥିଲା।

କିନ୍ତୁ ୨୦୧୭ ମସିହା ବେଳକୁ ଅଂଶୁଘାତ ମୃତକଙ୍କ ସଂଖ୍ୟା ପୁଣି ୩କୁ ବୃଦ୍ଧି ପାଇଥିଲା । ସେହିବର୍ଷ ଏପ୍ରିଲ ୧ତାରିଖରେ ଭେଡ଼େନ ବ୍ଲକ ବର୍ଗଡିକ୍ରୋର ଓକିଲ ବର୍ଗଡ଼ୀ, ମେ ୩ତାରିଖରେ ବରଗଡ଼ ୱାର୍ଡ଼ ନଂ-୪ର ମନସୀ ପ୍ରଧାନ ଏବଂ ମେ ୬ତାରିଖରେ ଭଟଲି ବ୍ଲକ ହାଲୁପାଲି ଗ୍ରାମର ସନ୍ତୋଷ ସାହୁଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିଲା। ୨୦୧୮ ମସିହାକୁ ଏଭଳି ମୃତକଙ୍କ ସଂଖ୍ୟା ୨କୁ ଖସିଥିଲା । ୨୦୧୮ ମେ ମାସ ୨୩ତାରିଖରେ ବରଗଡ଼ ୱାର୍ଡ଼ ନଂ-୮ ନିବାସୀ ପଞ୍ଚାନନ ରାଉତ ଏବଂ ସେହି ମାସ ୨୮ତାରିଖରେ ଭଟଲି ବ୍ଲକ କମଗାଁ ନିବାସୀ

**ବରଗଡ଼ ଜିଲା**

ଜୟଦେବ ବରିହାଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିଲା ।

ଏଥର ଯେଭଳି ଏବେଠାରୁ ଟାଣଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳି ଭୟାବହ ରୂପ ନେଲାଣି, ପୁଣି ଅଂଶୁଘାତଜନିତ ମୃତକଙ୍କ ସଂଖ୍ୟା ଜିଲାରେ ବଢ଼ିବା ଆଶଙ୍କା ରହିଛି । ଦିନ ୧୦ଟାରୁ ଘରୁ ପଦାକୁ ବାହାରିବା କଷ୍ଟସାଧ୍ୟ ହୋଇପଡୁଛି। ଯେଉଁମାନେ ପଦାକୁ ବାହାରୁଛନ୍ତି, ସେମାନେ ବିନା ଗାମୁଛା, ଓଢ଼ଣିରେ ବାହାରକୁ ଯାଇ ପାରୁ ନାହାନ୍ତି। ଏପରିକି ବିଦ୍ୟୁତ ବିଭ୍ରାଟ ଲାଗି ରହିଥିବା ଯୋଗୁ ଘର ଭିତରେ ରହି ହେଉନାହିଁ । ଏ ନେଇ ସିଡିଏମ୍ଓ ଏନ. କେ ପାଢୀଙ୍କୁ ପଚାରିବାରୁ ସେ କହିଲେ, ବରଗଡ଼ ଜିଲାର ବରଗଡ଼ ଓ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଅଂଶୁଘାତ ଅସୁସ୍ଥଙ୍କ ପାଇଁ ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ କକ୍ଷ ରହିଛି । ସେହିପରି ଅନ୍ୟ ଡାକ୍ତରଖାନା ଗୁଡିକରେ ଗୋଟିଏ ଶୀତତାପ ନିୟନ୍ତ୍ରିତ କକ୍ଷ, ଆବଶ୍ୟକ ଓଆରଏସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ରହିଛି ବୋଲି ପାଢୀ କହିଥିଲେ ।

# ବାଇକ୍ ଦୁର୍ଘଟଣା: ଜଣେ ମୃତ, ଦୁଇ ଆହତ

**ସୋହେଲା,୨୬।୪(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ନିକଟସ୍ଥ ଡୁମେରପାଲି ଗାଁ ଛକରେ ଶୁକ୍ରବାର ଗୋଟିଏ ବାଇକକୁ ଅନ୍ୟ ଏକ ବାଇକ ପଛପଟୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କନଗାଁ ନିବାସୀ ବୁଲୁ ସୁଇଙ୍କ ପୁଅ ସାନନ୍ଦ ସୁଇ(୨୨)। ଶୁକ୍ରବାର ସକାଳ ସାଢ଼େ ୧୦ଟା ସମୟରେ ମଙ୍ଗଳପାଲି ଗ୍ରାମର ଡମ୍ବରୁଧର ମେହେର ତାଙ୍କ ସ୍ତ୍ରୀ ଓ ୮ବର୍ଷର ନାତି ସହିତ ବାଇକ (ନଂ.ଓଡି୧୭ଏମ/୦୯୮୬) ଯୋଗେ ସୋହେଲା ପଟରୁ ବିରିପାଲି ଗ୍ରାମକୁ ୬ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିଲେ। ଡୁମେରପାଲି ଛକରେ ଏମାନେ ରାସ୍ତାର ଡାହାଣପଟକୁ ବାଇକ୍ କାଟିବାବେଳେ କନଗାଁର ସାନନ୍ଦ ସୁଇ ଅନ୍ୟ ଏକ ବାଇକ୍ (ନମ୍ବରବିହୀନ ବାଇକ)ରେ ଯାଇ ଆଗ ବାଇକକୁ ଜୋରରେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ବାଇକ୍ ଆରୋହୀମାନେ ପଡିଯାଇଥିଲେ। ସାନନ୍ଦଙ୍କ ପଛପଟ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଅନ୍ୟ ବାଇକ ଆରୋହୀ ମଧ୍ୟ ଆହତ ହୋଇଥିଲେ। ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ପ୍ରାଥମିକ ଚିକିତ୍ସା ପରେ ବରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଶିଶୁଟିର କୌଣସି କ୍ଷତି ହୋଇ ନ ଥିବା ପୋଲିସ ସୂଚନା ଦେଇଛି । ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୭୨/୧୯) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ପୋଲିସ ଜବତ କରିଛି ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି ।

# ଜିରା ନଦୀରୁ ମିଳିଲା ରିକ୍ସା ଚାଳକଙ୍କ ମୃତଦେହ

**ବରଗଡ଼ ଅଫିସ୍,୨୬।୪**

ବରଗଡ଼ ସହର ଦେଇ ବହି ଯାଇଥିବା ଜୀରା ନଦୀରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ରିକ୍ସା ଚାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧ର ଗଣେଶ ସାହୁ । ସେ ଗୁରୁବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ପାଇ ନ ଥିଲେ । ଅନ୍ୟପଟେ ଶୁକ୍ରବାର ଜୀରା ନଦୀରେ ତାଙ୍କ ଶବ ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଆସି ମୃତଦେହ ଚିହ୍ନଟ କରିଥିଲେ । ବରଗଡ଼ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି, ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ଏ ନେଇ ଅଧିକ ତଦନ୍ତ ଚଳାଇଛି ।

# ବୁଦ୍ଧ ମହୋତ୍ସବ ପାଇଁ ପ୍ରସ୍ତାବ

**ବୌଦ୍ଧ,୨୬।୪(ସ୍ୱ.ପ୍ର)**

ବୌଦ୍ଧ କର୍ମଚାରୀ ଭବନଠାରେ ବୁଦ୍ଧଜୟନ୍ତୀ ପାଳନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ବୁଦ୍ଧ ଜୟନ୍ତୀକୁ ମହାସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରତିବର୍ଷ ପରି ଗବେଷକମାନଙ୍କୁ ଡକାଯାଇ ଟାଉନହଲ ପରିସରରେ ଆଲୋଚନା ବୈଠକ, ବୌଦ୍ଧ ଜିଲାରେ ବୁଦ୍ଧଙ୍କ କୀର୍ତ୍ତିରାଜି ସମ୍ପର୍କିତ ସ୍ମରଣିକା ପ୍ରକାଶନ କରାଯିବାକୁ ମତପ୍ରକାଶ ପାଇଥିଲା। କେଳାକଟା ପାହାଡରେ ବୁଦ୍ଧଙ୍କ ବିରାଟ ମୂର୍ତ୍ତି ନିର୍ମାଣ ପାଇଁ ଶିଳାନ୍ୟାସ ହୋଇସାରିଥିବାରୁ ଜୟନ୍ତୀ ଉତ୍ସବରେ ସେହି ସ୍ଥାନକୁ କାର୍ଯ୍ୟକ୍ରମ ଆୟୋଜନରେ



ବୁଦ୍ଧ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ ।

ସାମିଲ କରାଯିବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବୁଦ୍ଧଙ୍କ ନାମରେ ପରିଚିତ ବୌଦ୍ଧ ଜିଲାରେ ଏକ ବୁଦ୍ଧ ମହୋତ୍ସବ କରାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ସଂସ୍କୃତି ବିକାଶ ପରିଷଦ ସଭାପତି ବିଶ୍ୱେଶ୍ୱର ପୃଷ୍ଟି, ବୁଦ୍ଧଜୟନ୍ତୀ ପାଳନ କୋର କମିଟି ସଦସ୍ୟ ସତ୍ୟ ନାରାୟଣ ହୋତା, ସିଦ୍ଧାର୍ଥ ସାହିତ୍ୟ ସଂସଦର ସମ୍ପାଦକ କୃତ୍ତିବାସ ପଲିଆ, ବିପ୍ରଚରଣ ମହାନ୍ତି, ଚିତ୍ତରଞ୍ଜନ ଦାଶ, ସୁଜ୍ଞାନ କୁମାର ପାତ୍ର, ଶୁଭେନ୍ଦୁ କୁମାର ପଟ୍ଟନାୟକ, ଜୟନାରାୟଣ ମହାନ୍ତି, ପ୍ରଭାତ କୁମାର ସାହୁ, ଧବଳେଶ୍ୱର ମହାପାତ୍ର ଓ ସୂର୍ଯ୍ୟେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଦୁର୍ଘଟଣାରେ ଦୁଇ ଆହତ

**ବୌଦ୍ଧ,୨୬।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଚାରିଛକ ବଜାରର ଗୋଲେଇ ଠାରେ ଟ୍ରାଫିକ ନିୟମ ନ ମାନି ବୋଲେରୋ ଏକ ବାଇକ୍‌କୁ ଧକ୍କା ଦେବାରୁ ଦୁଇ ଜଣ ଆହତ ହୋଇଛନ୍ତି । ହରଭଙ୍ଗା ବ୍ଲକ ବାଦିକଟା ଗ୍ରାମର ମନୋଜ ସାହୁ ଓ ଖଣ୍ଡହତା ଗ୍ରାମର ମନୋଜ ରଣା ଏକ ବାଇକ୍ (ନଂ.ଓଡି ୩୧/ଏ ୭୫୫୦) ଯୋଗେ ଆଡେଣୀଗଡରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଚାରିଛକ ଗୋଲେଇରେ ବୌଦ୍ଧ ପଟୁ ଫୁଲବାଣୀ ଯାଉଥିବା ଏକ ବୋଲେରୋ (ନଂ.ଓଆର୧୨/ବି୪୫୭୫) ଉକ୍ତ ବାଇକ୍‌କୁ ଧକ୍କା ଦେଇଥିଲା । ଦମକଳ କର୍ମଚାରୀ ଉଭୟଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ପୋଲିସ ଉଭୟ ଗାଡିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଖୁଲମଖୁଲା ଚାଲିଛି ସଟ୍ଟା ଖେଳ

**ବରପାଲି, ୨୬।୪ (ଡି.ଏନ୍.ଏ.)**

ବରପାଲି ସହରରେ ସଟ୍ଟାଖେଳ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହା ଏକ ମୁଖ୍ୟ ବ୍ୟବସାୟରେ ପରିଣତ ହୋଇଛି। ଏଠାକାର ପ୍ରମୁଖ ଛକ ସ୍ଥାନମାନଙ୍କରେ ଖୁଲମଖୁଲା ଏହି ଖେଳ ଚାଲିଛି । ପୂର୍ବରୁ ସଟ୍ଟାଖେଳ ବନ୍ଦ ରହିଥିଲା। ଏବେ ପୋଲିସ ପ୍ରଶାସନର ନୀରବତା ଯୋଗୁ ଏହାର ଚେର ବିସ୍ତାର କଲାଣି । ଫଳରେ ଏହା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥିରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ଆଶଙ୍କା ରହିଛି । ଏ ସମ୍ପର୍କରେ ଥାନା ଅଧିକାରୀ ରୋଜାଲିନ ପଟେଲଙ୍କ ଦୃଷ୍ଟି ଆକର୍ଷଣ କରିବାରେଏଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଏହି ବେଆଇନ ଖେଳ ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

# ରାମ ରାବଣ ଯୁଦ୍ଧ ମୁଖ୍ୟ ଆକର୍ଷଣ

**ଜହ୍ନାପଙ୍କ, ୨୬।୪ (ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରରେ ରାମଲୀଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୦ତମ ରାମଲୀଳା ମହୋତ୍ସବ ବୁଧବାର ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ହନୁମାନ ଓ ବିଭିଷଣ ଓ ବାନରସେନା ଜହ୍ନାପଙ୍କ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବସ୍‌ଷ୍ଟାଣ୍ଡ, ତ୍ରିବେଣୀ ରକ୍, ଲକ୍ଷ୍ମୀ ଛକ, ଗଙ୍ଗାଧର ମେହେର ଦୈନିକ ବଜାର ଦେଇ ହାଟପଡ଼ାରେ ପହଞ୍ଚିଥିଲେ। ସେହିପରି ରାବଣ ସେନା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବାହାରି ହରିବଂଶ ଛକ, ଗଙ୍ଗାଧର ଛକ, ଚଷା ସାହି, ସାହୁ ଗଳି ଦେଇ ହାଟପଦାଠାରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କ ମଧରେ ଘମାଘୋଟ ଲଢ଼େଇ ହୋଇଥିଲା । ଏହାପରେ



ରାବଣ ବଧ ନାଟକରେ ଯୁଦ୍ଧ ପାଇଁ କଳାକାରମାନେ ପ୍ରସ୍ତୁତ ହେଉଛନ୍ତି ।

ରାମଲୀଳା ସାଂସ୍କୃତିକ ପରିଷଦ ସଭାପତି କିଶୋର ଚନ୍ଦ୍ର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ହିମାଂଶୁ ଶେଖର ସାହୁ ମଞ୍ଚ

**ରାମଲୀଳା ନାଟ୍ୟୋତ୍ସବ ଉଦ୍‌ଯାପିତ**

ପରିଚାଳନା କରିଥିଲେ । ଏହାପରେ ଚାରିଶମ୍ଭୁ କଳା ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ରାବଣ ବଧ ନାଟକରେ ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣର ବଧ ହୋଇଥିଲା । ସ୍କୁଲ୍ ପରିସରରେ ଥିବା ୨୫ଫୁଟର ଏକ ରାବଣ ପ୍ରତିମୂର୍ତ୍ତିକୁ ବାଣ ଦ୍ୱାରା ସଂଯୋଗ କରାଯାଇ ରାବଣ ପୋଡ଼ି କରାଯାଇଥିଲା। ଏହାପରେ ଶ୍ରୀରାମଚନ୍ଦ୍ରଙ୍କ ରାଜାଭିଷେକ କରାଯାଇଥିଲା । ରାମ ଭୂମିକାରେ ବୃନ୍ଦାବନ, ଲକ୍ଷ୍ମଣ-ଗୋପାଳ, ସୀତା-ନକୁଳ, ରାବଣ-ସୁରେନ୍ଦ୍ର, ବିଭିଷଣ-ଦୁର୍ଯ୍ୟୋଧନ, ହନୁମାନ -ଡମ୍ବରୁ, ସୁଗ୍ରୀବ-ରାଜକିଶୋର, ମହୀରାବଣ-ସୁମନ୍ଦ, ଅଙ୍ଗଦ-ଟଙ୍କଧର ଅଭିନୟ କରିଥିଲେ ।

### ପୁଷ୍କରିଣୀର ପ୍ରତିଷ୍ଠା ଉତ୍ସବ

**ଜାମଟିକ୍ରା,୨୬।୪ (ଡି.ଏନ୍.ଏ.)**

ଅତାବିରା ବ୍ଲକ ଖଲିଆପାଲି ଗରିଆଟିକ୍ରାଠାରେ ପ୍ରସନ୍ନ ସାଗର ପୁଷ୍କରିଣୀର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ମଙ୍ଗଳବାର ଅଙ୍କୁରାରୋପଣ, ମଣ୍ଡଳିକରଣ, ବୁଧବାର କଳସ ଯାତ୍ରା, ଯଜ୍ଞମଣ୍ଡପ ସଂସ୍କାର, ଧାନ୍ୟାଧିବାସ ଓ ଅଗ୍ନିସ୍ଥାପନ କରାଯାଇଥିବା ବେଳେ ଗୁରୁବାର ଦେବତା ଆବାହନ, ସ୍ନାନ ପୂଜନ, ଗୀତାଯଜ୍ଞ ଭୋଗ, ଆରତୀ, ପୁଷ୍ପାଞ୍ଜଳି ଏବଂ ଶୁକ୍ରବାର ମୁଖ୍ୟ ବେଦତା ପୂଜନ, ହୋମ ଆରତୀ ସହ ପୂର୍ଣ୍ଣାହୁତି ପଡିଥିଲା। ବିରଞ୍ଚି ଭୋଇ, ରଞ୍ଜନ ପ୍ରଧାନ, ସମ୍ପଦ ଗରିଆ, ପ୍ରସ୍ତୁମ ଗହିରା, ଯୁବରାଜ ଗରିଆ, ବୁଧୁ ପ୍ରଦାନ, ପ୍ରଭାକର ଭୋଇ, ବୃନ୍ଦାବନ ଦୀପ ଓ ଅଶୋକ ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ଓ ରାତିରେ ସରକଣ୍ଡା, ଜଟଲା ନାଟକ ପରିବେଷିତ ହୋଇଥିଲା। ଆନନ୍ଦ ଜାଲ ପଞ୍ଚୁ ଭୋଇ, ଚୈତନ୍ୟ ପ୍ରଧାନ, ଲମ୍ବୋଦର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଏହି ଉତ୍ସବରେ ସହଯୋଗ କରିଥିଲେ ।

## ଫଟୋରେ ଖବର







ବରଗଡ଼ ଜିଲା ଭେଡେନ ବ୍ଲକ ଅଏଁଲାପାଲି ଅଞ୍ଚଳରେ କେନ୍ଦୁପତ୍ର ତୋଳା ଆରମ୍ଭ (ବାମ)। ଭେଡେନ ବ୍ଲକ ଅଧୀନ ଜାମଡୋଲ-ଧୁବେନପାଲି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି (ମଝି)। ପାଇକମାଳ କଳାହାଣ୍ଡିପଡାର ରାସ୍ତା ଓ ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ମହିଳାମାନେ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତି।
- ଫ୍ରାନ୍ସିସ୍ ବାକନ୍

## ସଂକ୍ଷେପରେ

### ପେପର ମିଲ ଶ୍ରମିକଙ୍କ ପାଉଣା ମାମଲା: ଦ୍ୱିତୀୟ ଦିବସ ଆଲୋଚନା ବିଫଳ

**ଟିଟିଲାଗଡ଼, ୨୫।୪ (ଡି.ଏନ.ଏ.):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଚୋରମରା ପେପର ମିଲ ମାଲିକ ଶ୍ରମିକଙ୍କ ପାଉଣା ପ୍ରଦାନ ନେଇ ଶୁକ୍ରବାର ହୋଇଥିବା ଆଲୋଚନା ବିଫଳ ହୋଇଛି । ୨୮୨ ଜଣ ଶ୍ରମିକଙ୍କ ବକେୟା ମଜୁରି ଟଙ୍କା ତଥା ଶ୍ରମିକଙ୍କ ଏଲଆଇସି ଏବଂ ଇପିଏଫ ବାବଦକୁ ପାଉଣାରୁ ଟଙ୍କା କାଟିଥିଲେ ମଧ୍ୟ ମାଲିକ ପ୍ରଦାନ କରି ନ ଥିଲେ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ୨୦୧୦-୧୧ରେ ବନ୍ଦ ହୋଇଯାଇଥିବା ଏହି କାରଖାନା ସମ୍ପ୍ରତି ପୁଣି କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ଶ୍ରମିକ ବକେୟା ପାଉଣା ଏବଂ ପୁନଃନିଯୁକ୍ତି ଦାବି କରିଛନ୍ତି। ଏନେଇ ଗତ ସୋମବାର ଶ୍ରମିକ ଟିଟିଲାଗଡ ଉପଜିଲାପାଳଙ୍କ ଠାରେ ଫେରାଦ ହୋଇ ନିରାଶ ହୋଇଥିଲେ। ମଙ୍ଗଳବାର ଶ୍ରମିକ କାରଖାନା ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାକୁ ନେଇ କାରଖାନା କର୍ତ୍ତୃପକ୍ଷ ଧାରଣାରତ ଶ୍ରମିକମାନେ କାରଖାନାକୁ ଢେଲା ପଥର ମାଡ କରିଥିବା ଟିଟିଲାଗଡ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ପୋଲିସର ଡାକରା ପାଇ ଶ୍ରମିକମାନେ ଗତ ଦୁଇ ଦିନ ଧରି ଟିଟିଲାଗଡ ଥାନାକୁ ଆସିଥିଲେ। ଶୁକ୍ରବାର ଥାନାରେ କାରଖାନା ମାଲିକ, ପୋଲିସ ଏବଂ ଶ୍ରମିକଙ୍କ ମଧ୍ୟରେ ପୁଣି ଥରେ ଆଲୋଚନା ହୋଇଥିଲା। ଆସନ୍ତା ମଙ୍ଗଳବାର ଦିନ ପୁଣି ଆଲୋଚନା ପାଇଁ ମାଲିକ ସମୟ ଲୋଡିଥିବା ଜଣାଯାଇଛି।

### ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ମେ ୧୫ରୁ ରବିଧାନ ସଂଗ୍ରହ

**ସୋନପୁର,୨୬।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୧୫ ତାରିଖରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ୪୮ଟି ପ୍ୟାକ୍ସ ଜରିଆରେ ଧାନକିଣା ଆରମ୍ଭ ହେବ। ମଣ୍ଡିରେ ଚାଷୀଙ୍କଠାରୁ ଏକର ପ୍ରତି କେତେ କୁଇଣ୍ଟାଲ ଧାନ କିଣାଯିବ ତାହା ଆସନ୍ତା ୩ ତାରିଖରେ ଅନୁଷ୍ଠିତ ଆରଡିସିସ୍ତରୀୟ ବୈଠକରେ ଚୂଡାନ୍ତ ହେବ। ମଣ୍ଡିଗୁଡିକ ସପ୍ତାହକ ୬ ଦିନ ଖୋଲିବ ଏବଂ ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯାଇ ଦିନ ସାଢେ ୩ଟା ପରେ ଉଠାଣ ହେବ। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ଟଙ୍କା ଏବଂ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୧୭୭୦ଟଙ୍କା ସରକାରୀ ଦରରେ କିଣାଯିବ। ଯୋଗାଣ ନିଗମ ଚାଷୀଙ୍କ ବଳକା ଧାନକୁ ପ୍ୟାକ୍ସ ଜରିଆରେ କିଣିବ। କୌଣସି ମହିଳା ଏସଏଚଜି ଧାନକିଣା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଆବେଦନ କଲେ ପ୍ରଶାସନ ସେ ଦିଗରେ ପଦକ୍ଷେପ ନେବ। ଅନ୍‌ଲାଇନ୍‌ରେ ଚାଷୀଙ୍କ ଆକାଉଣ୍ଟରେ ୩ ଦିନ ମଧ୍ୟରେ ପ୍ରାପ୍ୟ ଜମାହେବ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି।

କମିଟିଅଧ୍ୟକ୍ଷ ତଥା ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ ନେଇ ଆଲୋଚନା ହୋଇଥିଲା। ଡୁଙ୍ଗୁରିପାଲି ଆର୍‌ଏମ୍‌ସି ଅଧୀନରେ ୪ଟି ଓ ବୀରମହାରାଜପୁରରେ ୧ଟି ମାର୍କେଟ୍ ୟାର୍ଡରେ ଧାନ କିଣାଯିବା ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କହିଥିଲେ। ସେ ସୂଚନା ଦେଇଥିଲେ ଯେ, ୨୦୧୭-୧୮ରେ ୧୯ଲକ୍ଷ ୧୩୦୪କୁଇଣ୍ଟାଲ ଧାନ କିଣାଯାଇଛି। ଅଧିକ ଅମଳକୁ ଦୃଷ୍ଟିରେ ରଖି ଚଳିତ ରବିରେ ୨୧ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ କିଣାଯିବା ଲକ୍ଷ୍ୟ ରହିଛି। ୨୦୧୭-୧୮ ରବିରେ ୪୪ଟି ପ୍ୟାକ୍ସ ଅଂଶଗ୍ରହଣ କରିଥିବା ବେଳେ ୨୦୧୮-୧୯ ଧାନ ସଂଗ୍ରହରେ ଅଧିକ ୪ଟି ପ୍ୟାକ୍ସ ସାମିଲ ହେବେ ବୋଲି ସ୍ଥିର କରାଯାଇଛି। ବୀରମହାରାଜପୁରର ବହଲପଦର, କେଁଝରିଆପାଲି, ମୁର୍ଚ୍ଛୁଣ୍ଡି ଓ ସୋନପୁରର ନାରାୟଣପୁର ପ୍ୟାକ୍ସରେ ଚଳିତ ଥର ନୂତନ ଭାବେ ରବି ଧାନ କିଣାଯିବ। ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ଯଥାକ୍ରମେ ୧୨ଟି ଓ ୧୦ଟି ପ୍ୟାକ୍ସ ଧାନ କ୍ରୟ କରିବେ। ସୋନପୁର ବ୍ଲକରେ ୧୦, ତରଭାରେ ୨, ଉଲୁଣ୍ଡାରେ ୯ ଓ ବୀରମହାରାଜପୁରରେ ୪ଟି ପ୍ୟାକ୍ସ ମାଧ୍ୟମରେ ଧାନ କ୍ରୟ କରାଯିବାକୁ ନିଷ୍ପତ୍ତି ହୋଇଛି। ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ୩୦ ସୁଦ୍ଧା ଧାନ କିଣା ସାରିବା ଦିଗରେ କର୍ମଚାରୀ ଯତ୍ନବାନ ହେବାକୁ ଜିଲାପାଳ କହିଥିଲେ। ଗତ ଖରିଫ ଋତୁ ଧାନ ସଂଗ୍ରହ ବେଳେ ସୁବର୍ଣ୍ଣପୁର ଜିଲାର ୪୧ଟି ଓ ବଲାଙ୍ଗୀର ଜିଲାର ୨୦ଟି ମିଲର୍ସ ଭାଗ ନେଇଥିଲେ। ସେଥିମଧ୍ୟରୁ ସୁବର୍ଣ୍ଣପୁରର ମାତ୍ର ୪ଟି ମିଲର୍ସ ଏପ୍ରିଲ ୨୬ ସୁଦ୍ଧା ୧୦୦ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଛନ୍ତି। ସରକାରଙ୍କ ଗାଇଡ ଲାଇନ ମୁତାବକ ଯେଉଁ ମିଲର୍ସ ଏପ୍ରିଲ ୩୦ ସୁଦ୍ଧା ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଥିବେ ସେମାନେ ସିକ୍ୟୁରିଟି ଜମାର ୬ ଗୁଣା ଧାନ ନେବାକୁ ଯୋଗ୍ୟ ବିବେଚିତ ହେବେ। ଧାର୍ଯ୍ୟ ସମୟ ପରେ ଯେଉଁ ମିଲର୍ସ ଶତ ପ୍ରତିଶତ ଚାଉଳ ଦେବାକୁ ସକ୍ଷମ ହେବେ ସେମାନେ ଶତପ୍ରତିଶତ ସିକ୍ୟୁରିଟି ଦେଇ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରିବେ। ତେବେ ଜିଲାର ଆରଆରସି ଓ ଏଫସିଆଇର ଗୋଦାମରେ ଚାଉଳ ଭର୍ତ୍ତି ରହିଛି। ଚାଉଳ ଅନ୍ୟ ଜିଲା ଓ ରାଜ୍ୟକୁ ଯାଉ ନଥିବାରୁ ଗୋଦାମ ଖାଲି ହେଉନି। ମିଲର୍ସମାନେ ସ୍ଥାନାଭାବ ଯୋଗୁଁ ଚାଉଳ ଦେଇ ପାରୁ ନାହାନ୍ତି। ଯୋଗାଣ ନିଗମ ଅଖା ବସ୍ତା ମଧ୍ୟ ଠିକ୍ ସମୟରେ ଦେଉ ନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ମେ ୧୫ ତାରିଖ ପର୍ଯ୍ୟନ୍ତ କଷ୍ଟମ ମିଲିଂ ଚାଉଳ ସଂଗ୍ରହ କରାଯିବାକୁ ମିଲର୍ସ ମାନେ ଦାବି କରିଥିଲେ। ଏ ସମ୍ପର୍କରେ ବୈଠକରେ ଏକ ପ୍ରସ୍ତାବ ପାରିତ କରି ରାଜ୍ୟ ସରକାରଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ସୁବର୍ଣ୍ଣପୁର ଜିଲା ପାଇଁ ଭୂଲେଖ ଭିତ୍ତିରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୧୮୦୬୬ ଚାଷୀ ଏହି ପ୍ରକ୍ରିୟାରେ ପଞ୍ଜୀକୃତ ହୋଇ ଧାନ ବିକ୍ରି କରିବାକୁ ଯୋଗ୍ୟ ହୋଇଛନ୍ତି । ଧାନ ସଂଗ୍ରହ ବ୍ୟବସ୍ଥାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଉପଜିଲାପାଳଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷେ ବିନିକା ଅଞ୍ଚଳର ବହୁ ଚାଷୀ ଖରିଫ ଧାନ ବିକ୍ରି ଟଙ୍କା ଏ ପର୍ଯ୍ୟନ୍ତ ପାଇନାହାନ୍ତି । ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବ କରୁଛି। ଲିକୁଇଡ୍ କେଶ ନଥିବା ଆଳରେ ଚାଷୀଙ୍କୁ ଟଙ୍କା ପ୍ରଦାନ କରା ଯାଉ ନଥିବା ଚାଷୀ ପ୍ରତିନିଧି ସଜନ ପଣ୍ଡା ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବର୍ଷାଋତୁ ପୂର୍ବରୁ ଚାଷୀଙ୍କ ଧାନ କ୍ରୟ କରିବାକୁ ଅନ୍ୟତମ ଚାଷୀ ପ୍ରତିନିଧି ପ୍ରକାଶ ହୋତା ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସୋନପୁର ସମବାୟ ସମିତି ଉପନିବନ୍ଧକ ଭୀମସେନ ସାହୁ, ସହକାରୀ ଜିଲା ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି, ଯୋଗାଣ ନିଗମର ଜିଲା ଆକାଉଣ୍ଟସ୍ ମ୍ୟାନେଜର କିଶୋର ସାହୁ, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ମିଲର୍ସ ପ୍ରତିନିଧି ଆନନ୍ଦ କୁମାର ବାବୁ, ବଜରଙ୍ଗ ଅଗ୍ରୱାଲ, ମହାଜନ ସାହୁ, ସଜ୍ଜନ ଅଗ୍ରୱାଲ, ଭଜନ ଅଗ୍ରୱାଲ, ସାୱାରିଆ ଅଗ୍ରୱାଲ ଓ ମନୀଶ ଅଗ୍ରୱାଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ଧାନ ସଂଗ୍ରହ କମିଟି ବୈଠକରେ ମଞ୍ଚାସୀନ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ପ୍ରଶାସନିକ ଅଧିକାରୀ ।

### ହରିଶଙ୍କର ଝରଣାରେ ଗାଧୋଇବାକୁ ନେଇ ଗଣ୍ଡଗୋଳ

**ଖପ୍ରାଖୋଲ, ୨୬।୪(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ଝରଣାରେ ଗାଧୋଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଖପ୍ରାଖୋଲ ଥାନାରେ ଶୁକ୍ରବାର ଉଭୟ ପକ୍ଷରୁ ଅଭିଯୋଗ ହେବା ସହ ମାମଲା ରୁଜୁ ହୋଇଛି । ସୂଚନା ଅନୁସାରେ, ଗାଧୋଇବା ବେଳେ ଦେହରେ ପାଣି ପଡିବାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ପିଣ୍ଟୁ ପଧାନୀ(୧୮) ନାମକ ଜଣେ ଯୁବକ ଗୁରୁତର ହୋଇ ଚେତା ହରାଇଲା ପରେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପିଣ୍ଟୁଙ୍କ ଭାଇ ଦୁର୍ବାଦଳ ପଧାନୀଙ୍କ ଅଭିଯୋଗ ଅନୁସାରେ ଖପ୍ରାଖୋଲ ଥାନାରେ ଦଫା ୨୯୪, ୩୨୩, ୫୦୬ ଓ ୩୪ରେ ବଲାଙ୍ଗୀରର ରାଜା ନାଏକ, କୃଷ୍ଣ ବେହେରା, ଭବାନୀ ବେହେରା ନାଁରେ ଏକ ମାମଲା(ନଂ. ୬୧/୧୯) ରୁଜୁ କରାଯାଇଥିଲା। ସେହିପରି ଅଚ୍ୟୁତ ବେହେରାଙ୍କ ଅଭିଯୋଗ ଅନୁସାରେ ଦଫା ୨୯୪, ୩୨୩, ୫୦୬, ୩୫୫ ଓ ୩୪ରେ ହରିଶଙ୍କରର ବିଶି ପଧାନୀ, ପିଣ୍ଟୁ ଓ ଡାକ୍ତରଙ୍କ ନାମରେ ଏକ ମାମଲା(ନଂ.୬୨/୧୯)ରୁଜୁ ହୋଇଛି । ଏ ନେଇ ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

# ସରିଲା ଲୁମୁରଜେନା ରାମଲୀଳା ମହୋତ୍ସବ

**ବୀରମହାରାଜପୁର, ୨୬।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁମୁରଜେନା ଗ୍ରାମରେ ଗତ ୧୩ ତାରିଖଠାରୁ ଚାଲିଥିବା ୫୭ତମ ରାମଲୀଳା ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ଉକ୍ତ ମହୋତ୍ସବ ରାମାୟଣର କଥାବସ୍ତୁ ଉପରେ ଆଧାରିତ ଥିବାରୁ ଏହାରି ମାଧ୍ୟମରେ ପରିବେଷିତ ଗୀତାଭିନୟ ମନୋରଞ୍ଜନ ଧର୍ମୀ ହେବା ସହ କଳାକାରମାନଙ୍କ ପାଇଁ ନିଷ୍ଠା ଓ କାଷ୍ଠାର ଏକ ପବିତ୍ର ପର୍ବ ଭାବେ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର କର୍ଣ୍ଣଙ୍କ ତତ୍ତ୍ୱାବଧାନ ଏବଂ ନବକୃଷ୍ଣ ମେହେରଙ୍କ ନିର୍ଦ୍ଦେଶନାକ୍ରମେ ଏଥିରେ ରାମଜନ୍ମ, ଧନୁଭଙ୍ଗ, ସୀତାବିବାହ, ରାମ ବନବାସ, ସୀତାଚୋରୀ, ବାଳୀବଧ, ମହିରାବଣ ବଧ ଏବଂ ଶେଷରେ ରାବଣ ବଧ ସହ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଆଦି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦର ସଦସ୍ୟମାନଙ୍କ ମଧ୍ୟରୁ ବିଭିନ୍ନ ଭୂମିକାରେ ଗୌରୀଶଙ୍କର କର୍ଣ୍ଣ, ସୁବଳ ଭୋଇ, ବିପିନ ମେସୁଆ, ଅନନ୍ତ ସାହୁ, ମାଗୁଣି କବାଟ, ଅରକ୍ଷିତ କବାଟ, ଲକ୍ଷ୍ମୀଚରଣ ମହାକୁର, ହିମାଂଶୁ କର୍ଣ୍ଣ, ବୈଶାଖୁ ବରଗାଁ ଓ ସରତ ପର୍ଡିଆ ପ୍ରମୁଖ ଅଭିନୟ କରିଥିଲେ। ପ୍ରତ୍ୟହ ଚାଲିଥିବା ପୂଜାକର୍ମରେ ନାରାୟଣ ରଥ ପୂଜକ ଦାୟିତ୍ୱ ସମାପନ କରିଥିଲେ। ନାଟକର ସଂଗୀତ ସଂଯୋଜନାରେ କୃଷ୍ଣଚନ୍ଦ୍ର ସାହୁ, ଶଙ୍କର ମେହେର, ଅକ୍ଷୟ ମେସୁଆ, ତ୍ରିନାଥ ସାଣ୍ଡ ଏବଂ ଗଣ୍ଡାରାମ ସେଠୀ ସହଯୋଗ କରିଥିଲେ। ଦୀର୍ଘ ୧୨ ଦିନ ଧରି ଆୟୋଜିତ ନାଟକ ପରିଚାଳନାରେ ସହଯୋଗ କରିଥିଲେ ହରିବୋଲ କର୍ଣ୍ଣ, କାର୍ତ୍ତିକ ରଉତ, ଉମେଶ ମେସୁଆ, ତ୍ରିପୁରାରି ପଧାନ, ରବିନ୍ଦ୍ର ମହାକୁର, ସୌମିତ୍ରୀ ମେସୁଆ ଓ ରାଜେଶ ମହାକୁରଙ୍କ ସହ ସଂସଦର ସଦସ୍ୟ ବୃନ୍ଦ।



ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ପରିବେଷିତ ରାମଲୀଳାର ଏକ ଦୃଶ୍ୟ।

### ରାମଲୀଳା ମହୋତ୍ସବ ଚରଦାରେ ସୀତା ଚୋରି, କଇଁତରାରେ ଲଙ୍କା ଦହନ

**ବିନିକା, ୨୬।୪(ଡି.ଏନ୍.ଏ.)**

ବିନିକା ବ୍ଲକ ଚରଦା ଓ କଇଁତରରେ ଏବେ ରାମଲୀଳା ମହୋତ୍ସବ ଲୋକଙ୍କ ମନ ମୋହୁଛି। ରଘୁନାଥପଡାଠାରେ ରଘୁନାଥ ନାଟ୍ୟ କଳା ପରିଷଦ ପକ୍ଷରୁ ଚାଲିଥିବା ରାମଲୀଳାରେ ଶୁକ୍ରବାର ସୀତା ଚୋରି ଦୃଶ୍ୟ ଅନୁଷ୍ଠିତ ହୋଇଯାଇଛି। ସୁର୍ପଣଖାର ନାଶା ଛେଦନ ଓ ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ବ୍ଲକ ଅନ୍ତର୍ଗତ କଇଁତରା ରଘୁନାଥ ମନ୍ଦିରଠାରେ ଚାଲିଥିବା ରାମଲୀଳାର ଏକାଦଶ ସନ୍ଧ୍ୟାରେ ଶୁକ୍ରବାର ହନୁମାନଙ୍କ ଦ୍ୱାରା ଲଙ୍କା ଦହନ ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନୁଷ୍ଠିତ ନାଟକରେ ରାମ ଭୂମିକାରେ ରବିଚନ୍ଦ୍ର ସା, ଲକ୍ଷ୍ମଣ ନାରାୟଣ ମହଲା, ହନୁମାନ କୁମାର ସା, ରାବଣ କୁଶ ମହଲା, ଇନ୍ଦ୍ରଜିତ ହରିବନ୍ଧୁ ମହଲା ଓ ସୀତା ଭୂମିକାରେ ରାଜେଶ ଥପାଙ୍କ ନିଖୁଣ ଅଭିନୟକୁ ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ।

### ଗଣପତି ଆଦର୍ଶ ଶିକ୍ଷାନିକେତନ ବାର୍ଷିକ ଉତ୍ସବରେ ଅତିଥିଙ୍କ ମତ

# ପିଲାଙ୍କ ଆଗ୍ରହ ପରଖି ଶିକ୍ଷାଦାନ କରିବା ଉଚିତ୍



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର, ୬।୪(ଡି.ଏନ୍.ଏ.)**

ପିଲାଙ୍କ ଆଗ୍ରହ ଭିତରେ ଲୁଚି ରହିଥାଏ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା। ତାହାକୁ ବିକଶିତ କରିବାର ଗୁରୁଦାୟିତ୍ୱ ପିତାମାତା ଏବଂ ଶିକ୍ଷକ ସମାଜର ରହିଛି। ଏହାଦ୍ୱାରା ଗୁଣାତ୍ମକ ଶିକ୍ଷା ବାସ୍ତବ ରୂପ ନେଇଥାଏ। ତେଣୁ ପିଲାଙ୍କ ଆଗ୍ରହ ପରଖି ଶିକ୍ଷାଦାନ କରାଯିବା ଉଚିତ୍ ବୋଲି ବୀରମହାରାଜପୁରସ୍ଥିତ ଗଣପତି ଆଦର୍ଶ ଶିକ୍ଷାନିକେତନର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ସମାରୋହରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥି, ବୀରମହାରାଜାପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟବକ୍ତା ଏବଂ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣାକର ମିଶ୍ର ପୌରୋହିତ୍ୟ କରିଥିଲେ। ସଭା ସଂଯୋଜନା କରିଥିଲେ ବିଦ୍ୟାପତି ପଣ୍ଡା। ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସଂଗୀତ ଗାନ ମଧ୍ୟରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଶାନ୍ତନୁ ମହାକୁର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ପରିଚାଳନା କମିଟି ସମ୍ପାଦକ ବିବସ୍ୱତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ନୃତ୍ୟ, ଗୀତ ପରିବେଷଣ ସହ ଏକ ସଂସ୍କାରଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା।

## ଲକ୍ଷ୍ମୀନାରାୟଣ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ

**ସୋନପୁର,୨୬।୪(ନି.ପ୍ର.)**

ସୋନପୁର ସହରର ନୂଆପଡାରେ ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଚାଲିବ। ସତ୍ୟନାରାୟଣ ମନ୍ଦିରରେ ୨୫ତାରିଖରୁ ଆରମ୍ଭ ହୋଇଥିବା ଉତ୍ସବ ୨୭ରେ ସରିବ। ପୁରୁଣା ମନ୍ଦିରକୁ ନୂତନ ଭାବେ ନିର୍ମାଣ କରାଯିବା ପରେ ମୂର୍ତ୍ତି ପ୍ରତିଷ୍ଠା ହେଉଛି। ଗୁରୁବାର ଅଧିବାସ ପରେ ଶୁକ୍ରବାର ସହସ୍ରାକ୍ଷ ସ୍ନାନ ଅନୁଷ୍ଠିତ ହୋଇଥିଲା। ଶନିବାର ଲକ୍ଷ୍ମୀନାରାୟଣଙ୍କ ଅଭିଷେକ(ମୂର୍ତ୍ତି ସ୍ଥାପନ) ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ରୀତିନୀତି ଅନୁଯାୟୀ ପୂଜା ସହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ହେଉଛି। ପୂଜକ ମଧୁ ଦାଶ, ଗୋବିନ୍ଦ ସ୍ୱାମୀ ଆଚାର୍ଯ୍ୟ, ଯୋଗେଶ ଶର୍ମା, ସିଦ୍ଧାର୍ଥ ମହାପାତ୍ର ଓ ରାମକୁମାର ଶର୍ମା ପ୍ରମୁଖ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟହ ଶତାଧିକ ମହିଳା ପୁରୁଷଙ୍କ ଭିଡ ଜମୁଛି। ସ୍ଥାନୀୟ ମାରୱାଡି ସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ନନ୍ଦ କିଶୋର କମାଣି, ବଳରାମ ଅଗ୍ରୱାଲ, ବୁଧୁରାମ ଅଗ୍ରୱାଲ, ଅଶୋକ ଭୂତ, ମନୋଜ ଅଗ୍ରୱାଲ, ଆନନ୍ଦ କୁମାର ଭୁତ, ଗୋପାଳ ଭୁତ, ଅମିତ ଅଗ୍ରୱାଲ ଓ ବିଜୟ ଅଗ୍ରୱାଲ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି ।



ପ୍ରତିଷ୍ଠା ଉତ୍ସବରେ ମହିଳାମାନେ ସଂକଳ୍ପ କରୁଛନ୍ତି।

# ପିଇଲା ପାଏନ୍ ଲାଗି ହଟହଟା ବିନିକା ସହରବାସୀ

**ବିନିକା,୨୬।୪(ଡି.ଏନ୍.ଏ)**

ଏହେଦ୍‌କା ସାରା ରାଏଜେ ଖରାର ତେଜ୍ ବଢ଼ତେଲ ଯାଉଛେ। ବଡ଼ଭାଗି ସହରମାନକର ତାପମାନ ୪୦ ଡିଗ୍ରୀ ଉପରେ ରହୁଛେ। ଏନ୍‌ତାଥି ବିନିକା ସହରର ତାପ୍‌ମାନ ବି ଦିନାକେତେ ହେଲା ୪୦ ଡିଗ୍ରୀ ଉପରେ ରହୁଛେ। ଲୋକ୍ ଦିନର ୧୦ ବାଜ୍‌ଲେ ଘରୁ ଭଟାକେ ନାଇଁ ବାହାରବାର। ରାସ୍‌ତାଘାଟ ଶୁନ୍‌ସାନ ହେଇଯାଉଛେ। ଏନ୍‌ତା ଖରା ତାତିରେ ଏହେଦେ ବିନିକା ସହରବାସୀ ପିଇଲା ପାଏନ୍ ସମସିଆର ସଂଗେ ଯୁଝୁଥିବାର ଅଭିଯୋଗ ହେଉଛେ।

ସୂଚନା ହିସାବେ ବିନିକା ଏନ୍.ଏ.ସି. ୧୨ଟା ୱାର୍ଡକେ ନେଇ ଗଠିତ୍। ସହରର ଲୋକ୍ ସଂଖ୍ୟା ଏହେଦେ ପାଖାପାଖି ୧୬ ହଜାରକେ ଛିଁଲାନ। ସେ ହିସାବେ ଦିନୁ ଦିନ୍‌କେ ଲୁକ୍‌କର ମଉଳିକ ସୁବିଧାର ଦରକାର ପଡୁଛେ। ସହରବାସୀକର ପିଇଲା ପାଏନ୍ ସୁବିଧା ଲାଗି ସହରାଞ୍ଚଳ ଜଳ ଯୋଗାଣ ସଂସ୍ଥା ତରଫୁ ୨ ମାସ ତଲେ ବିନିକା ପାପକ୍ଷୟ ଘାଟେ ୯ କୋଟି ୧୨ ଲାଖ୍ ଟଁକାରେ ଗୁଟେ ପାଏନ୍ ପ୍ରକଳ୍ପ ତିଆର ହେଇଛେ। ପ୍ରକଳ୍ପରେ ଫିଦିନ୍ ୨.୨୫ ଏମ୍‌ଏଲ୍‌ଡି ଲିଟର ପାଏନ୍ ବିଶୋଧନ କରବାର ବେବସ୍‌ତା ରହିଛେ। ସେନ୍‌ତା ଇଠାନୁ ବିନିକା ସହରକେ ଫିଦିନ୍ ୨.୨୫ ଏମ୍‌ଏଲ୍‌ଡି ଲିଟର ପାଏନ୍ ପାଇପ୍‌ରେ ଯୁଗେଇ ଦିଆଯାଉଛେ। ସହରର ଭିନେ ଭିନେ ୱାର୍ଡରେ ୧ଶହରୁ ଅଧିକା ପବ୍ଲିକ୍ ଷ୍ଟାଣ୍ଡପୋଷ୍ଟ ତିଆର ହେଇଛେ। ଇତାର ବାହାରେ ୨୨ଶହ ହାଉସହୋଲ୍ଡରକୁଁ ପାଇପ୍ ପାଏନ୍ ଯୁଗେଇ ଦେବାର ଲାଗି ପାଖାପାଖି ୪୦ କି.ମି. ପାଇପ୍ ଲାଇନ୍ ସହରରେ ବିଛାଯାଇଛେ। ଜଳଯୋଗାଣ ବିଭାଗର ନିୟମ ହିସାବେ ସହରାଞ୍ଚଳରେ ରହୁଥିବାର ଲୋକ୍‌ମାନକୁ ଝନ୍ ପିଛା ଫିଦିନ ୧୫୫ ଲିଟର ପାଏନ୍ ଦିଆଯାଉଛେ। ହେଲେ ବିନିକା ସହରାଞ୍ଚଳରେ ରହିଥିବାର ଷ୍ଟାଣ୍ଡପୋଷ୍ଟମାନକେ ଅଲପ୍ ଅଲପ୍ ପାଏନ୍ ବାହାରୁଛେ। ଯେନ୍‌ଥିରଲାଗି ଲୋକ୍ ଘଁଟା ଘଁଟା ଧରି ଧାଡ଼ିବାଁଧି ଠିଆ ହେଇ ରହୁଛନ୍। ଏନ୍‌ତାଥି କିଏ ପାଏନ୍ ପାଉଛେ ତ କିଏ ନାଇଁ। ସହରର ସବୁ ୱାର୍ଡରେ ନୂତନ ପ୍ରକଳ୍ପର ପାଇପ୍ ଖଁଜା ଯାଇଛେ। ହେଲେ ଲୁକ୍‌କର ଅଭିଯୋଗ ହେଲା ଯେ, ପୁରନା ପାଇପ୍‌ରେ ଲୋକ୍ ସୁବିଧାରେ ଦରକାର ହିସାବେ ପାଏନ୍ ପାଉଥିଲେ। ଏହେଦେ ନୂତନ୍ ବେବସ୍‌ତାରେ ଲୋକ୍ ଦରକାର ହିସାବେ ପାଏନ୍ ନାଇଁ ପାଏବାର। ଇ ବାବ୍‌ଦେ ବିନିକା ଏନ୍.ଏ.ସି. ପିଏଚ୍‌ଡି ଜେଇ ଏ.କେ.ମୂର୍ତ୍ତିକୁଁ ପଚରାଲାରୁ ପୁରନା ଜଳ ଯୋଗାଣ ବେବସ୍‌ତାରେ ୨୫୦ ହାଉସହୋଲ୍ଡର ପିଇଲା ପାଏନ୍ ପାଉଥିଲେ। ନୂତନ ପ୍ରକଳ୍ପ ହେଲାରୁ ୨୩ଶହ ହାଉସହୋଲ୍ଡର ପାଏନ୍ ପାଉଛନ୍। ଫିଦିନ ସହରବାସୀକୁ ୨.୧୫ ଏମ୍‌ଏଲ୍‌ଡି ଲିଟର ପାଏନ୍ ସପ୍ଲାଇ ହେଉଛେ। ଗୁଟେ ଘରକେ ଝନ୍ ପିଛା ୧୫୫ ଲିଟର ସରକାରୀ ନିୟମ ହିସାବେ ପାଏନ୍ ଦିଆଯାଉଛେ। ହେଲେ ଲୋକ୍ ଇତାରଠାନୁ ଅଧିକା ପାଏନ୍ ବେଭାର କରୁଛନ୍। ହେଲେ ପାଏନ୍‌ଟା ଖାଲି ଲୁକ୍‌କର ପିଇବାରେ ବେଭାର କରବାର ଲାଗି ସପ୍ଲାଇ ହେଉଛେ। ଯଦି ସହରବାସୀକୁ ପିଇଲା ପାଏନ୍ ନିହଁଟ୍ ପଡୁଛେ, ସେମାନେ ଲିଖିତ ଅଭିଯୋଗ କଲେ ସପ୍ଲାଇ ପାଏନ୍‌ର ପରିମାନକେ ବଢ଼ା ଯିବା ବଲି ସେ କହିଥିଲେ।



ରହେଲାରେ ମହିଳାମାନେ ପାଏନ୍ ନେବାର ଲାଗି ଧାଡିବାଁଧି ଠିଆ ହେଇଛନ୍।

### ଟ୍ରାକ୍ଟର ସହ ଶାଗୁଆନ ଗଣ୍ଡି ଜବତ, ୨ ଗିରଫ

**ଲାଠୋର, ୨୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନବିଭାଗ ଶୁକ୍ରବାର ସକାଳେ ପାଟ୍ରୋଲିଂ କରୁଥିବା ସମୟରେ ବାଗଡିଆଠାରେ ଟ୍ରାକ୍ଟର ସହ ଶାଗୁଆନ ଗଣ୍ଡି ଜବତ କରିଛି। ଫୁଲକିମୁଣ୍ଡାରୁ ସାହାଜପାଣିକୁ ଶାଗୁଆନ ଗଣ୍ଡି ଚାଲାଣ ହେଉଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯାଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ସାହାଜପାଣିର ନୃପ ଧରୁଆ ଏବଂ ଟ୍ରାକ୍ଟର ଡ୍ରାଇଭର ଗୋବର୍ଦ୍ଧନ ଭୁଏ। ଜବତ କାଠଗଣ୍ଡିର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କା। କାଠ ଚାଲଣରେ ବ୍ୟବହୃତ ଟ୍ରାକ୍ଟର ନଂ.ଓଆର୧୭ଇ୩୭୫୯କୁ ଜବତ କରିଛି ବନ ବିଭାଗ। ଏ ନେଇ ଲାଠୋର ରେଞ୍ଜରେ ଏକ ମାମଲା(ନଂ. ୧୭/୧୯-୨୦)ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୁତାର ସୂଚନା ଦେଇଛନ୍ତି।



ଜବତ କାଠ ବୋଝେଇ ଟ୍ରାକ୍ଟର।

## ସଂକ୍ଷେପରେ

### ବେକରିରୁ ଚୋରି

ଟିଟିଲାଗଡ଼, ୨୫।୪ (ଡି.ଏନ.ଏ)- ଟିଟିଲାଗଡ ନିକଟସ୍ଥ ଦେଶିଲରେ ଥିବା ଏକ ବେକରିରୁ ଗତ ରାତିରେ ଚୋରି ହୋଇଛି। ଅଫିସ ଟେବୁଲର ସେଫରୁ ଚୋର ୧୮ ହଜାର ଟଙ୍କା ଏବଂ ଦୁଇଟି ମୋବାଇଲ ଚୋରି କରି ନେଇଛି। ସକାଳୁ ଚୋରି ହୋଇଥିବା ନେଇ ମାଲିକ ପ୍ରକାଶ ଗୋୟଲ ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ବେକରିରେ ଲାଗିଥିବା ସିସିଟିଭି ଚିତ୍ରକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### କ୍ୟାନସର ନିରୂପଣ ଶିବିର

ଟିଟିଲାଗଡ, ୨୫।୪ (ଡି.ଏନ.ଏ) ଟିଟିଲାଗଡର ରାଜଜ୍ୟୋତି ସେବା ସମିତି ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ କ୍ୟାନସର ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ସଚେତନତା ସଭାରେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲରୁ ବିଶେଷଜ୍ଞ ଡା. ପି.କେ. ସ୍ୱାଇଁ ଯୋଗଦେଇ କ୍ୟାନସର ରୋଗର ଭୟାବହତା ନେଇ ସତର୍କ କରାଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସତର୍କ ହେଲେ କ୍ୟାନସର ଶୀଘ୍ର ଠିକ ହୋଇପାରିବ ବୋଲି ଡା. ସ୍ୱାଇଁ କହିଛନ୍ତି। ପ୍ରତ୍ୟେକ ମାସ ଚତୁର୍ଥ ଶୁକ୍ରବାର ମାଗଣା କ୍ୟାନସର ନିରୂପଣ ଶିବିର ଅନୁଷ୍ଠିତ ହେବ ବୋଲି ସମିତି ସଭାପତି ଦୀପକ ସାହୁ କହିଛନ୍ତି।

ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

# ଆଧୁନିକ ସହ ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା ଅଛି

■ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଶିଶୁ

ନୂଆପଡା ଅଫିସ, ୨୬।୪



ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଶିଶୁର ଚାରିତ୍ରିକ ନିର୍ମାଣ ଶିକ୍ଷାର ମୁଖ୍ୟଲକ୍ଷ୍ୟ ହେବା ଉଚିତ । ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଆଧ୍ୟାତ୍ମିକ ଶିକ୍ଷାର ମଧ୍ୟ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଛନ୍ତି । କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ କିଙ୍କର ଶବର ସଭାପତିତ୍ୱ କରିଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ ମୁଖ୍ୟଅତିଥି, କୋମନା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ରିଖିରାମ ଦଣ୍ଡସେନା, ଶିକ୍ଷାକେନ୍ଦ୍ର ସଭାପତି ଡା. ବିନୟ କୁମାର ଯୋଷୀ, ସମ୍ପାଦକ ଅବନୀରଞ୍ଜନ ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ଡା. ଯୋଷୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୁକେଶ କୁମାର ଦଣ୍ଡସେନା ମଞ୍ଚ ପରିଚଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀମା ଅରବିନ୍ଦଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ଅତିଥିମାନେ ଶ୍ରୀମା ଅରବିନ୍ଦ ଶିକ୍ଷା କେନ୍ଦ୍ର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିବାବେଳେ ଶିକ୍ଷାକ୍ଷେତ୍ରରେ ଏହା କିପରି ଏକ ମାଇଲ ଖୁଣ୍ଟ ଭାବେ ଛିଡା ହୋଇଛି । ଶିଶୁର ଚାରିତ୍ରିକ ନିର୍ମାଣ କରିବା ଶାରୀରିକ ଏବଂ ମାନସିକସ୍ତରରେ ମଜଭୁତ କରିବା ଦିଗରେ ଶିକ୍ଷା ଅଭିପ୍ରେତ ହେବା ଆବଶ୍ୟକ । ଆଧୁନିକ ଶିକ୍ଷା ବ୍ୟବସ୍ଥା ସହ ଆଧ୍ୟାତ୍ମିକ ଶିକ୍ଷା ବ୍ୟବସ୍ଥା ମଧ୍ୟ ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଥିଲେ । ଚଳିତ ଶିକ୍ଷାବର୍ଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ବାର୍ଷିକ କ୍ରିଡାରେ ବରିଷ୍ଠ ଶ୍ରେଣୀରେ ପ୍ରିତେଶ ବନଗୋଲା ଏବଂ କନିଷ୍ଠ ଶ୍ରେଣୀରେ ନୈତିକ ବନଗୋଲା ଚାମ୍ପିୟନ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଶେଷ ପର୍ଯ୍ୟାୟରେ କୁନି କୁନି ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ । ଏହା ସମସ୍ତ ଅଭିଭାବକମାନଙ୍କୁ ବିମୋହିତ କରିଥିଲା । କାର୍ଯ୍ୟକ୍ରମ ଶେଷରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ଅବନୀ ରଞ୍ଜନ ଯୋଷୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ଟିକି, ଆଭାସ, ମମତା, ମୁକେଶ, ଦୁଷ୍ମନ୍ତ, ଅଶୋକ, ଧରମସିଂ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ କଲାର ସମାଜ, ଅଭ୍ୟୁଦୟ ୟୁଥ କ୍ଲବର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

ପାଇପ ଯୋଗେ ଜଳସେଚନ ପାଇଁ ଦାବି

# ମୁଖ୍ୟଯନ୍ତ୍ରୀଙ୍କ ସହ ଆଞ୍ଚଳିକ କୃଷକ ସଂଘର ଆଲୋଚନା

ଖଡିଆଲ,୨୬।୪ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ଓ କୋମନା ବ୍ଲକର ମଧ୍ୟଭାଗରେ ନିର୍ମାଣାଧୀନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପଠାରୁ ପ୍ରାୟ ୧ରୁ ୩ କି.ମି. ଦୂର ମଧ୍ୟରେ ରହି ମଧ୍ୟ ଜଳସେଚନରୁ ଚାଷୀ ବଞ୍ଚିତ ହେଉଛନ୍ତି । ପାଇପ ମାଧ୍ୟମରେ ଜଳସେଚନ ଯୋଗାଇବା ଦାବି ନେଇ ଗତ ୧୪ ତାରିଖରେ ସାନମହେଶ୍ୱର ଓ ବରଗାଁ ପଞ୍ଚାୟତ ଲୋକେ ଅଞ୍ଚଳିକ କୃଷକ ସଂଘର ନେତୃତ୍ୱରେ ରାସ୍ତା ଅବରୋଧ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ଜଳସେଚନର ସୁବିଧା ଯୋଗାଇବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଓହରିଥିଲା । ଆନ୍ଦୋଳନର ୧୫ ଦିନ ପରେ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଶ୍ୱେତ କୁମାର ଜାଲିଙ୍କ ସହ ଆଞ୍ଚଳିକ କୃଷକ ସଂଘ ସଭାପତି ଗୌତମ ତାଣ୍ଡି, ସହ ସମ୍ପାଦକ ଜଗତରାମ ଶବର, ଗୌତମ ମୁଣ୍ଡ ଓ ଭୁବନ ପଟେଲ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ଗୌରୀଶଙ୍କର କରଙ୍କୁ ସାକ୍ଷାତ କରି ମେଗା ପାଇପ ମାଧ୍ୟମରେ ଜଳସେଚନର ସୁବିଧା ଯୋଗାଇବା ପାଇଁ ଦାବି କରିବା ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆଲୋଚନା ପରେ ମେଗା ପାଇପ ମାଧ୍ୟମରେ କେତେ ଜମି ଜଳସେଚିତ ହୋଇ ପାରିବ ସେ ନେଇ ସର୍ଭେ କରିବା ସହ ଏହାର ଆକଳନ କରି ଆସନ୍ତା ଜୁନ ସୁଦ୍ଧା ମେଗା ପାଇପ କାମ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କୃଷକ ସଂଘ ସଭାପତି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତଳ ମୁଣ୍ଡରେ ସାନମହେଶ୍ୱର ଏବଂ ବରଗାଁ ପଞ୍ଚାୟତର ୯ଟି ଗାଁ ଥିବାବେଳେ ଦୀପ ତଳ ଅନ୍ଧାର ସଦୃଶ୍ୟ ଚାଷ ଜମିକୁ ଜଳସେଚନର ସୁବିଧା ହୋଇପରୁନାହିଁ। ଫଳରେ ଗତ ୪ ବର୍ଷ ହେଲା ଅଞ୍ଚଳର ଚାଷୀମାନେ ବର୍ଷା ଅଭାବ ସାଙ୍ଗକୁ ଜଳସେଚନର ସୁବିଧା ନ ଥିବା ଯୋଗୁ ମରୁଡ଼ିର ସମ୍ମୁଖୀନ ହୋଇଆସୁଛନ୍ତି।

## ଫଟୋରେ ଖବର




ନୂଆପଡ଼ା-ଖଡ଼ିଆଲ ରାସ୍ତାର ଦେଓବାହାଲ ନିକଟରେ ହାତୀ ଚଳାଚଳ କରୁଥିବା ରାସ୍ତାକୁ ବନ ବିଭାଗ ପକ୍ଷରୁ ସତର୍କ କରାଯାଇଛି।




ନୂଆପଡ଼ା ଜିଲା ଖଡ଼ିଆଲ ଥାନା ସମ୍ମୁଖରେ ଆମ ପୋଲିସ କାର୍ଯ୍ୟକ୍ରମ ପକ୍ଷରୁ ଜଳଛତ୍ର ଖୋଲାଯାଇଛି।

ଅଭିଯୁକ୍ତ ଧରା ନ ହେଲେ ଆନ୍ଦୋଳନ

# ଅଭିଯୁକ୍ତଙ୍କୁ ଗିରଫ ଦାବିକଲା ଦଳିତ ଏକତା ମଞ୍ଚ

ନୂଆପଡ଼ା ଅଫିସ,୨୬।୪

ପିସିସି ସଭ୍ୟଙ୍କୁ ମାଡ଼ମରା ଘଟଣା



ଦଳିତ ଏକତା ମଞ୍ଚ ତରଫରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଗତ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ବେଳେ ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଜଲମ କଟା ଗାଁର ବୁଥରେ ପିସିସି ସଭ୍ୟ ବିରଞ୍ଚି ବାଗଙ୍କୁ ମାଡ ମାରିବା ଘଟଣାର ୨ ସପ୍ତାହ ପରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଏହାକୁ ନେଇ ଜିଲା ଦଳିତ ଏକତା ମଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛି । ଅଭିଯୁକ୍ତଙ୍କୁ ଗିରଫ ଦାବି କରି ମଞ୍ଚ କର୍ମକର୍ତ୍ତାମାନେ କୋମନା ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୪ଦିନ ମଧ୍ୟରେ ପୋଲିସ ଗିରଫ ନ କଲେ ସଙ୍ଗଠନ ତରଫରୁ ରାଜରାସ୍ତାକୁ ଆସି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ନିର୍ବାଚନ ଦିନ ଅର୍ଥାତ ଗତ ୧୧ତାରିଖରେ ନିର୍ବାଚନ ଚାଲିଥିବା ବେଳେ କଂଗ୍ରେସ ପିସିସି ସଭ୍ୟ ବାଗ ନିଜ ଗାଁର ବୁଥ ଅଞ୍ଚଳ ପରିଦର୍ଶନ କରିବା ସମୟରେ କିଛି ବିପକ୍ଷ ଦଳର ସମର୍ଥକମାନେ ଆସି ନିସ୍ଥୁକ ମାଡ ମାରିଥିଲେ । ମୁମୂର୍ଷୁ ଅବସ୍ଥାରେ ବାଗଙ୍କୁ ଉଦ୍ଧାର କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏ ନେଇ କୋମନା ଥାନାରେ ୫ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି । ହେଲେ ଏଯାବତ ପୋଲିସ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ବିଫଳ ହୋଇଛି । ଘଟଣା ଘଟାଇ ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ବୁଲୁଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେଇ ସମ୍ପୃକ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ପରୋକ୍ଷରେ ସମର୍ଥନ କରୁଛି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ନିକଟରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଦାବିପତ୍ର ଦେଇଥିବାବେଳେ ବର୍ତ୍ତମାନ ଜିଲା ଦଳିତ ଏକତା ମଞ୍ଚ ତରଫରୁ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ କୋମନା ଥାନାକୁ ଯାଇ ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୪ଦିନ ମଧ୍ୟରେ କ'ଣ କରୁଛି ତାହା ଦେଖିବାକୁ ବାକି ରହିଲା ।

### ଅଟୋ- ବାଇକ୍ ଧକ୍କାରେ ଦୃଷ୍ଟିବାଧିତଙ୍କ ମୃତ୍ୟୁ

ଟିଟିଲାଗଡ଼, ୨୫।୪ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁର୍ସୁଡରୁ ଅର୍ଶାଡୁଲା ଆସୁଥିବା ବେଳେ ଟିଟିଲାଗଡ ସିନ୍ଧେକେଲା ରାସ୍ତାର ଦେଉଳି ଛକ ନିକଟରେ ଏକ ଅଟୋ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଅଟୋ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁରସୁଡ ଗ୍ରାମର ପରମାନନ୍ଦ ବେହେରା (୪୫) ଏବଂ ସେ ଜଣେ ଦୃଷ୍ଟିବାଧିତ ବୋଲି ଜଣାଯାଇଛି। ଦୁର୍ଘଟଣାରେ ଅର୍ଏଁଲାଭଟା ଗ୍ରାମର ବାଇକ ଆରୋହୀ ପବନ ମୁଗ୍ରୀ (୩୦) ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରମାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତ ବାଇକ ଚାଳକ ପବନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅଟୋରେ ପରମାନନ୍ଦଙ୍କ ସହ ବସିଥିବା ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୁଆ ଏବଂ ବାଇକ ଆରୋହୀ ପବନଙ୍କ ସହ ବସିଥିବା ତାଙ୍କ ସ୍ତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ସିନ୍ଧେକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଅଟୋ ଚାଳକ ଫେରାର ହୋଇଯାଇଥିବା ଜଣାଯାଇଛି। ଏ ନେଇ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଥିବା ସିନ୍ଧେକେଲା ଥାନା ଅଧିକାରୀ ରଞ୍ଜନ ବରିହା କହିଛନ୍ତି। ଅପରପକ୍ଷରେ ମୃତ ପରମାନନ୍ଦଙ୍କ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ସମାଜସେବୀଙ୍କ ପକ୍ଷରୁ ଟିଟିଲାଗଡ ଉପଜିଲାପାଳଙ୍କଠାରେ ଲିଖିତ ନିବେଦନ କରାଯାଇଛି।


CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY

BUSINESS

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ, ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ !!
07052133043
08419077960
Add : - 41/14, Sec.1, Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଭବାନୀପାଟଣାରେ ୩ ଦିନ ହେଲା ୪୦ ଡିଗ୍ରୀ ଉପରେ ପାରଦ

ଭବାନୀପାଟଣା,୨୬।୪(ଡି.ଏନ.ଏ.)- କଳାହାଣ୍ଡି ଜିଲାରେ ଗତ କିଛି ଦିନ ଧରି ପାରଦ ୪୦ ଡିଗ୍ରୀ ଉପରେ ରହୁଛି । ଫଳରେ ପ୍ରଚଣ୍ଡ ତାତି ସାଧାରଣ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି । ଜିଲାର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ନ ଯିବା ଓ ପାନୀୟ ଜଳର ବନ୍ଦୋବସ୍ତ କରା ନ ଯିବା ଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି । ଭବାନୀପାଟଣା ସହରରେ ଗତ ଏପ୍ରିଲ ୧୯ ତାରିଖରେ ୩୮ ଡିଗ୍ରୀ, ୨୦ରେ ୩୭ ଡିଗ୍ରୀ, ୨୧ ତାରିଖରେ ୩୮ ଡିଗ୍ରୀ, ୨୨ ତାରିଖରେ ୩୮.୫ ଡିଗ୍ରୀ ରହିଥିଲା । ୨୩ ତାରିଖରେ ୪୦ ଡିଗ୍ରୀ, ୨୪ ତାରିଖରେ ୪୦.୭ ଓ ୨୫ରେ ୪୧.୫ ଡିଗ୍ରୀ ତାପମାତ୍ରା ଥିବା ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ । ଗତ ତିନିଦିନ ହେବ ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳି ଏବଂ ବିଜୁଳି କାଟ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି । ରାଜ୍ୟ ସରକାର ସ୍କୁଲଗୁଡିକୁ ଗତ ଏପ୍ରିଲ ୧୮ ତାରିଖରୁ ଛୁଟି ଘୋଷଣା କରିଛନ୍ତି । କିନ୍ତୁ ବିଭିନ୍ନ କଲେଜରେ ବିଭାଗୀୟ ସେମିଷ୍ଟାର ପରୀକ୍ଷା ଶେଷ ହୋଇ ନ ଥିବାରୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି । ଦିନରେ ବସ ଯାତ୍ରୀମାନେ ତାତି ଯୋଗୁ ନାକେଦମ ହେଉଛନ୍ତି । ମଧ୍ୟାହ୍ନ ପରେ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ଯୋଗୁ ସହର ରାସ୍ତାଘାଟ ଶୂନଶାନ ହେଉଛି । ସହରାଞ୍ଚଳରେ ଜଳଛତ୍ର ଓ ପାଣି ଟ୍ୟାଙ୍କର ଠିକ୍ ଭାବରେ ଲାଗି ନ ଥିବାରୁ ପଥଚାରୀମାନେ ପାନୀୟ ଜଳ ପାଇଁ ଦହଗଞ୍ଜ ହେଉଛନ୍ତି । ଗ୍ରାମାଞ୍ଚଳରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ଥିଲେ ମଧ୍ୟ କାଁଭା ସ୍ଥାନରେ ଖୋଲାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି ।

### ବଫଲାମାଳି ଖଣି ତଳେ ଥିବା ଦୁର୍ମୁଷି ଗାଁ

# ଦୁର୍ବିଷହ ଜୀବନ ଜିଉଁଛନ୍ତି ଗ୍ରାମବାସୀ

ଭବାନୀପାଟଣା,୨୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଫଲାମାଳି ବକ୍ସାଇଟ୍ ଖଣି ତଳେ ଥିବା ଦୁର୍ମୁଷି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ବିଷହ ଜୀବନ ବିତାଉଛନ୍ତି। ଏଠାରେ ରାସ୍ତା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଜୁଳି ଆଦି ସେବା ଅପହଞ୍ଚ। ବଫଲାମାଳି ଖଣି ଖନନ ଏମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। କମ୍ପାନୀର ବର୍ଜ୍ୟବସ୍ତୁ ଯୋଗୁ ଗାଈଗୋରୁ ଓ ଜନଜୀବନ ପ୍ରଭାବିତ ହେଉଛି। ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ କୋଠା ରହିଛି। ଏଠାରେ ୮ ଶ୍ରେଣୀ ପାଇଁ ୩ ଶିକ୍ଷକ ଅଛନ୍ତି। କିନ୍ତୁ ଅନେକ ସମୟରେ ପ୍ରଧାନ ଶିକ୍ଷକ ଅନୁପସ୍ଥିତ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରୁ ଗୋପୀନାଥପୁରଠାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ଦୂରତା ୧୫ କି.ମି.। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଅଡ୍ରି ଓ ରାୟଗଡା ଜିଲା କାଶୀପୁର ବ୍ଲକ ଚନ୍ଦ୍ରଗିରୀ ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ଏହି ଗ୍ରାମବାସୀଙ୍କ ପାଇଁ ନିର୍ବାଚନ ସମୟରେ ନେତାମାନେ କେବଳ ପ୍ରତିଶ୍ରୁତି କରନ୍ତି। ନିର୍ବାଚନ ପରେ କାହାର ଦେଖା ମିଳେନାହିଁ। ପ୍ରତିଶ୍ରୁତି ପୁଣି ୫ ବର୍ଷ ପାଇଁ ପ୍ରତିଶ୍ରୁତିରେ ରହିଯାଏ। ବକ୍ସାଇଟ ଭରା ବଫଲାମାଳି ପାହାଡର ପାଦଦେଶରେ ଏହି ଗାଁର ଅବସ୍ଥିତି। ଗାଁରେ ୭୩ଟି ଆଦିବାସୀ ପେଙ୍ଗ କନ୍ଧ (ପରଜା) ସମ୍ପ୍ରଦାୟର ଲୋକ ବାସ କରନ୍ତି। ଏମାନଙ୍କ ଜନ ସଂଖ୍ୟା ୩୫୩ ଓ ୧୬୮ ଜଣ ମତଦାତା ରହିଛନ୍ତି। କିନ୍ତୁ ଏମାନଙ୍କ ପାଇଁ ମତଦାନ କେନ୍ଦ୍ରର ବ୍ୟବସ୍ଥା ନାହିଁ । ଫଳରେ ଲୋକେ ପାଦରେ ଚାଲି ୧୫ କି.ମି. ଦୂରରେ ଥିବା ଅଡ୍ରି ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଯାଆନ୍ତି। ଏହାଛଡା ରାଶନ ସାମଗ୍ରୀ, ବିଭିନ୍ନ ଭତ୍ତା ପାଇଁ ୧୫ କି.ମି. ଦୂର ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡେ। ଗାଁକୁ ଭଲ ରାସ୍ତା ନ ଥିବାରୁ ଜରୁରୀ ସମୟରେ ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନାକୁ ନେବାକୁ ପଡିଥାଏ। ଏହାଛଡା ବିଜୁଳି ବ୍ୟବସ୍ଥା ନ ଥିବାରୁ ଲୋକେ ଡିବିରି ଉପରେ ନିର୍ଭର କରନ୍ତି। ଗାଁରେ ଥିବା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ୫୨ ଜଣ ଛାତ୍ରୀଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ପ୍ରଧାନଶିକ୍ଷକ ଅଧିକାଂଶ ଦିନ ଅନୁପସ୍ଥିତ ରହୁଥିବାରୁ ଅନ୍ୟ ଦୁଇଜଣ ଶିକ୍ଷକ ଠିକ୍ ଭାବେ ଶିକ୍ଷାଦାନ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଏହାଛଡା ଗାଁରେ ଏକ ଅଙ୍ଗନୱାଡି କେନ୍ଦ୍ର ଥିଲେ ମଧ୍ୟ ସହାୟିକା ଆସନ୍ତି ନାହିଁ। ଫଳରେ ଶିଶୁ, ପ୍ରସୂତିମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ସଚେତନତା ଅଭାବରୁ ଲୋକେ ଏବେବି ରୋଗୀଙ୍କୁ ଝଡାଫୁଙ୍କା କରନ୍ତି ଓ ଚେରିମୂଳି ଦେଇଥାନ୍ତି। ଫଳରେ ବିଭିନ୍ନ ସମୟରେ ରୋଗୀଙ୍କ ମୃତ୍ୟୁ ଘଟିଥାଏ। ଏଠିକାର ଲୋକେ ଦୂଷିତ ପାଣି ବ୍ୟବହାର କରିବା ଯୋଗୁ ବିଭିନ୍ନ ସମୟରେ ଝାଡାବାନ୍ତି ଓ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଗାଁରେ ୨ଟି ନଳକୂଅ ରହିଥିଲେ ମଧ୍ୟ ତାହା ଅଚଳ ଥିବାରୁ ଲୋକେ ବାଧ୍ୟ ହୋଇ ବଫଲାମାଳିରୁ ବାହାରି ଥିବା ଝରଣ ପାଣିକୁ ବ୍ୟବହାର କରନ୍ତି। ଲୋକେ ଜଙ୍ଗଲ ଜମିରେ ପାରମ୍ପାରିକ କାଙ୍ଗୁ, କୋଶଲା, ମକା, ମାଣ୍ଡିଆ, କାନ୍ଦୁଲ ଆଦି ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଅପହଞ୍ଚ ଇଲାକା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ହେଲେ ଏହିସବୁ ଯୋଜନା ଲୋକଙ୍କ ପାଇଁ ମରିଚିକା ପାଲଟିଛି। ଅନ୍ୟପକ୍ଷେ ଗାଁର ଉପରେ ରହିଛି ବଫଲାମାଳି ବକ୍ସାଇଟ ଭରା ଖଣି। ଏହି ଖଣିରୁ ବକ୍ସାଇଟ ଖନନ କରି ଆସୁଛି ଉତ୍କଳ ଆଲୁମିନା କମ୍ପାନୀ। କମ୍ପାନୀ ନିଜ ଚୁକ୍ତିନାମା ଅନୁସାରେ ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଗାଁଗୁଡିକର ସାମୂହିକ ବିକାଶ ପାଇଁ ଅନୁଦାନ ଯୋଗାଇବା ବ୍ୟବସ୍ଥା ରହିଛି। କିନ୍ତୁ କମ୍ପାନୀ ତରଫରୁ ଗାଁଗୁଡି ଘର ଓ ଗାଁ ଭିତରେ ମାତ୍ର ୫୦ ମିଟରର ଏକ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରି ତାର କର୍ତ୍ତବ୍ୟ ସମ୍ପାଦିତ କରି ଦେଇଛି। ଏ ନେଇ ଲୋକେ ପ୍ରତିବାଦ କଲେ ମାସିକ ଭତ୍ତା ଏକ ହଜାରରୁ ୧୦ ହଜାର ଦେଇ ସେମାନଙ୍କ ମୁହଁ ବନ୍ଦ କରିବାକୁ ପ୍ରୟାସ କରୁଥିବା ଅଭିଯୋଗ ହେଉଛି। ଏଠାରେ ଖଣି ଖନନ କରାଯାଉ ଥିବାରୁ ଗ୍ରାମବାସୀଙ୍କ ଜୀବନ ଜୀବିକା ବିପଦରେ ରହିଛି। ଜଙ୍ଗଲରେ ଲୋକେ ବର୍ଷ ବର୍ଷ ଧରି ରହି ଆସୁଥିଲେ ମଧ୍ୟ ସ୍ଥାୟୀ ପଟ୍ଟା ମିଳିପାରି ନାହିଁ। ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ବର୍ଜ୍ୟବସ୍ତୁକୁ ଚାଷ ଜମିରେ ଫିଙ୍ଗି ଦେଉଥିବାରୁ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏହାଛଡା ପଥର ଖନନ ପାଇଁ ବ୍ୟବହୃତ ବିଭିନ୍ନ ରାସାୟନିକ ଓ ବିସ୍ଫୋରକ ସାମଗ୍ରୀ ଏଣେତେଣେ ପଡୁଥିବାରୁ ତାହା ବିପଦ ସୃଷ୍ଟି କରୁଛି। ଏହାର ପ୍ରଭାବ ମଧ୍ୟ ଗଛ ଓ ଘାସ ଉପରେ ପଡୁଛି। ଫଳରେ ଗତ ୨ ମାସ ମଧ୍ୟରେ ଗାଁର ୨୦ରୁ ଅଧିକ ଗାଈଗୋରୁଙ୍କ ମୃତ୍ୟୁ ଘଟିଲାଣି। ଏ ନେଇ କମ୍ପାନୀର ଜଣେ କର୍ମଚାରୀ ସୁଶାନ୍ତ ଧଳଙ୍କ ସହ ଯୋଗାଯୋଗ କରିବାରୁ ଗାଁ ଗୁଡି ଘର ଓ ଗାଁ ଭିତରେ ସିମେଣ୍ଟ ରାସ୍ତା ତିଆରି ବେଳେ ଚାଷୀମାନଙ୍କୁ ଆମ୍ବ ଚାରା ଯୋଗାଇ ଦିଆଯାଇଥିଲା। ଏହାଛଡା ସ୍ୱାସ୍ଥ୍ୟ ସେବା ମଧ୍ୟ ଯୋଗାଇ ଦିଆଯାଇଥିଲା। ଏସବୁ ସେବା ବର୍ତ୍ତମାନ ସାମୟିକ ଭାବେ ବନ୍ଦ କରାଯାଇଥିବା ପ୍ରକାଶ କରିଥିଲେ। ଜିଲା ପ୍ରଶାସନର ଗାଁର ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ବଫଲାମାଳି ଖଣି ତଳେ ଥିବା ଦୁର୍ମୁଷି ଗାଁ ଲୋକେ ।

- ରାଶନ ସାମଗ୍ରୀ, ଭତ୍ତା ପାଇଁ ୧୫ କି.ମି. ଦୂର ଯିବାକୁ ପଡ଼େ
- ରୋଗୀଙ୍କୁ ଖଟିଆରେ ବୋହି ନିଆଯାଇଥାଏ
- ଡିବିରି ଉପରେ ନିର୍ଭର କରନ୍ତି
- ମୌଳିକ ସୁବିଧାରୁ ବଞ୍ଚିତ

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜୁନାଗଡ଼,୨୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାର୍ଲିଛକ ନିକଟରେ ଗୁରୁବାର ରାତି ୧୧ଟାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ରମେଶ ପୋଢ (୨୨) ଓ ସେ ବ୍ଲକର ଗୌଡଛେଣ୍ଡିଆ ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ରମେଶ ଗୁରୁବାର ରାତିରେ ଏକ ବରାଯାତ୍ରି ଦଳ ସହ ଖସିଗୁଡା ଗ୍ରାମକୁ ଆସିଥିଲେ। ସେଠାରେ ତାଙ୍କ ଜଣେ ସମ୍ପର୍କୀୟ ବଣିଜରା ବେଲପଡାର ଲଛମନ ରାଉତଙ୍କ ସହ ଦେଖାହୋଇଥିଲା। ଏହାପରେ ସେମାନେ ରାତି ୧୧ଟାରେ ବଣିଜରା ବେଲପଡାକୁ ଏକ ବାଇକ୍ (ନଂ.ଓଆର୦୮ଡି-୮୭୫୪) ଯୋଗେ ଆସୁଥିଲେ । କାର୍ଲିଛକ ନିକଟରେ ଭାରସମ୍ୟ ହରାଇ ଏକ ନିମ୍ବ ଗଛରେ ପିଟି ହୋଇଥିଲେ। ଫଳରେ ଉଭୟ ରାସ୍ତାରେ ଛିଟିକି ପଡିଥିଲେ। ଏହି ଦୁର୍ଘଟଣାରେ ରମେଶ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ପୋଲିସଙ୍କ ସହାୟତାରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ରମେଶଙ୍କ ସହ ଥିବା ଲଛମନ ସାମାନ୍ୟ ଆହତ ହୋଇ ଚିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ହୋଇ ଘରକୁ ଫେରିଥିବା ଜଣାପଡିଛି। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ.୧୨୦/୧୯) ରୁଜୁ ହୋଇଥିବା ଜଣାପଡିଛି।

### କୃଷି ମହାବିଦ୍ୟାଳୟରେ ଅଭିଜ୍ଞତା ଭିତ୍ତିକ ମିଠାମକା ଚାଷ କାର୍ଯ୍ୟକ୍ରମ

## ଚାଷ ସମ୍ପର୍କରେ ଗ୍ରାହକଙ୍କୁ ବୁଝାଇଲେ ଛାତ୍ରୀଛାତ୍ର

- ଭବାନୀପାଟଣା ସାପ୍ତାହିକ ବଜାରରେ ବିକ୍ରି କଲେ

ଭବାନୀପାଟଣା,୨୬।୪ (ଡି.ଏନ.ଏ.)

କଳାହାଣ୍ଡି କୃଷି ମହାବିଦ୍ୟାଳୟ ଚତୁର୍ଥ ବର୍ଷର ଛାତ୍ରୀଛାତ୍ରମାନଙ୍କ ଏକ୍ସପେରିଆନ୍ସିଆଲ ଲର୍ଣ୍ଣିଂ ପ୍ରୋଗ୍ରାମ୍ (ଇଏଲ୍‌ପି)ରେ କ୍ଷେତ୍ର, କୃଷି ଉତ୍ପାଦନ ଓ ବିକ୍ରୟ ଅନୁଭୂତି ବର୍ଣ୍ଣନା କରିଥିଲେ। ସମ୍ପୂର୍ଣ୍ଣ ବୈଜ୍ଞାନିକ ପ୍ରଣାଳିରେ ଓ ବ୍ୟବସାୟିକ ଭିତ୍ତିରେ ମହାବିଦ୍ୟାଳୟ ପରିସରରେ ଚାଷ କରିଥିବା ମିଠାମକାକୁ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଭବାନୀପାଟଣା ସାପ୍ତାହିତ ହାଟରେ ବିକ୍ରି କରି ମିଠା ମକାର ଉପକାରିତା, ଗୁଣବତ୍ତା ଓ ବ୍ୟବସାୟିକ ଲାଭ ସମ୍ପର୍କରେ ବୁଝାଇଥିଲେ । ମହାବିଦ୍ୟାଳୟର ପାଠ୍ୟକ୍ରମକୁ ଭିତ୍ତି କରି ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ୬୩ଟି ଦଳରେ ବିଭକ୍ତ ହୋଇ ମହାବିଦ୍ୟାଳୟରେ ପରିସରରେ ବିଭିନ୍ନ ଚାଷ କରିଥିଲେ। ଏହି କ୍ରମରେ ମହାବିଦ୍ୟାଳୟର ଏସୋସିଏଟ୍ ଡିନ୍ ପ୍ରଫେସର୍ ଡ. ଶାନ୍ତନୁ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ପରିଚାଳନା ନିର୍ଦ୍ଦେଶକ ବଳଭଦ୍ର ପ୍ରସାଦ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ବ୍ୟବସାୟୀକ ଭିତ୍ତିରେ ମିଠା ମକା ଚାଷ କରିଥିଲେ । ଚତୁର୍ଥ ବର୍ଷର ଛାତ୍ର କ୍ଷୀରୋଦ କୁମାର ସାହୁ, ପ୍ୟାରୀମୋହନ ପୁରୋହିତ, ଦେବାଶିଷ ତ୍ରିପାଠୀ, ଜ୍ୟୋତିପ୍ରକାଶ ସ୍ୱାଇଁ, ରୁପଶ୍ରୀ ଖୁଣ୍ଟିଆ, ଶୁଭଶ୍ରୀ ପାଢୀ ଓ ଜାହ୍ନବୀ ଶବର ପ୍ରମୁଖ ୮ ଜଣ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ୍ଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଗାଇଡ୍ ଭାବେ ପରିଚାଳକ ଡ. ରାଜୀବ ଲୋଚନ ମହାରଣା ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ କର୍ତ୍ତବ୍ୟ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ଆସିଥିବା ଚାଷୀ ଭାଇମାନଙ୍କୁ ସେମାନେ ଚାଷ କରିଥିବା କ୍ଷେତ୍ର ପରିଦର୍ଶନ କରାଇ ଚାଷର ଜ୍ଞାନ କୌଶଳ ବିଷୟରେ ବୁଝାଇଥିଲେ।



ଛାତ୍ରୀଛାତ୍ରଙ୍କ ସହ ଗାଇଡ୍ ଏବଂ ଅନ୍ୟମାନେ ।

### ଦେଉଣ୍ଡି ପ୍ରାଥମିକ ବିଦ୍ୟାଳୟ

## ଅନୁପସ୍ଥିତି ସତ୍ତ୍ୱେ ଉପସ୍ଥାନରେ ରହୁଛି ଦସ୍ତଖତ

ଜୁନାଗଡ, ୨୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଉଣ୍ଡି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୨ ଶିକ୍ଷୟିତ୍ରୀ ପ୍ରାୟ ସମୟରେ ଅନୁପସ୍ଥିତି ରହୁଥିବା ଜଣାପଡିଛି। ଯେଉଁ ଦିନ ସେମାନେ ବିଦ୍ୟାଳୟକୁ ଆସୁଛନ୍ତି ସେହି ଦିନ ଅନୁପସ୍ଥିତି ରହିଥିବା ଦିନରେ ଦସ୍ତଖତ କରୁଛନ୍ତି। ଏପରି କି ରବିବାର ଛୁଟିଦିନ ମଧ୍ୟ ଜଣେ ଶିକ୍ଷୟିତ୍ରୀଙ୍କ ଉପସ୍ଥାନରେ ଦସ୍ତଖତ ରହିଥିବା ଦେଖିବାକୁ ମିଳୁଛି। ଏ ବିଷୟରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଯାହାକୁ ନେଇ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ବ୍ୟତିକ୍ରମକୁ ନେଇ ଗତ କିଛି ଦିନ ତଳେ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ (ବିଇଓ) ସୁଧାଂଶୁ ବାଳା ଦେବୀଙ୍କୁ ଏ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ସେତେବେଳେ ବିଇଓ ଏହାର ତଦନ୍ତ କରିବା ପାଇଁ ବିଆରସିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପରେ ବି ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ୨ ଶିକ୍ଷୟିତ୍ରୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିଙ୍କ ମଧ୍ୟରେ ଏବେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଯାହାକୁ ନେଇ ସାଧାରଣରେ ଏବେ ଶିକ୍ଷା ବିଭାଗ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ଏବିଇଓ/ବିଆରିସିସି ନବକିଶୋର ପାଢିଙ୍କୁ ପଚାରିବାରୁ ଉକ୍ତ ସ୍କୁଲ ପ୍ରଧାନଶିକ୍ଷକଙ୍କୁ କୁହାଯାଉଛି ଯେଉଁ ଦିନ ସମ୍ପୃକ୍ତା ୨ ଶିକ୍ଷୟିତ୍ରୀ ଉପସ୍ଥିତ ନ ରହିବେ ସେଦିନରେ ଉପସ୍ଥାନରେ ସିଏଲ୍ ଲେଖିବା ପାଇଁ ବୋଲି କହିଥିଲେ। ଅନ୍ୟପକ୍ଷରେ ରବିବାର ଦିନରେ ଶିକ୍ଷୟିତ୍ରୀ ଜଣକ ଉପସ୍ଥାନରେ ଦସ୍ତଖତ ଦେବା କଥା ବିଷୟରେ ପଚାରିବାରୁ ବିଆରସିସି ପାଢି ତାହା ଭୁଲରେ ଶିକ୍ଷୟିତ୍ରୀ ଜଣକ ଦସ୍ତଖତ ଦେଇଛନ୍ତି ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଦାବି କରିଛନ୍ତି।




ଦେଉଣ୍ଡି ପ୍ରାଥମିକ ବିଦ୍ୟାଳୟ

- ଗ୍ରାମବାସୀଙ୍କ ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ
- ସନ୍ଦେହରେ ଶିକ୍ଷା ବିଭାଗ

## କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

- ବାଉଁଶରେ ତିଆରି ସାମଗ୍ରୀ ଚାହିଦା କମୁଛି

ଭବାନୀପାଟଣା,୨୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ବୃହତ୍ତମ ସହର ଭବାନୀପାଟଣା ସହରରେ ସପ୍ତାହକୁ ୨ ଥର ମଙ୍ଗଳବାର ଓ ଶନିବାର ହାଟ ବସିଥାଏ। ବିଭିନ୍ନ ଗ୍ରାମାଞ୍ଚଳରୁ ଘରୋଇ ଉପକରଣ କିଣିବା ନିମନ୍ତେ ବହୁ ବାଟୋଇ ଏଠାକୁ ଆସିଥାନ୍ତି। ସେମାନଙ୍କ ପାଇଁ ବେପାରୀମାନେ ସ୍ଥାନେ ସ୍ଥାନେ ପସରା ଖୋଲିଥାନ୍ତି। କେତେକ ବେପାରୀ ଗୋଟିଏ ଦିନ ପୂର୍ବରୁ ହିଁ ନିଜ କୌଳିକ ହାତ ତିଆରି ବାଉଁଶରୁ ବିଭିନ୍ନ ପ୍ରକାର ସାମଗ୍ରୀ କୁଲା, ଟାଟ, ଚିଡି, ଟୋକେଇ, ଛପା, ତଲାରୀ ବିବାହ ଉପକରଣଠାରୁ ଆରମ୍ଭ କରି ଚାଷ ଉପକରଣ ସାମଗ୍ରୀ ହାଟରେ ବିକ୍ରି କରନ୍ତି। ସହରୀ ସଭ୍ୟତା ପ୍ରଭାବରେ ବାଉଁଶ କାରିଗର ନିଜର କୌଳିକ ବୃତ୍ତିକୁ ନେଇ ସଂଘର୍ଷ କରୁଛନ୍ତି। ଏବେ ଫାଇବର ଓ ପ୍ଲାଷ୍ଟିକରେ ନିର୍ମିତ ସାମଗ୍ରୀ କମ ଦାମରେ ଓ ସୁନ୍ଦର ଦେଖାଯାଉଥିବାରୁ ବାଉଁଶରେ ତିଆରି ସାମଗ୍ରୀର ଚାହିଦା କମିବାରେ ଲାଗିଛି।

ଏହି ବେଉସାକୁ ନେଇ ଭବାନୀପାଟଣା ପୌରାଞ୍ଚଳରେ ବାସକରୁଥିବା ବାଉଁଶ କାରୀଗରମାନେ ଚିନ୍ତାରେ ପଡ଼ିଛନ୍ତି। ଏମାନେ ବାଉଁଶରୁ ବିଭିନ୍ନ ଉପକରଣ ସାମଗ୍ରୀ ତିଆରି କରି ଲୋକଙ୍କ ଚାହିଦା ମେଣ୍ଟାଇ ଆସୁଛନ୍ତି। କିନ୍ତୁ ଏଭଳି ଜିନିଷର ଚାହିଦା ବହୁଳ ମାତ୍ରାରେ କମିଯାଇଛି ବୋଲି ସେମାନେ କହନ୍ତି। ସେମାନେ ପୁରୁଷାନୁକ୍ରମେ ଏହି କାମ କରି ଆସୁଛନ୍ତି। ବର୍ତ୍ତମାନ ବାଉଁଶ ମିଳିବା କଷ୍ଟ ହୋଇଛି। ବନ ବିଭାଗର କଟକଣା ଯୋଗୁ ଏହି କୌଳିକ ବୃତ୍ତିକୁ ଆପଣାଇବା ପାଇଁ ଯୁବପିଢି ପଛଘୁଞ୍ଚା ଦେଉଛନ୍ତି। ଏହି ବୃତ୍ତିକୁ ଆଗେଇ ନେବା ପାଇଁ ସେମାନଙ୍କୁ କଞ୍ଚାମାଲ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ମିଳୁ ନ ଥିବା ଜଣାପଡିଛି। ଏବେ ବଜାରରେ ବାଉଁଶ ତିଆରି ସାମଗ୍ରୀର ମୂଲ୍ୟ ଯାହା ରହିଛି ସେଥିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। କିଛି ବର୍ଷ ପୂର୍ବେ ଏହି ଅଞ୍ଚଳରେ ବହୁ ସଂଖ୍ୟକ ପରିବାର ବସ୍ତି ସ୍ଥାପନ କରି ରହି ଆସୁଥିଲେ। ବର୍ତ୍ତମାନ ୫୦ରୁ ଊର୍ଦ୍ଧ୍ୱ ପରିବାର ଏଠାରେ ରହୁଛନ୍ତି। ଦୈନନ୍ଦିନ ପେଟପାଟଣା ପାଇଁ ଖରା, ବର୍ଷା ଓ ଶୀତରେ ମଧ୍ୟ ବାଉଁଶ ବୁଣିବା କାମ କରିଆସୁଛନ୍ତି। ଦିନ ସାରା ପରିଶ୍ରମ କରି ଗୋଟିଏ ସାମଗ୍ରୀ ତିଆରି କଲେ ପରିଶ୍ରମର ମୂଲ୍ୟ ଦିନମଜୁରୀଠାରୁ କମ୍ ପଡିଥାଏ। ଏବେ ବାଉଁଶ ଦର ବୃଦ୍ଧି କାରଣରୁ କାରିଗରୀ ଓ ପାରିଶ୍ରମିକ ମୂଲ୍ୟ ଆଦାୟ ହେଉନାହିଁ। ସେମାନଙ୍କ ପିଲାମାନେ ଏହି କାମ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସରକାରୀସ୍ତରରେ ବାଉଁଶ ହସ୍ତକଳାକାର ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଲେ କୌଳିକ ବୃତ୍ତିକୁ ସେମାନେ ବଞ୍ଚାଇ ରଖିପାରିବେ ବୋଲି ପ୍ରକାଶ କରିଛନ୍ତି।



ବାଉଁଶ କାରିଗର କାମରେ ବ୍ୟସ୍ତ ଅଛନ୍ତି ।

- କୌଳିକ ବୃତ୍ତିକୁ ନେଇ ସଂଘର୍ଷ କରୁଛନ୍ତି
- ପରିଶ୍ରମ ମୂଲ୍ୟ ଦିନ ମଜୁରିଠାରୁ କମ୍

## ୫୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ନିଯୁକ୍ତିମେଳାରେ ସାମିଲ

ଭବାନୀପାଟଣା,୨୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ଶାନ୍ତପୁର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଓରମାସ୍ ଆନୁକୂଲ୍ୟରେ ଶାନ୍ତପୁର ସରପଞ୍ଚ ଟିକେଧର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅଞ୍ଚଳର ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ନେଇ ଏକ ନିଯୁକ୍ତ ମେଳା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ଆଶିଷ ମିଶ୍ର, ଭୁବନେଶ୍ୱରରୁ ଆସିଥିବା କଟନ ବ୍ଲସମ୍ ପ୍ରକଳ୍ପ ପରିଚାଳକ ଅଜିତ ପାଣିଗ୍ରାହୀ, ନର୍ଲା ବିଏଲ୍‌ସି ପ୍ରଭାଶିନୀ ଏକ୍କା ପ୍ରମୁଖ ଉପସ୍ଥିତ ରହି ୫୦ରୁ ଊର୍ଦ୍ଧ୍ୱ ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ସରକାରଙ୍କ ନିଯୁକ୍ତିମେଳା ଯୋଜନା ଉପରେ ବୁଝାଇବା ସହ ସିଲେଇ ମେଶିନ୍ ଜରିଆରେ ରୋଜଗାର କ୍ଷମ ହେବା ଓ ବିଭିନ୍ନ ସଂସ୍ଥାରେ ଆତ୍ମନିଯୁକ୍ତି କିଭଳି ପାଇପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶାନ୍ତପୁର ସରପଞ୍ଚ ତଥା କାର୍ଯ୍ୟକ୍ରମ ସଭାପତି ସାହୁ ସ୍ୱାଗତ ଭାଷଣ ପରିବେଷଣ କରି ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଭିଆର୍‌ପି ମଞ୍ଜୁଲତା ସାହୁ ପରିଚାଳନା କରିଥିଲେ। ସରକାରଙ୍କ ଯୋଜନା ଅନୁସାରେ ପଞ୍ଚମ ଶ୍ରେଣୀରୁ ଊର୍ଦ୍ଧ୍ୱ ପାଠପଢିଥିବା ବେକାର ଯୁବତୀଯୁବକମାନଙ୍କୁ ତାଲିମ ପ୍ରଦାନ ପରେ ସରକାରୀ ତଥା ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ବିଭିନ୍ନ ସଂସ୍ଥାଗୁଡିକରେ ନିଯୁକ୍ତି ପ୍ରଦାନ କରାଯିବ । ତାଲିମଗୁଡିକ ମଧ୍ୟରେ ୩ ମାସ, ୬ ମାସ, ୯ ମାସ ଓ ୧ ବର୍ଷର ତାଲିମ ବ୍ୟବସ୍ଥା ରହିଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି । ଏଥିସହ ଯୁବକ ଯୁବତୀ ୩ ରୁ ୬ ମାସ ତାଲିମ ନେଇ ନିଯୁକ୍ତି ପାଇଥିଲେ ସେମାନଙ୍କୁ ମାସିକ ୮ ହଜାର, ୯ ମାସ ତାଲିମ କରିଥିବା ଯୁବକ ଯୁବତୀଙ୍କୁ ୧୦ ହଜାର ଓ ୧ ବର୍ଷ ତାଲିମ ନେଇଥିବା ଯୁବତୀଯୁବକଙ୍କୁ ୧୨ ରୁ ୧୫ ହଜାର ପର୍ଯ୍ୟନ୍ତ ମାସିକ ଦରମା ଦିଆଯିବ ବୋଲି କହିଥିଲେ। ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ଏହା ଉପାର୍ଜନ କ୍ଷମ କରିବ ବୋଲି ସାହୁ କହିଥିଲେ। ଶେଷରେ ଭିଏଲ୍‌ସି ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ନିଯୁକ୍ତି ମେଳାରେ ଯୋଗଦେଇଥିବା ଯୁବତୀଯୁବକ ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ଟ୍ରାକ୍ଟର ସହ ଶାଗୁଆନ ଗଣ୍ଡି ଜବତ, ୨ ଗିରଫ

**ଲାଠୋର, ୨୬।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନବିଭାଗ ଶୁକ୍ରବାର ସକାଳେ ପାଟ୍ରୋଲିଂ କରୁଥିବା ସମୟରେ ବାଗଡିଆଠାରେ ଟ୍ରାକ୍ଟର ସହ ଶାଗୁଆନ ଗଣ୍ଡି ଜବତ କରିଛି। ଫୁଲକିମୁଣ୍ଡାରୁ ସାହାଜପାଣିକୁ ଶାଗୁଆନ ଗଣ୍ଡି ଚାଲାଣ ହେଉଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯାଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ସାହାଜପାଣିର ନୃପ ଧରୁଆ ଏବଂ ଟ୍ରାକ୍ଟର ଡ୍ରାଇଭର ଗୋବର୍ଦ୍ଧନ ଭୁଏ। ଜବତ କାଠଗଣ୍ଡିର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କା। କାଠ ଚାଲଣରେ ବ୍ୟବହୃତ ଟ୍ରାକ୍ଟର ନଂ.ଓଆର୧୭ଇ୩୭୫୯କୁ ଜବତ କରିଛି ବନ ବିଭାଗ। ଏ ନେଇ ଲାଠୋର ରେଞ୍ଜରେ ଏକ ମାମଲା(ନଂ. ୧୭/୧୯-୨୦)ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାର ସୂଚନା ଦେଇଛନ୍ତି। ଚଢାଉରେ ଫରେଷ୍ଟର ନବକିଶୋର ଦାଶ ଏବଂ ପାରା ଫରେଷ୍ଟ କର୍ମଚାରୀ ସାମିଲ ଥିଲେ।

### ପେପର ମିଲ ଶ୍ରମିକଙ୍କ ପାଉଣା ମାମଲା: ଦ୍ୱିତୀୟ ଦିବସ ଆଲୋଚନା ବିଫଳ

**ଟିଟିଲାଗଡ଼, ୨୫।୪ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଚୋରମରା ପେପର ମିଲ ମାଲିକ ଶ୍ରମିକଙ୍କ ପାଉଣା ପ୍ରଦାନ ନେଇ ଶୁକ୍ରବାର ହୋଇଥିବା ଆଲୋଚନା ବିଫଳ ହୋଇଛି। ୨୮୨ ଜଣ ଶ୍ରମିକଙ୍କ ବକେୟା ମଜୁରି ଟଙ୍କା ତଥା ଶ୍ରମିକଙ୍କ ଏଲଆଇସି ଏବଂ ଇପିଏଫ ବାବଦକୁ ପାଉଣାରୁ ଟଙ୍କା କାଟିଥିଲେ ମଧ୍ୟ ମାଲିକ ପ୍ରଦାନ କରି ନ ଥିଲେ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ୨୦୧୦-୧୧ରେ ବନ୍ଦ ହୋଇଯାଇଥିବା ଏହି କାରଖାନା ସମ୍ପ୍ରତି ପୁଣି କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ଶ୍ରମିକ ବକେୟା ପାଉଣା ଏବଂ ପୁନଃନିଯୁକ୍ତି ଦାବି କରିଛନ୍ତି। ଏନେଇ ଗତ ସୋମବାର ଶ୍ରମିକ ଟିଟିଲାଗଡ ଉପଜିଲାପାଳଙ୍କ ଠାରେ ଫେରାଦ ହୋଇ ନିରାଶ ହୋଇଥିଲେ। ମଙ୍ଗଳବାର ଶ୍ରମିକ କାରଖାନା ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାକୁ ନେଇ କାରଖାନା କର୍ତ୍ତୃପକ୍ଷ ଧାରଣାରତ ଶ୍ରମିକମାନେ କାରଖାନାକୁ ଢେଲା ପଥର ମାଡ କରିଥିବା ଟିଟିଲାଗଡ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ପୋଲିସର ଡାକରା ପାଇ ଶ୍ରମିକମାନେ ଗତ ଦୁଇ ଦିନ ଧରି ଟିଟିଲାଗଡ ଥାନାକୁ ଆସିଥିଲେ। ଶୁକ୍ରବାର ଥାନାରେ କାରଖାନା ମାଲିକ, ପୋଲିସ ଏବଂ ଶ୍ରମିକଙ୍କ ମଧ୍ୟରେ ପୁଣି ଥରେ ଆଲୋଚନା ହୋଇଥିଲା। ଆସନ୍ତା ମଙ୍ଗଳବାର ଦିନ ପୁଣି ଆଲୋଚନା ପାଇଁ ମାଲିକ ସମୟ ଲୋଡିଥିବା ଜଣାଯାଇଛି।

■ କରାମାଡ,ବସନ୍ତରୋଗ ଓ ପୋକ ଯୋଗୁ କେନ୍ଦୁପତ୍ର ନଷ୍ଟ

# କମିବ କେନ୍ଦୁପତ୍ର ସଂଗ୍ରହ

**ଦେଓଗାଁ,୨୬।୪(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ସବୁଜ ହୀରା ଭାବେ ପରିଗଣିତ କେନ୍ଦୁପତ୍ର ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ କ୍ଷତିଯୋଗୁଁ ଲକ୍ଷ୍ୟହ୍ରାସ ଘଟିବା ନିଶ୍ଚିତ ହୋଇଛି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କେନ୍ଦୁପତ୍ର ରେଞ୍ଜ ଓ ବନ୍ଧପଡା କେନ୍ଦୁପତ୍ର ରେଞ୍ଜରେ ପ୍ରତିବର୍ଷ ଉତ୍କୃଷ୍ଟ ମାନର କେନ୍ଦୁପତ୍ର ସଂଗ୍ରହ ହୋଇ ବାହାରକୁ ରପ୍ତାନୀ ହୋଇଥାଏ। ଏଥିରୁ ସରକାର ବ୍ୟାପକ ଲାଭାଂଶ ପାଉଥିବା ବେଳେ କେନ୍ଦୁପତ୍ର ତୋଳାଳି, ଶ୍ରମିକ, କର୍ମଚାରୀଙ୍କ ପରିବାର ପ୍ରତିପୋଷଣ ହୋଇଥାଏ। ଚଳିତ ବର୍ଷ ବାରମ୍ବାର କରାମାଡ ପରେ ପତ୍ରମାନଙ୍କରେ ବସନ୍ତ ରୋଗ ଓ ପୋକ ଲାଗିବା ଦ୍ୱାରା କେନ୍ଦୁପତ୍ରଗୁଡିକ ବ୍ୟାପକଭାବେ ନଷ୍ଟ ହୋଇଥିବାରୁ ବିଭାଗ ପାଇଁ ଚିନ୍ତାର କାରଣ ସାଜିଛି।

ବିଭାଗୀୟ ସୂଚନା ଅନୁସାରେ, ଦେଓଗାଁ ରେଞ୍ଜରେ ଗତବର୍ଷ ୩୩୧୫ କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ୩୩୫୪କୁଇଣ୍ଟାଲ ସଂଗ୍ରହ ହୋଇଥିଲା। କିନ୍ତୁ ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ମାତ୍ର ୧୨ଶହରୁ ୧୫ଶହ କୁଇଣ୍ଟାଲ ସଂଗ୍ରହ ହେବା ଅନୁମାନ ରହିଥିବା ରେଞ୍ଜର ଭିକାରୀ ଚରଣ ମିଶ୍ର କହିଛନ୍ତି। ସେହିପରି ବନ୍ଧପଡା ରେଞ୍ଜର ୪୧ଟି ଫଡିରୁ ଗତବର୍ଷ ୨୭୮୦ କୁଇଣ୍ଟାଲ ଧାର୍ଯ୍ୟ ରହିଥିବା ବେଳେ ୨୭୭୨.୨ କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ ହୋଇଥିଲା। ତେବେ ଚଳିତବର୍ଷ କ୍ଷତି ଯୋଗୁଁ ୧୫ଶହରୁ ୨ହଜାର କୁଇଣ୍ଟାଲ ମଧ୍ୟରେ ରହିବ ବୋଲି ଭାରପ୍ରାପ୍ତ ରେଞ୍ଜର ସୂର୍ଯ୍ୟକାନ୍ତ ନାୟକ କହିଛନ୍ତି। ସମଗ୍ର ଓଡିଶାରେ ପଶ୍ଚିମ ଓଡିଶାରୁ ରେକର୍ଡମାତ୍ରାରେ କେନ୍ଦୁପତ୍ର ସଂଗ୍ରହ ହେଉଥିବା ବେଳେ ଏଠାକାର ତୋଳାଳି ଓ ଶ୍ରମିକଙ୍କୁ ଠିକ ସମୟରେ ପାଉଣା ଓ ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗ ହେଉଛି। ଜନୈକ ବିଭାଗୀୟ ଅଧିକାରୀ କହିବା ଅନୁସାରେ ବଲାଙ୍ଗୀର ଜିଲା ତଥା ବିଶେଷ କରି ଦେଓଗାଁ ରେଞ୍ଜରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ୯୩ ପ୍ରତିଶତରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ସଂଗ୍ରହ ହେଉଛି। ହେଲେ ଏଠାକାର ତୋଳାଳି ଓ ଶ୍ରମିକଙ୍କୁ ସାରା ରାଜ୍ୟର ମାନଦଣ୍ଡ ଅନୁସାରେ ବୋନସ ଓ ଅନ୍ୟାନ୍ୟ ସରକାରୀ ସହାୟତା ମିଳୁଥିବାରୁ ଏଠାକାର ତୋଳାଳି, ବନ୍ଧେଇ ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏଣୁ ରେଞ୍ଜମାନଙ୍କ କାର୍ଯ୍ୟକୁ ଦୃଷ୍ଟିରେ ରଖି ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଗଲେ ସମସ୍ତଙ୍କ ମଧ୍ୟରେ ଏକପ୍ରକାରର ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେବ ବୋଲି ମତପ୍ରକାଶ ପାଇଛି।



ବନ୍ଧପଡା ରେଞ୍ଜ ଅଞ୍ଚଳରେ କେନ୍ଦୁପତ୍ର ତୋଳା କାର୍ଯ୍ୟ ଚାଲିଛି।

## ହରିଶଙ୍କର ଝରଣାରେ ଗାଧୋଇବାକୁ ନେଇ ଗଣ୍ଡଗୋଳ

### ଜଣେ ଗୁରୁତର, ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

**ଖପ୍ରାଖୋଲ, ୨୬।୪(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ଝରଣାରେ ଗାଧୋଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଖପ୍ରାଖୋଲ ଥାନାରେ ଶୁକ୍ରବାର ଉଭୟ ପକ୍ଷରୁ ଅଭିଯୋଗ ହେବା ସହ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଗାଧୋଇବା ବେଳେ ଦେହରେ ପାଣି ପଡିବାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ପଣ୍ଟୁ ପଧାନୀ(୧୮) ନାମକ ଜଣେ ଯୁବକ ଗୁରୁତର ହୋଇ ଚେତା ହରାଇଲା ପରେ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପିଣ୍ଟୁଙ୍କ ଭାଇ ଦୁର୍ବାଦଳ ପଧାନୀଙ୍କ ଅଭିଯୋଗ ଅନୁସାରେ ଖପ୍ରାଖୋଲ ଥାନାରେ ଦଫା ୨୯୪, ୩୨୩, ୫୦୬ ଓ ୩୪ରେ ବଲାଙ୍ଗୀରର ରାଜା ନାଏକ, କୃଷ୍ଣ ବେହେରା, ଭବାନୀ ବେହେରା ନାଁରେ ଏକ ମାମଲା(ନଂ. ୬୧/୧୯) ରୁଜୁ କରାଯାଇଥିଲା। ସେହିପରି ଅଚ୍ୟୁତ ବେହେରାଙ୍କ ଅଭିଯୋଗ ଅନୁସାରେ ଦଫା ୨୯୪, ୩୨୩, ୫୦୬, ୩୫୫ ଓ ୩୪ରେ ହରିଶଙ୍କରର ବିଶି ପଧାନୀ, ପିଣ୍ଟୁ ଓ ଡାକ୍ତରଙ୍କ ନାମରେ ଏକ ମାମଲା(ନଂ.୬୨/୧୯)ରୁଜୁ ହୋଇଛି। ଏ ନେଇ ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ହରିଶଙ୍କର ଏକ ପୁଣ୍ୟକ୍ଷେତ୍ର ହୋଇଥିବାବେଳେ ପ୍ରତିଦିନ ଏଠାକୁ ହଜାରହଜାର ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଏଭଳି ଗଣ୍ଡଗୋଳ ଅନେକ ସମୟରେ ହେଉଥିବାବେଳେ ପୋଲିସ୍ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସ୍ଥାନୀୟ ଦୋକାନୀ, ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଚନ୍ଦ୍ରପୁର ରାମଲୀଳା: କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ବଧ

**ଦେଓଗାଁ,୨୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁରରେ ଚାଲିଥିବା ରାମଲୀଳା ନାଟ୍ୟାଭିନୟର ୧୩ତମ ଦିବସରେ କୁମ୍ଭକର୍ଣ୍ଣ ବଧ ଏବଂ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ବହୁ ସଂଖ୍ୟାରେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ନାଟକରେ ରାମ ଭୂମିକାରେ ଯୁଗାନ୍ତ ଭୋଇ, ସୀତା ଠନ ନାଗ, ଲକ୍ଷ୍ମଣ ସୁଦାମ କୁଦେଇ, କୁମ୍ଭକର୍ଣ୍ଣ ସୁରଥ ଧରୁଆ, ସୁଗ୍ରିବ ସେଲୁ ପଟେଲ, ହନୁମାନ ଲିଙ୍ଗ ଭୋଇ, ଅଙ୍ଗଦ ମାନସ ଭୋଇ, ଇନ୍ଦ୍ରଜିତ ରମାକାନ୍ତ ମିଶ୍ର, ବିଭୀଷଣ ଭୋପାଳ ପଧାନ,ସାରଥି ପଞ୍ଚାନନ ମଲ୍ଲିକ, ରାବଣ ପ୍ରସନ୍ନ କୁମାର ମଲ୍ଲିକଙ୍କ ନିଖୁଣ ଅଭିନୟ ସମସ୍ତଙ୍କୁ ଆକର୍ଷିତ କରିପାରିଛି।



ରାମଲୀଳା ୧୩ ତମ ଦିବସରରେ ଇନ୍ଦ୍ରଜିତ ବଧର ଏକ ଦୃଶ୍ୟ।

୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଘଟଣା

## ପୀଡ଼ିତାଙ୍କୁ ଭେଟିଲେ ଜିଲା ଆଇନସେବା ପ୍ରାଧିକରଣ ସଚିବ

**ବଲାଙ୍ଗୀର ଅଫିସ, ୨୬।୪**

ବଲାଙ୍ଗୀର ସଦର ଥାନା ଅଞ୍ଚଳରେ ଗତ ୨୦ ତାରିଖ ଜଣେ ୩ ବର୍ଷର ଶିଶୁକନ୍ୟାକୁ ଜଣେ ୧୪ ବର୍ଷର ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡିତା ଅସୁସ୍ଥ ହୋଇପଡିବାରୁ ତାକୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ଆଶାପୂର୍ଣ୍ଣା ମହାପାତ୍ର ହସପିଟାଲକୁ ଯାଇ ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଯୋଗାଇ ଦିଆଯିବାକୁ ଥିବା ଆଇନଗତ ସହାୟତା ଓ ସହାୟତା ରାଶି ସମ୍ପର୍କରେ ପରାମର୍ଶ ଦେଇଥିଲେ। ପୀଡିତାଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ଦରଖାସ୍ତ ଫର୍ମ ପୂରଣ କରିଥିଲେ। ସଚିବ ମହାପାତ୍ରଙ୍କ ସହ ପ୍ରାଧିକରଣର ରଜନୀକାନ୍ତ ରଥ, ସମୀର ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

■ ଗାଁ ସ୍କୁଲରୁ ଦୁଇଥର ଟିସି ନେଲେ

## ଆଦର୍ଶ ବିଦ୍ୟାଳୟରେ ନାଁ ଲେଖାବାରୁ ବଂଚିତ୍ ଛାତ୍ର ଦିବ୍ୟରଞ୍ଜନ

**ଲୋଇସିଂହା,୨୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗାଁର ଛାତ୍ର ଦିବ୍ୟରଞ୍ଜନ ନାଗଙ୍କର ଭବିଷତ ସଂଗେ ଆଦର୍ଶ ବିଦ୍ୟାଳୟ କତ୍ତୁରପକ୍ଷ ଖେଲ୍ ଖେଲୁଥିବାର ଅଭିଯୋଗ ହେଇଛେ। ତାହାକୁ ଆଡମିଶନ ଲାଗି ଆଦର୍ଶ ବିଦ୍ୟାଳୟ ତରଫୁ ଦୁଇଦୁଇ ଥର ଡାକରା ହେଇଥିଲା। ସ୍କୁଲରୁ ଟିସି ନେଇ ଆଡମିଶନ ଲାଗି ଗଲେ ନାନା ବାହାନା କରି ତାହାକୁ ନିରାଶ କରି ଫିରେଇ ଦେଉଥିଲେ। ଇଥିରେ ପୁଓ ଦିବ୍ୟରଞ୍ଜନ ମାନସିକ ଆଘାତ ପାଇଥିବାର ତାକର ବାପା ମଧୁ ନାଗ ଅଭିଯୋଗ କରିଛନ୍। ଦିବ୍ୟରଞ୍ଜନ ଗାଁର ପ୍ରାଥମିକ ବିଦ୍ୟାଳୟନେ ୬ଷ୍ଠ ଶ୍ରେଣୀରେ ପଢୁଛନ୍। ଚଲତି ବଛର ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଲାଗି ସେ ଆବେଦନ କରିଥିଲେ। ଗଲା ମାର୍ଚ୍ଚ ୨୪ ତାରିଖ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଦେଇଥିଲେ ଦିବ୍ୟରଞ୍ଜନ। ସେଥିରେ ଦିବ୍ୟରଞ୍ଜନ ୨୦ ନମ୍ବର ରଖି ନାଁ ଲେଖାବାକେ ମନୋନୀତ ହେଇଥିବାର କଥା ଆଦର୍ଶ ବିଦ୍ୟାଳୟ କତ୍ତୁରପକ୍ଷ ତାକର ବାପା ମଧୁ ନାଗଙ୍କୁ ଫୋନକରି କହିଥିଲେ। ଇଥିରଲାଗି ମଧୁ ଗଲା ୧୯ ତାରିଖ ଥାନୀୟ ସ୍କୁଲରୁ ଟିସି ନେଇ ଆଦର୍ଶ ବିଦ୍ୟାଳୟରେ ପୁଓର ନାଁ ଲେଖାବାକେ ଯାଇଥିଲେ। ସେଦିନ ୨୩ ମାର୍କ ରଖିଥିବାର ଛାତ୍ରମାନକର ନାଁ ଲେଖାଯାଉଥିବାର କଥା କହିଥିଲେ ଦାୟିତିଅରେ ଥିବାର କରମଚାରୀ। ଯେନ୍‌ଥିରଲାଗି ବାପ୍ ପୁଓ ମୁହୁଁକାନ୍ ଶୁଖେଇ ନିରାଶ ହେଇ ଘରକେ ଫିରିଥିଲେ। ପଛେ ୨୨ ତାରିଖ ଗାଁ ସ୍କୁଲରେ ଫେନ୍ ଦିବ୍ୟରଞ୍ଜନର ନାଁ ଲେଖେଇଥିଲେ ତାକର ବାପା। ଗାଁ ସ୍କୁଲରେ ନାଁ ଲେଖାବାର ଘଁଟା କେତେଟା ଉତାରୁ ମଧୁଙ୍କର ପାସକେ ଆଦର୍ଶ ବିଦ୍ୟାଳୟରୁ ଫେନ୍‌ଘାଏ ପୁଓର ନାଁ ଲେଖାବାକେ ଫୋନ୍ ଆସିଥିଲା। ମଧୁ ଗାଁ ସ୍କୁଲକେ ଯାଇ ସବୁ କଥା କହିଥିଲେ। ଗାଁର ସ୍କୁଲ କତ୍ତୁରପକ୍ଷ ଆଦର୍ଶ ବିଦ୍ୟାଳୟ କତ୍ତୁରପକ୍ଷଙ୍କର ସଂଗେ କଥା ହେଇ ଫେନ୍‌ଘାଏ ଦିବ୍ୟରଞ୍ଜନର ଟିସି ଦେଇଥିଲେ। ସେଠାନ୍‌କେ ଆଡ଼ମିଶନ ଲାଗି ବାପ୍ ପୁଓ ପୁହୁଁଚିଲା ଉତାରୁ ଦାୟିତିଅରେ ଥିବାର କରମଚାରୀ ଝନକ ସବୁ ସିଟ ପୂରନ ହେଇଯାଇଥିବାର କହି ଫିରେଇ ଦେଇଥିଲେ। ମଧୁ ନାଗ ଅଭିଯୋଗ କରିଛନ୍ ଯେ, ଝନେ ଛାତ୍ରୀ ୧୬ ନମ୍ବର ରଖି ନାଁ ଲେଖେଇଥିବାର ସେ ଖବର ପାଇଥିବାର କହିଛନ୍। ହେଲେ ଦିବ୍ୟରଞ୍ଜନ ୨୦ ନମ୍ବର ରଖି କାହିଁର ଲାଗି ନାଁ ଲେଖେଇ ନାଇଁପାରଲା ବଲି ସେ ପ୍ରଶ୍ନ କରିଛନ୍। ଇ ବାବ୍‌ଦେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସୁଶ୍ରୀ ସମନ୍ୱିତା ଷଡ଼ଙ୍ଗୀ କହିଛନ୍ ଯେ, ଇଟା ପହେଲା ଘଟନା ନୁହେ। ଏନ୍ତା ୩ଟା ଘଟନା ସାମନାକେ ଆସିଛେ। ଅଭିଭାବକମାନେ ସିଲେକ୍ଟ ଲିଷ୍ଟ ନାଇଁଦେଖି, ମେରିଟ ଲିଷ୍ଟ ଦେଖି ସ୍କୁଲରୁ ଟିସି ଆନି ନାଁ ଲେଖାବାକେ ପଲେଇ ଆସୁଛନ୍। ସ୍କୁଲରୁ କେହେନ୍‌ସି ପରକାର ଫୋନ୍ ନାଇଁଯାଇ, ତାକର ଝନେ ଲାଗେଲେସର ଇଠାନେ କାମ୍ କରୁଛନ୍। ସେ ଯଦି କହିଥିଲେ ମୁଇଁ ନାଇଁ କହିପାରେ ବଲି ସେ କହିଥିଲେ।



ବାପାର ସଂଗେ ଦିବ୍ୟରଞ୍ଜନ ଶେଷଥର ସ୍କୁଲରୁ କାଟିଥିବାର ଟିସିକେ ଦେଖଉଛନ୍।

■ ଗ୍ରାମୀଣ ଆବାସ ଯୋଜନାର ସମୀକ୍ଷା ବୈଠକ

## ଅସମ୍ପୂର୍ଣ୍ଣ ଗୃହ ତୁରନ୍ତ ଶେଷ କରିବାକୁ ଗୁରୁତ୍ୱ

**ସଇଁତଲା, ୨୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଘୁନସର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ବେଲଗାଁ, ଭଦ୍ରା, ଘୁନସର, ଶିସକେଲା ଓ କଅଁସର ପଞ୍ଚାୟତକୁ ନେଇ କ୍ଲଷ୍ଟରସ୍ତରୀୟ ଗ୍ରାମୀଣ ଆବାସ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଦୀପ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ କାର୍ଯ୍ୟାଦେଶ ପାଇ ଘର ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀମାନଙ୍କୁ ଉକ୍ତ ସମୀକ୍ଷା ବୈଠକକୁ ଡକାଯାଇ କେଉଁ କାରଣ ଯୋଗୁଁ ଘର କାମ ସମ୍ପୂର୍ଣ୍ଣ ହୋଇନାହିଁ ତାହା ଉପରେ ଆଲୋଚନା କରିଥିଲେ। ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ତ୍ୱରାନ୍ୱିତ କରିବା ସହ ସମ୍ପୂର୍ଣ୍ଣ କରିବାକୁ ବିଡିଓ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଗୃହ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ନ କଲେ ହିତାଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ ଗୃହ ନିର୍ମାଣ କାର୍ଯ୍ୟ ଯଥା ଶୀଘ୍ର ସମାପ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଡିଏଆରଏଚ ବିଷ୍ଣୁପ୍ରିୟା ମାଝୀ, ବିପିଏ ଦୁଷ୍ମନ୍ତ ସାହୁ, ଡବ୍ଲୁଇଓ ଗୌରୀ ଶଙ୍କର ମାଝୀ, ବିଏଲସି-୧ ଦୁଲଣା ବାଗ, ବିଏଲସି-୨ ଅମୀର ପଧାନ, ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ଦେହୁରୀ, ପ୍ରଭାତ କୁମାର ସେଠୀଙ୍କ ସହ ସମସ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସରପଞ୍ଚ, ଗ୍ରାମ ରୋଜଗାର ସେବକ, ନୋଡାଲ ଅଧିକାରୀ, ଜିଓଟେଗ ଉପସ୍ଥିତ ଥିଲେ। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ଏହି କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବ୍ଲକସ୍ତରରେ ଗଠିତ ଦୁଇଟି ଟିମ ବିଭିନ୍ନ ପଞ୍ଚାୟତ ଗସ୍ତ କରିବା ସହ ଗୃହ ନିର୍ମାଣ କାର୍ଯ୍ୟରତଦାରଖ କରିବେ ଏବଂ ଗୃହ ନିର୍ମାଣ କିଭଳି ସମ୍ପୂର୍ଣ୍ଣ ହୋଇ ପାରିବ ସେ ନେଇ ପଦକ୍ଷେପ ନେବେ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି। ଗୁରୁବାର ବୁଢ଼ାବାହାଲ ପଞ୍ଚାୟତରେ ଗୁରୁବାର ଆମ୍ବପାଲି, ଢୁଙ୍ଗୁରିପାଲି, ବୁଢ଼ାବାହାଲ, କନ୍ଧକେଲଗାଁ ଓ କେରମେଲି ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାର ସମୀକ୍ଷା ହୋଇଥିଲା।



ବୈଠକରେ ଉପସ୍ଥିତ ଅଧିକାରୀ ଓ ହିତାଧିକାରୀ।

## ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ବିବାଦ

**ଲୋଇସିଂହା,୨୫।୪(ଡି.ଏନ.ଏ.)**

### ଥାନାରେ ଫେରାଦ ହେଲେ ଛେଳବାହାଲ ଗ୍ରାମବାସୀ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଛେଳବାହାଲ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ବିବାଦ ଉପୁଜିଛି। ମାମଲାଟି ଥାନା ପର୍ଯ୍ୟନ୍ତ ଯାଇଛି। ଏଥିପାଇଁ ପ୍ରଶାସନିକ ଉଦାସୀନତାକୁ ଗ୍ରାମବାସୀ ଦାୟୀ କରିଛନ୍ତି। ଗ୍ରାମର ସାମୂହିକ କାମରେ କେବଳ ୧୦ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରେ ଶତାଧିକ ଗ୍ରାମବାସୀ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଭିଯୋଗକାରୀଙ୍କ ଦେଖା ନ ମିଳିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଯୋଗକାରୀଙ୍କୁ ଡାକିବାକୁ ଗ୍ରାମବାସୀ ଅଟଳ ରହି ଥାନା ଆଗରେ ବସି ରହିଥିଲେ।

ଘଟଣାରୁ ପ୍ରକାଶ ଯେ, ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ୨ ୱାର୍ଡ ବିଶିଷ୍ଟ ଛେଳବାହାଲ ଗାଁକୁ ସୌଭାଗ୍ୟ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି। କାମ ପାଇଥିବା ଠିକାଦାର ୨ମାସ ତଳୁ ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଗତ ମାର୍ଚ୍ଚ ୩ ତାରିଖ ଗ୍ରାମର ଅଙ୍ଗନୱାଡି ଆଗରେ ଥିବା ସରକାରୀ ଜମିରେ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମବାସୀଙ୍କ ସହମତି ନେଇ ଠିକାଦାର ବିଦ୍ୟୁତ୍ ଖୁଣ୍ଟ ପୋତିବା ପାଇଁ ଗାତ ଖୋଳିଥିଲେ। ଏତିକିବେଳେ ଗ୍ରାମ ହରିଜନବସ୍ତିର ଦୁଇଜଣ ବ୍ୟକ୍ତି ନିଜର ରୟତି ଜମି ଦାବି କରି ଏହାକୁ ବିରୋଧ କରିଥିଲେ। ଏହାପରେ ଗ୍ରାମବାସୀ ଜାଗାର ଚିହ୍ନଟ ପାଇଁ ଲୋଇସିଂହା ତହସିଲଦାର, ଆରଆଇ, ସ୍ଥାନୀୟ ଥାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଶେଷରେ ଦୁଇଦିନ ତଳେ ବିଦ୍ୟୁତ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଗାଁକୁ ଯାଇ ଟ୍ରାନ୍ସଫର୍ମର ବସାଇବା ପାଇଁ ଜାଗା ଦେଇ ନ ଥିବାରୁ କାମ ଫେରିଯିବ ବୋଲି କହିଥିଲେ। ଏହାପରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନ, ସମିତିସଭ୍ୟ ହେମାଳ ମେଶ୍ରା, ୱାର୍ଡସଭ୍ୟ ଜୟ କୁମାର ଭୂଏ, ମଧୁ ପଧାନଙ୍କୁ ନେଇ ଗ୍ରାମବାସୀ ବୈଠକ ବସିଥିଲେ। ସେହି ସ୍ଥାନ ସରକାରୀ ଜଗା ହୋଇଥିବାରୁ ଟ୍ରାନ୍ସଫର୍ମର ବସାଇବାକୁ ନିଷ୍ପତ୍ତି ନେଇଥିଲେ। ଗୁରୁବାର ସକାଳେ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଠିକା କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟ ବସାଇଥିଲେ। ଏହାପରେ ପୂର୍ବରୁ ବିରୋଧ କରିଥିବା ଜଣେ ବ୍ୟକ୍ତି ଗ୍ରାମର ୧୦ ଜଣଙ୍କ ବିରୋଧରେ ଥାନାରେ ଏତାଲା ଦେଇଛନ୍ତି। ଏହି ଘଟଣାରେ ପୋଲିସ ସେମାନଙ୍କୁ ଥାନାକୁ ଡାକିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସାମୂହିକ ଭାବେ ଥାନାକୁ ଆସି ଘେରାଉ କରିଥିଲେ। କାହାର ରୟତି ନୁହେଁ, ସରକାରୀ ଜମିରେ କାମ ହୋଇଥିବା ଆଇଆଇସିଙ୍କ ଅନୁପସ୍ଥିତିରେ ଏଏସଆଇ ଜଗା ବରିହାଙ୍କୁ କହିଥିଲେ। ଅଭିଯୋଗକାରୀ ଅନୁପସ୍ଥିତ ରହିଥିବାରୁ ସମସ୍ୟାର କୌଣସି ସମାଧାନ ହୋଇ ପାରିନାହିଁ।



ଥାନା ଆଗରେ ବସି ରହିଥିବା ଛେଳବାହାଲ ଗ୍ରାମବାସୀ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ -ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ବେକରିରୁ ଚୋରି

ଟିଟିଲାଗଡ଼, ୨୫।୪ (ଡି.ଏନ.ଏ)- ଟିଟିଲାଗଡ ନିକଟସ୍ଥ ଦେଶିଲରେ ଥିବା ଏକ ବେକରିରୁ ଗତ ରାତିରେ ଚୋରି ହୋଇଛି। ଅଫିସ ଟେବୁଲର ସେଫରୁ ଚୋର ୧୮ ହଜାର ଟଙ୍କା ଏବଂ ଦୁଇଟି ମୋବାଇଲ ଚୋରି କରି ନେଇଛି। ସକାଳୁ ଚୋରି ହୋଇଥିବା ନେଇ ମାଲିକ ପ୍ରକାଶ ଗୋୟଲ ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ବେକରିରେ ଲାଗିଥିବା ସିସିଟିଭି ଚିତ୍ରକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### କ୍ୟାନ୍ସର ନିରୂପଣ ଶିବିର

ଟିଟିଲାଗଡ, ୨୫।୪ (ଡି.ଏନ.ଏ) ଟିଟିଲାଗଡର ରାଜଜ୍ୟୋତି ସେବା ସମିତି ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ କ୍ୟାନସର ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ସଚେତନତା ସଭାରେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲରୁ ବିଶେଷଜ୍ଞ ଡା. ପି.କେ. ସ୍ୱାଇଁ ଯୋଗଦେଇ କ୍ୟାନସର ରୋଗର ଭୟାବହତା ନେଇ ସତର୍କ କରାଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସତର୍କ ହେଲେ କ୍ୟାନସର ଶୀଘ୍ର ଠିକ ହୋଇପାରିବ ବୋଲି ଡା. ସ୍ୱାଇଁ କହିଛନ୍ତି। ପ୍ରତ୍ୟେକ ମାସ ଚତୁର୍ଥ ଶୁକ୍ରବାର ମାଗଣା କ୍ୟାନସର ନିରୂପଣ ଶିବିର ଅନୁଷ୍ଠିତ ହେବ ବୋଲି ସମିତି ସଭାପତି ଦୀପକ ସାହୁ କହିଛନ୍ତି।

### ବେଲପାହାଡ଼ରେ ୪୩ ଡିଗ୍ରୀ

ବେଲପାହାଡ଼,୨୬।୪ (ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଗତ ସପ୍ତାହ ଧରି ଅଞ୍ଚଳରେ ତାପମାତ୍ରା ୪୧ ଡିଗ୍ରୀ ଥିବା ବେଳେ ଶୁକ୍ରବାର ତାପମାତ୍ରା ୪୩ ଡ଼ିଗ୍ରୀରେ ପହଞ୍ଚିଛି। ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପରିବେଶ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ ଏହା ସର୍ବାଧିକ ତାପମାତ୍ରା ଭାବେ ରେକର୍ଡ଼ କରାଯାଇଛି । ଆଗକୁ ତାପମାତ୍ରା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତାପମାତ୍ରା ବୃଦ୍ଧି ନେଇ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲୋକଙ୍କ ଯାତାୟାତ ଯଥେଷ୍ଟ ହ୍ରାସ ପାଇଛି। ଲୋକେ ସନ୍ଧ୍ୟା ୭ଟା ପରେ ଦୋକାନ ବଜାର ପାଇଁ ଘରୁ ବାହାରୁଛନ୍ତି। ପ୍ରବଳ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିବା ବେଳେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରିଦେଇଛି। ଅନ୍ୟପକ୍ଷେ ଶୁକ୍ରବାର ସକାଳରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସହରାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପରିଲକ୍ଷିତ ହୋଇଥିଲା।

### ଆମ୍‌କୋ ସିମ୍‌କୋ ଶହୀଦ ଦିବସ ପାଳନ ପ୍ରଭାବହୀନ

ରାଉରକେଲା ଅଫିସ,୨୬।୪

ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ତଥା ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ କୁହାଯାଉଥିବା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ରାୟବଗା ପଞ୍ଚାୟତ ଅଧୀନ ଆମ୍‌ସୋ ସିମ୍‌କୋ ଶହୀଦ ପୀଠରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳିତକୁ ଗୌଣ ତଥା ପ୍ରଭାବହୀନ କରାଯିବା ନେଇ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ଶାନ୍ତନୁ କୁସୁମ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ବାଚନ କଟକଣା ଆଳରେ ଆମ୍‌କୋ ସିମ୍‌କୋ ଶହୀଦ ଦିବସ ପାଳନକୁ ଗୁରୁତ୍ୱହୀନ କରାଯିବା ଘଟଣାକୁ ସେ ନାପସନ୍ଦ କରିଛନ୍ତି। ଏହା ଦେଶ ପ୍ରେମ ପ୍ରତି ଅସମ୍ମାନ ବୋଲି ସେ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଯେଉଁ ସଂଗ୍ରାମୀଙ୍କ ବଳିଦାନ ଯୋଗୁ ଦେଶ ସ୍ୱାଧୀନ ହେଲା ସେମାନଙ୍କ ପ୍ରତି ଅବହେଳା ମନୋଭାବ ପୋଷଣ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଶହୀଦଙ୍କୁ ସ୍ମରଣ ପୂର୍ବକ ତାଙ୍କ ସ୍ମୃତି ଚାରଣ କରିବା ଜିଲା ପ୍ରଶାସନର ନୈତିକ କର୍ତବ୍ୟ। ଏହାକୁ କେବେ ଅଣଦେଖା କରାଯାଇ ପାରିବନି। ଦେଶପ୍ରେମ ବିନା ଦେଶର ଅଖଣ୍ଡତା ଓ ବୈଭବତା ସ୍ୱପ୍ନ ଭଳି ଘଟଣା। ଦେଶ ପ୍ରେମର ବାର୍ତ୍ତା ବହନ କରୁଥିବା ଏଭଳି ଏକ ଉତ୍ସବକୁ ଗୌଣ କରାଯିବା ଠିକ୍ ହୋଇ ନାହିଁ ବୋଲି କୁସୁମ କହିଛନ୍ତି। ଜିଲା ପ୍ରଶାସନ ଏନେଇ ଆଗାମୀ ଦିନରେ ଯତ୍ନବାନ ହେଲେ ଏହା ଆମ ପରମ୍ପରାକୁ ଋଦ୍ଧିମନ୍ତ କରିବ ବୋଲି କୁସୁମ ଆଶା ବ୍ୟକ୍ତ କରିଛନ୍ତି।

## ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

# ଛାତ୍ରୀଛାତ୍ରଙ୍କ ନିଖୁଣକଳା ଦର୍ଶକଙ୍କ ମନମୋହିଲା

ଝାରସୁଗୁଡା ଅଫିସ୍/ଲଖନପୁର, ୨୬।୪ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ରାଧେଶ୍ୟାମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଗଞ୍ଜାମ ବ୍ଲକର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସୁଶିଲ କୁମାର ବାଗ୍ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ସିଡବ୍ଲୁଏସ୍ ଜିଏମ୍ ଭରତ ଭୂଷଣ ଡାକରିଆ, ମୁଖ୍ୟବକ୍ତା ଲଖନପୁର ଏବିଇଓ ସୁରେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ଦେବେଶ କୁମାର ଅତିଥି ପରିଚୟ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସ୍କୁଲ ଅଧକ୍ଷା ମଧୁସ୍ମିତା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ନିର୍ଦ୍ଦେଶନାରେ କୁନିଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଛାତ୍ରୀଛାତ୍ରଙ୍କ ନିଖୁଣକଳା ଦର୍ଶକଙ୍କ ମନ ମୋହିଥିଲା। ସମ୍ପାଦକ ଦେବେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।




ଫଟୋ କ୍ୟାପ୍‌ସନ୍

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଦ୍ମପୁଷ୍ପ ହୋଇ ସେ କିସ୍ କରଇ**
**ବାସ ଯେବେ ତା'ର ନାହିଁ**
**ବଣମଲ୍ଲୀ ହେଉ ବାସ ତା'ର ଥାଉ**
**ଭ୍ରମରା ତାହାକୁ ବାଇ ।**

ପଦ୍ମଫୁଲ ବାସହୀନ ଯୋଗୁ ଭ୍ରମରକୁ ଆକର୍ଷିତ କରିପାରି ନ ଥାଏ। ପରନ୍ତୁ ମଲ୍ଲୀ ବଣରେ ଫୁଟିଥିଲେ ମଧ ତା' ବାସ୍ନା ବା ମହକରେ ଆକୃଷ୍ଟ ହୋଇ ଭଅଁର ସେ ଫୁଲ ପାଖକୁ ଉଡ଼ି ଆସିଥାଏ। ପରୋକ୍ଷରେ ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରି ଥାନ୍ତି। ତେବେ ରୂପ ସୁନ୍ଦର ହୋଇଥିଲେ ମଧ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତା'ହେଲେ ସେ ସେତେ ଆଦର ସମ୍ମାନ ପାଇ ପାରି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପରରେ କି ମାନ ?**
**ବନସ୍ତରେ କି ରୋଦନ ?**

ସାଧାରଣତଃ ନିଜ ଲୋକ ଉପରେ ରାଗ ରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ, କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ସେହିପରି ଘଞ୍ଚ ଅରଣ୍ୟ ମଧ୍ୟରେ ରୋଦନ ବା କ୍ରନ୍ଦନ କଲେ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ରହି ନ ଥାଏ। ନିଜର ଦୁଃଖ ଶୁଣାଇବାକୁ ପାଖରେ କେହି ରହିବା ନିହାତି ବାଞ୍ଛନୀୟ ଅନ୍ୟଥା ଏସବୁ ବ୍ୟର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍ସ ପବ୍ଲିଶର୍ସ

## ୩ ଦିନ ପରେ ବିବାଦ ତୁଟିଲା

# ସ୍ୱାଭାବିକ ହେଲା କୋଇଲା ପରିବହନ

ବ୍ରଜରାଜନଗର,୨୬।୪(ଡି.ଏନ.ଏ.)

ବ୍ରଜରାଜନଗର ଅଞ୍ଚଳରେ ୩ ଦିନ ଧରି ବନ୍ଦ ରହିଥିବା ରୋଡସେଲ୍ କୋଇଲା ପରିବହନ ଶୁକ୍ରବାର ସ୍ୱାଭାବିକ ହୋଇଛି। ଟ୍ରକ୍‌ମାଲିକ ସଂଘ ଏବଂ କୋଲ ମୁଭରସ୍ ସଂଘ ମଧ୍ୟରେ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଛି। ଟ୍ରକ ମାଲିକଙ୍କର ଦାବି ଅନୁଯାୟୀ ପ୍ରତ୍ୟେକ ପରିବହନକାରୀ ସଂସ୍ଥା ୧୦ ଦିନ ମଧ୍ୟରେ ଟ୍ରକ ମାଲିକଙ୍କ ଭଡା ପ୍ରଦାନ କରିବେ। ହେଲେ ୧୦ ଦିନ ମଧ୍ୟରେ ଭଡା ପ୍ରଦାନ ନ କଲେ ସେମାନଙ୍କ କମିଶନ ମିଳିବ ନାହିଁ। ପୂର୍ବରୁ ଏପରି ବାକି ରଖିଥିବା ସମସ୍ତ ଟଙ୍କା ୧୫ଦିନ ମଧ୍ୟରେ ପ୍ରଦାନ କରିବେ। ଯେଉଁ ପରିବହନକାରୀ ସଂସ୍ଥା ୧୫ଦିନ ମଧ୍ୟରେ ଭଡା ଟଙ୍କା ପ୍ରଦାନ ନ କରିବ ପରିବହନକାରୀ ସଂସ୍ଥା ସଭାପତିଙ୍କ ପକ୍ଷରୁ ଉକ୍ତ ପରିବହନକାରୀ ସଂସ୍ଥାକୁ ବ୍ଲାକ୍ ଲିଷ୍ଟ କରାଯିବ। ଅନ୍ୟପକ୍ଷେ ଟ୍ରକ ମାଲିକମାନେ ଏକା ସାଙ୍ଗରେ୨ଟି ଖଣିରୁ କୋଇଲା ପରିବହନ କରନ୍ତି ତେବେ ତାଙ୍କୁ ମଧ ବ୍ଲକ୍ ଲିଷ୍ଟ କରାଯିବ। ଗାଡ଼ି ମାଲିକ ଏବଂ ପରିବହନକାରୀ ସଂସ୍ଥାଙ୍କ ମଧ୍ୟରେ ଉତ୍ତମ ବୁଝାମଣାରେ ପରିବହନ ଚାଲିବ ବୋଲି ଆଲୋଚନାରେ ନିଷ୍ପତ୍ତି ନିଆଯାଇଥିଲା। ପରେ ଶୁକ୍ରବାର କୋଇଲା ଲୋଡିଂ ଆରମ୍ଭ ହୋଇଛି। ଆଲୋଚନାରେ ଟ୍ରକ ମାଲିକ ସଂଘ ସଭାପତି ଅମୀୟ ସାମଲ ଏବଂ ପରିବହନ ସଂସ୍ଥା ସଭାପତି ଅଜିତ ଧଳଙ୍କ ସହ ଟ୍ରକମାଲିକମାନେ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ପ୍ରତାରଣା: ଯୁବକ ଗିରଫ

ଝାରସୁଗୁଡା ଅଫିସ୍/ଲଖନପୁର, ୨୬।୪ (ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବଡମାଲ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ଯୁବତୀ ଜଣକ ଗର୍ଭବତୀ ଥିବା ଜାଣି ଯୁବକ ଜଣକ ଫେରାର୍ ହୋଇଯାଇଥିଲେ। ଏନେଇ ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇଥିବା ନେଇ ବଡମାଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୭୪/୧୮) ରୁଜୁ କରି ତଦନ୍ତ କରିଥିଲା। ହେଲେ ଘଟଣାର ୬ମାସ ପରେ ବଡମାଲ ଥାନା ପୋଲିସ ଫେରାର ଥିବା ଯୁବକଙ୍କୁ ଶୁକ୍ରବାର ରାଉରକେଲାରୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଲଇକେରା ବ୍ଲକ ପୁଡେଇଡିହି ଗ୍ରାମର ଜିତେନ୍ଦ୍ର ବାଗ(୨୬)। ପୋଲିସ ତଦନ୍ତ ବେଳେ ଗିରଫ ଜିତେନ୍ଦ୍ର ସମ୍ବଲପୁର, ରାଉରକେଲା ଅଞ୍ଚଳର ଅନ୍ୟ କେତେଜଣ ଯୁବତୀଙ୍କୁ ପ୍ରେମଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ନେଇ ଅଭିଯୋଗ ରହିଥିବା ଥାନା ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି।

## ଶୀତଳେଶ୍ୱର ବାବା ଯାତ୍ରା କମିଟି ଗଠିତ

ସମ୍ବଲପୁର,୨୬।୪(ବ୍ୟୁରୋ)

ସମ୍ବଲପୁର ବଡବଜାରସ୍ଥିତ ଶୀତଳେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀଯାତ୍ରା କମିଟି ଗଠିତ ହୋଇଛି ସଭାପତି ସୁରେନ୍ଦ୍ର ମହାନ୍ତି, ଉପସଭାପତି ରଜେଶ କୁମାର କାଲେନୋରିଆ, ସୁରୁବାବୁ ମେହେର, ରାମ ସିଂ, ଅମୂଲ୍ୟ ପଟ୍ଟନାୟକ, ସଂପାଦକ ଭାବେ ସରୋଜ ସାହୁ ମନୋନିତ ହୋଇଛନ୍ତି। ଅନ୍ୟପକ୍ଷେ ସଂପାଦକ ଜୟନ୍ତ ମେହେର, ଅରୁଣ ଅଜାଡିୱାଳ, ଶଙ୍କର ପ୍ରସାଦ ମହାକୁଡ, ଶେଷଦେବ ବଡମାଲି, କୋଷାଧ୍ୟକ୍ଷ ନୀଳାମ୍ବର ପଣ୍ଡା, ସହ କୋଷାଧକ୍ଷ ଦିଲୀପ ସାହୁ, ସଞ୍ଜୀବ ମେହେର, ନବୀନ ବାଗ, ରିଙ୍କୁ ପ୍ରଧାନ, ଡମ୍ବରୁ ମେହେରଙ୍କୁ ଚୟନ କରାଯାଇଛି। ସେହିପରି ଶ୍ୟାମଲାଲ ଡନସେନା, ରଞ୍ଜିତ ଦେବ, ଶଙ୍କର ଶର୍ମା, ମଣ୍ଟୁ ସାହୁ, ବୁଦ୍ଧ ଦେବ ପ୍ରଧାନ, ରାମଦାସ ପଣ୍ଡା, କୁନ୍ଦନ ପ୍ରଧାନ, ଅଶୋକ ପଟେଲ, ସୁବ୍ରତ ପଣ୍ଡା, ଗୋବିନ୍ଦ ବିଶି ପ୍ରମୁଖ ବିଭିନ୍ନ ପଦ ପଦବୀରେ ରହିଛନ୍ତି। ସରୋଜ ସାହୁ ମିଡିଆ ପ୍ରଭାରୀ ଭାବେ ଚୟନ ହୋଇଛନ୍ତି।

# ମୁଥମାଡ଼ରେ ଜଣେ ମୃତ, ନାବାଳକ ଅଟକ

ଲଖନପୁର,୨୬।୪(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ସମରବଗା ଖଡିଆପଡ଼ାରେ ଗୁରୁବାର ରାତିରେ ଜଣେ ନାବାଳକଙ୍କ ମୁଥମାଡରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ଆହତ ଅବସ୍ଥାରେ ତାଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ଚିକିତ୍ସାପାଇଁ ଝାରସୁଗୁଡା ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତି ଜଣକ ହେଲେ ଗ୍ରାମର ଗୋବର୍ଦ୍ଧନ ଖଡିଆ(୫୦)। ଖବରପାଇ ପୋଲିସ ଘଟଣାସ୍ଥଳରେ ହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ ପୁଅ ସରୋଜ ରେଙ୍ଗାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା(ନଂ.୬୭/୧୯) ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୋଲିସ ଗ୍ରାମର ଜଣେ ନାବାଳକଙ୍କୁ ଅଟକରଖି ପଚରାଉଚୁରା ଚଳାଇଛି। ସୂଚନାଯୋଗ୍ୟ, ପଡ଼ାରେ ଜଣେ ନାବାଳକଙ୍କ ସହ ଅନ୍ୟଜଣେ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ଗୋବର୍ଦ୍ଧନ ସେମାନଙ୍କୁ ଝଗଡା ନ କରିବା ପାଇଁ ବାରଣ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତହୋଇ ନାବାଳକ ଜଣକ ଗୋବର୍ଦ୍ଧନଙ୍କୁ ଧକ୍କାମାରି ତଳେ ପକାଇ ତାଙ୍କ ମୁହଁକୁ ମୁଥ ମାରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ । ପୁଅ ସରୋଜ ବାପାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE FINANCE

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY ASTROLOGY

BUSINESS BUSINESS

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ !!
07052133043
08419077960
Add : - 41/14, Sec.1, Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜୱାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### କ୍ରୀଡ଼ା କୌଶଳ ସମିତିକୁ ମନୋନୀତ ହେଲେ ସତ୍ୟନାରାୟଣ

**ରାଉରକେଲା ଅଫିସ,୨୬।୪-** ମ୍ୟୁନିସିପାଲ କଲେଜ ରାଉରକେଲା କ୍ରୀଡ଼ା ଶିକ୍ଷକ ତଥା ଏନ୍‌ସିସି ଅଫିସର କ୍ୟାପଟେନ ସତ୍ୟନାରାୟଣ ରାଉତ ସ୍କୁଲ ଗେମ୍ସ ଫେଡେରେସନ ପକ୍ଷରୁ ଟେକନିକାଲ କମିଟି ସଦସ୍ୟ ଭାବେ ମନୋନିତ ହୋଇଛନ୍ତି। ଓଡ଼ିଶାର ଏକମାତ୍ର ସଭ୍ୟ ଭାବେ ମନୋନିତ ରାଉତଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏନେଇ ରାଜସ୍ଥାନ ଗୋଟାନଠାରେ ଆୟୋଜିତ ସମିତି ବୈଠକରେ ଏଭଳି ନିଷ୍ପତି ନିଆଯାଇଛି। ଏଥିରେ କ୍ୟାପଟେନ ରାଉତ ଯୋଗ ଦେଇଥିବା ବେଳେ ତାଙ୍କୁ ୨ଟି କମିଟିରେ ସ୍ଥାନ ମିଳିବା ଘୋଷଣା କରାଯାଇଥିଲା। ଆଗାମୀ ଦିନରେ ସେ ୮ଟି ସର୍ବଭାରତୀୟସ୍ତରର ଖେଳକୁଦ ତଦାରଖ ସହ କୌଶଳ ପ୍ରଦାନ ନେଇ ତାଲିମ ଦେବାକୁ ପରାମର୍ଶ ଦିଆ ଯାଇଛି।

### ସାହିତ୍ୟିକ ଭୂପେନ୍ ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ,୨୬।୪-** ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଭୂପେନ ମହାପାତ୍ରଙ୍କୁ ଗତ ୨୧ତାରିଖରେ ମାନ୍ଦ୍ରାଜ ଉତ୍କଳ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସୁପ୍ରିମ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ଅତିଥିଭାବେ ଯୋଗଦେଇ ମହାପାତ୍ରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ସାହିତ୍ୟିକ ଭୂପେନ ୮୦ ଦଶକର ପ୍ରଥମ ଭାଗରେ ମାନ୍ଦ୍ରାଜ ପୋର୍ଟରେ ଅବସ୍ଥାପିତ ଥିବାବେଳେ ଡାକ୍ତର କବିପ୍ରସାଦ ମିଶ୍ର, ପ୍ରଫେସର ଆନଏନ ମାଝି ଓ ଇଞ୍ଜିନିୟରିଂ କରୁଥିବା କେତେଜଣ ଓଡ଼ିଆ ଛାତ୍ରଙ୍କ ସହାୟତାରେ ଉତ୍କଳ ଆସୋସିଏଶନ ଗଠନ କରିଥିଲେ। ଆୟୋଜିତ ପ୍ରଥମ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ମନୋଜ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଭୂପେନ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମ ବାସ୍ତବରେ ଅଭିଭୂତ କରିଛି ବୋଲି କହିଥିଲେ। ଉତ୍କଳୀୟ ସଂସ୍କୃତିକୁ ରାଜ୍ୟ ବାହାରେ ପ୍ରଚାର ପ୍ରସାର କରିବା ନେଇ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ରଜତ କର ଯୋଗଦେଇ ଓଡ଼ିଶା ଭାଷା ସଂସ୍କୃତି ଏବଂ ଐତିହ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ଶତାଧିକ ଓଡ଼ିଆ ଉପସ୍ଥିତ ଥିଲେ।

ବଡ଼ଗାଁ ରାମଲୀଳା ଯାତ୍ରା ମହୋତ୍ସବ ଉଦ୍‌ଯାପିତ

# ରାବଣ ବଧକରି ଫେରିଲେ ଶ୍ରୀରାମଚନ୍ଦ୍ର

**ବଡ଼ଗାଁ, ୨୬।୪ (ଡି.ଏନ.ଏ.)**

୧୪ ଦିନ ଧରି ଚାଲିଥିବା ବଡ଼ଗାଁର ମୁକ୍ତମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରା ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଛି। ବିଗତ ରାତିରେ ମୁଖ୍ୟ ବିଷୟବସ୍ତୁ ଲଙ୍କାକାଣ୍ଡରେ ରାମ, ରାବଣଙ୍କ ମଧ୍ୟରେ ଯୁଦ୍ଧ, ଲଙ୍କାରେ ଦାନବ ନିପାତ ଦୃଶ୍ୟ ପ୍ରଦର୍ଶିତ ହୋଇଯାଇଛି। ତନ୍ମଧ୍ୟରେ ଲକ୍ଷ୍ମଣଙ୍କୁ ଶକ୍ତିଭେଦ, ହନୁମାନଙ୍କ ଦ୍ୱାରା ହିମାଳୟରୁ ବିଶଲ୍ୟକରଣୀ ଆଣିବା, ଇନ୍ଦ୍ରଜିତ ବଧ, କୁମ୍ଭକର୍ଣ୍ଣ, ତରଣୀସେନ ବଧ, ରାମ, ଲକ୍ଷ୍ମଣ ନାଗଫାଶରୁ ମୁକ୍ତି, ବିଭିନ୍ନ ଚିତାକର୍ଷକ ନୃତ୍ୟ, ହାସ୍ୟରସାତ୍ମକ ଅଭିନୟ ପରେ ପ୍ରବଳ ପ୍ରତାପୀ ରାବଣଙ୍କୁ ରାମଚନ୍ଦ୍ର ବଧ କରିଥିଲେ। ଲଙ୍କାରେ ରାବଣର ଭାଇ ବିଭୀଷଣଙ୍କୁ ଅଭିଷିକ୍ତ କରାଇ ସୀତାଙ୍କୁ ଉଦ୍ଧାର ପରେ ହନୁମାନ, ଜାମ୍ବବାନ, ନଳ,



ରାମ, ଲକ୍ଷ୍ମଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଉଛି।

ନୀଳ, ସୁଗ୍ରୀବ, ସୁଷେଣ ଆଦି ଯୋଦ୍ଧାମାନେ ରାମଙ୍କ ସହିତ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାମଙ୍କ ରାଜ୍ୟାଭିଷେକ ପରେ ଯାତ୍ରା ଉଦ୍‌ଯାପିତ ହୋଇଛି। ଅଯୋଧ୍ୟା ରୂପକ ବଡ଼ଗାଁବାସୀ ଘରେ ଘରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ରାମ, ଲକ୍ଷ୍ମଣ, ସୀତାଙ୍କୁ ଶୋଭାଯାତ୍ରା ବେଳେ ଭକ୍ତି ସୁମନ ଓ ସ୍ୱାଗତ ଜଣାଇଥିଲେ। ଗ୍ରାମବାସୀ ଓ ଛାମୁଣ୍ଡାର ସିଦ୍ଧେଶ୍ୱର ଆଦିବାସୀ ନୃତ୍ୟ ଦଳ ନୃତ୍ୟଗୀତ ସହିତ ପରଭାରେ ଶ୍ରୀରାମଙ୍କୁ ଦେବମଣ୍ଡପ ନେଇ ସେଠାରେ ଅଭିଷିକ୍ତ କରାଇଥିଲେ। ରଜନୀରେ ସୁନ୍ଦରଗଡ଼ ସିଡିଏମଓ ଦିଲ୍ଲୀପ ଷଡଙ୍ଗୀ, ଅବସରପ୍ରାପ୍ତ ଡିଏସପି ଦିଲ୍ଲୀପ ପୁରୋହିତ, ଯାତ୍ରା ସଂସଦ ସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ଉପସଭାପତି ପରମାନନ୍ଦ ପାଣିଗ୍ରାହୀ, ବ୍ରାହ୍ମଣ ସମାଜ ସଭାପତି ନିରଞ୍ଜନ ପାଣିଗ୍ରାହୀ, ପ୍ରତାପ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଯାତ୍ରାରେ ଗୌରାଙ୍ଗ ପୃଷେଟ, ଲଡୁକେଶ୍ୱର କର, ପୂର୍ଣ୍ଣଚନ୍ଦ୍ର ସା, ନେତ୍ରାନନ୍ଦ ସା, ପରଭା ପରିଚାଳନା କରିଥିଲେ। ସୀତାରାମ ଖୁଣ୍ଟିଡ଼ି, ବିଚିତ୍ର ବେହେରା, ସୁଜିତ ପୃଷେଟ କଳାକାରଙ୍କୁ ସାଜସଜ୍ଜା ଦାୟିତ୍ୱ ତୁଲାଇଥିଲେ। ଅର୍ଜୁନ ନାୟକ, ବିଭୂତି ନାୟକ, ପୁରାଣ ଗାୟକ ଓ ପାଲିଆ ଭାବେ ଅଚ୍ୟୁତ ସାହୁ, ଭିକାରୀ ଚରଣ ସା, ନୃପ ପ୍ରଷେଟ ଏବଂ ପଙ୍କଜ ମାଝି ବାଦ୍ୟ ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଛାତ୍ରୀଛାତ୍ରଙ୍କୁ ଏନ୍‌ଏସ୍‌ଏଫ୍ ବୃତ୍ତି ପ୍ରଦାନ

**ରାଉରକେଲା ଅଫିସ, ୨୬।୪**

ଉତ୍କଳମଣି ବୈଷୟିକ ଶିକ୍ଷାନୁଷ୍ଠାନ ରାଉରକେଲାର ଛାତ୍ରୀଛାତ୍ରଙ୍କୁ ନର୍ଥ ସାଉଥ ଫାଉଣ୍ଡେଶନ(ଏନ୍‌ଏଫ୍‌ଏସ୍) ପକ୍ଷରୁ ବୃତ୍ତି ପ୍ରଦାନ କରାଯାଇଛି। ଏଥିରେ ଅଧ୍ୟୟନ କରୁଥିବା ୧୭ଜଣ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ କିସ୍ତି ବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭା ବରିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଏଥିରେ ଅନୁଷ୍ଠାନ ଅଧ୍ୟକ୍ଷ ଇଂ.ପି.ସି. ରଥ ଅଧ୍ୟକ୍ଷତା କରିଥିଲେ। ସ୍ୱେଚ୍ଛାସେବୀ ଲକ୍ଷ୍ମଣନାଥ ଦାସଙ୍କ ଉପସ୍ଥିତିରେ ବୃତ୍ତିଧାରୀ ଛାତ୍ରୀଛାତ୍ରଙ୍କୁ ୮ ହଜାର ଟଙ୍କା ହିସାବରେ ମୋଟ ୧ଲକ୍ଷ ୩୬ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଗଠନ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତି ସମ୍ପର୍କରେ ସ୍ୱେଚ୍ଛାସେବୀ ଦାସ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭବେ ଆର୍‌ଏସ୍‌ପି ଅବସରପ୍ରାପ୍ତ ଅଧିକାରୀ ଇଂ.ପ୍ରତାପ ରାୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମେକାନିକାଲ ବିଭାଗ ମୁଖ୍ୟ ଇଂ. ସୌମ୍ୟରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

## କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସହାୟତା ରାଶି ପ୍ରଦାନ

**ବାଲିଶଙ୍କରା, ୨୬।୪ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକର କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସହାୟତା ରାଶି ଶୁକ୍ରବାର ପ୍ରଦାନ କରାଯାଇଛି। ୧୦ ସଦସ୍ୟା ମିଶି ଅନ୍ୟ ଜଣେ ସଦସ୍ୟାଙ୍କୁ ବିବାହ ଉତ୍ସବ ପାଇଁ ୫୦ ହଜାର ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ନିଜ ଗ୍ରୁପର ସଦସ୍ୟା ସୁଲୋଚନା ବରିହାଙ୍କ ଝିଅ ବିବାହ ପାଇଁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। କଲ୍ୟାଣୀ ଗ୍ରୁପର ସଭାପତି ଜୟନ୍ତୀ ଏକ୍କା, ସୁକେସିନି କୁଜୁର, ଶାନ୍ତି ନାଏକ, ହାନ୍ନା ଏକ୍କା, ଜେମାବତୀ ଟପ୍ପୋ, ମନବତୀ ସା, ସିନ୍ଧୁକା ମାଝି, ଦମୟନ୍ତୀ ଲାକ୍ରା ପ୍ରମୁଖ ଏକତ୍ରିତ ହୋଇ ଉକ୍ତ ଗ୍ରୁପର ସଦସ୍ୟା ସୁଲୋଚନା ବରିହାଙ୍କୁ ୫୦ ହଜାର ଟଙ୍କାର ଚେକ୍ ସହିତ ୬୦୦୦ ହଜାର ଟଙ୍କାର ଉପକରଣ ପ୍ରଦାନ କରିଛନ୍ତି।



କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ପଥପ୍ରାନ୍ତ ନାଟକରେ ଅନ୍ଧବିଶ୍ୱାସ ଦୂର କରିବାକୁ ପ୍ରୟାସ

**ରାଉରକେଲା ଅଫିସ,୨୬। ୪**

ସମାଜରୁ ଆଜି ମଧ୍ୟ ଅନ୍ଧ ବିଶ୍ୱାସ ଦୂର ହୋଇପାରୁନି। ବ୍ୟାପକ ସଚେତନତା ସତ୍ତ୍ୱେ ଅନ୍ଧବିଶ୍ୱାସର ମାୟାରୁ ମୁକୁଳି ପାରୁ ନାହାଁନ୍ତି ନିରୀହ ଲୋକେ। ଲୋକଙ୍କ ମନର ବର୍ତ୍ତମାନ ସୁଦ୍ଧା ଗୁଣିଗାରେଡି ବସାବାନ୍ଧିଛି । ଏହାକୁ ଦୂର କରାଯିବା ନେଇ ଅଣ୍ଟା ଭିଡିଛି ମାନବ ସେବା ପ୍ରତିଷ୍ଠାନ ଓ ବୈଜ୍ଞାନିକ ମନୋଭାବ ନିମିତ ଉଦ୍ଧିଷ୍ଟ ସଂଗଠନ। ଏହି ଅବସରରେ ଗୁରୁଣ୍ଡିଆ ବ୍ଲକ ସୋଲ ପଞ୍ଚାୟତର ୮ଟି ଗାଁ ଟୁକୁଡା, ଅସୁରଖୋଲ, ଲବରାଖମନ, ସୋଲଗୁଡା, ମହୁଲଡିହି, ସୋଲ, ପିପିଲାକାନୀ ଓ ନୂଆପାଲ୍ଲୀ ଗାଁରେ ଆୟୋଜିତ ନାଟକ ମାଧ୍ୟମରେ ଅନ୍ଧ ବିଶ୍ୱାସ ଦୂର ନେଇ ଉଦ୍ୟମ କରାଯାଇଛି। ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଦ୍ୱାରା ରଚିତ ନାଟକଟିକୁ ଡ. ଶଶୀକାନ୍ତ ଆଚାର୍ଯ୍ୟ, ହେମନ୍ତା ତାଣ୍ଡିଆ ଓ ବିନୟ ବଙ୍କର ପରିଚାଳନା କରିଥିଲେ। ମାନବ ସେବା ପ୍ରତିଷ୍ଠାନ ଛାତ୍ରୀଛାତ୍ରୀଙ୍କ ଉଚ୍ଚକୋଟିର ଅଭିନୟ



ଗୁଣିଗାରେଡ଼ି ସହ ଅନ୍ଧବିଶ୍ୱାସ ଦୂରକରିବା ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

ଉପସ୍ଥିତ ଗ୍ରାମବାସୀଙ୍କୁ ଆକର୍ଷିତ କରିଥିଲା। ଆଦିବାସୀ ବହୁଳ ସୀମାନ୍ତ ପଞ୍ଚାୟତରେ ବିଭିନ୍ନ ସମୟରେ ଲୋକେ ଡାକ୍ତରଖାନା ନ ଯାଇ ଗୁଣିଗାରେଡି ଉପରେ ବିଶ୍ୱାସ କରି ପରବର୍ତ୍ତୀ ସମୟରେ କିପରି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଏହା ନାଟକରେ ଦର୍ଶାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଆୟୋଜିତ ନାଟକରେ ମାନବ ସେବା ପ୍ରତିଷ୍ଠାନର କଳାକାର ସୁବ୍ରତ ବାର୍ଲା, ବିଜ୍ଞାନ ଏକ୍କା, ଯସ୍ମାନୀ ଲୁଗୁନ, ରଶ୍ମିତା ଲୁଗୁନ, ଆନିଷ ହେରେଞ୍ଜ, ନାମଜାନ ଟପୋ. ବିନୋଦ ବଙ୍କର ଓ ଆଦିତ୍ୟ ନାୟକ ପ୍ରମୁଖ ଭାଗ ନେଇଥିଲେ।

ଏସ୍‌ୟୁସିଆଇର ୭୧ତମ ପ୍ରତିଷ୍ଠା ଦିବସ

## ନିଜ ହକ୍ ଲାଗି ସଂଗ୍ରାମ କରିବାକୁ ଆହ୍ୱାନ

**ରାଉରକେଲା ଅଫିସ,୨୬। ୪**

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ୭୧ତମ ପ୍ରତିଷ୍ଠା ଦିବସ ସୁନ୍ଦରଗଡ ଜିଲାରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଡେଲି ମାର୍କେଟ କାର୍ଯ୍ୟାଳୟ, ସେକ୍ଟର- ୧୭, ରାଜଗାଙ୍ଗପୁର ଏବଂ ବିସ୍ରା ଆଦି ସ୍ଥାନରେ ଥିବା ପାର୍ଟି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏଥିରେ ପତାକା ଉତ୍ତୋଳନ କରାଯିବା ସହ ପାର୍ଟି ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସେକ୍ଟର- ୧୭ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପାର୍ଟିର ବରିଷ୍ଠ ସଦସ୍ୟ ଗଗନ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କମିଟି ସଦସ୍ୟା ଛବି ମହାନ୍ତି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ ଶିବଦାସ ଘୋଷଙ୍କ ଅମୂଲ୍ୟ ଶିକ୍ଷା ତଥା ପରାମର୍ଶକୁ ଅନୁକରଣ କରାଯିବା ଆବଶ୍ୟକ। ଦେଶର ପୁଞ୍ଜିବାଦୀ ଶାସନର ଅନିବାର୍ଯ୍ୟ ପରିଣତି ଯୋଗୁ ଦେଶବାସୀଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ଏପରିସ୍ଥିତିରେ ଜନ ଅସନ୍ତୋଷକୁ ଚାପି ଦେବାକୁ ପୁଞ୍ଜିବାଦୀ ଗୋଷ୍ଠୀଙ୍କ ଅପଚେଷ୍ଟା ଜାରି ରହିଛି। ସେମାନଙ୍କ ଚକ୍ରାନ୍ତ ଦେଶର ସାଧାରଣ ଜନତାଙ୍କୁ ତଳିତଳାନ୍ତ କରିବ। ବ୍ୟାପକ କଳା ଟଙ୍କା ଉପଯୋଗ କରି କ୍ଷମତା ଜାବୁଡି ଧରିବାକୁ ପୁଣି ଥରେ ପ୍ରୟାସ ଆରମ୍ଭ ହୋଇଛି। ନିଜକୁ ସୁହାଇବା ପରି ଦଳକୁ କ୍ଷମତାସୀନ କରି ସ୍ୱାର୍ଥସିଦ୍ଧି ନିମନ୍ତେ ଷଡଯନ୍ତ୍ର ରଚାଯାଇଛି ବୋଲି ମହାନ୍ତି ଅଭିଯୋଗ କରିଥିଲେ। ଯଦି ଏହା ସମ୍ଭବ ହୁଏ ତେବେ ଦେଶର ଅଗଣିତ ଶ୍ରମିକ, ଚାଷୀ, ବେକାର ଯୁବତୀ ଯୁବକଙ୍କ ଜୀବନ ଦୁର୍ବିଷହ ହେବ। ମଧ୍ୟବିତ୍ତ ବର୍ଗ ଶୋଷଣର ଶିକାର ହେବେ। ଦେଶର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ମିଳିତ ହୋଇ ଚକ୍ରାନ୍ତକାରୀଙ୍କୁ ଜବାବ ଦେବା ଉଚିତ ହେବ ବୋଲି ମହାନ୍ତି କହିଥିଲେ। ଏକ ଶକ୍ତିଶାଳୀ ଗଣ ଆନ୍ଦୋଳନ ମାଧ୍ୟମରେ ନିଜ ହକ ପାଇଁ ସଂଗ୍ରାମ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା।

### ବିଦେଶରୁ ସ୍ୱର୍ଣ୍ଣପଦକ ନେଇ ଫେରିଲେ ସୋମନାଥ

**ସମ୍ବଲପୁର,୨୬।୪(ବ୍ୟୁରୋ)**

ଋଷିଆର ମେସ୍କୋରେ ଏପ୍ରିଲ ୧୯ ତାରିଖରେ ଆୟୋଜିତ ୟୁରୋପିଆନ ଚାମ୍ପିୟନଶିପ (ଭାରୋତ୍ତଳନ)ର ଫାଇନାଲ ପ୍ରତିଯୋଗିତାରେ ସମ୍ବଲପୁରର ସୋମନାଥ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଶୁକ୍ରବାର ସେ ସମ୍ବଲପୁରରେ ପହଞ୍ଚିବା ପରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ବିଶ୍ୱାମିତ୍ର ବହିଦାରପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି।

## ରୁଙ୍ଗ୍‌ଟା କମ୍ପାନୀ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ

**ଟେନ୍‌ସା, ୨୬।୪ (ଡି.ଏନ.ଏ.)**

ଖଣି ପ୍ରଭାବିତ ଇଲାକାରେ ଶିକ୍ଷାର ମାନ ଅଭିବୃଦ୍ଧି ତଥା ଶିକ୍ଷା ଭିତ୍ତିଭୂମିର ବିକାଶ ନିମନ୍ତେ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡର ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣି ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଏହାର ଔଦୋଗିକ ସାମାଜିକ ଦାୟିତ୍ୱବୋଧ ଅଧିନରେ ସ୍ଥାନୀୟ କଳମଙ୍ଗ ହାଇସ୍କୁଲକୁ ୧୨ଟି ଡେସ୍କ ବେଞ୍ଚ, ୧୨ପ୍ଲାଷ୍ଟିକ ଚେୟାର, ଗୋଟିଏ ଆଲମିରା ଏବଂ ଦୁଇଟି ଅଫିସ ଟେବୁଲ ପ୍ରଦାନ କରାଯାଇଛି। ଖଣିର ମାଇନ୍ସ ମ୍ୟାନେଜର ସଂଗ୍ରାମ କେଶରୀ ଗଡ଼ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ସରପଞ୍ଚ ମାଲଦା ଗ୍ରା:ପ ନଦିଆ ନାଏକ ମାଧ୍ୟମରେ କଳମଙ୍ଗ ହାଇସ୍କୁଲର ଶିକ୍ଷା କମିଟିକୁ ଉକ୍ତ ସାମଗ୍ରୀକୁ ଯୋଗାଇ ଦିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ପାଖାପାଖି ଏକ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏହି ଉପଲକ୍ଷେ କମ୍ପାନୀର ସିଏସ୍‌ଆର ସହକାରୀ ମ୍ୟାନେଜର ଉଜ୍ଜ୍ୱଳ କୁମାର ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢ଼ା ଓ ବିଦ୍ୟାଳୟର ଅନ୍ୟାନ୍ୟ ଅସୁବିଧା ସମ୍ବନ୍ଧେ ପଚାରି ବୁଝିବା ସହ ଶିକ୍ଷା କମିଟିର ସମସ୍ତ ସଭ୍ୟଙ୍କ ଏବଂ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଉକ୍ତ ଆସବାବପତ୍ର ପ୍ରଦାନ କରିଥିଲେ।

## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ




ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ରାଉରକେଲା ଅଫିସ,୨୬।୪**

ବିସ୍ରା ଡାହାର ରୋଡ ଅଞ୍ଚଳରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ରୁ ଆୟୋଜିତ ଏହି ଶିବିରରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଖେଳକୁଦ ସହ ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଉଦ୍‌ଯାପନୀ ସମାରୋହରେ ହରିରାମ ଅଗ୍ରୱାଲ, ମନୋଜ ରତେରିଆ, ବ୍ରିଜମୋହନ ଅଗ୍ରୱାଲ, ବିଷ୍ଣୁଦୟାଲ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ବିକାଶ ପାଶାରୀ, ରାମନିବାସ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଜୟଦୀପ ଦତ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶିବିର ଆୟୋଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିବିର ମାଧ୍ୟମରେ ପ୍ରତିଟି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସକ୍ଷମ କରାଇବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନାକୁ ଆଣାଯାଇ ପାରିବ ବୋଲି କହିଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟାଳୟର ଗରିମା ବୃଦ୍ଧି ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ଅତିଥି ମତ ପ୍ରକାଶ କରିଥିଲେ।

# ରାସ୍ତା ଶୋଚନୀୟ: ମରାମତି ଦାବି

■ ପିଚୁ କାମ ନ ହେଲେ ରାସ୍ତାରୋକୋ କରିବାକୁ ଗ୍ରାମବାସୀଙ୍କ ନିଷ୍ପତ୍ତି

**କୁତ୍ରା, ୨୬।୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତରେ ଏକ ସିମେଣ୍ଟ କାରଖାନା ବ୍ୟବହାର କରୁଥିବା ପଞ୍ଚାୟତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ମରାମତି ପାଇଁ କନ୍ଦେଇମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଦରକାର ପଡିଲେ ରାସ୍ତାରୋକୋ ଭଳି ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। କନ୍ଦେଇମୁଣ୍ଡା ଗ୍ରାମରେ ଶିବା ସିମେଣ୍ଟ ଲିମିଟେଡ ନାମକ ଏକ କାରଖାନା ଦୀର୍ଘ ଦିନରୁ ଥିବାବେଳେ କନ୍ଦେଇମୁଣ୍ଡା ଗ୍ରାମରୁ କୁତ୍ରା ଥାନା ପର୍ଯ୍ୟନ୍ତ ୨କି.ମି. ରାସ୍ତାକୁ ନିଜସ୍ୱ କାର୍ଯ୍ୟରେ ବ୍ୟବହାର କରୁଥିଲା। ଏହି ରାସ୍ତାରେ କନ୍ଦେଇମୁଣ୍ଡା, ତେଲିଘଣା, ଚିକିଲିପଡା, କୁରୁଙ୍ଗା, ପଞ୍ଚରା, କିରିଙ୍ଗପେରା, କୁତ୍ରା ଭଳି ବହୁ ଗ୍ରାମର ଲୋକେ ଯାତାୟତ କରିଥାନ୍ତି। ଏହି ମୋରମ ରାସ୍ତାରେ କାରଖାନାର ବଡବଡ ଗାଡି ମାଲ ଲୋଡକରି ଯାତାୟତ କରିଥାଏ। ଫଳରେ ରାସ୍ତାର ଅବସ୍ଥା ଅତି



କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତ ରାସ୍ତା ଶୋଚନୀୟ ହୋଇପଡ଼ିଛି।

ଶୋଚନୀୟ ହୋଇ ବଡବଡ ଖାଲଖମା ସୃଷ୍ଟି ହୋଇଛି। ଅବସ୍ଥା ଏଭଳି ହୋଇଛି ଯେ, ଏହି ରାସ୍ତାରେ ସାଇକେଲରେ ଯିବା ଅସମ୍ଭବ ହୋଇପଡିଛି। ସନ୍ଧ୍ୟାରେ ସାଇକେଲରେ ଯିବାଆସିବା କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେଉଥିବା ଜଣାପଡ଼ିଛି। ଏହି ରାସ୍ତାରେ ରୋଗୀ ଓ ଗର୍ଭବତୀଙ୍କୁ ନେବା ଆଣିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। ବହୁ ବର୍ଷ ପୂର୍ବରୁ ଏହି ସିମେଣ୍ଟ କାରଖାନାକୁ ଶିବା ସିମେଣ୍ଟ କମ୍ପାନୀ ପରିଚାଳନା କରୁଥିବାବେଳେ ସମୟ ସମୟରେ ମୋରମ ପକାଇ କାମ ଚଳାଇ ନେଉଥିବା ଦେଖାଯାଉଥିଲା। ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି କାରଖାନାକୁ ଜିନ୍ଦଲ ଷ୍ଟିଲ ଲିମିଟେଡ କିଣି ନେଇଥିବାବେଳେ ଏହି ରାସ୍ତାର ମରାମତି କରୁ ନ ଥିବାରୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଏହି ରାସ୍ତାକୁ ସିମେଣ୍ଟ କମ୍ପାନୀ ନିଜସ୍ୱ କାର୍ଯ୍ୟରେ ବ୍ୟବହାର କରୁଥିବାରୁ ରାସ୍ତାକୁ ପିଚୁ କରିବା ପାଇଁ ଦାବି ହେଉଛି। ହେଲେ କମ୍ପାନୀ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଜିନ୍ଦଲ କମ୍ପାନୀ ଏହି ଶିବା ସିମେଣ୍ଟ କାରଖାନାକୁ କିଣିବା ପରେ କନ୍ଦେଇମୁଣ୍ଡା, କୁତ୍ରା ତେଲିଘଣା ପ୍ରଭୃତି ଅଞ୍ଚଳର ଲୋକ ଜିନ୍ଦଲ କମ୍ପାନୀକୁ ବିରୋଧ କରୁଛନ୍ତି। କମ୍ପାନୀ ଏହି ଅଞ୍ଚଳର ବିକାଶ ପାଇଁ ପ୍ରୟାସ କରିବ ବୋଲି କହୁଥିବାବେଳେ କମ୍ପାନୀ ନିଜେ ବ୍ୟବହାର କରୁଥିବା ସର୍ବସାଧାରଣ ରାସ୍ତାକୁ ମରାମତି କରି ନ ଥିବାରୁ ପ୍ରକୃତ ଉଦ୍ଦେଶ୍ୟ ପ୍ରଦାରେ ପଡିଯାଇଛି। ଗ୍ରାମବାସୀ ଏଥିରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ରାସ୍ତାକୁ କମ୍ପାନୀ ପିଚୁ ରାସ୍ତାରେ ପରିଣତ ନ କଲେ ରାସ୍ତାରୋକୋ ଭଳି ଆନ୍ଦୋଳନ କରିବେ ବୋଲି କନ୍ଦେଇମୁଣ୍ଡା ଗ୍ରାମର ସୁରେଶ ତରୱାର, ଦିଲୀପ ତରୱାର, ବିନୋଦ ବିଲ୍ଲୋର, ସରୋଜ ସରୋନିଆ, ରମେଶ ବିଲ୍ଲୋର, ସୂର୍ଯ୍ୟ ମଲୁୱାର, ଶିବଶଙ୍କର ଭଗତ ପ୍ରମୁଖ ପ୍ରକାଶ କରିଛନ୍ତି। ଏବାବଦରେ କମ୍ପାନୀ ସହିତ ଫୋନରେ ଯୋଗଯୋଗ କରିବାର ପ୍ରୟାସ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା ।